# ପ୍ରଶ୍ନୋତ୍ତର

ଆସନ୍ତୁ କିଛି କ୍ଷଣ ପ୍ରାର୍ଥନା ପାଇଁ ଛିଡା ହୋଇଯିବା ।

ପ୍ରିୟ ପରମେଶ୍ୱର, ଆମେ ସର୍ବ ପ୍ରଥମେ, ତୁମକୁ, ଆମର ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଧନ୍ୟବାଦ କରୁଅଛୁ । ଆମେ ଧନ୍ୟବାଦ କରୁଅଛୁ କାରଣ ସେ ଯେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି । ଆମେ ସେହି ଲୋକମାନଙ୍କ ପାଇଁ ଧନ୍ୟବାଦ କରୁଅଛୁ ଯେଉଁମାନେ ତାହା ବିଶ୍ୱାସ କରନ୍ତି । ଆମେ ଅତି ଆନନ୍ଦିତ ଯେ ଆମର ଜଣେ ପରମେଶ୍ୱର ଅଛନ୍ତି, କୌଣସି ଜଣେ କାଳ୍ପନିକ ଈଶ୍ୱର ନୁହେଁ, ଜଣେ କାଳ୍ପନିକ ପ୍ରତିମା ନୁହେଁ, ଜଣେ କାଳ୍ପନିକ ଆତ୍ମା ନୁହେଁ; ତାହା ବିଷୟରେ କୌଣସି କିଛି କାଳ୍ପନିକ ନୁହେଁ—ଜଣେ ସତ୍ୟ ଏବଂ ଜୀବିତ ପରମେଶ୍ୱର ଯିଏକି ଆମମାନଙ୍କ ସହିତରେ ଏବଂ ଆମମାନଙ୍କଠାରେ ରୁହନ୍ତି ପୁଣି ଆମମାନଙ୍କ ଦେଇ କାର୍ଯ୍ୟ କରନ୍ତି । ଆମେ ପରମେଶ୍ୱରଙ୍କର ଏକ ପ୍ରତିମା କରୁ ନାହୁଁ, ବରଂ ଆମେ ପରମେଶ୍ୱରଙ୍କର ପ୍ରତିମୂର୍ତ୍ତି ହୋଇଥିବା ହେତୁରୁ...ସେହି ପବିତ୍ରଆତ୍ମା, ଏକ ପ୍ରତିମା ଦେଇ କଥା କୁହନ୍ତି ନାହିଁ, ମାତ୍ର ଏକ ମୁକ୍ତିପ୍ରାପ୍ତ ପାତ୍ର ଦେଇ କଥା କୁହନ୍ତି—ପରମେଶ୍ୱର ଶରୀରରେ ପ୍ରକଟିତ ହୋଇଥିଲେ । ଏହା ପାଇଁ ଆମେ ତୁମକୁ କେତେ ଧନ୍ୟବାଦ ଦେଉଅଛୁ, ସେହି ମହାନ୍ ଅଗ୍ନିସ୍ତମ୍ଭ ଆମର ଅନୁବର୍ତ୍ତି ହେଉଛନ୍ତି, କିମ୍ବା, ଆମେ ତାହାଙ୍କର ଅନୁବର୍ତ୍ତି ଅଟୁ, ବରଂ, ଏବଂ ସେହି ସମାନ ଆତ୍ମାର ସମସ୍ତ ମହାନ ପ୍ରକଟୀକରଣମାନ ପାଇଁ ଯାହାକି ସେହି ସମାନ କାର୍ଯ୍ୟ ସାଧନ କରୁଅଛି ଯାହା ସେ ସର୍ବଦା କରିଥାନ୍ତି ଯେତେବେଳେ ତାହା ପୃଥିବୀକୁ ଆସିଥାଏ । ତାହା ଆମକୁ କେତେ ବଡ ଏକ ଆଶ୍ୱାସନା ଦେଇଥାଏ ।

2 ଆମେମାନେ ଆଜି ରାତ୍ରି ସମାବେଶ ହୋଇଅଛୁ, ପ୍ରଭୁ, ଅନ୍ୟ କୌଣସି ଉପାୟ ପାଇଁ ନୁହେଁ ମାତ୍ର ତୁମ ସାହାଯ୍ୟରେ, ଏହା ଜାଣିବା ପାଇଁ ଏବଂ ଏହା ଶିକ୍ଷା କରିବା ପାଇଁ ଯେ କିପରି, ଅଧିକ ଉତ୍ତମ ଖ୍ରୀଷ୍ଟିୟାନ ହେବା ଏବଂ ଏହି ସମୟ ପାଇଁ ଉତ୍ତମ ସୁସଜ୍ଜିତ ପ୍ରଜା ହେବା ଯେଉଁ ସମୟ ନିକଟକୁ ଆମେ ଆସୁଅଛୁ । ପ୍ରଭୁ, କଅଣ ତୁମେ ଆମକୁ ସାହାଯ୍ୟ କରିବ ନାହିଁ କି; ଆମେ ତୁମକୁ ଆବଶ୍ୟକ କରୁ । ଯୀଶୁଙ୍କ ନାମରେ । ଆମେନ୍ । (ଆପଣ ବସି ଯାଇପାରନ୍ତି ।)

3 ପ୍ରାୟଃ ଆଉ ତିରିଶ୍ କିମ୍ବା ଚାଳିଶ୍ ପ୍ରଶ୍ନ ଥିବା ସହ, ମୁଁ—ମୁଁ ଜାଣେ ନାହିଁ ଯେ ମୁଁ କିପରି ଭାବରେ ତାହା ସବୁ ନେବି । ଆଜି ଅପରାହ୍ନରେ ମୁଁ ବହୁତ ଚେଷ୍ଟା କଲି ଯେ ଯଦି ମୁଁ ସେଗୁଡିକୁ ସାଧାରଣ ଗଣନାକୁ ଆଣିପାରେ, ମାତ୍ର ମୁଁ ତାହା କରିପାରିଲି ନାହିଁ । ମାତ୍ର ମୁଁ କହିବାକୁ ଚାହେଁ ଯେ ମୁଁ ମୋର ସର୍ବୋତ୍ତମ ଜ୍ଞାନରେ ତାହା କରିବାକୁ ଯାଉଅଛି ଯାହା ମୁଁ ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା ହେତୁ—ହେତୁ କରିପାରେ, କାରଣ ସେଗୁଡିକ ବହୁତ ଉତ୍ତମ ପ୍ରଶ୍ନମାନ ଅଟେ, ଯାହାକି ଖ୍ରୀଷ୍ଟିୟାନମାନଙ୍କ ହୃଦୟରୁ ଆସିଥାଏ । ଆଉ ମୁଁ—ମୁଁ ନିଶ୍ଚିତ ଭାବରେ ତାହା ସବୁକିଛି କରିବାକୁ ଚାହେଁ ଯାହାକି ମୁଁ ଜାଣେ ଯେ ବୁଦ୍ଧିର ସହ ସେଗୁଡିକୁ କିପରି ଭାବରେ

କରିବାକୁ ଅଛି ଯେତିକି ମୁଁ ଜାଣେ ଯେ ତାହା କିପରି ଭାବରେ ଉତ୍ତର ଦେବାକୁ ଅଛି। ଏବଂ ମୁଁ—ମୁଁ ପ୍ରଭୁଙ୍କୁ ଧନ୍ୟବାଦ ଦେବାକୁ ଚାହେଁ ଯେ ସେ ଆଜି ସକାଳରେ ମୋତେ କିପରି ସାହାଯ୍ୟ କରିଥିଲେ ଯେ ଆମେ ଏହି ପ୍ରଶ୍ନଗୁଡିକୁ—କୁ ବୁଝିବାରେ ଏବଂ—ଏବଂ ସେହି ଉତ୍ତରଗୁଡିକୁ—କୁ ଯାହା ସେ ଆମକୁ ପ୍ରଦାନ କରିଥିଲେ ତାହା ବୁଝିବାରେ ସାହାଯ୍ୟ କଲେ।

4 ବର୍ତ୍ତମାନ, ମୁଁ ସେସବୁକୁ ଏଠାରେ ମିଶାଗୋଳା କରି ରଖିଛି, ମୁଁ ଅନୁମାନ କରେ ଯେ ଆହୁରି ଦେଢ ଶହଟା ଅଛି। ଏବଂ ମୁଁ ଭାବେ, ଆଜି ସକାଳେ, ଆମେ ପ୍ରାୟଃ କୋଡିଏ ପାଖକୁ ପହଞ୍ଚିଅଛୁ। ଆଉ—ଆଉ ତେଣୁକରି ବର୍ତ୍ତମାନ, ଆମେ ଆରମ୍ଭ କରିବା ପୂର୍ବରୁ, ମୁଁ ଏହା କହିବାକୁ ଚାହେଁ ଯେ ଯଦି କେହି *ଏ ଚର୍ଚ୍ଚ ରକ୍ସ ଏଜ ଦି ଡ୍ରମ୍ ରୋଲ୍ସ* ଉପରେ ଏହି ପତ୍ରିକାକୁ ଦେଖିବାକୁ ଚାହାଁନ୍ତି, ସେହି ପ୍ରେସ୍‌ବିଟେରିଆନ୍ ସେବକଜଣ ଏଠାରେ ନିଜର ମଣ୍ଡଳୀକୁ ରକ୍-ଏଣ୍ଡ-ରୋଲ୍ ସଂଗୀତରେ କଢାଇ ନିଅନ୍ତି, ସେହି ଧର୍ମବିଧି ନିମନ୍ତେ—ନିମନ୍ତେ ଏକ କାର୍ଯ୍ୟକ୍ରମ...ମୋତେ କେବଳ ଗୋଟିଏ ମିନିଟ୍ ପାଇଁ ମାତ୍ର ଦେଖିବାକୁ ଦିଅନ୍ତୁ।

5 ଯୁବା ସଦସ୍ୟମାନେ ଜାଜ୍—ଜାଜ୍ ସଂଗୀତ ସହ ନାଚୁଛନ୍ତି। କୃଶୀୟ ଯାତନା ଆଧୁନିକ ପ-ରି-ଭା-ଷା-ରେ ରକ୍-ଏଣ୍ଡ-ରୋଲ୍‌ରେ, ସେହି କୃଶାର୍ପଣ ବିଷୟରେ କହିଥାଏ। ଏଠାରେ ସେହି ପାଳକ ସମସ୍ତ ଯୁବାବର୍ଗଙ୍କୁ ସେଠାରେ କଢାଇ ନେଇ ଯାଇଥିଲେ ଏବଂ ଖ୍ରୀଷ୍ଟଙ୍କ କୃଶୀୟ ଯାତନା ଦେଇ ଗତି କରିଥିଲେ, କୃଶୀୟ ଯାତନାକୁ ରକ୍-ଏଣ୍ଡ-ରୋଲ୍ ଏବଂ ଜାଜ୍ ସଂଗୀତରେ ବଜାଇଥିଲେ। ତେବେ...ତାହା ମେରୀଲାଣ୍ଡରେ ଅଟେ। ତେବେ, କଅଣ ତାହା କୌଣସି କିଛି ବିଷୟ ନୁହେଁ କି?

6 ଆଉ ତେବେ, ଏଠାରେ ସେମାନଙ୍କର ଚିତ୍ର ଅଟେ...ଆଜି ସକାଳେ ମୁଁ ଆପଣମାନଙ୍କୁ ସେହି ବିଟଲ୍‌ସ, *ରିଟର୍ଣ୍ଣ ଅଫ ବିଟଲ୍‌ସ* ବିଷୟରେ କହୁଥିଲି, ଏବଂ ସେଠାରେ ସେହି ଲେଖନୀମାନ ରହିଛି; ଆପଣଙ୍କୁ ତାହା ପତ୍ରିକାରୁ ଏବଂ ସେହି ବିଭିନ୍ନ ବିଷୟଗୁଡିକରୁ ପାଠ କରିବା ଉଚିତ। "...ସତେ ଯେପରିକି, ଏକ ନୂତନ ଧର୍ମ ପାଇ ଯାଇଥିଲେ।" ତେବେ, ତାଙ୍କର ପ୍ରବନ୍ଧକ...ମୁଁ ଏଠାରେ କାଗଜରୁ ଏକ ଟିପ୍ପଣୀ ରଖିଛି। ଆପଣଙ୍କ ପାଖରେ ସମୟ ନାହିଁ...ଯଦି କେହି ଏହାକୁ ପାଠ କରିବାକୁ ଚାହାଁନ୍ତି, କିମ୍ବା ମୁଁ ତାହାକୁ ସୂଚୀପଟ୍ଟରେ ଲଗାଇ ଦେଇପାରେ, ତେବେ ଆପଣ ସେଗୁଡିକୁ ପାଠ କରିପାରନ୍ତି। ଆଉ ମୁଁ କେବଳ ଆପଣମାନଙ୍କୁ ସେହି ଘଟିକାକୁ ଦେଖାଇବାକୁ ଚାହେଁ ଯେଉଁଥିରେ ଆମେମାନେ ବାସ କରୁଅଛୁ ଯେ ତାହା ଭୟଙ୍କର ଅଟେ। ଆପଣ ତାହା ବୁଝି ନ ପାରନ୍ତି, ମାତ୍ର, ହେ ଲୋକେ, ଏହାକୁ ବୁଝିବାକୁ ଚେଷ୍ଟା କରନ୍ତୁ, ଯେ ଏହି ବିଷୟଗୁଡିକ କଅଣ ଅଟେ! ମୁଁ ଭାଇ କାପ୍ପସ୍‌ଙ୍କୁ ପଚାରିଅଛି, ତାଙ୍କର ଭଲ ଶିକ୍ଷା ଅଛି ଏବଂ ମୋ ଅପେକ୍ଷା ଅଧିକ ଉତ୍ତମ ପାଠ କରିପାରନ୍ତି, ମୁଁ ତାଙ୍କୁ ବିଟଲ୍‌ସଙ୍କ ପ୍ରବନ୍ଧକଠାରୁ ଆସିଥିବା ଏହି ଲେଖନୀକୁ ପାଠ କରିବା ପାଇଁ କହିଅଛି। ଭାଇ କାପ୍ପସ୍, କଅଣ ଆପଣ ଏହି ସମୟରେ, ତାହା କରିପାରନ୍ତି?

7 [ବ୍ୟକ୍ତ କରନ୍ତି ଯେ:]

[ବିଟଲ୍ସ ଆପଣା ସମ୍ବନ୍ଧରେ ଆଶ୍ଚର୍ଯ୍ୟ କରନ୍ତି ଏବଂ କୌଣସି ଉତ୍ତର ଉପସ୍ଥାପିତ କରନ୍ତି ନାହିଁ। "ଏହା ଅଦ୍ଭୁତ ଅଟେ, ଅତ୍ୟନ୍ତ ଅଦ୍ଭୁତ ଅଟେ," ବିଟଲ୍ସର ସୂଚନା ଅଧିକାରୀ, ଡେରେକ୍ ଟେଲର୍ କହିଲେ। "ଏଠାରେ ଲିଭରପୁଲ୍ରୁ ଚାରୋଟି ବାଳକ ଅଟନ୍ତି। ସେମାନେ ଉଦ୍ଧତ ଅଟନ୍ତି, ସେମାନେ ଅପବିତ୍ର ଅଟନ୍ତି, ସେମାନେ ଅସଭ୍ୟ ଅଟନ୍ତି, ଆଉ ସେମାନେ ବିଶ୍ୱକୁ ଅଧିକାର କରି ନେଇଛନ୍ତି। ଏହା ଏପରି ଅଟେ ଯେପରିକି ସେମାନେ ଏକ ନୂତନ ଧର୍ମ ଖୋଜି ବାହାର କରିଛନ୍ତି। ସେମାନେ ସମ୍ପୂର୍ଣ୍ଣ ଖ୍ରୀଷ୍ଟ-ବିରୋଧୀ ଅଟନ୍ତି। ମୋର କହିବାର ଅର୍ଥ, ମୁଁ ମଧ୍ୟ ଖ୍ରୀଷ୍ଟ-ବିରୋଧୀ ଅଟେ, ମାତ୍ର ସେମାନେ ଏତେ ଅଧିକ ଖ୍ରୀଷ୍ଟ-ବିରୋଧୀ ଅଟନ୍ତି ଯେ ସେମାନେ ମୋତେ ଆଶ୍ଚର୍ଯ୍ୟଚକିତ କରି ପକାଇଲେ, ଯାହାକି ଏକ ସହଜ ବିଷୟ ନୁହେଁ। ମାତ୍ର ମୁଁ ସେମାନଙ୍କ ପ୍ରତି ଅତି ଆଗ୍ରହୀ ଅଟେ। କଅଣ ସମସ୍ତେ ନୁହଁନ୍ତି କି? ମୁଁ ସେମାନଙ୍କର ସଚ୍ଚୋଟତାକୁ ନେଇ ଅତି ଆଗ୍ରହୀ ଅଟେ। ଆଉ ସେହି ଲୋକମାନେ ଯେଉଁମାନେକି ସେମାନଙ୍କୁ ଅଧିକ ପସନ୍ଦ କରନ୍ତି ସେମାନଙ୍କୁ ହିଁ ସର୍ବାଧିକ ରାଗିବା ଉଚିତ୍। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆରେ, ପ୍ରତ୍ୟେକ ଥର ଯେତେବେଳେ ଆମେ ବିମାନ ବନ୍ଦରରେ ଓହ୍ଲାଇଥାଉ, ତାହା ଏପରି ଥିଲା ଯେପରିକି ଡି ଗଲ୍ ଓହ୍ଲାଇଛନ୍ତି, କିମ୍ବା ଆହୁରି ଉତ୍ତମ ଭାବେ କହିବାକୁ ଗଲେ, ସେହି ମଶୀହ ଓହ୍ଲାଇଛନ୍ତି। ରାସ୍ତାଘାଟଗୁଡିକ ସର୍ବୋତ୍ତମ ଭାବେ ଉନ୍ନତ କରାଯାଇଥିଲା, ଅପଙ୍ଗମାନେ ସେମାନଙ୍କର ସାହାରା ବାଡି ଫିଙ୍ଗୀ ଦେଇଥିଲେ, ରୋଗୀ ଲୋକମାନେ ସେହି କାର ପାଖକୁ ଦୌଡି ଯାଇଥିଲେ ସତେ ଯେପରିକି ସେହି ପିଲାମାନଙ୍କ ମଧ୍ୟରୁ କାହାରି ଜଣକାର ଏକ ସ୍ପର୍ଶ ସେମାନଙ୍କୁ ପୁନର୍ବାର ଭଲ କରିଦେବ, ବୃଦ୍ଧା ସ୍ତ୍ରୀଲୋକମାନେ ଛିଡା ହୋଇ ସେଠାରେ ସେମାନଙ୍କର ନାତି ନାତୁଣୀମାନଙ୍କୁ ଦେଖିଥିଲେ, ଯେତେବେଳେ ଆମେ ଅତିକ୍ରମ କରି ଯାଉଥିଲୁ, ମୁଁ ସେମାନଙ୍କର ଚେହେରାରେ ସେହି ଦୃଷ୍ଟି ଭଙ୍ଗୀ ଦେଖି ପାରିଥିଲି।]

["ଏହା ଏପରି ଥିଲା ସତେ ଯେପରି କୌଣସି ଉଦ୍ଧାରକର୍ତ୍ତା ଆସି ଯାଇଛନ୍ତି ଏବଂ ଏହି ସମସ୍ତ ଲୋକମାନେ ଖୁସି ଅଛନ୍ତି ଓ ଚିନ୍ତାମୁକ୍ତ ଅଛନ୍ତି, ଯେପରିକି ବିଷୟଗୁଡିକ କୌଣସି ମତେ ଅଧିକ ଭଲ ହେବାକୁ ଯାଉଅଛି।"]

[ଟେଲର୍ ଅଟକି ଗଲେ ଏବଂ ନିଜ ପାଟିରେ ଗୋଟିଏ ସିଗାରେଟ ରଖିଲେ। "ବିଟଲ୍ସଙ୍କ ପାଇଁ କେବଳ ଗୋଟିଏ ଜିନିଷ ବାକି ରହିଥିଲା," ସେ କହିଲେ, "ତାହା ହେଲା ଏକ ଆରୋଗ୍ୟ ପ୍ରଦାନକାରୀ ଯାତ୍ରାରେ ବାହାରିବା।"]

୪ କଅଣ ଏହା ତାହା ନୁହେଁ କି ଯାହା ସେ କହିଥିଲେ? "ଅନେକେ ସେଦିନ ମୋ ନିକଟକୁ ଆସିବେ ଓ କହିବେ, 'ପ୍ରଭୁ, କଅଣ ଆମେ...?'" ବୁଝିଲେ? ତେବେ, କଅଣ ଆପଣ ଦେଖି ପାରୁନାହାଁନ୍ତି ଯେ ଆପଣ ଆରୋଗ୍ୟକାରୀ ସଭାଗୁଡିକରେ ନିଜର ଭରସାକୁ ରଖିପାରନ୍ତି ନାହିଁ? ଆପଣ ସେହି ପ୍ରକାର କୌଣସି ଚିହ୍ନ ଉପରେ ନିଜର ଭରସାକୁ ରଖିପାରନ୍ତି ନାହିଁ।

କେବଳ ଗୋଟିଏ ମାତ୍ର ବିଷୟ ଯାହା ଉପରେ ଆପଣ ନିଜର ଭରସାକୁ ରଖିପାରନ୍ତି ତାହା ହେଲା ବାଇବଲଠାରୁ **ସଦାପ୍ରଭୁ ଏହି କଥା କହନ୍ତି** ଉପରେ। ତେବେ, ମଣ୍ଡଳୀ, ଠିକ ସେହିଠାରେ ହିଁ ଅଟେ ଯେଉଁଠାରେକି ହେ ମୋର ପିଲାମାନେ, ମୁଁ ତୁମମାନଙ୍କୁ ରଖିବାକୁ ଚେଷ୍ଟା କରିଅଛି। ଆଉ ଯଦି କିଛି ଗୋଟାଏ ମୋ ସହିତ ଘଟିଯାଏ ଏବଂ ପରମେଶ୍ୱର ମୋତେ ଏହି ପୃଥିବୀରୁ ନେଇଯାଆନ୍ତି, ତୁମେ କେବେବି ବିଫଳ ହୁଅ ନାହିଁ। ଏହାକୁ ସମସ୍ତ ହୃଦୟ ସହିତରେ ମନେ ରଖ: ସେହି ବାକ୍ୟ ସହିତ ରୁହ! ସେହି ବାକ୍ୟ ପରିତ୍ୟାଗ କର ନାହିଁ। ଏହାର ଯାହାକିଛି ବିପରିତ, ତାକୁ ଛାଡି ଦିଅ, ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା କଅଣ ଅଟେ। ତେବେ ତୁମେ ଜାଣ ଯେ ତାହା ଠିକ ଅଟେ। ବୁଝିଲେ?

9 ତେବେ ଏକ ଆରୋଗ୍ୟକାରୀ ସଭା! ପାପମୟ ମଣିଷ ଯିଏକି ନିଜର ଅସଭ୍ୟତା, ଓ ଅଶୁଚିତା, ଓ ଅପରିଷ୍କାର ଦ୍ୱାରା ସେମାନଙ୍କର ପ୍ରବନ୍ଧକକୁ ମଧ୍ୟ ଶୋକାକୂଳ କରି ଦେଇଥିଲେ; ଆଉ ଲୋକମାନେ ସେମାନଙ୍କର ସାହାରା ବାଡିକୁ ଫିଙ୍ଗି ଦେଇଥିଲେ ଓ ଏହି ବାଳକମାନଙ୍କୁ ଦେଖି ସୁସ୍ଥତା ଲାଭ କରିଥିଲେ। ଏହା ଏତେ ଅପରିଷ୍କାର, ଏବଂ ଅଶୁଚି, ଓ ଖ୍ରୀଷ୍ଟ ବିରୋଧୀ ଅଟେ! ଆପଣ ଦେଖନ୍ତୁ, ଏହା ତ ଶୟତାନ ପରିହାସ ଅଭିଯାନରେ ଅଟେ। ବୁଝିଲେ? ସେ ତାହା ସବୁକିଛି କରେ ଯାହା ଖ୍ରୀଷ୍ଟ କରି ପାରନ୍ତି, ମାତ୍ର ସେ ବାକ୍ୟ ଦୃଢିଭୂତ କରିପାରେ ନାହିଁ। ବୁଝିଲେ? ସେ ଏହାର କିଛି ଅଂଶ ଏଠାରୁ ନେବ ଓ ଏହାର କିଛି ଅଂଶ ସେଠାରୁ ନେବ, ମାତ୍ର ସେ ଏହାକୁ ସମ୍ପୂର୍ଣ୍ଣ ନେଇପାରେ ନାହିଁ। ବୁଝିଲେ? ସେ ଏହାକୁ ସମଗ୍ର ମିଶାଇ ଏକାଠି ନେଇପାରେ ନାହିଁ। ଏଣୁ ଆପଣ ଦେଖନ୍ତୁ, ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଯଦି ସମ୍ଭବ ତାହା କୌଣସି ବି ମନୋନୀତ ବ୍ୟକ୍ତିଙ୍କୁ ସୁଦ୍ଧା ପ୍ରାୟଃ ଭ୍ରାନ୍ତ କରି ପକାଇବ: ସେହି ଖ୍ରୀଷ୍ଟବିରୋଧୀ ଆତ୍ମା।

10 ତେବେ, ଏପରିକି ସେମାନଙ୍କର ନିଜର ସୂଚନା ପ୍ରବନ୍ଧକ ଏଠାରେ, ସୂଚନା ଅଧିବକ୍ତା, ସେ ସେମାନଙ୍କ ପାଇଁ ଅଟେ, ସେମାନଙ୍କଠାରେ ବିଶ୍ୱାସ କରେ, ଆଉ କହିଲେ ଯେ ସେ ଠିକ ସେହି ସମାନ ବିଷୟରେ ବଶୀଭୂତ ଅଟନ୍ତି, କାରଣ ସେମାନେ ତାହାଙ୍କୁ ଜିଣି ଅଧିକାର କରି ନେଇଛନ୍ତି।

11 ସେହି ମନ୍ଦ ବିଷୟସବୁ, ସେଗୁଡିକ...ତେବେ, ହେ ମହିଳାମାନେ, କଅଣ ଆପଣ ଦେଖି ପାରୁନାହାଁନ୍ତି ଯେ, ମୁଁ କାହିଁକି ଆପଣମାନଙ୍କୁ ଏହି ସାନ-ବସ୍ତ୍ର ପିନ୍ଧିବା ବିଷୟରେ, କେଶ କାଟିବା ବିଷୟରେ, ଛୋଟ ଛୋଟ କେଶ କାଟିବା ବିଷୟରେ, ଏବଂ ବିଭିନ୍ନ ବିଷୟରେ କହିବାକୁ ଚେଷ୍ଟା କରୁଅଛି। ଏହା ଏକ ଆତ୍ମା ଅଟେ। ଏହା ଏକ ଆତ୍ମା ଅଟେ! ଏଠାରେ ତାହା ଠିକ ଆମର ପ୍ରମୁଖ ପତ୍ରିକାଗୁଡିକରେ ଓ ସବୁକିଛିରେ ରହିଛି ଯାହାକି ପ୍ରଦର୍ଶିତ କରାଯାଏ, ମଣ୍ଡଳୀରେ ରକ୍-ଏଣ୍ଡ-ରୋଲ୍ ଏବଂ ବିଭିନ୍ନ ବିଷୟମାନ। କାହିଁକି, ଏହା ତ ଶୟତାନ ନିମନ୍ତେ ଏକ ସୁବ୍ୟବସ୍ଥା ଅଟେ, ଏବଂ ସେମାନେ ଏବେ ସୁଦ୍ଧା ମଣ୍ଡଳୀ ଓ ନାମଧାରୀ ସଂସ୍ଥାମାନ ଅଟନ୍ତି।

12 ହେ ପିଲାମାନେ, ଯେତେ ଶୀଘ୍ର ତୁମେ ଜାଣିଛ ସେତେ ଶୀଘ୍ର, ବାକ୍ୟ ନିକଟକୁ ଫେରି ଆସ; ଆଉ ତାହାକୁ ଛାଡି ଚାଲିଯିବାକୁ ପ୍ରୟାସ କର ନାହିଁ! ତୁମେ ଠିକ ସେହି ବାକ୍ୟ ସହିତ ଲାଗି ରୁହ।

ଦେଖନ୍ତୁ, ସେହି ଖ୍ରୀଷ୍ଟବିରୋଧୀ ଆତ୍ମା କିପରି, ତାହା ପରଭାଷାରେ କଥା କହିପାରେ, ଚିହ୍ନ ଚମତ୍କାର ଦେଖାଇପାରେ; ତାହା ରୋଗୀମାନଙ୍କୁ ସୁସ୍ଥ କରିପାରେ; ତାହା ଏହି ସମସ୍ତ ବିଷୟକୁ ସାଧନ କରିପାରେ। ବୁଝିଲେ? ସେହି ଲୋକମାନେ ଭାବୁଛନ୍ତି ଯେ ସେମାନେ ପରମେଶ୍ୱରଙ୍କ ନିକଟକୁ ଆସୁଛନ୍ତି, ଯେ ସେହି ପିଲାମାନେ ପରମେଶ୍ୱରଙ୍କଠାରୁ ପ୍ରେରିତ ଅଟନ୍ତି, କାରଣ ମଣ୍ଡଳୀ ବାକ୍ୟକୁ ପରିତ୍ୟାଗ କରି ଦେଇଅଛି।

13 ସେହି ପିଲାମାନେ ମଣ୍ଡଳୀ ସହିତ ସମ୍ପୃକ୍ତ ଅଟନ୍ତି। ଏଲ୍‌ଭିସ୍ ପ୍ରେସ୍‌ଲୀ ଜଣେ ପେଣ୍ଟିକଷ୍ଟାଲ୍ ଅଟେ। ପେଟ୍ ବୁନ୍ ଜଣେ ଚର୍ଚ୍ଚ ଅଫ୍ କ୍ରାଇଷ୍ଟ ଅଟନ୍ତି। ସେହି ବ୍ୟକ୍ତିମାନଙ୍କୁ ଦେଖନ୍ତୁ, ପେଣ୍ଟିକଷ୍ଟାଲ୍, ଚର୍ଚ୍ଚ ଅଫ୍ କ୍ରାଇଷ୍ଟ, ଏବଂ ସେହିପରି ସମସ୍ତଙ୍କୁ ଯେଉଁମାନେକି ମନ୍ଦ ଆତ୍ମାରେ ଗ୍ରସ୍ତ ଅଟନ୍ତି। ରେଡ୍ ଫୋଲି, ଏକ ସୁବର୍ଣ୍ଣ ସ୍ୱର, ଚର୍ଚ୍ଚ ଅଫ୍ କ୍ରାଇଷ୍ଟ, ଧାର୍ମିକ ଗୀତଗୁଡିକୁ ଏପରି ଭାବରେ ଗାଆନ୍ତି ଯେପରିକି ଅନ୍ୟ କେହି ତାହା ଗାଇପାରନ୍ତି ନାହିଁ ପୁଣି ଅନ୍ୟ ସ୍ୱରରେ ରକ୍-ଏଣ୍ଡ-ରୋଲ୍ ଗାଆନ୍ତି। ସେମାନଙ୍କର ଫଳ ଦ୍ୱାରା ଆପଣ ସେମାନଙ୍କୁ ଜାଣନ୍ତି। ଦେଖନ୍ତୁ ଯେ ସେମାନେ କେଉଁ ମଣ୍ଡଳୀରେ ସମ୍ପୃକ୍ତ ଅଟନ୍ତି। ଏଲ୍‌ଭିସ୍ ପ୍ରେସ୍‌ଲୀ ଆସେମ୍ବଲୀଜ୍ ଅଫ ଗଡର ସଦସ୍ୟ ଅଟନ୍ତି। ଆପଣ ସେଠାରେ ଅଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ତାହା ଚାହିଁଥିଲେ, ଏବଂ ଶୟତାନ ସେମାନଙ୍କୁ ତାହା ଦେଇଥିଲା।

14 ବନ୍ଧୁଗଣ, କଅଣ ଆପଣ ତାହା ଦେଖନ୍ତି ନାହିଁ କି, ଯେ କିପରି…ସେହି ବାକ୍ୟକୁ ହୁଗୁଳା ଛାଡନ୍ତୁ ନାହିଁ। ଦେଖନ୍ତୁ, ଏହା ତ ଏକ ଆତ୍ମା ଅଟେ ଯାହା ଆପଣଙ୍କ ଉପରେ ପ୍ରବଳ ହୋଇଥାଏ।

15 ଆଉ ମୁଁ ଏହି ସ୍ତ୍ରୀଲୋକମାନଙ୍କୁ କୁହେ, ଯେତେବେଳେ ସେମାନେ ଆପଣାକୁ ଏହି ପୋଷାକଗୁଡିକରେ କାମାସକ୍ତ ଭାବରେ ପ୍ରଦର୍ଶିତ କରାନ୍ତି, ତେବେ ପରମେଶ୍ୱର ଆପଣଙ୍କୁ ବ୍ୟଭିଚାର କରିବାର ଦୋଷ ପାଇଁ ଦାୟୀ କରିବାକୁ ଯାଉଛନ୍ତି। ଯଦି ଆପଣ ମୋତେ ତାହା ଅନୁସାରେ ବିଶ୍ୱାସ କରନ୍ତି ଯାହାକି ମୁଁ ଅଟେ ବୋଲି ଆପଣ କୁହନ୍ତି, ପରମେଶ୍ୱରଙ୍କ ଦାସ, ଜଣେ ଭବିଷ୍ୟଦବକ୍ତା, ତାହାହେଲେ ମୁଁ ଆପଣଙ୍କୁ ଯାହା କହୁଛି ତାହା ଶୁଣନ୍ତୁ। ଦେଖନ୍ତୁ? ଆପଣ ତାହା ବୋଧହୁଏ ବୁଝି ନ ପାରନ୍ତି, ଆଉ ଯଦି ଆପଣ ପାରନ୍ତି ନାହିଁ, ତେବେ ଆପଣ କେବଳ ତାହା କରନ୍ତୁ ଯାହା ମୁଁ ଆପଣଙ୍କୁ କରିବା ପାଇଁ କୁହେ। ପରମେଶ୍ୱର ମୋତେ ତାହା ପାଇଁ ଦାୟୀ କରିବେ ଯାହା ମୁଁ କୁହେ। ବୁଝିଲେ? ଆପଣ ଧ୍ୟାନ ସହକାରେ ଶୁଣନ୍ତୁ, ଏବଂ ମନେ ରଖନ୍ତୁ ଯେ ସେହି ବିଷୟଗୁଡିକ ଆତ୍ମା ଅଟେ।

16 ସାଧାରଣତଃ, ହୋଇପାରେ ଯେ ସେହି ବ୍ୟକ୍ତି…କଅଣ ଆପଣମାନଙ୍କର ମନେ ଅଛି, *ପରମେଶ୍ୱର ଚର୍ମରେ ଆଚ୍ଛାଦିତ ହୋଇଥିଲେ*, ଅଧିକ ଦିନ ହୋଇ ନାହିଁ ମୁଁ ତାହା ଉପରେ

ପ୍ରଚାର କରିଥିଲି (ଦେଖନ୍ତୁ, ବୁଝିଲେ?), ଚର୍ମରେ ଆଚ୍ଛାଦିତ ଥିବା ପରମେଶ୍ୱର? ତେବେ, ମନେ ରଖନ୍ତୁ, ଆମମାନଙ୍କ ମଧ୍ୟରୁ କେତେକଙ୍କୁ ଏହି ଜଗତକୁ ଏହି ପରିସର ମଧ୍ୟକୁ ଗମନ କରିବା ପାଇଁ ପଠାଯାଇଛି ଯେ ଆମମାନଙ୍କୁ ଏହିସବୁ କଥା କୁହାଯାଉ। ବୁଝିଲେ? ଏହା ପୂର୍ବଜ୍ଞାନ ଅଟେ; ଏହା ପରମେଶ୍ୱର କହୁଛନ୍ତି, ଦେଖାଉଛନ୍ତି। ଯେତେବେଳେ ଆପଣ କୌଣସି ବିଷୟକୁ ଶରୀର ଦ୍ୱାରା ବିଚାର କରନ୍ତି, କାହିଁକି, ସେମାନେ ନିର୍ଦୋଷ ଅଟନ୍ତି (ଦେଖନ୍ତୁ ଏଠାରେ), ଉତ୍ତମ ଲୋକମାନେ, ବିଶ୍ୱସ୍ତ, ଆପଣଙ୍କୁ କୌଣସି ମିଛ କଥା କିମ୍ବା ଅନ୍ୟ କିଛି କୁହନ୍ତି ନାହିଁ। ଏବଂ ସମଗ୍ର ବିଷୟ ଶୟତାନ ଅଟେ। ଧାର୍ମିକ, ଏପରିକି ଏକ ଆରୋଗ୍ୟକାରୀ ଅଭିଯାନ କରନ୍ତି। ବୁଝିଲେ? ଅବିକଳ ଠିକ ଖ୍ରୀଷ୍ଟବିରୋଧୀ ପରି। ବୁଝିଲେ? ଏବଂ ସେଠାରେ ପ୍ରେସ୍‌ବିଟେରିଆନ୍ ଓ ସମସ୍ତ କିଛି ଅଟନ୍ତି। ଆପଣ ସେହି ନାମଧାରୀ ସଂସ୍ଥାମାନଙ୍କୁ ଦେଖନ୍ତୁ, ସେମାନେ କିପରି ଭାବରେ, ଠିକ ସେହି ସମାନ ବିଷୟରେ କାର୍ଯ୍ୟ କରନ୍ତି?

17 କାହିଁକି, ଏଠାରେ ଇଂଲାଣ୍ଡର, ଲଣ୍ଡନରେ, ଠିକ ଅଳ୍ପ ଦିନ ପୂର୍ବରୁ ଖ୍ରୀଷ୍ଟଙ୍କୁ ନକଲ କରିବା ପାଇଁ ସେମାନଙ୍କର ଏକ ରକ୍-ଏଣ୍ଡ-ରୋଲ୍ ଦଳ ହୋଇଥିଲା, ଏବଂ ଯିହୂଦା, ଓ ସେସବୁ କିଛିର, ଏବଂ...ସେମାନେ ଖ୍ରୀଷ୍ଟଙ୍କୁ "ବାପା-ଓ" ବୋଲି ଡାକିଥିଲେ ଓ ସେହି ପିଲାଳିଆ କଥା କହିଲା ଭଳି ସେହି ଶବ୍ଦଗୁଡିକୁ ବ୍ୟବହାର କରିଥିଲେ। ଦେଖନ୍ତୁ? ସେହି କିଶୋରାବସ୍ଥା ପିଲାମାନେ ଜଗତକୁ ଅଧିକାର କରି ନେଇଥିଲେ। ତେବେ, ଆପଣ ଜାଣନ୍ତି ଯେ ବାଇବଲ ତାହା ଭବିଷ୍ୟତ୍‌ବାଣୀ କରେ: କୃତଘ୍ନ, ଅପବିତ୍ର, ଅମିଳନପ୍ରିୟ, କଳହ ପ୍ରିୟ, ମିଥ୍ୟା ଆରୋପୀ, ପିତାମାତାଙ୍କ ଅନାଜ୍ଞାବହ (ବୁଝିଲେ?), କିଶୋରାବସ୍ଥା ପିଲାମାନେ ଜଗତକୁ ଅଧିକାର କରୁଥିବା, ଆଉ ଏହା ହିଁ ତାହାକୁ କରିଥିଲା।

18 ଅନ୍ୟ ଏକ ଦିନ ମୁଁ ଗୋଟିଏ ସ୍ଥାନକୁ ଯାଇଥିଲି; ସେମାନେ ସେହି ପୁରୁଣା, ମନ୍ଦ ସଂଗୀତଗୁଡିକ, ସେହି ସବୁ ବିଷୟ ମଧ୍ୟରୁ ଗୋଟିଏକୁ ବଜାଇଥିଲେ। ଏପରିକି ମୁଁ ମୋର ପରିବାରକୁ ସୁଦ୍ଧା ନେଇକି ଯିବାକୁ ପସନ୍ଦ କରେ ନାହିଁ। ମୁଁ ସେହି ମହିଳାଙ୍କୁ କହିଲି, "ସେହି ଗୀତଗୁଡିକ କେତେ ମୂଲ୍ୟର ଅଟେ?"

"ଗୋଟିଏକୁ ଦଶ ସେଣ୍ଟ ଲେଖାଏଁ।"

"ଗୋଟିଏ ଘଣ୍ଟାରେ କେତେ ଗୁଡିଏ ବାଜିବ?" ସେ ମୋତେ ଉତ୍ତର ଦେଲେ। ମୁଁ କହିଲି, "ଏଠାରେ ରହିଲା ପଇସା; ତାହା ବନ୍ଦ କରି ଦିଅ!"

"ତେବେ," ସେ କହିଲେ, "ମୁଁ ତାହା କରିପାରିବି ନାହିଁ। ସେହି ପିଲାମାନେ ଏଠାରେ ତାହା ବଜାଇବାକୁ ଆସନ୍ତି।"

19 ତେବେ ମୁଁ ସେଠାରେ କୌଣସି ପଇସା ବ୍ୟୟ କରିପାରିଲି ନାହିଁ; ମୁଁ ଅନ୍ୟ ସ୍ଥାନକୁ ଚାଲି ଗଲି। ବୁଝିଲେ? ତେବେ, ସେହି ବିଷୟ ଆପଣଙ୍କୁ ଅଧୀର କରି ପକାଇବ; ସେହି ମୁଣ୍ଡ ଖରାପ ବିଷୟକୁ ଶୁଣିଲା ପରେ ଆପଣଙ୍କୁ ଯାଇ ମୁଣ୍ଡ ବ୍ୟଥାର ମେଞ୍ଚେ ଔଷଧକୁ ନେବାକୁ ପଡିବ।

ତାହା ଜଣେ ଖ୍ରୀଷ୍ଟିୟାନକୁ ବିରକ୍ତ କରି ଦେଇଥାଏ। ଯଦି ଆପଣ ସେହିପରି ବିଷୟକୁ ଭଲ ପାଆନ୍ତି, ତେବେ କଅଣ ଆପଣ ଜାଣନ୍ତି ଯେ ଆପଣଙ୍କ ସହିତ କି ଭୁଲ୍ ଅଟେ? ଆପଣଙ୍କୁ ଉଦ୍ଧାର ପାଇବା ଆବଶ୍ୟକ, କାରଣ ଆପଣଙ୍କ ଭିତରେ ଯାହା ଅଛି ତାହା ବାକ୍ୟ ବାହାରେ ଅନ୍ୟ କିଛି ବିଷୟ ଉପରେ ପ୍ରତିପୋଷିତ ହେଉଅଛି। ତାହା ପ୍ରତିପୋଷିତ ହେଉଛି…

20 ଆପଣ ଯୀଶୁଙ୍କୁ ସେହିପରି ଏକ କାର୍ଯ୍ୟ କରୁଥିବାର ଅନୁମାନ କରିପାରିବେ ନାହିଁ କଅଣ କରିପାରିବେ କି? କଅଣ ଆପଣ ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଜଣକାକୁ ସେହିପରି ଏକ କାର୍ଯ୍ୟ କରୁଥିବାର ଅନୁମାନ କରିପାରିବେ କି? ବନ୍ଧୁଗଣ, କଅଣ ଆପଣ ଦେଖନ୍ତି ନାହିଁ କି, ଯେ ସମଗ୍ର ବିଷୟ ସର୍ବତ୍ର ଶୟତାନ ଅଟେ। ଏବଂ ବାଇବଲ କୁହେ ଯେ ସେ କିପରି ଧର୍ମର ଏକ ରୂପ ନେଇ ଆସିବ ଓ ଅବିକଳ ଠିକ ଖ୍ରୀଷ୍ଟଙ୍କ ପରି କାର୍ଯ୍ୟକଳାପ କରିବ। ଦେଖିଲେ? ମାତ୍ର ଗୋଟିଏ ଉପାୟ ଯେ ଆପଣ କେବେ ଏହାକୁ କହିପାରିବେ, ତାହା *ଏହି* ମଣ୍ଡଳୀକୁ ଯୋଗ ଦେବା ନୁହେଁ, କିମ୍ବା *ସେହି* ମଣ୍ଡଳୀକୁ ନୁହେଁ, ତାହା ତ ହେଲା ବାକ୍ୟ ସହିତରେ ରହିବା; ସେ ବାକ୍ୟ ଅଟନ୍ତି।

21 ବର୍ତ୍ତମାନ, ପ୍ରଭୁ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ। ଆମେମାନେ ସୀଧାସଳଖ ପ୍ରଶ୍ନଗୁଡିକ ନିକଟକୁ ଯାଉଅଛୁ। ଆଉ ତେବେ, ପ୍ରାୟଃ…ଗୋଟିଏ ଘଣ୍ଟା ଓ ପନ୍ଦର ମିନିଟ୍ ପାଇଁ…ମୁଁ ଏହି ସମସ୍ତ ପ୍ରଶ୍ନଗୁଡିକୁ ନେଇପାରିବି ନାହିଁ। ସେମାନେ ତ ଗଦା ଗଦା ଅଛନ୍ତି। ମୁଁ ଭାବୁଛି ସେଗୁଡିକ ଉତ୍ତମ ପ୍ରଶ୍ନ ଅଟେ। ସେଗୁଡିକ ଅତି ଉତ୍ତମ ଅଟେ। ମୁଁ କେବଳ ଯିବି ଏବଂ ଏଠାରୁ ଓ ସେଠାରୁ ଗୋଟିଏ ଉଠାଇବି ଯେତେବେଳେକି ମୁଁ ତାହା ନିଏ। ଆଉ ତେବେ…ତାହା ଉତ୍ତର ଦିଏ…

ମୁଁ ତେବେ…ମୁଁ ଭାବିଲି ଆଜି ରାତ୍ରି ମୁଁ କେବଳ ଆସିବି, କାହାରି ଜଣକାକୁ ତାହା ପାଠ କରିବାକୁ ଦେବି, କହିବି, "ହଁ" କିମ୍ବା "ନା," "ହଁ" କିମ୍ବା "ନା," ସେହିପରି…ତାହା ଲୋକମାନଙ୍କ ସଙ୍ଗରେ ନ୍ୟାୟ କରିବା ନୁହେଁ। ସେମାନେ ସେହି ପ୍ରଶ୍ନଗୁଡିକ ଏଇଥି ପାଇଁ ପଚାରିଥିଲେ ଯେ ସେଗୁଡିକୁ ଉତ୍ତର ଦିଆଯାଏ। ଏବଂ ମୁଁ—ମୁଁ ତାହା କରିବି ନାହିଁ, କାରଣ ମୁଁ ଯାହା ଚାହେଁ ତାହା ପାଇପାରେ; ଆଉ ଯାହା ମୁଁ ପାଇପାରେ ନାହିଁ, ତାହା ମୁଁ ଅନ୍ୟ ସମୟରେ ପାଇ ନେବି।

22 ଏବଂ ବର୍ତ୍ତମାନ, ମୁଁ—ମୁଁ…ପ୍ରାୟଃ ପରବର୍ତ୍ତୀ ରବିବାର, ମୁଁ ଜାଣେ ନାହିଁ। ମୁଁ ଆପଣଙ୍କୁ କୁହେ, ଯଦି ଆପଣ କେବେ ବର୍ତ୍ତମାନ ଓ ବୁଧବାର ମଧ୍ୟରେ ବିଲିର ଧରା ପାଇବେ… ଆମମାନଙ୍କୁ ଛାଡି ଚାଲିଯିବାକୁ ପଡିପାରେ।

23 ତେବେ, ଏଠାରେ ଗୋଟିଏ ବିଷୟ ଅଛି। ମୁଁ ସାକ୍ଷାତକାର ଦେବାରେ ବହୁତ ପଛୁଆ ଅଟେ। ବିଲି ମୋତେ *ସେତିକି* ଉଚ୍ଚ ଗଦେ ସାକ୍ଷାତକାର ଦେଖାଇଲେ, ଯାହାକି ଅପେକ୍ଷାରେ ରହିଛି, ସେମାନଙ୍କ ମଧ୍ୟରୁ କେତେକ ତ, ମାସ ମାସ ଧରି ରହିଛି। ତେବେ, ଯେତେବେଳେ ମୁଁ ଭିତରେ ଥାଏ, ମୋତେ ସେମାନଙ୍କ ମଧ୍ୟରୁ କେତେକକୁ ନେବାକୁ ପଡିଥାଏ, କେତେକ ସଭାଗୁଡିକୁ କରିବାକୁ ଥାଏ, ତାହା ସବୁକିଛି କରିବାକୁ ଥାଏ ଯାହା ମୁଁ ସାମଞ୍ଜସ୍ୟ ସ୍ଥାପନ କରିବା ନିମନ୍ତେ କରିପାରେ। ଏହି ସପ୍ତାହ ଯେତେବେଳେ ମୁଁ ବାହାରେ ଥାଏ ପ୍ରାର୍ଥନା

କରିବାକୁ ଯାଉଅଛି ଓ ପ୍ରଭୁଙ୍କୁ ପଚାରିବାକୁ ଯାଉଅଛି, "ମୁଁ କଅଣ କରେ ବୋଲି ସେ ଚାହାଁନ୍ତି, ଏଗୁଡିକୁ ସାରି ଦେବି ନା—ନା ସାକ୍ଷାତକାରଗୁଡିକୁ ନେବି?" ଯଦି ମୁଁ ସାକ୍ଷାତକାରଗୁଡିକୁ ନେବି, ତେବେ ମୁଁ କେବଳ ଶୀଘ୍ର କରିବି...ରବିବାର ଦିନ ଘରକୁ ଫେରିବି ଓ କୌଣସି ସ୍ଥାନରେ ଠିକ ସେହି ସାକ୍ଷାତକାର ଗୁଡିକୁ କରିବି, ଏବଂ ସେହି ଦିନଟି ସାରା ଠିକ ସାକ୍ଷାତକାର ଗୁଡିକରେ ଅତିବାହିତ କରିଦେବି। ପୁଣି ଯଦି ମୁଁ ତାହା ନ କରେ, କାହିଁକି, ମୋତେ ସେହି ସାକ୍ଷାତକାରଗୁଡିକୁ ବାତିଲ କରିବାକୁ ପଡିବ ଯେପର୍ଯ୍ୟନ୍ତକି ମୁଁ ପୁନର୍ବାର ଫେରି ନ ଆସେ। ଯଦି ମୁଁ ନ କରେ, ତେବେ ମୁଁ ଉତ୍ତର ଦେବି...ମୁଁ...ବିଲି ଆପଣଙ୍କୁ ଏକ କାର୍ଡ ପଠାଇଦେବ।

24 ଆଉ ମୁଁ ଆପଣଙ୍କୁ କହୁଛି; ତାହା ଭଲ ଅଟେ, ଏହି ପ୍ରିୟ ପିଲାମାନେ, ଆପଣଙ୍କୁ ଏହା କହିବା ପାଇଁ ଯେ ସେମାନେ କିପରି ପରସ୍ପର ଜଣେ ଅନ୍ୟକୁ ପସନ୍ଦ କରନ୍ତି, ପରସ୍ପରଙ୍କ ପାଇଁ ଜଣେ ଅନ୍ୟର କେତେ ପ୍ରେମ ଅଛି। ଜଣେ ଅନ୍ୟକୁ କହିବ ପୁଣି ଅନ୍ୟ ଜଣେ କହିବ...ବିଲି ଗୋଟିଏ ବିଭାଗରେ କେବଳ ଜଣକାକୁ ଡାକିଥାଏ, ପ୍ରାୟଃ ଦେଢ ଶହ ମାଇଲ ଦୂର, ଆଉ ବାକି ସେମାନେ ଅନ୍ୟ ଅବଶିଷ୍ଟମାନଙ୍କର କଥା ବୁଝିବେ। ସେମାନେ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରନ୍ତି। ସେମାନେ କୌଣସି ବିଷୟ ହରାଇବାକୁ ଚାହାଁନ୍ତି ନାହିଁ। ସେମାନଙ୍କର...ଏଠାରେ ପ୍ରତ୍ୟେକ ମିନିଟରେ ରହିବାକୁ ଚାହାଁନ୍ତି ଏହା ଦେଖିବା ନିମନ୍ତେ ଯେ କଅଣ ଘଟୁଅଛି; କାରଣ ଯଦି ପ୍ରଭୁ କିଛି ଦେଉଛନ୍ତି, ତେବେ ସେମାନେ ତାହାକୁ ଗ୍ରହଣ କରିବା ପାଇଁ ଏଠାରେ ରହିବା ଉଚିତ୍। ଆଉ ମୁଁ ସେମାନଙ୍କୁ ପ୍ରଶଂସା କରେ।

25 ପ୍ରିୟ ବନ୍ଧୁଗଣ, ବର୍ତ୍ତମାନ ମନେ ରଖନ୍ତୁ, ଏହି ସକାଳରେ ମୁଁ କେତୋଟି ପ୍ରଶ୍ନଗୁଡିକ ଉପରେ ଏକ ବକ୍ତବ୍ୟ ଦେଇଥିଲି। ଆଉ ମୁଁ ଲକ୍ଷ୍ୟ କଲି ଯେ ଏଗୁଡିକ ମଧ୍ୟରୁ କେତୋଟି (ହଁ!) ତଥାପି, ଏହି ସକାଳରେ ଯାହା ପାଇଥିଲି, ତାହା ଲୋକମାନଙ୍କର ଏରିଜୋନାକୁ ଚାଲିଯିବା ବିଷୟରେ ଅଧିକ ଅଟେ। ବୁଝିଲେ? ମୁଁ ଭାବିଲି ଯେ ମୁଁ...ଉତ୍ତମ ହେବ ଯେ ତାହା ସ୍ପଷ୍ଟ କରି ଦିଏ, ଯେପରିକି ଆପଣ ବୁଝିଯାଆନ୍ତି।

26 ତେବେ, ଭାବନ୍ତୁ ନାହିଁ—ନାହିଁ ଯେ ମୁଁ ଲୋକମାନଙ୍କୁ କହିବାକୁ ଚେଷ୍ଟା କରୁଛି ଯେ ସେମାନେ କେଉଁଠାରେ ରହିପାରନ୍ତି, ଏବଂ ସେମାନେ କଅଣ କରିପାରନ୍ତି, ଓ...ତେବେ, ମୋ ପ୍ରିୟ ଭାଇ, ମୁଁ ତାହା କହୁ ନାହିଁ। ସେଠାରେ ବିଶ୍ୱସ୍ତ ଲୋକମାନେ ଅଛନ୍ତି ଯେଉଁମାନେକି ସେଠାକୁ ସ୍ଥାନାନ୍ତରିତ ହେବାକୁ ଚାହୁଁଛନ୍ତି। ତେବେ, ଯେକେହି ବି ସ୍ଥାନାନ୍ତରିତ ହେବାକୁ ଚାହାଁନ୍ତି, ମୁଁ ନିଶ୍ଚିତରେ ଆନନ୍ଦିତ ହେବି—ହେବି, ଯେତେ ଦିନ ପର୍ଯ୍ୟନ୍ତ ମୁଁ ସେଠାରେ ଅଛି ଯାହାକି, ଯେପର୍ଯ୍ୟନ୍ତ ମୁଁ ସେଠାରେ ଅଛି...ମୁଁ ସେଠାରେ ଯେତିକି ଥାଏ ତାର ପ୍ରାୟଃ ଦଶ ଗୁଣ ମୁଁ ଏଠାରେ ଅଟେ। ମୋ ପାଖରେ...ବର୍ତ୍ତମାନ ଓ ଖ୍ରୀଷ୍ଟମାସ ଭିତରେ, ମୋ ପାଖରେ ସେଠାରେ ରହିବା ପାଇଁ ପ୍ରାୟଃ ଚାରି ଦିନ ଅଛି। ତେବେ ତାର ତତ୍‌କ୍ଷଣାତ ପରେ, ମୁଁ ବିଦେଶ ଗସ୍ତରେ ବାହାରିଯିବି। ମୁଁ ବିଦେଶ ଗସ୍ତକୁ ଏକ—ଏକ ଉଦ୍ଦୀପନା ନିମନ୍ତେ ଯିବା ପୂର୍ବରୁ ଏଠାରେ ଆରାଧନାଳୟରେ ବୋଧହୁଏ ଦୁଇ କିମ୍ବା ତିନି ସପ୍ତାହ ପାଇଁ ରହିବି, ଯେପରିକି

ମୁଁ ସାଧାରଣତଃ ବସନ୍ତ ଋତୁରେ କରିଥାଏ । ଆଉ ତାହାପରେ ସେଠାରୁ ନେଇ, ମୋର ସମଗ୍ର ଏରିଜୋନାରେ କେବଳ ଗୋଟିଏ ହିଁ ସଭା ଅଛି, ଆଉ ତାହା ଜାନୁୟାରୀରେ ଖ୍ରୀଷ୍ଟିୟାନ ବ୍ୟବସାୟୀ ପୁରୁଷମାନଙ୍କ ସହ ଦୁଇ ରାତ୍ରି, ଫିନିକ୍ସଠାରେ ଶେଷ ହୁଏ ।

ବୁଝିଲେ? ମୁଁ ନୁହେଁ...ଯଦି ସେଠାରେ *ଥିବା* ଲୋକମାନେ, ଉଁ, କଅଣ ଆପଣ ଟେପ୍‌କୁ ଓଲଟାଇ ଦେବେ କି? [ଭାଇ ବ୍ରାନ୍‌ହାମ୍ ଚାହିଁଲେ ଯେ ଟେପ୍‌ଟି ବନ୍ଦ କରି ଦିଆଯାଉ ଯେତେବେଳେ ସେ ମଣ୍ଡଳୀ ସହିତ କଥାବାର୍ତ୍ତା କରୁଥାନ୍ତି । ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

27 ତେବେ, ଯେତେବେଳେ ଆମେମାନେ ଆଜି ରାତ୍ରି ଏହି ପ୍ରଶ୍ନଗୁଡିକ ଉପରେ ଆରମ୍ଭ କରୁଥାଉ, ମୁଁ ଏଠାରେ ଗୋଟିଏ ପ୍ରଶ୍ନକୁ ନେବି ଓ...କଅଣ ଆପଣ ସେଗୁଡିକୁ ଉପଭୋଗ କରୁଛନ୍ତି? କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ମୁଁ ଭାବୁଛି ତାହା ଏଥରକ ଆମ ପାଇଁ ଲାଭଦାୟକ ଅଟେ । ଏବଂ ଓଃ, ମୁଁ ଭାବୁଛି ଯେ ଶୀଘ୍ର ହିଁ...ଏଠାକୁ ଆସିବା ପୂର୍ବରୁ ଆଜି ସକାଳେ ବାଇବଲରେ କେତେକ—କେତେକ ପାଠ୍ୟାଂଶଗୁଡିକୁ ଓ କେତେକ ସ୍ଥାନଗୁଡିକୁ ଦେଖୁଥିଲି, ମୁଁ ଚିନ୍ତା କଲି, "ଓଃ, ତାହା କେଡେ ଅଦ୍ଭୁତ ବିଷୟ ହେବ ଯେ... ଯେତେବେଳେ ଆମେ ପ୍ରଭୁଙ୍କର ଆଗମନ ନିମନ୍ତେ ଅପେକ୍ଷା କରୁଅଛୁ, ତାହା କେଡେ ଅଦ୍ଭୁତ ବିଷୟ ହେବ ଯେ ଆମେ ପଶ୍ଚାତ ସମୟର ସେହି ପୁରାତନ ନିୟମର ସମସ୍ତ ଚରିତ୍ରଗୁଡିକୁ ନେଉ, ଆୟୁବ ଦେଇ ଏବଂ ସେହି ସବୁ ଦେଇ, ଏବଂ ସେମାନଙ୍କ ଉପରେ ଏକ କ୍ରମରେ ସଭାଗୁଡିକୁ କରୁ (କଅଣ ତାହା ଅଦ୍ଭୁତ ହେବ ନାହିଁ କି?), କେବଳ ଏହା ଦେଖାଇବାକୁ ଯେ ସେମାନେ ଏହି ଦିନ ସହିତ କିପରି ସାମଞ୍ଜସ୍ୟରେ ଅଛନ୍ତି (ସମଗ୍ର ବାକ୍ୟ ଏକ ସଙ୍ଗରେ ବାନ୍ଧି ହୋଇଥାଏ), ଏବଂ ସେହି ପ୍ରାଚୀନ ସମୟର—ପୁଣି ସେହି ସମସ୍ତ ବିନାଶ ବିଷୟରେ ଆଉ ସେମାନେ ତାହାକୁ କିପରି ଆଜିର ଦିନ ସହିତ ମିଶାଇ ଥାଆନ୍ତି; କିପରି ପୁରାତନ ନିୟମର ସବୁ କିଛି ଘଟଣା ପ୍ରଭୁ ଯୀଶୁଙ୍କ ଆଗମନ ବିଷୟ କହିଥାଏ ।"

**279.** ତେବେ, ପ୍ରଥମ ପ୍ରଶ୍ନ ଯାହା ମୁଁ ଏଥିରୁ ବାହାର କଲି: **ଭାଇ ବ୍ରାନ୍‌ହାମ୍, କଅଣ ଜଣେ ଖ୍ରୀଷ୍ଟିୟାନ ପାଇଁ ନିଜର କେଶକୁ ପିନ୍ କଣ୍ଟାରେ କୁଞ୍ଚୁ କୁଞ୍ଚିଆ କରିବା—କରିବା ଏହା ଅନୁଚିତ କି? ପୁଣି, ତାର ପୋଷାକର ହାତ ଲମ୍ବ କେତେ ହେବା ଉଚିତ୍? ଧନ୍ୟବାଦ । ଜଣେ ଭଉଣୀ ।**

28 ବର୍ତ୍ତମାନ, ତାହା...ସେହି ସ୍ତ୍ରୀଲୋକ ପାଇଁ ବହୁତ କିଛି ଅଟେ । ତେବେ, ଆମମାନଙ୍କ ମଧ୍ୟରୁ କେତେକ ଭାଇମାନଙ୍କ ପାଇଁ ଆମେ ଏହା ଭାବିପାରୁ, "ଓଃ, ମୂର୍ଖ ସ୍ତ୍ରୀଲୋକଟା ।" ମାତ୍ର—ମାତ୍ର ଏହା ତାହା ପାଇଁ ମୂର୍ଖତା ନୁହେଁ, ସେ ଜାଣିବାକୁ ଚାହେଁ ।

ତେବେ, ସେହିପରି ଭାବେ କେଶ ବିନ୍ୟାସ କରିବା ଯାହାକି ଏହା ଥିଲା, ଘୁଙ୍ଗୁରୀ ଚୁଟି କିମ୍ବା ସେପରି କିଛି? ମୋତେ କ୍ଷମା କରିବେ । ମୁଁ—ମୁଁ ନୁହେଁ...ତାହା...ମୋତେ କ୍ଷମା କରିବେ । ପିନ୍ କଣ୍ଟାରେ କୁଞ୍ଚୁ କୁଞ୍ଚିଆ କରିବା । ମୋତେ କ୍ଷମା କରନ୍ତୁ । ପିନ୍ କଣ୍ଟାର ପ୍ରସାଧନ, ଘୁଙ୍ଗୁରୀ ଚୁଟି! ତାହାହିଁ ଅଟେ ଯାହାକି ଝିଅମାନେ ଅନେକ ବର୍ଷ ପୂର୍ବେ ଲଗାଉଥିଲେ ।

ଆପଣମାନଙ୍କର ମନେ ଅଛି, ପ୍ରକାର...କଅଣ ତାହା ଠିକ ନ ଥିଲା? ସେମାନେ ତାହାକୁ ଘୁଷୁରୀ ଚୁଟି ବୋଲି ଡାକୁଥିଲେ, କେଶ ଏକ ପ୍ରକାର ଠିକ କୁଞ୍ଚୁ କୁଞ୍ଚିଆ ହୋଇ ଝୁଲି ରହିଥାଏ? ନା, ମୋତେ କ୍ଷମା କରିବେ, ବନ୍ଧୁଗଣ, ପିନ୍ କଣ୍ଟାରେ କୁଞ୍ଚୁ କୁଞ୍ଚିଆ କରିବା।

29 "ତାର ପୋଷାକର ହାତ ଲମ୍ବ କେତେ ହେବା ଉଚିତ୍?" ମୁଁ—ମୁଁ ଭାବେ ନାହିଁ ଯେ ଏହା ତାହା ବିଷୟରେ କିଛି ହେଲେ ଅଟେ। ମୁଁ ଜାଣେ ନାହିଁ। ବୁଝିଲେ? ଯାହା ମୁଁ ବାଇବଲର ସମର୍ଥନ ଦ୍ୱାରା କହିପାରେ ନାହିଁ, ମୁଁ—ମୁଁ ତାହା ବିଷୟରେ ଅଧିକ କିଛି କହିବାକୁ ଚାହେଁ ନାହିଁ।

30 ତେବେ, ମୁଁ ଏହା କେବଳ ମୋ ନିଜ ପାଇଁ ଆପଣଙ୍କୁ କହୁଅଛି, କାରଣ ଏହାର ସମର୍ଥନରେ ମୋ ପାଇଁ କୌଣସି ଶାସ୍ତ୍ରାଂଶ ନାହିଁ। ମୋ ପାଖରେ ମହିଳାମାନଙ୍କ ପାଇଁ ସେମାନଙ୍କର କେଶ ନିମନ୍ତେ କେବଳ ଗୋଟିଏ ମାତ୍ର ବିଷୟ ଅଛି ଯେ ସେମାନେ ତାହା ନ କାଟନ୍ତୁ। ସେମାନେ ଏହାକୁ କିପରି ବିନ୍ୟାସ କରିବାକୁ ଚାହାଁନ୍ତି, ଏହା ସେମାନଙ୍କ ଉପରେ ନିର୍ଭର କରେ। ଆଉ ପିନ୍ କଣ୍ଟାରେ କୁଞ୍ଚୁ କୁଞ୍ଚିଆ କରିବା ବିଷୟରେ, ବାସ୍ତବରେ, ମୁଁ ଜାଣେ ନାହିଁ ଯେ ତାହା କଅଣ ଅଟେ, ଯେପର୍ଯ୍ୟନ୍ତକି ଏହା ସେହି ବିଷୟଗୁଡିକ କପଡାପିନ୍ ପରି ଦିଶୁଥିବା ଅଟେ ଯାହାକି ସେମାନେ ନିଜର କେଶରେ ଗୁଞ୍ଜି ଦେଇଥାନ୍ତି, ତାହାହିଁ କେବଳ ମାତ୍ର ସେହି—ସେହି ବିଷୟ ଅଟେ ଯାହା ମୁଁ ଜାଣେ...

31 ଆଉ ପୋଷାକରେ ହାତର ଲମ୍ବ ବିଷୟରେ, ମୁଁ ଭାବୁଛି, ଜଣେ ଖ୍ରୀଷ୍ଟିୟାନ ଭାବରେ, ପରମେଶ୍ୱର ଆପଣଙ୍କୁ ଜଣାଇବେ ଯେ ସେଗୁଡିକ ବିଷୟରେ କଅଣ କରିବା କଥା। କଅଣ ଆପଣ ଦେଖୁଛନ୍ତି? ଜଣେ ଖ୍ରୀଷ୍ଟିୟାନ ବ୍ୟକ୍ତି ଭାବରେ ମୁଁ ବିଶ୍ୱାସ କରେ ଯେ ଆପଣ—ଆପଣ ତାହା ଜାଣିଯିବେ ଯେ ସେ ବିଷୟରେ କିପରି କରିବାକୁ ଅଛି। ମୁଁ ଭାବେ ନାହିଁ ଯେ ପରମେଶ୍ୱର କିଛି ନିର୍ଦ୍ଦିଷ୍ଟ ଲମ୍ବ କାଟନ୍ତି କିମ୍ବା ତାହା ଯାହା କିଛି ବି ଅଟେ। ଯେପର୍ଯ୍ୟନ୍ତ ଆପଣ ଭଦ୍ର ଅଟନ୍ତି ଏବଂ ଶିଷ୍ଟ ଓ ପରିଷ୍କାର ଦେଖାଯାଆନ୍ତି, ମୁଁ—ମୁଁ ଭାବୁଛି ତାହାହିଁ ସବୁ ଠିକ ଅଟେ। କଅଣ ଆପଣ ସେପରି ଭାବନ୍ତି ନାହିଁ କି? ବୁଝିଲେ? ତେବେ, ତାହା କେବଳ ମୋର ମନ୍ତବ୍ୟ ଅଟେ। ବର୍ତ୍ତମାନ, ଏହା ମୁଁ ଅଟେ, ଦେଖନ୍ତୁ, କାରଣ ମୁଁ ଶାସ୍ତ୍ର ଦ୍ୱାରା କିଛି ସମର୍ଥନ କରାଇପାରେ ନାହିଁ।

32 ମୁଁ ବିଶ୍ୱାସ କରେ ଯେ ଆଜି ସକାଳେ ସେହି ପ୍ରଶ୍ନଟି କେଶକୁ ରଙ୍ଗ କରିବା ବିଷୟରେ ଉପସ୍ଥିତ ହେଲା, ଆପଣ ଜାଣନ୍ତି, ଏକ ରଙ୍ଗ ସହିତରେ—ସହିତରେ କେଶକୁ ରଙ୍ଗ କରିବା ବିଷୟରେ। ତେବେ, ମୁଁ—ମୁଁ...ତାହା...ମୁଁ—ମୁଁ ତାହା ବିଷୟରେ କିଛି ହେଲେ କହିପାରେ ନାହିଁ। ମୁଁ ଜାଣେ ନାହିଁ, ମାତ୍ର ମୁଁ—ମୁଁ—ମୁଁ—ମୁଁ କୌଣସି ଶାସ୍ତ୍ର ପାଇ ନାହିଁ ଯେ ନିଜର କେଶ ନ—ନ ରଙ୍ଗ କର ବୋଲି କହିବି। ତେବେ, ତାହା—ତାହା...

ଆପଣ ସ୍ତ୍ରୀଲୋକମାନେ, ଆପଣ ସୁନ୍ଦର ଦିଶିବାକୁ ଭଲ ପାଆନ୍ତି, ଏବଂ ଆପଣ ସୁନ୍ଦର ଦିଶିବା ଉଚିତ୍। ଏବଂ ଭାଇ ବ୍ରାନ୍ହାମ୍ ତୁମେ ପିଲାମାନଙ୍କ ବିରୁଦ୍ଧରେ ନୁହଁନ୍ତି। ତୁମେମାନେ

ମୋର ପିଲାମାନେ ଅଟ; ମୁଁ—ମୁଁ—ମୁଁ ତୁମମାନଙ୍କୁ ଭଲ ପାଏ, ଆଉ ମୁଁ—ମୁଁ ତୁମମାନଙ୍କ ଉପରେ କ୍ରୋଧ କରିବାକୁ ଚାହେଁ ନାହିଁ । ମୁଁ—ମୁଁ ଏହାକୁ କୌଣସି କାରଣ ବିନା କରିବି ନାହିଁ; ମୁଁ ତ କେବଳ ତୁମମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଛି ।

33 ମାତ୍ର ବର୍ତ୍ତମାନ, ଦେଖନ୍ତୁ, ମୋତେ କେବଳ ପଚାରିବାକୁ ଦିଅନ୍ତୁ...ମୋତେ ଏହାକୁ ସେହି ପ୍ରଶ୍ନର ପ୍ରତ୍ୟୁତ୍ତରରେ କହିବାକୁ ଦିଅନ୍ତୁ । ତେବେ, କଅଣ ଆପଣ ପ୍ରସ୍ତୁତ ଅଟନ୍ତି? ଏବଂ ଆପଣ ଯେଉଁମାନେ ଟେପ୍‌ରେ ଅଛନ୍ତି, ତାହା ଏଠାରେ ଅଟେ, ଭଉଣୀମାନେ: ଯଦି ସେଥିରେ ଗୋଟିଏ ପ୍ରଶ୍ନ ଅଛି, ତାହା କରନ୍ତୁ ନାହିଁ । ମାତ୍ର ଯଦି ଆପଣ—ଆପଣ ପରମେଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି ଓ ତାହା କରିବାକୁ ଚାଳିତ ଅନୁଭବ କରନ୍ତି, ଯେପର୍ଯ୍ୟନ୍ତକି ତାହା ଶାସ୍ତ୍ର ସହିତ ହସ୍ତକ୍ଷେପ କରୁ ନାହିଁ ଓ ଗୋଟିଏ ପ୍ରଶ୍ନ ସହିତ ହସ୍ତକ୍ଷେପ କରୁ ନାହିଁ, ଆପଣ ସମ୍ପୂର୍ଣ୍ଣଭାବେ ସନ୍ତୁଷ୍ଟ ଥାଆନ୍ତି ଯେ ତାହା ପ୍ରଭୁଙ୍କର ଇଚ୍ଛା ଅଟେ, ତେବେ ଯାଆନ୍ତୁ ଓ ତାହାକୁ କରନ୍ତୁ (ବୁଝିଲେ?), କାରଣ ତାହା ବିଷୟରେ "ନା" (ବୁଝିଲେ?) କହିବାକୁ କୌଣସି ଶାସ୍ତ୍ର ନାହିଁ । ମୁଁ ନୁହେଁ...ବାଇବଲରେ ସେହିପରି କିଛି କହୁଥିବାର ବିଷୟ ନାହିଁ ।

34 ମୁଁ ଜାଣେ ଯିଶାଇୟ 5, ମୁଁ ଭାବୁଛି ଏହାହିଁ ଅଟେ, ସ୍ତ୍ରୀମାନଙ୍କ ବିଷୟରେ କୁହେ, ଯେ କିପରି ସେମାନେ ପରିବର୍ତ୍ତନୀୟ ପୋଶାକ ଓ ସେହିପରି ସବୁକିଛି ପରିଧାନ କରିବେ; ମାତ୍ର ତାହା ଗର୍ବ ଓ ଇତ୍ୟାଦି, ଦେଖାଇ-ହେବା ନିମନ୍ତେ ଅଟେ । ଯଦି ଆପଣ ତାହା ଗର୍ବ ପାଇଁ କରନ୍ତି, ତାହାହେଲେ ଏହା ଭୁଲ୍ ଅଟେ । ବୁଝିଲେ? ପରମେଶ୍ୱରଙ୍କ ସମ୍ମୁଖରେ ଆପଣା ହୃଦୟକୁ ଯାଞ୍ଚ କରନ୍ତୁ । ଯଦି ତାହା ପାଇଁ କୌଣସି ଶାସ୍ତ୍ରାଂଶ ନାହିଁ, ଆଉ ଯେଉଁ ପ୍ରକାରେ ଆତ୍ମା ଆପଣଙ୍କୁ ଚାଳିତ କରନ୍ତି, ଆପଣ ଯାଆନ୍ତୁ ଓ ତାହା କରନ୍ତୁ । ମାତ୍ର ବର୍ତ୍ତମାନ, ଯେତେବେଳେ ଏହା ସେହି ବିଷୟ ନିକଟକୁ ଆସେ ଯେ ଆପଣ ଲମ୍ବା କେଶ ନା ଛୋଟ କେଶ ରଖିବା ଉଚିତ୍, ଆପଣ ଲମ୍ବା କେଶ ରଖନ୍ତୁ; ତାହାହିଁ ବାଇବଲ ଅଟେ ।

35 ଏଠାରେ ଗୋଟିଏ ପ୍ରଶ୍ନ ଅଛି; ମୁଁ—ମୁଁ ଏହାର ଉତ୍ତର ବର୍ତ୍ତମାନ ଦେଇପାରେ । ତାହା ଏଠାରେ ଅଛି; ମୁଁ ଏହାକୁ ଆଜି ସକାଳେ କିମ୍ବା କୌଣସି ସମୟରେ ଦେଖିଅଛି । କୁହନ୍ତି, "ଆପଣ ସର୍ବଦା ସ୍ତ୍ରୀଲୋକମାନଙ୍କ ବିଷୟରେ କଥା କୁହନ୍ତି, ଯେ ସେମାନଙ୍କୁ କିପରି ନିଜର କେଶ ବିନ୍ୟାସ କରିବା ଉଚିତ ନୁହେଁ, ମାତ୍ର ଆପଣ ପୁରୁଷମାନଙ୍କ ବିଷୟରେ କିଛି କୁହନ୍ତି ନାହିଁ ।"

36 ଯଦି ମୁଁ ଜଣେ ପୁରୁଷଙ୍କୁ ଏଠାରେ ଜଣେ ସ୍ତ୍ରୀଲୋକ ପରି ଲମ୍ବା କେଶ ରଖି ଆସୁଥିବାର ଦେଖେ, ମୁଁ କହେ, "ଶ୍ରୀମାନ, ଆପଣ କାହିଁକି ବାରିକ ଦୋକାନକୁ ଯାଉ ନାହାଁନ୍ତି? ଆପଣ ଜଣେ ସ୍ତ୍ରୀଲୋକ ପରି ଦେଖା ଯାଉଛନ୍ତି ।" ବୁଝିଲେ? ମାତ୍ର ପୁରୁଷ ସାଧାରଣତଃ ସେପରି କରନ୍ତି ନାହିଁ । ବୁଝିଲେ? ପୁରୁଷମାନଙ୍କ ପରି ନୁହେଁ...ତେବେ, ପୁରୁଷମାନେ ଯେ ଅମୋଘ ଅଟନ୍ତି ସେପରି ନୁହେଁ, ସେମାନେ ତ ସ୍ତ୍ରୀଲୋକ ପରି ସେତିକି ହିଁ ଦୋଷୀ ଅଟନ୍ତି ।

ପୁଣି ଯାହା ବି ହେଉ, ଜଣେ ପୁରୁଷ ଯିଏକି ନିଜର ସ୍ତ୍ରୀକୁ ସେହିପରି ଭାବରେ କରିବାକୁ ଦିଏ, ସେ ତାର ଦୁଇ ଗୁଣ ଦୋଷୀ ଅଟେ, କାରଣ ତାହାକୁ ସେହି ଜଣକା ହେବା ଉଚିତ୍ ଯାହାର କର୍ତ୍ତୃତ୍ୱ ଘରେ ଚାଲେ । ଏବଂ ଯଦି ସେହି ପୁରୁଷ ନିଜର ଘରକୁ ଚଳାଇପାରେ ନାହିଁ; ତେବେ ସେ ପରମେଶ୍ୱରଙ୍କ ଗୃହରେ ତାହା କିପରି କରିବାକୁ ଯାଉଅଛି? ବୁଝିଲେ?

37 ମୁଁ ଏଠାକୁ ଆସୁଥିବା ଆମର ସ୍ତ୍ରୀଲୋକମାନଙ୍କର ସମୂହ ପାଇଁ କେତେ ଧନ୍ୟବାଦୀ ଅଟେ । ମୁଁ ଏହାକୁ ଆଦର ଓ ପ୍ରେମ ସହିତ କୁହେ, ଓ ତେବେ, ପରମେଶ୍ୱର ଏହା ସତ୍ୟ ବୋଲି ଜାଣନ୍ତି । ମୋର—ମୋର ପରିଚୟରେ ଦକ୍ଷିଣରୁ ଜଣେ ପ୍ରଚାରକ ବନ୍ଧୁ ଥିଲେ ଯାହାଙ୍କର ମଣ୍ଡଳୀ ମୁଁ ଦେଖିଥିବା ସବୁଠୁ ପରିଷ୍କାର-ଦିଶୁଥିବା ମଣ୍ଡଳୀ ମଧ୍ୟରୁ ଅନ୍ୟତମ ଥିଲା । ଯେଉଁଠାରେ ତାହା ସ୍ତ୍ରୀମାନଙ୍କ ବିଷୟରେ କଥା ଆସେ, ମୁଁ ଦେଖିଥିବା ସବୁଠୁ ସୁନ୍ଦର ସ୍ତ୍ରୀଲୋକମାନେ ସେଠାରେ ସାଧୁ ଭାବରେ, ଭୟ ଭକ୍ତି ସହକାରେ, ଲମ୍ବା କେଶ ସହିତ ବସିଥିଲେ । ଏବଂ ମୁଁ ସର୍ବଦା ସେହି ମଣ୍ଡଳୀକୁ ଯିବା ବିଷୟରେ ପ୍ରଶଂସା କରେ । ଆଉ ପ୍ରଭୁ ଯୀଶୁ ମୋତେ ଆଜି ଏଠାରେ ଏକ ମଣ୍ଡଳୀ ଦେଇଛନ୍ତି ଯାହାକି ତାକୁ ଶହେ ମାଇଲରୁ ଅଧିକ ଗୁଣରେ ପଛରେ ପକାଇ ଦେଇଥାଏ: ମୋର ସ୍ତ୍ରୀଲୋକମାନେ ।

38 ମୁଁ ରୁକ୍ଷ ହେବା ପାଇଁ ଆପଣଙ୍କୁ କ୍ରୋଧ କରୁ ନାହିଁ; ମୁଁ କେବଳ ଆପଣଙ୍କ ନିମନ୍ତେ ଅତ୍ୟଧିକ ଆନନ୍ଦିତ ଅଟେ । ମୁଁ ଚାହେଁ ନାହିଁ ଯେ ଶୟତାନ ଏଠାରେ କେଉଁଠାରେ ବି ପାଦ ଦେଉ । ବୁଝିଲେ? ମୁଁ ଚାହେଁ ଯେ ଆପଣ ଉପରକୁ ବଢନ୍ତୁ, ତଳକୁ ନୁହେଁ । କେବେ ବି କୌଣସି ବ୍ୟକ୍ତିଙ୍କୁ ଆପଣଙ୍କୁ କିଛି ମନ୍ତ୍ର ଦ୍ୱାରା, କିମ୍ବା ସେହିପରି ଅନ୍ୟକିଛି ବିଷୟ ଦ୍ୱାରା, କିଅବା କୌଣସି କଥା ଦ୍ୱାରା ପ୍ରତାରିତ କରିବାକୁ ଦିଅନ୍ତୁ ନାହିଁ, "ଓଃ ତେବେ, ତାହା ନୁହେଁ..." ବୁଝିଲେ? ସେହି ପ୍ରକାରେ ହିଁ ଶୟତାନ ହବା ନିକଟରେ ବାକ୍ୟର ବ୍ୟାଖ୍ୟା କରିଥିଲା । ବୁଝିଲେ? ଆପଣ କେବଳ ତାହା ବିଶ୍ୱାସ କରନ୍ତୁ ଯାହାକି ବାକ୍ୟ କୁହେ । ଠିକ ଅଛି ।

**280. ଅତିଶୟ ଜରୁରୀ । ଭାଇ ବ୍ରାନ୍‌ହାମ୍, ଏହା ଜାଣି ଯେ ସମୟ ଶେଷ ହୋଇଆସୁଛି ଏବଂ ଅନନ୍ତତା ମାଡି ଆସୁଛି, ବିବାହ ନିମନ୍ତେ ଯୋଜନା କରୁଥିବା ଏକ ଯୋଡି ପାଇଁ ଆପଣଙ୍କର ପରାମର୍ଶ କଅଣ?**

39 ଆଗକୁ ବଢନ୍ତୁ ଓ ବିବାହ କରନ୍ତୁ । ବୁଝିଲେ? ଆପଣ ଠିକ ସେହିପରି ଭାବରେ ଜୀବନ ଯାପନ କରନ୍ତୁ ଯେପରିକି ଆପଣ ଆଉ ଏକ ଶହ ବର୍ଷ ଏଠାରେ ପୃଥିବୀପୃଷ୍ଠରେ ବଞ୍ଚିବାକୁ ଯାଉଛନ୍ତି । ଠିକ ଆଗକୁ ବଢି ଚାଲନ୍ତୁ; ନିଜର ହୃଦୟକୁ ଖ୍ରୀଷ୍ଟଙ୍କ ଉପରେ କେନ୍ଦ୍ରିତ କରି ରଖନ୍ତୁ, ନିଜର ହୃଦୟକୁ ଜଗତର ଏହି ବିଷୟବସ୍ତୁ ଉପରେ ନୁହେଁ, ବରଂ ଖ୍ରୀଷ୍ଟଙ୍କ ଉପରେ ରଖନ୍ତୁ । ବୁଝିଲେ? ଠିକ ଆଗକୁ ବଢି ଚାଲନ୍ତୁ; ବିବାହ କରନ୍ତୁ, ସନ୍ତାନ ସନ୍ତତି କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆପଣଙ୍କର ବିବାହରେ ଆଶୀର୍ବାଦ କରନ୍ତୁ ।

**281. ପ୍ରିୟ ଭାଇ ବ୍ରାନ୍‌ହାମ୍, ମୁଁ ଯୀଶୁ ନାମରେ ବାପ୍ତିଜିତ ହୋଇଅଛି, ବାକ୍ୟ କୁହେ ଯେ ଆପଣ ପବିତ୍ରଆତ୍ମାର ଦାନ ପ୍ରାପ୍ତ ହେବେ । କଅଣ ଏହାର—କଅଣ ଏହାର ଅର୍ଥ**

**ଏହା ଯେ ବାପ୍ତିସ୍ମ, ପବିତ୍ରଆତ୍ମା, କିଅବା କଅଣ ଏହାର ଅର୍ଥ ଏହା ଯେ ମୋତେ ଦାନପ୍ରାପ୍ତ ହେବା ଉଚିତ୍...ସୁନିଶ୍ଚିତ ଭାବେ...ମୋତେ ବାପ୍ତିସ୍ମ ସହିତରେ ଏକ ସୁନିଶ୍ଚିତ ଅନୁଭୂତି ପାଇବାକୁ ଉଚିତ୍? ମୁଁ ସେହି—ସେହି ଆତ୍ମାରେ ପରିପୂର୍ଣ୍ଣ ହେବା ମିମନ୍ତେ—ନିମନ୍ତେ ଆକାଂକ୍ଷିତ ଅଟେ। ଦୟାକରି ଲମ୍ବା ନୋଟ ଲେଖିଥିବାରୁ ମୋତେ କ୍ଷମା କରନ୍ତୁ ଯେହେତୁ ମୁଁ ଆପଣଙ୍କୁ ଏହି ପ୍ରଶ୍ନ ଅନେକ ଦିନରୁ ପଚାରିବି ବୋଲି ଚାହିଁ ଆସିଅଛି। ଧନ୍ୟବାଦ।** ଏବଂ ସେହି ବ୍ୟକ୍ତି ନିଜ ନାମର ହସ୍ତାକ୍ଷର କରିଛନ୍ତି। ସେମାନେ ସହର-ର-ବାହାରୁ ଲୋକମାନେ ଅଟନ୍ତି।

40 ତେବେ, ସେଠାରେ ଏକ ଉତ୍ତମ ପ୍ରଶ୍ନ ଅଛି। ବର୍ତ୍ତମାନ, ପବିତ୍ରଆତ୍ମାର ବାପ୍ତିସ୍ମ ଏକ ସୁନିଶ୍ଚିତ ଅନୁଭୂତି ଅଟେ ଯାହାକି ଜଣେ ବ୍ୟକ୍ତି ନିଶ୍ଚିତ ଗ୍ରହଣ କରିବା ଉଚିତ। ତେବେ ଗୋଟିଏ ମିନିଟ୍ ପାଇଁ ମୋତେ ତାହା ଏକ ପ୍ରକାରେ ସ୍ପଷ୍ଟ କରିବାକୁ ଦିଅନ୍ତୁ। ବୁଝିଲେ? ବର୍ତ୍ତମାନ, ଅନେକ ଲୋକମାନଙ୍କର ସେହି—ସେହି ଧାରଣା ରହିଛି...ମୁଁ ଭାବୁଛି ଯେ ତାହା ବିକୃତ ଅଟେ। ଏବଂ ହୋଇପାରେ ଯେ ଠିକ ଏଠାରେ ଏହି ମଣ୍ଡଳୀ ପ୍ରତି ଏବଂ ଶୁଣୁଥିବା ମଣ୍ଡଳୀ ପ୍ରତି, ସେମାନଙ୍କର ଏକ ପ୍ରଶ୍ନ ରହିପାରେ। ତେବେ, ଯେତେବେଳେ ମୁଁ କୁହେ ଯେ ପରଭାଷାରେ କଥା କହିବା ପବିତ୍ରଆତ୍ମାର ମୂଳ ପ୍ରମାଣ ବୋଲି ମୁଁ ବିଶ୍ୱାସ କରେ ନାହିଁ (ମୁଁ—ମୁଁ ତାହା ଗ୍ରହଣ କରେ ନାହିଁ) ମୁଁ ବିଶ୍ୱାସ କରେ ଯେ ପରମେଶ୍ୱରଙ୍କ ସାହାଯ୍ୟରେ ମୁଁ ଏହାକୁ ପାଇବଲରେ ପ୍ରମାଣ କରିପାରେ ଯେ ତାହା ଭୁଲ୍ ଅଟେ (ବୁଝିଲେ?), କାରଣ ପରଭାଷାରେ କଥା କହିବାଟା ପବିତ୍ରଆତ୍ମାର ଏକ ଦାନ ଅଟେ। କେତେ ଜଣ ତାହା ଜାଣନ୍ତି? ଦିବ୍ୟ ଆରୋଗ୍ୟତା ପବିତ୍ରଆତ୍ମାର ଏକ ଦାନ ଅଟେ, ଆଉ ଏଠାରେ ବିଟଲ୍ସ ତାହା କରୁଛନ୍ତି। ବୁଝିଲେ?

41 ଶୟତାନ ସେହି ଦାନଗୁଡିକ ମଧ୍ୟରୁ କୌଣସିଟି ନକଲ୍ କରିପାରେ। ଭୁତୁଡିଆ, ଯାଦୁକରମାନେ ପରଭାଷାରେ କଥା କହିପାରନ୍ତି ଓ ତାହାକୁ ବ୍ୟାଖ୍ୟା କରିପାରନ୍ତି। ବଣ ଜଙ୍ଗଲରେ, ଅନେକ ଥର ଜଣେ ଯାଦୁକର ପରଭାଷାରେ କଥା କହିବ, ଏକ ମାନବୀୟ ଖପୁରୀରୁ ରକ୍ତ ପାନ କରିବ, ଏବଂ ପରଭାଷାଗୁଡିକୁ ବ୍ୟାଖ୍ୟା କରିବ।

42 ଏରିଜୋନାରେ ଯେଉଁଠାରେକି ସେମାନଙ୍କର ଶସ୍ୟ ନୃତ୍ୟର ସେହି ପୁରୁଣା ଉତ୍ସବ ନୃତ୍ୟ ହୁଏ, ସେଠାକାର ଅଧିବାସୀ ଭାରତୀୟମାନେ ନିଜର ଚାରିପାଖେ ବଡ଼ ବଡ଼ ସାପଗୁଡିକୁ ଗୁଡାଇ ହୋଇଥାନ୍ତି ଯେତେବେଳେ ସେମାନେ ସେମାନଙ୍କର ଶସ୍ୟ ନିମନ୍ତେ ବର୍ଷା ପ୍ରେରଣ କର ବୋଲି ପରମେଶ୍ୱରଙ୍କୁ ନିବେଦନ କରିବାକୁ ଚେଷ୍ଟା କରୁଥାନ୍ତି। ସେମାନେ ଏହାକୁ ଶସ୍ୟ ନୃତ୍ୟ ବୋଲି କହିଥାନ୍ତି। ସେମାନେ ଶସ୍ୟର ଶୀଶାକୁ ନିଅନ୍ତି, ତାର ଚାରିଆଡେ ଏପରି କିଛି ରଖନ୍ତି, ଆଉ ଗୋଟିଏ ଛୋଟ ମେଘଟିଏ ନିର୍ମାଣ କରନ୍ତି, ଆଉ ସେମାନେ ନୃତ୍ୟ କରନ୍ତି। ପୁଣି ସେହି ଗୁଣୀଗାରୁଡି ଯାଦୁକର ନିଜର ମୁଣ୍ଡରେ ଶିଂଘଗୁଡିକ ସହ, ମଇଁଷୀ ଶିଂଘଗୁଡିକ ପିନ୍ଧି ବାହାରି ଆସେ। ଆଉ ସେମାନେ ତାଙ୍କର ଚାରିପଟେ ଏହି ବଡ଼ ବଡ଼ ସାପଗୁଡିକ ସହ ନୃତ୍ୟ।

କରନ୍ତି, ଏବଂ ଯାଦୁକରମାନେ ଓ ଧୂମ୍ରପାନ କରୁଥିବା ଅନେକେ ପୁଣି ଆଖପାଖରେ ଥିବା ସମସ୍ତ ବିଷୟଗୁଡିକ...ସେତେବେଳେ ସେମାନେ ଆଖପାଖରେ କୌଣସି ଶ୍ୱେତ ବ୍ୟକ୍ତିଙ୍କୁ ଆସିବାକୁ ଦିଅନ୍ତି ନାହିଁ, ମାତ୍ର ମୁଁ ସେମାନଙ୍କୁ ଦୂରବିକ୍ଷଣ ଯନ୍ତ୍ର ଦ୍ୱାରା ଦେଖିଅଛି, ଏବଂ ମୋର ଅନେକ ଭାରତୀୟ ବନ୍ଧୁମାନେ ଅଛନ୍ତି ଯେଉଁମାନେକି ସେମାଙ୍କର ନୃତ୍ୟଗୁଡିକୁ ଯାଇଥିଲେ; ଅବଶ୍ୟ, ସେମାନେ ସେହି ଜଣ ଅଟନ୍ତି ଯେଉଁମାନେକି ଖ୍ରୀଷ୍ଟିୟାନ ନୁହଁନ୍ତି । ଆଉ ସେମାନେ ଏହି ସାପଗୁଡିକୁ ଧରି ଏହି ଶସ୍ୟ ନୃତ୍ୟରେ ନାଚିଥାନ୍ତି । ଆଉ ତେବେ ଯାଦୁକର ଆସେ, ଓ ଛୁରୀରେ ନିଜକୁ କ୍ଷତ ବିକ୍ଷତ କରିପକାଏ, ଓ ସବୁକିଛି କରିପକାଏ, ଆଉ ଅବଶେଷରେ ସେମାନେ ଆତ୍ମାରେ ଆବିଷ୍ଟ ହୁଅନ୍ତି, ଓ ପରଭାଷାରେ କଥା କୁହନ୍ତି ଓ ତାହାକୁ ବ୍ୟାଖ୍ୟା କରନ୍ତି ।

43 ମୁଁ...ଆପଣଙ୍କୁ ସୀଧାସଳଖ ବର୍ତ୍ତମାନଠାରୁ ତିନି କିମ୍ବା ଚାରି ଘଣ୍ଟା ଭିତରେ ନେଇ ଯାଇପାରେ, ଯେଉଁଠାରେକି ଜଣେ ମାଧ୍ୟମ ଗୋଟିଏ ପେଂସିଲକୁ ମେଜ ଉପରେ ରଖି ଦେବ, ଓ ଏକ ଅଚେତ ଅବସ୍ଥାକୁ ପୁଣି ସମସ୍ତ ପ୍ରକାର ବିଷୟ ମଧ୍ୟକୁ ଚାଲିଯିବ, ଆଉ ନିଜର ହାତକୁ ହଲାଇବ; ତେବେ ସେହି ପେଂସିଲଟି ଉଠିବ ଓ ଅଜ୍ଞାତ ଭାଷାରେ ଲେଖିବ, ଏବଂ ସେହି ଯାଦୁକର ଛିଡା ହୋଇ ଆପଣଙ୍କୁ ତାହା କହିବ ଯାହାକି ଏହା ଲେଖିଲା ।

44 ତେବେ, ତାହା ପବିତ୍ରଆତ୍ମାର କୌଣସି ପ୍ରମାଣ ନୁହେଁ । ବୁଝିଲେ? ଆପଣ ତାହା ଉପରେ ନିର୍ଭର କରିପାରନ୍ତି ନାହିଁ । ଆପଣ ଆତ୍ମାର ଫଳ ଉପରେ ନିର୍ଭର କରିପାରନ୍ତି ନାହିଁ, କାରଣ ଆତ୍ମାର ପ୍ରଥମ ଫଳ ହେଉଛି ପ୍ରେମ । ଏବଂ ମୋର ଜାଣିବାରେ ଖ୍ରୀଷ୍ଟିୟାନ ବିଜ୍ଞାନ ଅନ୍ୟ କାହାରି ଅପେକ୍ଷା ସର୍ବାଧିକ ପ୍ରେମ ଆଚରଣ କରନ୍ତି, ଏବଂ ଏପରିକି ସେମାନେ ଯୀଶୁ ଖ୍ରୀଷ୍ଟ ଯେ ଦିବ୍ୟ ତାହା ସୁଦ୍ଧା ଅସ୍ୱୀକାର କରନ୍ତି । ବୁଝିଲେ? ପବିତ୍ରଆତ୍ମାର କେବଳ ଗୋଟିଏ ପ୍ରମାଣ ଅଛି ଯାହା ମୁଁ ଜାଣେ, ଆଉ ତାହା ହେଲା ସମୟର ପ୍ରତିଜ୍ଞାତ ବାକ୍ୟ ଉପରେ ଏକ ବିଶୁଦ୍ଧ ବିଶ୍ୱାସ!

45 ବର୍ତ୍ତମାନ, ସେହି ଯିହୂଦୀମାନେ ଆସନ୍ତି; ସେମାନଙ୍କ ପାଖରେ ଶିଷ୍ୟମାନଙ୍କ ଅପେକ୍ଷା ଅଧିକ ଧର୍ମର ବିଷୟ ଥିଲା । ସେମାନେ ଶିଷ୍ୟମାନଙ୍କ ଅପେକ୍ଷା ଅଧିକ ଉତମ-ତାଲିମ୍‌ପ୍ରାପ୍ତ ଲୋକ ଥିଲେ, କାରଣ ସେମାନେ ମାଛୁଆ, କରଗ୍ରାହୀ, ଏବଂ ଇତ୍ୟାଦି ଥିଲେ । ଆଉ ସେମାନେ ଯାହା କରୁଥିଲେ ସେଥିରେ ସେମାନଙ୍କର ବାସ୍ତବିକ ବିଶ୍ୱାସ ଓ ବିଶୁଦ୍ଧ ବିଶ୍ୱାସ ରହିଥିଲା । ବର୍ତ୍ତମାନ, ତେବେ ଧ୍ୟାନ ସହକାରେ ଶୁଣନ୍ତୁ; ଏଥିରୁ ବଞ୍ଚିତ ହୁଅନ୍ତୁ ନାହିଁ! ବୁଝିଲେ? ଯେତେବେଳେ ଏହା ଆତ୍ମାର ଫଳଗୁଡିକ ହେବାର ସମୟ ଆସିଲା, ନମ୍ର ଓ ଭଦ୍ର, ମୁଁ ଅନୁମାନ କରେ ଯେ ସେଠାରେ ଏପରି କେହି ଜଣେ ହେଲେ ଯାଜକ ନ ଥିଲେ ଯିଏକି ଯୀଶୁ ଖ୍ରୀଷ୍ଟଙ୍କଠାରୁ ଶ୍ରେଷ୍ଠ ଥିଲେ । ସେ ମନ୍ଦିରକୁ ଗଲେ, ଦଉଡି ବାନ୍ଧିଲେ, କ୍ରୋଧରେ ସେମାନଙ୍କୁ ଅନାଇଲେ, ଓ ସେମାନଙ୍କର ମେଜସବୁ ଓଲଟାଇ ଦେଲେ, ଆଉ ସେମାନଙ୍କୁ ଘଉଡାଇ ଦେଲେ । କଅଣ

ତାହା ଠିକ ଅଟେ? ବାଇବଲ କୁହେ ଯେ ସେ କ୍ରୋଧରେ ସେମାନଙ୍କୁ ଅନାଇଲେ । ବାଇବଲ ତାହା ବ୍ୟକ୍ତ କରେ । ତାହା ଅବିକଳ ଠିକ ଅଟେ ।

46 ତେଣୁକରି ଦେଖନ୍ତୁ, ସେହି ଯାଜକମାନେ ଭଦ୍ର, ନମ୍ର, ବୁଦ୍ଧିମାନ ଲୋକମାନେ ଥିଲେ । ଯେତେବେଳେ ତାହା ଆତ୍ମାର ଫଳ ବିଷୟରେ ଆସିଲା, ସେମାନେ ଯୀଶୁ କରିଥିବା ଅପେକ୍ଷା ଅଧିକ ଆତ୍ମାର ଫଳଗୁଡିକ ଦେଖାଇ ପାରିଥିଲେ । ଯେତେବେଳେ ତାହା ଈଶ୍ୱରତତ୍ତ୍ୱବିଦକୁ ଆସିଲା, ସେମାନେ ଜାଣି ନ ଥିଲେ...ଏପରି କେଉଁ ବିଦ୍ୟାଳୟ ଅଟେ ଯେଉଁଥିରୁ ସେ ଆସିଥିଲେ । "ଏହି ବ୍ୟକ୍ତି କେଉଁଠାରୁ ଆସିଲେ? ସେ କେଉଁଠାରୁ ଆସିଛନ୍ତି? ତାଙ୍କ ପାଖରେ କେଉଁ ସହଭାଗିତା କାର୍ଡ ଅଛି? ସେ କେଉଁ ସଂସ୍ଥାରୁ ଅଟନ୍ତି? ଆମେ ଜାଣି ନାହୁଁ ଯେ ସେ କେଉଁଠାରୁ ଆସିଛନ୍ତି । ସେ ତ ସମ୍ପୂର୍ଣ୍ଣଭାବେ କେବଳ ଜଣେ ବହିଷ୍କୃତ ବ୍ୟକ୍ତି ଥିଲେ ଯିଏକି ଅବୈଧ ଭାବେ ଜନ୍ମ ହୋଇଥିଲେ । କାହିଁକି, ଆମେ ତ ଅଳ୍ପ କିଛି ମିନିଟରେ ତାକୁ ନୀଚ କରିଦେବୁ ଓ ଆପଣଙ୍କୁ ବ୍ୟବସ୍ଥାରୁ ଦେଖାଇ ଦେବୁ ଯେ..." ଯେତେବେଳେ ଏହା ସେହି ବିଷୟକୁ ଆସିଲା, ସେମାନଙ୍କ ପାଖରେ ତାହା କରିବା ପାଇଁ ଏକ ଅଧିକାର ରହିଥିଲା ଯାହା ସେମାନେ କରିଥିଲେ । କାହିଁକି? କାରଣ ସେମାନେ ତାହା ଦେଖିବାରେ ବିଫଳ ହୋଇଥିଲେ ଯେ ସେ ସେହି ସମୟ ନିମନ୍ତେ ପ୍ରତିଜ୍ଞାତ ବାକ୍ୟ ଥିଲେ । କେବଳ ଗୋଟିଏ ମାତ୍ର ଉପାୟରେ ସେମାନେ ତାହା ଚିହ୍ନିଥିଲେ, ଯେତେବେଳେ ଯୀଶୁ ସେମାନଙ୍କୁ ଏହା କହିବା ଦ୍ୱାରା ବାକ୍ୟକୁ ପରିଚାଳନା କଲେ ଯେ ସେମାନଙ୍କ ହୃଦୟରେ କଅଣ ଅଛି, ସେମାନେ କଅଣ କରି ଆସିଥିଲେ...ପରମେଶ୍ୱର ବାକ୍ୟ ଅନୁସାରେ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ସେ ଯାହା କହିଥିଲେ ତାହା ଘଟିଥିଲା, ପ୍ରତ୍ୟେକ ବାକ୍ୟ, ପୁଙ୍ଖାନୁପୁଙ୍ଖ ବାକ୍ୟ ।

47 ସେ ପରମେଶ୍ୱରଙ୍କ ଭାବବାଦୀ, ସେବକ ଥିଲେ, ପରମେଶ୍ୱର ଭବିଷ୍ୟଦ୍‌ବକ୍ତା ଥିଲେ । ନୁହେଁ...ତାହା ତ ସେଠାରେ ପୂର୍ବରୁ ଥିଲା—ଥିଲା—ଥିଲା, ପରମେଶ୍ୱରଙ୍କ ଭାବବାଦୀ, ଏବଂ ଏହା ପରମେଶ୍ୱର ଭବିଷ୍ୟଦ୍‌ବକ୍ତା ଥିଲେ, ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ନୁହେଁ । ତାହା ତ ମଲାଖୀ, ଯିରିମିୟ, ଏବଂ ଯିଶାଇୟ, ଓ ଏଲିୟ, ଓ ଇତ୍ୟାଦି ଥିଲେ, ମାତ୍ର ଏହା ତ ପରମେଶ୍ୱର ଭବିଷ୍ୟଦ୍‌ବକ୍ତା ଥିଲେ, ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ନୁହେଁ । ବର୍ତ୍ତମାନ, କଅଣ ଆପଣମାନେ ତାହା ବୁଝିଲେ?

ସମସ୍ତ ଭବିଷ୍ୟଦ୍‌ବକ୍ତାମାନେ ଯିଏକି ଅଂଶ ଅଂଶରେ ତାହାଙ୍କର ଜୀବନକୁ ଚରିତ୍ରାର୍ଥ କରିଥିଲେ, ସେମାନଙ୍କର ଭାଗକୁ ନିଭାଇଥିଲେ, ମାତ୍ର ତାହାଙ୍କଠାରେ ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କର ପରିପୂର୍ଣ୍ଣତା ଥିଲା । ସେହି ଭବିଷ୍ୟଦ୍‌ବକ୍ତାମାନେ, ସଦାପ୍ରଭୁଙ୍କର ବାକ୍ୟ ସେମାନଙ୍କ ପାଖକୁ, ସେହି ଭବିଷ୍ୟଦ୍‌ବକ୍ତାମାନଙ୍କ ପାଖକୁ ଆସିଥିଲା, ମାତ୍ର ଏହା ତ ବାକ୍ୟ ଏବଂ ଭବିଷ୍ୟଦ୍‌ବକ୍ତା ଥିଲେ, ସେହି ସମାନ ବ୍ୟକ୍ତି । ବୁଝିଲେ?

48 ବର୍ତ୍ତମାନ, ତେବେ, ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ସେହିପରି ଭାବରେ ଗ୍ରହଣ କରିଥାଏ ଯେପରିକି ସେ ରହିଥାନ୍ତି, ସେତେବେଳେ ଆପଣ ଏହାକୁ ଜଣେ ବ୍ୟକ୍ତିତ୍ୱ ଭାବରେ

ଗ୍ରହଣ କରିପାରନ୍ତି ନାହିଁ...ବୁଝିଲେ? ବର୍ତ୍ତମାନ, ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ତେବେ, ମୁଁ ଜଣେ ଲୁଥରାନ୍ ଅଟେ।" ତେବେ, ତାହା ବିରୁଦ୍ଧରେ କିଛି ନାହିଁ, ମାତ୍ର ଉତ୍କ୍ରୋଶ ପକ୍ଷୀମାନେ ତାହା ଭୋଜନ କରନ୍ତି ନାହିଁ। ବୁଝିଲେ? ତାହା ତ ସେତିକି ଦୂର ଥିଲା ଯେତିକି ତାହା ହୋଇପାରେ; ତାହା ତ ସେହି ଦିନର ତାଜା ଭୋଜନ ଥିଲା।

"ମୁଁ ଜଣେ ୱେସ୍‌ଲିୟାନ୍ ଅଟେ।" ତାହା ଠିକ ଅଟେ, ମାତ୍ର ଆପଣ ପୁରୁଣା କାଳରେ ରହୁଛନ୍ତି। ବୁଝିଲେ?

ତେବେ, ସେହି ଲୋକମାନେ କହିଥିଲେ, "କାହିଁକି, ଆମ ପାଖରେ ତ ଆମର ପିତା ଅବ୍ରହାମ ଅଛନ୍ତି।"

ସେହି ଭବିଷ୍ୟତ୍‌ବକ୍ତା କହିଲେ, "ପରମେଶ୍ୱର ଏହି ପଥରମାନଙ୍କଠାରୁ ଅବ୍ରହାମ ନିମନ୍ତେ ସନ୍ତାନ ଉତ୍ପନ୍ନ କରିବାକୁ ଯୋଗ୍ୟ।" ବୁଝିଲେ?

"ଆମେ *ଏଥିରେ* ସମ୍ପୃକ୍ତ ଅଟୁ। ଆମେ *ସେଥିରେ* ସମ୍ପୃକ୍ତ ଅଟୁ।"

ତାହାର ଏଥି ସହିତ କିଛି ସମ୍ପର୍କ ନାହିଁ...ସେ କହିଲେ, "ତୁମେ ସର୍ପର ବଂଶ, କିଏ ତୁମକୁ କ୍ରୋଧରୁ ପଳାୟନ କରିବା ନିମନ୍ତେ ଚେତାବନୀ ଦେଲା? ଏହା କହିବାକୁ ଆରମ୍ଭ କର ନାହିଁ ଯେ, 'ଆମ ପାଖରେ ତ ଆମର ପିତା ଅବ୍ରହାମ ଅଛନ୍ତି,' କାରଣ ପରମେଶ୍ୱର ଏହି ପଥରମାନଙ୍କଠାରୁ ଅବ୍ରହାମ ନିମନ୍ତେ ସନ୍ତାନ ଉତ୍ପନ୍ନ କରିବାକୁ ଯୋଗ୍ୟ ଅଟନ୍ତି।" ବୁଝିଲେ?

49 ତେଣୁ ଜଣେ ଉତ୍ତମ-ତାଲିମପ୍ରାପ୍ତ ଇଶ୍ୱରତତ୍ତ୍ୱବିଦ୍ ହେବାର ଏହା ସହିତ କୌଣସି ସମ୍ପର୍କ ନ ଥିଲା। ଜଣେ ନମ୍ର ଓ ଭଦ୍ର ହେବାର ଏହା ସହିତ କୌଣସି ସମ୍ପର୍କ ନ ଥିଲା। ତାହାଙ୍କୁ କଅଣ ଭିନ୍ନ କରିଥିଲା? ସେ ତ ବାକ୍ୟ ଥିଲେ ଯାହାକି ଦେହବନ୍ତ ହୋଇଥିଲେ, ମୋଶାଙ୍କ ଦିନର ବାକ୍ୟ ନ ଥିଲେ, ମୋଶା ସେହି ଦିନ ନିମନ୍ତେ, ବାକ୍ୟ ଥିଲେ; ନୋହଙ୍କ ଦିନର ବାକ୍ୟ ନ ଥିଲେ, ନୋହ ସେହି ଦିନ ନିମନ୍ତେ ବାକ୍ୟ ଥିଲେ; ସେହି ଦିନ...ଏଲିୟଙ୍କ ଦିନର ବାକ୍ୟ ନ ଥିଲେ, ଏଲିୟ ସେହି ଦିନ ନିମନ୍ତେ ବାକ୍ୟ ଥିଲେ; ମାତ୍ର ସେ ତ ବର୍ତ୍ତମାନ କାଳର ବାକ୍ୟ ଥିଲେ, ଏବଂ ସେମାନେ ସେହି ପୁରାତନ କାଳରେ ବସବାସ କରୁଥିଲେ।

50 ସେହି ସମାନ ବିଷୟ ପୁନରାବୃତ୍ତି ହେଉଅଛି! ତାହା ପବିତ୍ରଆତ୍ମାର ପ୍ରମାଣ ଅଟେ, ଯେତେବେଳେ ପରମେଶ୍ୱର ଆପଣଙ୍କଠାରେ ପ୍ରକଟିତ କରନ୍ତି ଏବଂ ଆପଣ ଏହାକୁ ଦେଖନ୍ତି, **ସଦାପ୍ରଭୁ ଏହି କଥା କୁହନ୍ତି** ଆଉ ଏହାକୁ ଗ୍ରହଣ କରନ୍ତି। ଏହା ନୁହେଁ ଯାହାକି ଆପଣ ଅଟନ୍ତି, ଯାହା ଆପଣ ଥିଲେ, କିମ୍ବା ତାହା ବିଷୟରେ କିଛି ହେଲେ ନୁହେଁ, ଏହା ତ ତାହା ଅଟେ ଯାହା ପରମେଶ୍ୱର ଆପଣଙ୍କ ପାଇଁ ବର୍ତ୍ତମାନ କରିଛନ୍ତି। ସେଠାରେ ସେହି ପ୍ରମାଣ ଅଟେ।

51 ଯୀଶୁ କହିଲେ...ଯୋହନ 14 ରେ, ସେ ଆମମାନଙ୍କୁ ପବିତ୍ରଆତ୍ମାର ପ୍ରମାଣ ଦେଇଥିଲେ। ସେ କହିଲେ, "ମୋତେ ତୁମମାନଙ୍କୁ ଅନେକ କଥା କହିବାର ଅଛି। ମୋ ପାଖରେ ତାହା କରିବାର ସମୟ ନାହିଁ, ମାତ୍ର ଯେତେବେଳେ ପବିତ୍ରଆତ୍ମା ଆସିବେ, ସେ

ଆପଣଙ୍କୁ କହିବେ, ମୁଁ ଯେଉଁ ସବୁ କଥା କହିଅଛି ତାହା ତୁମର ସ୍ମରଣ କରାଇବେ, ଓ ପୁଣି ଆସିବାକୁ ଥିବା ବିଷୟଗୁଡିକୁ ଆପଣଙ୍କୁ ଦେଖାଇବେ।" କଅଣ ଆପଣ ଦେଖନ୍ତି ନାହିଁ କି? ସେଠାରେ ସେହି ପ୍ରମାଣ ଅଛି। ତାହା ତ ଭବିଷ୍ୟଦ୍‌ବାଣୀ କହିବା ଅଟେ ଓ ହେବା…ଲିଖିତ ବାକ୍ୟର ଦିବ୍ୟ ବ୍ୟାଖ୍ୟା ରଖିବା ଅଟେ। ତେବେ, କଅଣ ତାହା ଜଣେ ଭବିଷ୍ୟଦ୍‌ବକ୍ତାର ପ୍ରମାଣ ନୁହେଁ କି?

52 ବାଇବଲରେ ଜଣେ ଦର୍ଶୀ ଏପରି ଏକ ବ୍ୟକ୍ତି ଥିଲେ ଯିଏକି ଭବିଷ୍ୟଦ୍‌ବାଣୀ କହି ପାରୁଥିଲେ ଓ ତାହା ସିଦ୍ଧ ଭାବେ, ଅବିକଳ ଭାବେ, ଏପରି ନୁହେଁ ଯେ କେହି ଜଣେ ତାଙ୍କ ଉପରେ ହାତ ରଖୁଥିଲେ, ତାହା ତ ଏକ ଦାନ ଥିଲା। ଜଣେ ଭବିଷ୍ୟଦ୍‌ବକ୍ତା ପୂର୍ବରୁ ନିରୂପିତ ଅଟନ୍ତି ଓ ଏକ ଭବିଷ୍ୟତ୍‌ଦର୍ଶୀ ହେବା ନିମନ୍ତେ ଜନ୍ମ ହୋଇଥାନ୍ତି। ବୁଝିଲେ? ସମସ୍ତ ଜୀବନ ସେ ଜଣେ ଭବିଷ୍ୟଦ୍‌ବକ୍ତା ରହିଥାନ୍ତି, ତାହା ଏକ କାର୍ଯ୍ୟାଳୟ ଅଟେ। ସେହିଠାରେ ହିଁ ଅଟେ ଯେଉଁଠିକି ଲୋକମାନେ…

53 ଏଠାରେ ରହିଥିବା ଅନେକ ପ୍ରଶ୍ନଗୁଡିକ ତାହା ଉପରେ ଅଟେ: "ତେବେ, କଅଣ ସେହି କନ୍ୟା…?" "କଅଣ *ଏହା*…?" "ସେହି ମଣ୍ଡଳୀ ଏବଂ…" ବୁଝିଲେ? ସେମାନେ ଯାହା ଅଟନ୍ତି ଆପଣ—ଆପଣ ତାହା ବିଭକ୍ତ କରିପାରନ୍ତି ନାହିଁ। ସେହି କନ୍ୟା ତ ପରମେଶ୍ୱରଙ୍କ ମନୋନିତ ଅଟେ। ମଣ୍ଡଳୀ ତାହା ଦେଇ ଗତି କରେ…ସେମାନେ ହିଁ ଅଟନ୍ତି ଯିଏକି କୁହନ୍ତି, "ଯେଉଁମାନେ ଇଚ୍ଛା କରନ୍ତି, ସେମାନେ ଆସନ୍ତୁ।" ମାତ୍ର କନ୍ୟା ତ ପରମେଶ୍ୱରଙ୍କ ମନୋନିତ ଅଟେ।

54 ସେଠାରେ ପରମେଶ୍ୱରଙ୍କ ମନୋନିତ ପାଞ୍ଚୋଟି କାର୍ଯ୍ୟାଳୟ ଅଛି। "ଯେହେତୁ ପରମେଶ୍ୱର କେତେକଙ୍କୁ ପ୍ରେରିତ, ଭାବବାଦୀ, ଶିକ୍ଷକ, ପାଳକ, ସୁସମାଚାର ପ୍ରଚାରକ କରି ମଣ୍ଡଳୀରେ ସ୍ଥାପନ କରିଛନ୍ତି।" ପରମେଶ୍ୱର ତାହା କରିଛନ୍ତି। ମନୁଷ୍ୟ ପାଖରେ ଦୀକନ ଓ ଇତ୍ୟାଦି ରହିଛି, ଓ ସବୁକିଛି ରହିଛି, ମାତ୍ର ଆପଣ ଦେଖନ୍ତୁ, ମାତ୍ର ପରମେଶ୍ୱର ମଣ୍ଡଳୀର ସିଦ୍ଧିକରଣ ନିମନ୍ତେ ମଣ୍ଡଳୀରେ ତାହା ସ୍ଥାପନ କରିଛନ୍ତି;ତାହାକୁ ବିଭକ୍ତ କରିପାରନ୍ତି ନାହିଁ।

55 ତେବେ, ସେହି ପବିତ୍ରଆତ୍ମା, ଯେତେବେଳେ ସେ ଆସନ୍ତି, ତାହା ଆପଣଙ୍କ ନିମନ୍ତେ ଏକ ସାକ୍ଷ୍ୟ ଅଟେ (ବୁଝିଲେ?) ଯେ ଏହି ବାକ୍ୟ ଠିକ୍ ଅଟେ, ଆଜିର ନିମନ୍ତେ ବାକ୍ୟ, ଲୁଥର୍ ନିମନ୍ତେ ବାକ୍ୟ ନୁହେଁ, ମୋଶା ନିମନ୍ତେ, ସେହି ବାକ୍ୟ ନୁହେଁ। ଆମେ ତାହାର ସାକ୍ଷ୍ୟ ଅଟୁ ଯେ ଏହା ସତ୍ୟ ଅଟେ, ମାତ୍ର ତାହା ଅନ୍ୟ ଦିନ ଅଟେ।

56 ତେବେ, କଅଣ ହୁଅନ୍ତା ଯଦି ଯୀଶୁ ଆସନ୍ତେ ଓ କୁହନ୍ତେ, "ବର୍ତ୍ତମାନ, ଯେପରି ମୋଶା ଆସି ତୁମମାନଙ୍କୁ ମିସରରୁ ବାହାର କରି ନେଇଥିଲେ, ସେହିପରି ମୁଁ ମଧ୍ୟ ତୁମମାନଙ୍କୁ କୌଣସି ସ୍ଥାନକୁ ନେଇଯିବା ପାଇଁ ଆସିଅଛି"? କଅଣ ହୁଅନ୍ତା ଯଦି ସେ କୁହନ୍ତେ, "ଆସନ୍ତୁ କାମ କରିବାକୁ ଯିବା ଓ ଏକ ଜାହାଜ ନିର୍ମାଣ କରିବା। ମୁଁ—ମୁଁ ସଦାପ୍ରଭୁ ପରମେଶ୍ୱର ଅଟେ, ମୁଁ—ମୁଁ ବର୍ତ୍ତମାନ ଜଗତକୁ ପାଣିରେ ବୁଡାଇ ଦେବାକୁ ଯାଉଅଛି। ମୁଁ ଜଗତକୁ ପାଣିରେ

ବୁଡାଇ ଦେବାକୁ ଯାଉଅଛି, ସେସମସ୍ତଙ୍କୁ”? କାହିଁକି, ସେ ତ ବାହାରେ…ଦେଖନ୍ତୁ, ଶାସ୍ତ୍ର କେବେବି କହି ନାହିଁ ଯେ ସେ ସେହିପରି ଭାବରେ ଆସିବେ। ବୁଝିଲେ? ସେ ମଶୀହ ହୋଇ ନ ଥାଆନ୍ତେ। ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କେତେ ଜାହାଜ ନିର୍ମାଣ କଲେ, କିମ୍ବା ସେ ଯାହାକିଛି କଲେ। ସେ ତାଥାପି ନୁହଁନ୍ତି…ସେ ମଶୀହ ହେବା ନିମନ୍ତେ ଯୋଗ୍ୟ ହୋଇ ନ ଥାଆନ୍ତେ। ହାଲ୍ଲେଲୁୟା! ଆପଣ ସେଠାରେ ଅଛନ୍ତି! ଏହା ତ ଯୋଗ୍ୟତା ଅଟେ! ହଁ, ଆଜ୍ଞା!

57 ପ୍ରଥମ କରିନ୍ଥିୟ 13 ଏହା କୁହେ: “ଯେତେବେଳେ ସେହି ସିଦ୍ଧ ବିଷୟ ଆସିବ, ଯାହା ଆଂଶିକ ଅଛି ତାହା ଲୋପ ପାଇବ।” ତେଣୁକରି ଏକ ସାନ ପିଲା ପରି ଉପର ତଳ ଡେଇଁବାର ଏହି ସବୁ ଛୋଟ ଛୋଟ ବିଷୟମାନ, ପରଭାଷାରେ କଥା କହିବାକୁ ଚେଷ୍ଟା କରିବା, ଏବଂ ଏହି ସବୁ ଅନ୍ୟାନ୍ୟ ବିଷୟମାନ, ଯେତେବେଳେ ସେହି ସିଦ୍ଧ ବିଷୟ…ଆଉ ଆଜି ପରମେଶ୍ୱରଙ୍କ ସାହାଯ୍ୟରେ, ଆମ ପାଖରେ ତାହା ଅଛି, ଦିବ୍ୟ ସୁପ୍ରମାଣ ସହିତରେ ବାକ୍ୟର ସିଦ୍ଧ ବ୍ୟାଖ୍ୟା! ତାହାପରେ ଯାହା ଆଂଶିକ ଅଟେ ତାହା ଲୋପ ପାଇଯିବ। “ଯେତେବେଳେ ମୁଁ ଶିଶୁ ପରି ଥିଲି, ମୁଁ ଶିଶୁ ପରି କଥା କହୁଥିଲି, ମୁଁ ଶିଶୁ ପରି ବୁଝୁଥିଲି; ମାତ୍ର ଯେତେବେଳେ ମୁଁ ବୟୋଃପ୍ରାପ୍ତ ହେଲି, ମୁଁ ଶିଶୁତୁଲ୍ୟ ବିଷୟଗୁଡିକୁ ପରିତ୍ୟାଗ କଲି।” ଆମେନ୍! ମୁଁ ପ୍ରଚାର କରିବାକୁ ଲାଗେ ଆଉ ତାହାପରେ ଏହି ବିଷୟଗୁଡ଼ିକୁ ନେଇପାରେ ନାହିଁ।

**282. ଭାଇ ବ୍ରାନ୍‌ହାମ୍…**(କଅଣ ମୁଁ ତାହା ସମାପ୍ତ କଲି? କଅଣ ମୁଁ ପବିତ୍ରଆତ୍ମାର ବାପ୍ତିସ୍ମ ବିଷୟ ନେଲି…ହଁ, ଏହା ତ ତାହା ବିଷୟରେ ଥିଲା, କଅଣ ନ ଥିଲା କି? ଠିକ ଅଛି। ମୋତେ କ୍ଷମା କରିବେ, ଯଦି ମୁଁ ତାହା ନ ନେଇପାରେ, ତେବେ ମୋତେ କେବଳ କ୍ଷମା କରିଦେବେ। ମୁଁ…ଏହା ସବୁ ଏତେ ଅଦ୍ଭୁତ ପ୍ରଶ୍ନଗୁଡିକ ଅଟେ। ଆପଣ ଗୋଟିଏ ପ୍ରଶ୍ନ ଉପରେ ସମଗ୍ର ଗୋଟିଏ ରାତି ରହି ପାରିବେ, ଭାଇ, ଆଉ ତାହାପରେ ଏହାକୁ ସ୍ପର୍ଶ ସୁଦ୍ଧା କରିପାରିବେ ନାହିଁ।) **ମୁଁ ଆପଣଙ୍କୁ ଜଣେ ପରମେଶ୍ୱର ସେବାକ ଭାବେ ପ୍ରଶଂସା କରେ, ବିଶ୍ୱାସ କରେ…ଏବଂ ମୁଁ ସତ୍ୟର ବାର୍ତ୍ତାକୁ ବିଶ୍ୱାସ କରେ। ମୋର ପତ୍ନୀ ମୋତେ ଶୁଣନ୍ତି ନାହିଁ…କିଛି ବି କୁହନ୍ତି…ଏହି ବାର୍ତ୍ତା ବିଷୟରେ କିଛି ହେଲେ ବି କୁହନ୍ତି, ଓ କୌଣସି ଟେପ୍‌କୁ ଶୁଣନ୍ତି ନାହିଁ। ମୁଁ ମୋର କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଅଧୀର ସମସ୍ୟାରେ ଅଟେ। ମୁଁ ଚାହେଁ ଯେ ମୋର ପତ୍ନୀ ମଧ୍ୟ ବିଶ୍ୱାସ କରୁ ଏବଂ ମୋର ପିଲାମାନଙ୍କ ପାଇଁ ପ୍ରାର୍ଥନା କରିବେ। ଭାଇ ବ୍ରାନ୍‌ହାମ୍, ମୁଁ ପରମେଶ୍ୱରଙ୍କ ବନ୍ଧୁ ହେବାକୁ ଚାହେଁ…ମୁଁ ମୋର ଜୀବନରେ ପରମେଶ୍ୱରଙ୍କ ଇଚ୍ଛାରେ ରହିବାକୁ ଚାହେଁ। ମୁଁ ତାହାଙ୍କର ସେବକ ହେବାକୁ ଚାହେଁ।** (ଏବଂ ସେହି ବ୍ୟକ୍ତି **“ଶେଷରେ”** ହସ୍ତାକ୍ଷର କରନ୍ତି। ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ।) **ଯେତେବେଳେ ମୁଁ ସାନ ଥିଲି, ମୁଁ ସମସ୍ତଙ୍କୁ କହୁଥିଲି ଯେ ମୁଁ ଜଣେ ପ୍ରଚାରକ ହେବାକୁ ଚାହୁଁଛି। ମୁଁ ଜାଣେ ନାହିଁ ଯେ ପରମେଶ୍ୱର ମୋଠାରୁ କଅଣ ଚାହାଁନ୍ତି। ମୁଁ ପ୍ରଭୁଙ୍କ ନିମନ୍ତେ କିଛି ହେଲେ କରିବାକୁ ଇଚ୍ଛା କରେ। ପ୍ରଭୁଙ୍କଠାରେ ଆପଣଙ୍କର ଇତି।**

58 ତେବେ, ଗୋଟିଏ ଭଲ ପ୍ରଶ୍ନ। ଆଉ ସେହି ବ୍ୟକ୍ତି ନିଷ୍ଠାବାନ ଅଟନ୍ତି। ତାଙ୍କର ପତ୍ନୀ, ତାଙ୍କର ସାଥୀ ଯିଏକି ତାହାଙ୍କର ଏକ ଅଂଶ ଅଟନ୍ତି...କଅଣ ମୁଁ ଏଠାରେ କିଛି ଯୋଗ କରିପାରେ କି? ମୋର ଭାଇ, ମୁଁ ଏହାକୁ ପ୍ରଭୁଙ୍କ ନାମରେ କହେ। ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ, ପ୍ରଭୁଙ୍କର ଇଚ୍ଛା ହେଲେ, ମୁଁ ଭାବୁଛି ଯେ ମୁଁ ଯିବି ଓ *ବିବାହ ଓ ଛାଡପତ୍ର* ଉପରେ ସେହି ଟେପ୍ ପ୍ରସ୍ତୁତ କରିବି (ବୁଝିଲେ?), ତାହାକୁ ଠିକ ଏଠାରେ ଏହି ଆରାଧନାଳୟରେ ପ୍ରସ୍ତୁତ କରିବି। ଯଦି ତାହା ପୃଥକ୍ କରେ, ତାହାହେଲେ ଏହାକୁ ପୃଥକ୍ ହେବାକୁ ହିଁ ପଡିବ। ମାତ୍ର ଆମେ ଏହା ପ୍ରମାଣ କରିବାକୁ ଯାଉଅଛୁ ଯେ ତାହା ପ୍ରଭୁଙ୍କର ବାକ୍ୟ ଅଟେ।

59 ଦେଖନ୍ତୁ, ମୋର ଭାଇମାନେ। ଏହାକୁ ଧ୍ୟାନ ସହକାରେ ଶୁଣନ୍ତୁ। କଅଣ ଆପଣ ଜାଣନ୍ତି ଯେ ଆପଣ କେତେ ଥର ଏଠାରେ ଏହି ପୃଥିବୀରେ ଭୁଲ୍ ସାଥୀ ପାଇଥାଆନ୍ତି? କୌଣସି ବାଦାମୀ, କିମ୍ବା ନେଳି, କିମ୍ବା ଧୂସର ରଂଗର ଆଖି ଯୋଡା ଆପଣଙ୍କୁ ପ୍ରତାରିତ କରି ଏପରି ଏକ ସ୍ଥାନକୁ ନେଇଯାଏ ଯାହାକି—ଯାହାକି ଆପଣଙ୍କୁ ଶୁଣିବାର ଉଚିତ୍ ନ ଥିଲା। ଅନେକ ଲୋକ ତାହା ଅନୁଭବ କରନ୍ତି।

60 ଜଣେ ବ୍ୟକ୍ତି ଯିଏକି ବିବାହ କରିବାକୁ ଯାଉଛନ୍ତି ପ୍ରଥମେ ଏହା ନିକଟକୁ ପ୍ରାର୍ଥନା ସହ ଆସିବା କଥା। ଆପଣ ଜଣେ ସ୍ତ୍ରୀଲୋକକୁ ତାର ବାହ୍ୟ ସୁନ୍ଦରତା ଦେଖି ବାଛିବା ଉଚିତ୍ ନୁହେଁ, ମାତ୍ର ଅନ୍ତର ଭିତରେ ସୁନ୍ଦର ଦେଖି ବାଛିବା ଉଚିତ୍, ଏପରି ଜଣେ ଯିଏକି ଆପଣଙ୍କର ସନ୍ତାନର ମାତା ହେବେ।

61 ମୁଁ ଜାଣେ ଯେ ଜଣେ ସେବକ ପାଇଁ ପ୍ରଚାର ମଞ୍ଚରୁ ଏହାକୁ କହିବା ଅତି ସୁଖକର ନୁହେଁ। ମାତ୍ର ମୁଁ ପଶ୍ଚିମରେ ରହୁଥିବା ବେଳେ ଗୋରୁ ଗାଈ କିଣାଳି ଲୋକମାନଙ୍କ ସହିତ—ସହିତ ଯାଉଥିଲି। ଆମେ ପ୍ରଜନନକ୍ଷମ ଗୋରୁ ଗାଈ କିଣୁଥିଲୁ ଆଉ ସେମାନେ ଏକ ପଲ ଆରମ୍ଭ କରିବାକୁ ଇଚ୍ଛୁକ ଥିଲେ। ଆଉ ମୁଁ ସେଠାରେ ବହୁତ କିଛି ଶିଖିଲି ଯେ...ଯେତେବେଳେକି ମୁଁ ସେଠାରେ ନିଲାମୀ କରୁଥିବା ଲୋକମାନଙ୍କୁ ଓ ବିଭିନ୍ନ ବିଷୟଗୁଡିକୁ, ସେହି କିଣାଳି ଲୋକମାନଙ୍କୁ ଦେଖିଲି ଯାହା ସେମାନେ କରୁଥିଲେ। ମୁଁ ଜଣେ ବୃଦ୍ଧ ବ୍ୟକ୍ତି ସହ ଯାଉଥିଲି, ଯିଏକି ଏଠାରେ ମୋ ସହିତ ଗୀର୍ଜାକୁ ଆସୁଥିଲେ, ଆଉ ମୁ ତାଙ୍କୁ ଖ୍ରୀଷ୍ଟଙ୍କ ପାଖକୁ କଢେଇ ନେଇଥିଲି, ଆରମ୍ଭରେ ଜଣେ ବିଶୁଦ୍ଧ ନାସ୍ତିକ ଥିଲେ, ଶ୍ରୀମାନ ଜେଫ୍ରେରେଜ୍। ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ତାଙ୍କର ମନେ ଥିବ, କଲୋରାଡୋରୁ ଆସିଥିବା ଜଣେ ପଶୁ ଆରକ୍ଷୀ। ଆମେ ଯାଉ, ଆଉ ସେମାନେ ଆସନ୍ତି...ଗୋଟିଏ ଗାଈ।

ମୁଁ ଦେଖିଲି ଯେ ଗୋଟିଏ ଦିନ ଏକ ଛୋଟ ପ୍ରଜନନ ବାଛୁରୀ ଏଗାର ହଜାର ଡଲାର ଟଙ୍କାରେ ବିକ୍ରୟ ହେଲା, କେବଳ ଗୋଟିଏ ଛୋଟ ବାଛୁରୀ; ସେ ସେତେବେଳେ ସୁଦ୍ଧା ପ୍ରଜନନ ହୋଇ ନ ଥିଲା। ଆଉ ମୁଁ କହିଲି...ଏବଂ ଜେଫ୍ କହିଲେ, "ଯଦି ମୋ ପାଖରେ ଟଙ୍କା ଥାଆନ୍ତା, ତାହାହେଲେ ମୁଁ ଏହାକୁ ସେହି ବାଛୁରୀ ଉପରେ ଲଗାଇ ଥାଆନ୍ତି।

ଆଉ ମୁଁ ଭାବିଲି, "ତେବେ, ସେ ଜଣେ ପଶୁ ଆରକ୍ଷୀ ଅଟନ୍ତି; ସେ ନିଜର କାମ ବୁଝନ୍ତି ।" ମୁଁ କହିଲି, "ଜେଫ୍, କାହିଁକି ତୁମେ...ତାର କି ଯୋଗ୍ୟତା ଅଟେ? ସେ ଏକ ହେର୍ଫୋର୍ଡ ପ୍ରଜାତି ଅଟେ । ସେହି ଗୋଟିକ ଯାହାକି ଅଳ୍ପ ସମୟ ପୂର୍ବରୁ ତିନି ଶହ ଡଲାରରେ ବିକ୍ରୟ ହେଲା, ମୋତେ, ଗୋଟିଏ ଅଧିକ ବଡ ବାଛୁରୀ ଓ ସବୁକିଛି ପରି ଦେଖାଗଲା ।"

62 ସେ କହିଲେ, "ଦେଖ, ବିଲି, ଗୋଟିଏ ବିଷୟ ଅଛି ଯାହା ତୁମେ ଗାଈ ଗୋରୁ କିଣିବା ବିଷୟରେ ବୁଝି ନ ଥାଅ ।" କହିଲେ, "ମୁଁ ଭାବୁଛି ଯେ ତୁମେ ତୁମର ରାସ୍ତାକଡ ପ୍ରଚାରକୁ ଧରି ରଖିଥାଅ ।" ମାତ୍ର କହିଲେ, "ତୁମେ ଗାଈ ଗୋରୁ ବିଷୟରେ ବୁଝ ନାହିଁ ।" ସେ କହିଲେ, "ଦେଖ, ସେଠାରେ ସେହି ବାଛୁରୀକୁ ଦେଖ ।" ଆମେ ସେଠାକୁ ଗଲୁ । କହିଲେ, "କଅଣ ତାର ଆଖିରେ ସେହି ଜଙ୍ଗଲୀ ଚାହାଁଣୀକୁ ଦେଖୁଛ?"

ମୁଁ କହିଲି, "ହଁ ।"

କହିଲେ, "ତାର ଛୁଆମାନେ, ଓ ତାର ନାତି ନାତୁଣୀମାନେ, ପୁଣି ତାର ଅଣ, ଅଣ, ନାତି ନାତୁଣୀମାନେ ମଧ୍ୟ ସୁଦ୍ଧା ସେହି ଜଙ୍ଗଲୀ ଚାହାଁଣୀକୁ ରଖିଥିବେ ।" ଏବଂ କହିଲେ, "ସେମାନେ ନିଜକୁ ଦରିଦ୍ର କରି ପକାଇବେ । ସେମାନେ କେବେବି ନିଜର ଛୁଆମାନଙ୍କର ମାତା ହେବେ ନାହିଁ ।" ଏବଂ କହିଲେ, "ଆପଣ ସେମାନଙ୍କୁ କେବେ ହୃଷ୍ଟପୃଷ୍ଟ କରାଇପାରିବେ ନାହିଁ; ସେମାନଙ୍କର କେବେ ଭଲ ମାଂସ ବାହାରିବ ନାହିଁ ।" ସେ କହିଲେ. "ଏଠାରେ ବିକ୍ରୟ କରାଯାଉଥିବା ଏହି ସାନ ବାଛୁରୀକୁ ଦେଖ । ଦେଖନ୍ତୁ ସେ କେତେ ଭଦ୍ର ଦିଶେ । ତାର ମୁଖମଣ୍ଡଳରେ ସେହି ଶାନ୍ତିମୟ ଚାହାଁଣୀକୁ ଦେଖ, ସେହି ଦୟାବନ୍ତ ଚାହାଁଣୀକୁ, ତାର ଆଖିରେ କୌଣସି ଜଙ୍ଗଲୀ ଚାହାଁଣୀ ନାହିଁ ।" କହିଲେ, "ସେ ତାର ବାଛୁରୀ ପାଇଁ ଏକ ବାସ୍ତବିକ ମାତା ହେବ; ଏବଂ ତାର ଛୁଆର ଛୁଆ, ଓ ଛୁଆର ଛୁଆ ସେହି ପ୍ରକାରେ ହେବା ଜାରି ରଖିବେ ।" ଏବଂ କହିଲେ, "ସେମାନେ ସମସ୍ତେ ମାତା ହେବେ, ଯଦି ସେମାନେ ସେହି ବାଛୁରୀ ନିମନ୍ତେ ସଠିକ୍ ପ୍ରକାରର ଏକ ପ୍ରଜନନକ୍ଷମ ଷଣ୍ଢ ପାଇପାରନ୍ତି (ବୁଝିଲେ?), ଯାହାକି ସେମାନର ସନ୍ତାନମାନଙ୍କୁ ଆଣିବ । ମାତ୍ର ତାର ମୁଖମଣ୍ଡଳରେ ସେହି ଜଙ୍ଗଲୀ ଚାହାଁଣୀ ସଦାବେଳେ ଏକ ଦରିଦ୍ର ଗୋରୁପଲ ପ୍ରସ୍ତୁତ କରିବ, ଯଦି ଜଣେ ବ୍ୟକ୍ତି ଗାଈଗୋରୁ କିଣିବାକୁ ଚେଷ୍ଟା କରୁଛନ୍ତି ।"

ମୁଁ କହିଲି, "ହଁ, ଶ୍ରୀମାନ! ଧନ୍ୟବାଦ ।"

63 ଆଉ ସେହି ସମାନ ବିଷୟ ସ୍ତ୍ରୀଲୋକ ଉପରେ ମଧ୍ୟ ପ୍ରଯୁଜ୍ୟ ହୁଏ । ଆପଣ ସେହି ରଙ୍ଗ-ପୋତିଥିବା ମୁଖମଣ୍ଡଳ ଓ ଜଙ୍ଗଲୀ-ଚାହାଁଣୀ ମଧ୍ୟରୁ ଜଣକାକୁ ନିଅନ୍ତୁ, ଯିଏକି କୌଣସି ଗୋଟିଏ ପଶୁ ପରିକା ଦେଖାଯାଏ, ଯିଏକି ଆପଣାକୁ ଜଣେ ମାନବଠାରୁ ପୃଥକ୍ କୁରୂପ କରିବାକୁ ଚେଷ୍ଟା କରେ, ସେ କେବେ ହେଲେ କିଛି ହୋଇପାରିବ ନାହିଁ । ସେ ସମସ୍ତ ସମୟ ପଳାୟନ କରୁଥିବ । ଆଉ ଖ୍ରୀଷ୍ଟିୟାନ ଧର୍ମ ବାହ୍ୟରେ ସୁନ୍ଦରତା ବିଷୟ ନୁହେଁ, ତାହା ତ ଭିତରେ ସୁନ୍ଦରତା ଅଟେ: ଶାନ୍ତି, ନୀରବତାର, ଆପଣାକୁ ଏକ ଶାନ୍ତିମୟ, ଶାନ୍ତ ଆତ୍ମାରେ

ବସ୍ତ୍ରାନ୍ୱିତ କରିଥାଏ, ଯାହାକି ପ୍ରଭୁଙ୍କ ସମ୍ମୁଖରେ ବହୁମୁଲ୍ୟ ଅଟେ। ତାହାହିଁ ଅଟେ ଯାହାକି ଆମେ ସ୍ତ୍ରୀମାନଙ୍କରେ, ଏବଂ ପୁରୁଷମାନଙ୍କରେ ଦେଖିବାକୁ ଚାହୁଁ, ପୁଣି ତାହା ଯେକେହି ବି ହୋଇଥାଉ। ତେବେ...

**୨୪୩. ଭାଇ ବ୍ରାନ୍‌ହାମ୍: ପ୍ରଶ୍ନ: କଅଣ ଜଣେ ଖ୍ରୀଷ୍ଟିୟାନ ସ୍ତ୍ରୀଲୋକଙ୍କୁ ସାଧାରଣ ଅଳଙ୍କାର, ଯେମିତିକି ହାର କିମ୍ବା ମୁକ୍ତା ପିନ୍ଧିବା ଉଚିତ୍ କି?**

64 ତେବେ, ଭଉଣୀ, ମୁଁ ଜାଣେ ଯେ ଏହା ଆପଣଙ୍କ ପାଇଁ ବହୁତ ଅଧିକ ମହତ୍ତ୍ୱ ଅଟେ, ଆଉ ତାହା ମୋ ପାଇଁ ମଧ୍ୟ ବହୁତ ଅଧିକ ମହତ୍ତ୍ୱ ରଖେ ଯେ ଆପଣ ମୋ ଉପରେ ଭରସା ରଖନ୍ତି ଯେ ମୁଁ ଆପଣଙ୍କୁ ସତ୍ୟ କହିବି। ତେବେ, ମନେ ରଖନ୍ତୁ, ବାଇବଲ କୁହେ ଯେ, "ଯେତେବେଳେ ଆପଣ ପରିଧାନ କରନ୍ତି, ବହୁମୁଲ୍ୟ ଅଳଙ୍କାର, ଓ ମଣି ମୁକ୍ତା ସହିତ—ସହିତ ପରିଧାନ କରନ୍ତୁ ନାହିଁ, ଏବଂ ସବୁ ପ୍ରକାର ଅଳଙ୍କାର ପରିଧାନ କରନ୍ତୁ ନାହିଁ, ମାତ୍ର ତାହା ଏକ ଶାନ୍ତିର, ଓ ଶାନ୍ତ, ଏବଂ ବିନମ୍ର ଆତ୍ମାର ଅଳଙ୍କାର ହେଉ (ଯାହାକି ମୁଁ ବର୍ତ୍ତମାନ ହିଁ ଉଦ୍ଧୃତ କଲି), ଯାହାକି ପ୍ରଭୁଙ୍କା ସମ୍ମୁଖରେ ଏକ ମହାନ ମୁଲ୍ୟ ଅଟେ।"

65 ବର୍ତ୍ତମାନ, ଭଉଣୀ, ମୋର କହିବାର ଅର୍ଥ ତାହା ନ ଥିଲା, ଯେ ଯଦି ଆପଣଙ୍କର ଗୋଟିଏ ପିନ୍ କଣ୍ଟା ଅଛି...ତେବେ, ତାହା ମୁଁ କୁହେ ପ୍ରଭୁ ନୁହଁନ୍ତି। ଯଦି ଆପଣଙ୍କ ପାଖରେ ଗୋଟିଏ ପିନ୍ କଣ୍ଟା ଅଛି ଯାହା ଆପଣ ଲଗାଇବାକୁ ଚାହାଁନ୍ତି, କିମ୍ବା ଏକ ସାନ ଗଳାର ହାର ଯାହାକି ଆପଣଙ୍କର ସ୍ୱାମୀ ଆପଣଙ୍କୁ ଦେଇଛନ୍ତି, କିଅବା ହୋଇପାରେ ଯେ ଆପଣଙ୍କର...ସେହିପରି କିଛି ଯାହାକି ଆପଣ ପରିଧାନ କରନ୍ତି, ତେବେ, ମୋ ପାଇଁ, ମୁଁ ଭାବେ ନାହିଁ ଯେ ତାହା ଖରାପ ଅଟେ। ତେବେ, ତାହା କେବଳ ମୁଁ ଅଟେ। ବର୍ତ୍ତମାନ ମନେ ରଖନ୍ତୁ, ମୁଁ ନିଜକୁ ସ୍ପଷ୍ଟ କରୁଛି; ତାହା ମୋର ମତ ଅଟେ। ମାତ୍ର ମୁଁ ଭାବେ ଯେ ଏହାହିଁ ତାହା ପାଖକୁ ଯିବାର ମାର୍ଗ ଅଟେ; ଏହି ପ୍ରକାରେ ହିଁ ଆପଣ ତାହାକୁ କରନ୍ତି। ବୁଝିଲେ? ଏହା ତ ସେହି ଉଦ୍ଦେଶ୍ୟ ଅଟେ ଯାହାକି ତାହାର ପଛରେ ଥାଏ। ଆଉ ଯେତେବେଳେ ଆପଣ ଦେଖନ୍ତି ଯେ ତାହା ଆପଣଙ୍କ ଉପରେ ଅଧିକାର କରୁଅଛି, ସେତେବେଳେ ଆପଣ ସେହି ବିଷୟକୁ ଛାଡି ଦିଅନ୍ତୁ। ମାତ୍ର ମୁଁ ଭାବେ ଯଦି ଆପଣ ନିଜର ବିବାହ ମୁଦ୍ରିକା ପିନ୍ଧନ୍ତି...

66 ବର୍ତ୍ତମାନ, ମୁଁ ଜାଣେ ଯେ ଆପଣ ନାଜରିନ୍ ଲୋକମାନେ, ଏହା ଏପରି ହେଉଥିଲା ଯେ ଆପଣମାନେ ଏପରିକି ଜଣେ ସ୍ତ୍ରୀଲୋକକୁ ତାର ବିବାହ ମୁଦ୍ରିକା ପିନ୍ଧିଥିବା ଯୋଗୁ ବାପ୍ତିସ୍ମ ସୁଦ୍ଧା ଦେଉ ନ ଥିଲେ। ବୁଝିଲେ? ମୁଁ—ମୁଁ ଭାବେ ନାହିଁ ଯେ, ତାହା ଏତେ ଆବଶ୍ୟକ ଅଟେ। ବାଇବଲରେ ସେମାନେ ବିବାହ ମୁଦ୍ରିକା ପିନ୍ଧୁଥିଲେ, ସେତେବେଳେ ତାହାକୁ ସେମାନେ ମଥା ମଣି ବୋଲି କହୁଥିଲେ, ସେମାନଙ୍କର ମସ୍ତକର ଚାରିଆଡେ ପିନ୍ଧୁଥିଲେ, ସେଥିରେ ନଅଟି ମୁଦ୍ରା ରହୁଥିଲା। ମାତ୍ର ମୁଁ...ଏହା ଦେଖାଇବା ପାଇଁ ଯେ ସେମାନେ ବିବାହିତ ଥିଲେ। ତେବେ, ମୁଁ ଭାବେ ଯେ ତାହା ଠିକ ଅଟେ।

67 ଯଦି ସ୍ତ୍ରୀଲୋକମାନେ ପୋଷାକ ପିନ୍ଧିବାକୁ ଓ—ଓ ଆପଣାକୁ ଭଦ୍ର, ଉତ୍ତମ, ମହିଳାପରି ଦେଖାଇବାକୁ ଚାହାଁନ୍ତି, କାହିଁକି, ମୁଁ ଭାବେ ଯେ ମୋ ପାଇଁ, ସେଥିରେ ଗୋଟିଏ ହେଲେ ବିଷୟ ନାହିଁ । ମାତ୍ର ଯେତେବେଳେ ଆପଣ ସେହି ଜିନିଷକୁ ପିନ୍ଧି କିଛି ଟିକେ ଗର୍ବର ବିଷୟ ବୋଲି ମନେ କରନ୍ତି, ସେତେବେଳେ ଆପଣ ଭୁଲ୍ ଅଟନ୍ତି । ତାହା ଆପଣଙ୍କର ମନୋଭାବ ଅଟେ ।

68 କଅଣ ଆପଣ ମହିଳାମାନଙ୍କର ତାହା ମନେ ଅଛି ଯାହାକି ଅଳ୍ପ ଦିନ ପୂର୍ବେ ଏଠାରେ ସେମାନଙ୍କର ରହିଥିଲା ଯାହାକୁ ସେମାନେ "ନିନ୍ଦନୀୟ ସ୍କର୍ଟ" ବୋଲି କହିଥିଲେ? ମୁଁ ଭାବୁଛି ସେମାନେ ପୁଣି ଥରେ ନେଇ କରି ଆସୁଛନ୍ତି, କିମ୍ବା ସେମାନଙ୍କ ପାଖରେ ଆହୁରି ମନ୍ଦ ବିଷୟ ଅଛି । ହେଉ…ହଁ, ସେଗୁଡିକ, ତେବେ, "ନିନ୍ଦନୀୟ" ବଦଳରେ, "ଅଧିକ ନିନ୍ଦିତ" ଅଟେ । ମାତ୍ର ସେମାନଙ୍କର ଅଳ୍ପ ଦିନ ତଳେ ଏକ ନାଟକ ହେଉଥିଲା…ସେଥିରେ ଝିଅମାନେ ଥିଲେ, ଯୁବା ସ୍ତ୍ରୀଲୋକମାନେ…ପୁଣି ଅବଶ୍ୟ, ସେହି ବୃଦ୍ଧମାନେ ମଧ୍ୟ ତାହା କରିଥାନ୍ତି, କାରଣ ସେମାନେ ସମସ୍ତେ ଯୁବା ହେବାକୁ ଚାହାଁନ୍ତି । ମୋର କହିବାର ଅର୍ଥ ଆପଣ ଭଉଣୀମାନେ ମୁହଁନ୍ତି, ମୋର ତାତ୍ପର୍ଯ୍ୟ ଜଗତର ମହିଳାମାନେ ଅଟନ୍ତି । ଆଉ ସେମାନେ ନିଜର—ନିଜର ସ୍କର୍ଟକୁ ଏତେ ଉଚ୍ଚରେ କାଟନ୍ତି, ପ୍ରତ୍ୟେକ ଥର ଗୋଟିଏ ଫୁଟ୍ ଉଚ୍ଚ, ତାହାପରେ କିଛି ଗୋଟିଏ ଆନ୍ତରିକ ବସ୍ତ୍ର ପିନ୍ଧନ୍ତି ଓ ସୁନ୍ଦର ଦିଶନ୍ତି । ଆଉ ଯେତେବେଳେ ସେମାନେ ପାଦେ ଚାଲନ୍ତି, ସେତେବେଳେ ତାହା ସେହି ଆନ୍ତରିକ ବସ୍ତ୍ରଟିକୁ ଲେଶରେ, ଓ ଜାଲି କପଡାରେ ବନ୍ଧା ହୋଇଥିବାର ଦିଶିଥାଏ, କିମ୍ବା ତାହା ଯାହାକିଛି ବି ଅଟେ । ଯାହାକି, ଆପଣମାନେ ଜାଣନ୍ତି…

69 ସେଠାରେ ମୋ ପାଖକୁ ଜଣେ—ଜଣେ ଝିଅ ଆସିଥିଲା, ଯିଏକି ଏକ ମଦ୍ୟପ ଥିଲା, ଅଳ୍ପ ଦିନ ହୋଇଥିଲା ପବିତ୍ରଆତ୍ମା ପାଇଥିଲା । ସେ ଆସେମ୍ବଲିଜ ଅଫ ଗଡ ସହ ସମ୍ପୃକ୍ତ ଥିଲା, ଏବଂ ତାହା ଇଣ୍ଡିୟାନାର, ଫୋର୍ଟ ୱେୟନ୍‌ଠାରେ ଥିଲା, ଯେଉଁଠାରେ ମୋର ବିବାହ ହୋଇଥିଲା । ଏବଂ ସେ ମୋ ପାଖକୁ ଆସିଲା, ଜଣେ ସାନ ଉତ୍ତମ ମହିଳା, ଆଉ ସେ କହିଲା, "ଭାଇ ବ୍ରାନ୍‌ହାମ୍, ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ ।"

ମୁଁ କହିଲି, "ଠିକ ଅଛି, ଭଉଣୀ, ତାହା କଅଣ?"

ସେ କହିଲା, "କଅଣ ଆପଣ ଜଣେ ଝିଅକୁ—ଜଣେ ଖ୍ରୀଷ୍ଟିୟାନ ଝିଅକୁ ଏକ 'ନିନ୍ଦନୀୟ ସ୍କର୍ଟ' ପିନ୍ଧିଥିବାର ଭୁଲ୍ ବୋଲି ଭାବନ୍ତି?"

ମୁଁ କହିଲି, "ଭଉଣୀ, ଏହି ଗୋଟିଏ ବିଷୟ ମୁଁ—ମୁଁ ବୁଝେ ନାହିଁ । ଏକ 'ନିନ୍ଦନୀୟ ସ୍କର୍ଟ' କଅଣ ଅଟେ?" ଆଉ ସେ ମୋତେ ବୁଝାଇଲା ଯେ ତାହା କଅଣ ଥିଲା । ମୁଁ…

ସେ କହିଲା, "ତାହା ଆନ୍ତରିକ ସ୍କର୍ଟକୁ ଦେଖାଏ ।"

70 ମୁଁ କହିଲି, "ଜଣେ ସ୍ତ୍ରୀଲୋକ ଭିତରେ ଏପରି କଅଣ—କଅଣ ଅଛି ଯେ ସେ କୌଣସି ଜଣେ ପୁରୁଷକୁ ତାର ଆନ୍ତରିକ ବସ୍ତ୍ରକୁ ଦେଖାଇବାକୁ ଚାହିଁବ? କଅଣ କରାଏ…ଜଣେ ଖ୍ରୀଷ୍ଟିୟାନ ଝିଅର ଏପରି କଅଣ—କଅଣ ବେପାର ଅଛି ଯେ ସେ ସେପରି ଏକ କାର୍ଯ୍ୟ

କରିବାକୁ ଯିବ? କଅଣ ଆପଣ ଜଣେ ଖ୍ରୀଷ୍ଟିୟାନକୁ ସେହିପରି ଏକ କାର୍ଯ୍ୟ କରୁଥିବାର ଅନୁମାନ କରିପାରନ୍ତି?"

71 ତେବେ, ଦେଖନ୍ତୁ, ଜଣେ ବ୍ୟକ୍ତି, ତାହାଠାରେ ଏପରି କିଛି ଅଧିକ ନାହିଁ ଯେତେବେଳେ ଏହା ଏକ ଶରୀର ବିଷୟ ଆସେ। ଏବଂ ସେ, ଯଦି ସେ ଅର୍ଦ୍ଧ ନଗ୍ନ ହୋଇ ବାହାରେ, ତେବେ ତାହା—ସେଥିରେ କୌଣସି ନିନ୍ଦାର ବିଷୟ ହୁଏ ନାହିଁ। ପୁରୁଷ ସପକ୍ଷରେ ନୁହେଁ, ମାତ୍ର ସେମାନେ...ଆପଣ ଜାଣନ୍ତି ଯେ—କେଉଁ ପ୍ରକାରର ଏକ ସ୍ତ୍ରୀଲୋକ ଏପରି ଜଣେ ପୁରୁଷ ଦ୍ୱାରା ପ୍ରଲୋଭିତ ହେବ ଯିଏକି ଉପରେ କାମିଜ ପିନ୍ଧି ନ ଥାଏ ଏବଂ କେବଳ ସାନ ପେଣ୍ଟ ପିନ୍ଧିଥାଏ କିମ୍ବା ସେ ଯାହାକିଛି ବି ପିନ୍ଧିଥାଏ? ସେହି ବଡ ପୁରୁଣା କଠୋର-ଦିଶୁଥିବା ବିଷୟ, ତାହା ଦୁର୍ବଳ ଓ ରୋଗା ଦିଶୁଥିଲା, ମୁଁ...ଭୟାନକ। ଏଠାରେ ଏହି ପୁରୁଷମାନଙ୍କୁ ଦେଖନ୍ତୁ... ତେବେ, ମୁଁ ଭାବେ ଯେ ସେହିପରି ଏକ ବିଷୟକୁ ଦେଖିବା ଜଣେ ସ୍ତ୍ରୀଲୋକକୁ ବାନ୍ତି କରି ପକାଇବ। ଯଦି ତାହାର...ମାତ୍ର ବର୍ତ୍ତମାନ, ଆପଣ ଜଣେ ସ୍ତ୍ରୀଲୋକକୁ ନିଅନ୍ତୁ ଓ ତାକୁ ସେହିପରି ଭାବରେ ରଖନ୍ତୁ, ତାହା ଏକ ଭିନ୍ନ ମନ୍ଦିର ଅଟେ। କଅଣ ଆପଣ ବୁଝିଲେ? ଠିକ ଅଛି।

72 ମାତ୍ର ମୁଁ ଭାବୁଛି ଯେ ଯେତେ ଦୂର ଏହା ଏକ ଗଳାର ହାର ଅଟେ, କିମ୍ବା...ତେବେ, ଯଦି ଆପଣ ନିଜକୁ ସେହିପରି ଭାବରେ ଲଦି ଦେବାକୁ ଯାଆନ୍ତି ଯେପରିକି ଆପଣ ଏଠାରେ ତଳେ ଟେନ୍-ସେଣ୍ଟ ଷ୍ଟୋରକୁ ନିଜ ଉପରେ ଗୋଟିଏ ଚୁମ୍ବକ ରଖିକରି ଯାଆନ୍ତି, ମୁଁ—ମୁଁ ଭାବୁଛି ଯେ...ତାହା କ୍ଷମା କରିବେ, ମୋର କହିବାର ତାହା ତାତ୍ପର୍ଯ୍ୟ ନ ଥିଲା, ମାତ୍ର ତାହା—ତାହା ଭୁଲ୍ ଅଟେ।

73 ଯଦି କୌଣସି ବିଷୟ ପ୍ରଥମ ଥର ପାଇଁ ମୋ ନିଜ ବିରୁଦ୍ଧରେ ଆସିଥିଲା...ମୋତେ ଆମେରିକା ବିଷୟରେ ଲଜ୍ଜିତ କରିଥିଲା, ତାହା ଥିଲା...ଦିନେ ମୁଁ ସ୍ୱିଜରଲାଣ୍ଡରେ ଥିଲି, ଆଉ ଭାଇ ଆର୍ଗନ୍‌ବ୍ରାଇଟ ଓ ମୁଁ ଲସାନ୍ ସହରରେ ଏକ ଉତ୍ତମ ସ୍ଥାନଟିଏ ପାଇଥିଲୁ ଯେଉଁଠାରେକି ଆମେ ପ୍ରାୟଃ ଏତେ ବଡ଼, ଗୋଲ, ଉତ୍ତମ ମାଂସ ପୋଡା ପାଇଥିଲୁ, ଯାହାର ଓଜନ ପାଖାପାଖି ସାଢ଼େ-ତିନି ଶହ ଗ୍ରାମ ଥିଲା, ମୁଁ ଭାବୁଛି, ଆମେରିକୀୟ ଟଙ୍କାରେ ପ୍ରାୟଃ ତିରିଶ ପଇସା ହେବ। ଓଃ, ଆମେ ରାଜାମାନଙ୍କ ଭଳି ରହୁଥିଲୁ! ସବୁ ଦିନ ଆମେ ସେଠାକୁ ଯାଉଥିଲୁ। ଆଉ ସେଠାରେ ସେମାନେ ସମସ୍ତେ ମଦ ପିଉଥିଲେ, ଆପଣ ଜାଣନ୍ତି; ସେମାନଙ୍କର ପାଣି ଭଲ ନ ଥିଲା। ଆଉ ମୁଁ ତ ସେହି ମଦ ପିଏ ନାହିଁ, ତେଣୁ ମୁଁ ମୋ ନିଜ ପାଇଁ ଏକ ଔଷଧ ଦୋକାନରୁ...ଗୋଟିଏ ଜଗ ନେଇ ଆସିଲି ଯେଉଁଥିରେ ଶୋଧିତ ଜଳ ଥିଲା। ଆଉ ମୁଁ ସେହି ଜଗକୁ ସବୁ ସ୍ଥାନକୁ ନେଇ ଯାଉଥିଲି ଯେଉଁଠାକୁ ବି ମୁଁ ଯାଉଥିଲି। ମୁଁ ଅନୁମାନ କରେ ଯେ ସମସ୍ତେ ଭାବୁଥିଲେ, "ସେହି ବ୍ୟକ୍ତି ନିଜର ସର୍ବୋତ୍ତମ ନାମୀ ମଦ ନେଇକରି ଚାଲନ୍ତି।" ତେଣୁ ମୁଁ ତାହା ନିଜ ହାତରେ ଧରିଥାଏ। ଆମେ ତଳେ ସେଠାରେ ସେହି ସ୍ଥାନକୁ ଯାଉଥିଲୁ ଯେଉଁଠାରେକି ସେହି ସବୁ—ଏହି ମାଂସ ପୋଡା ବିକ୍ରୟ ହେଉଥିଲା, ଏବଂ ଦିନେ *ସୁଶ୍ରୀ*

*ଆମେରିକା* ଗାଡି ଚଲାଇ ସେଠାକୁ ଆସିଲେ । ତାହା ପ୍ରାୟଃ ଏକ 28 ମୋଡେଲ ଶେଭ୍ରି କାର୍ ଥଲା, ଗୋଟିଏ ପୁଡଲ୍ କୁକୁର ନିଜ କୋଳରେ ରଖି ସେଠାକୁ ଆସିଥିଲେ, ଆଉ ତାହାଙ୍କର ଯଥେଷ୍ଟ...ସେହି ଦୁଇଜଣ ସ୍ତ୍ରୀଲୋକଙ୍କଠାରେ ଯଥେଷ୍ଟ ଟେନ୍-ସେଣ୍ଟ-ଷ୍ଟୋରର ଅଳଙ୍କାର ରହିଥିଲା, ସେତେବଡ଼, ଲମ୍ବା ଜିନିଷସବୁ, ଓ କାନଫୁଲ, ପୁଣି ତଳକୁ ଝୁଲି ରହିଥିଲା, ଏବଂ ରଙ୍ଗ ପ୍ରସାଧନ; ଆଉ ଉଭୟେ ପଚାସ ବର୍ଷ ବୟସରୁ ଅଧିକ ଥିଲେ, ମୋର ସମତୁଲ୍ୟ ବୟସ ଥିଲା । ଆଉ ଆପଣ ଭାବିବେ ଯେ ସେମାନେ ପନ୍ଦର ବର୍ଷୀୟା ହେବାକୁ ଚାହୁଁଥିଲେ । ମାତ୍ର ସେମାନେ କଅଣ କରିବାକୁ ଚେଷ୍ଟା କରୁଛନ୍ତି? ସେମାନେ ଜୀବନର ମାର୍ଗରେ ପଛକୁ-ଦୃଷ୍ଟି ଥିବା ଆଇନା ଦେଖି ଗାଡି ଚଳାଇବାକୁ ଚେଷ୍ଟା କରୁଛନ୍ତି, ଏହା ଦେଖୁଛନ୍ତି ଯେ ପଶ୍ଚାତ୍ ସମୟରେ ସେମାନେ କଅଣ ରହିଥିଲେ ।

74 ତେବେ, ଖ୍ରୀଷ୍ଟିୟାନ ତାହା କରେ ନାହିଁ । ଜଣେ ଖ୍ରୀଷ୍ଟିୟାନ ତାହା ହେବାକୁ ଚେଷ୍ଟା କରେ ନାହିଁ ଯାହାକି ସେ ଦିନେ ରହିଥିଲେ; ସେ ତାହା ଦେଖେ ନାହିଁ ଯେଉଁଠାରେ ସେ ରହିଥିଲେ, ସେ ତ ସେଆଡେ ଦୃଷ୍ଟିପାତ କରେ ଯେଉଁଠାକୁ ସେ ଯାଉଅଛି । ଦେଖିଲେ, ବୁଝିଲେ? ତାହା ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ ଯାହାକି ଆପଣ ଦିନେ ଥିଲେ; ଆପଣ ତ ତାହା ଅତିବାହିତ କରି ସାରିଛନ୍ତି । ଆପଣ ତାହା ନିକଟକୁ କେବେ ବି ଫେରିଯିବେ ନାହିଁ; ତାହା ତ ଅତୀତରେ ଅଟେ । ଏବଂ ଯେକୌଣସି ବ୍ୟକ୍ତି ଯିଏକି ପଛକୁ-ଦୃଷ୍ଟି ଥିବା ଆଇନାକୁ ଦେଖି ଜୀବନର ମାର୍ଗରେ ଗାଡି ଚଲାନ୍ତି ଦୁର୍ଘଟଣାଗ୍ରସ୍ତ ହୋଇଯିବ; ଏବଂ ଠିକ ସେହିପରି ଆପଣ ଏହି ଖ୍ରୀଷ୍ଟିୟାନ ମାର୍ଗରେ ହୋଇଯିବେ । ଯାହା ଆପଣ ଥିଲେ ତାହା ପ୍ରତି ଦୃଷ୍ଟି କରନ୍ତୁ ନାହିଁ, ତାହା ଦେଖନ୍ତୁ ଯାହା ଆପଣ ହେବାକୁ ଯାଉଛନ୍ତି । ପାଉଲ କହିଲେ, "ଅତୀତର ବିଷୟଗୁଡ଼ିକୁ ପାଶୋରି, ମୁଁ ସର୍ବୋଚ୍ଚ ଆହ୍ୱାନର ଚିହ୍ନ ଆଡ଼କୁ ଅଗ୍ରସର ହୁଏ ।"

75 ତେବେ, କିନ୍ତୁ ତାହା ଆପଣଙ୍କୁ ଲଜ୍ଜିତ କରିଥିଲା । ସେମାନେ ଏହି ଛୋଟ, ପୁରୁଣା ଦୁର୍ଗନ୍ଧ ହେଉଥିବା କୁକୁରକୁ ନେଇକରି ଆସିଲେ ଓ ତାହାକୁ ମେଜ ଉପରେ ବସାଇ ଦେଲେ । ତେବେ, ତାହା କୌଣସି ବ୍ୟକ୍ତିଙ୍କୁ ବାନ୍ତି କରାଇଦେବ! ଆଉ ସେଠାରେ ସେହି କୁକୁର ସହିତ ମୂର୍ଖତାପୂର୍ଣ୍ଣ ବ୍ୟବହାର କରିବା, ସେଠାରେ ନିଜ ହାତରେ ତାହାକୁ ରଖିବା, ପୁଣି ତାହାପରେ ସେହି ସମାନ ହାତରେ ଭୋଜନ କରିବା! ଆଉ ୱେଟର୍ ସେଠାକୁ ଆସିଲା, ଓ କିଛି ଉଚ୍ଚ ପାଟିରେ କିଛି ବିଳିବିଳେଇଲା । ଡାଃ ଗୁଗ୍ଗେନ୍‌ବଲ୍ ମୋ ସହିତରେ ଥିଲେ; ସେ ହସିବାକୁ ଆରମ୍ଭ କଲେ, ଓ ନିଜର ମୁଣ୍ଡ ବୁଲାଇ ଦେଲେ ।

ମୁଁ କହିଲି, "ସେ କଅଣ—କଅଣ କହିଲା?"

କହିଲେ, "ସେହି ୱେଟର୍ କହିଲା, 'ତାକୁ ବାହାର କର!'"

ସେମାନେ କହିଲେ, "ନା, ସେ ଆମେରିକୀୟ ଅଟେ; ତାକୁ ଛାଡି ଦିଅ ।" ଅନ୍ୟ ଶବ୍ଦରେ କହିବାକୁ ଗଲେ, "ସେ ତାହାଠୁ ଅଧିକ ଉତ୍ତମ ଜାଣେ ନାହିଁ ।" ବୁଝିଲେ?

76 ଯେତେବେଳେ ମୁଁ ରୋମ୍‌ଠାରେ ସେଣ୍ଟ ଆଞ୍ଜେଲୋକୁ ଆସିଲି (ତେବେ, ଏହା ବିଷୟରେ ଚିନ୍ତା କରନ୍ତୁ), ଇଟାଲିରେ, ରୋମ୍‌ର ଭାଟିକାନ୍‌ଠାରେ, ସେଣ୍ଟ ଆଞ୍ଜେଲୋ ପାଖରେ ଏକ ଲେଖା ରହିଥିଲା: "ଆମେରିକୀୟ ମହିଳାମାନଙ୍କ ପାଇଁ: ଏହି ଭୂଗର୍ଭସ୍ଥ କବରକୁ ପ୍ରବେଶ କରିବା ପୂର୍ବେ, ଦୟା କରି ମୃତମାନଙ୍କର ସମ୍ମାନ ନିମନ୍ତେ ବସ୍ତ୍ର ପିନ୍ଧି ନିଅନ୍ତୁ"; ସେହି କାଥୋଲିକ ମଣ୍ଡଳୀ । ବୁଝିଲେ?

**284.** ପ୍ରଶ୍ନ: **ଭାଇ ବ୍ରାନ୍‌ହାମ୍, ଯେତେବେଳେ ଏହି ପୃଥିବୀ ବିସ୍ଫୋଟ ହେବ ଓ ଦଗ୍ଧ ହେବ ସେତେବେଳେ କନ୍ୟା କେଉଁଠାରେ ରହିବ? କଅଣ ତାହା ଏପରି ଏକ ସ୍ଥାନ ହେବ କି ଯେପରିକି ଇସ୍ରାଏଲ ସନ୍ତାନଗଣ ଗୋଶନ୍‌ରେ ଥିଲେ ଯେତେବେଳେ ଦଣ୍ଡଗୁଡିକ ଆସିଥିଲା? ଯେତେବେଳେ ଏହା ଘଟିତ ହେବ କଅଣ କନ୍ୟା ପୃଥିବୀରେ ରହିବ କି? ଯଦି ରହିବ, କେଉଁଠାରେ? ଆଉ ଊର୍ଦ୍ଧାନ୍ତିକରଣ ସମୟରେ କଅଣ ସମସ୍ତ କନ୍ୟା ଏକ ସ୍ଥାନରେ ରହିବେ କି?**

77 ସେହି କନ୍ୟା, ଯେତେବେଳେ ପୃଥିବୀ ବିସ୍ଫୋଟ ହେବ...ଊର୍ଦ୍ଧାନ୍ତିକରଣ ସମୟ ତ ମୃତମାନଙ୍କର ପୁନରୁତ୍‌ଥାନ ଓ ଜୀବିତମାନଙ୍କର ଏକତ୍ରି-କରଣକୁ ସାଧନ କରିବ, ଯେହେତୁ...ଜୀବିତମାନଙ୍କର ସହିତରେ, ଊର୍ଦ୍ଧାନ୍ତିକରଣ ହେବା ପ୍ରୟୋଜନ ଅଟେ । ବର୍ତ୍ତମାନ, କିନ୍ତୁ ସେହି କନ୍ୟା...ତେବେ, ଦେଖନ୍ତୁ, ସେମାନଙ୍କ ମଧ୍ୟରୁ ଗୋଟିଏ ଊର୍ଦ୍ଧାନ୍ତିକରଣ ଏଠାରେ ପଛରେ ସହସ୍ରାବ୍ଦୀ ପୂର୍ବରୁ ହୁଏ । ଆଉ ଯେତେବେଳେକି ପୃଥିବୀ ଦଗ୍ଧ ହୁଏ ତାହା ଏଠାରେ ପଶ୍ଚାତ ସମୟରେ ସହସ୍ରାବ୍ଦୀ ପରେ ଓ ଶ୍ୱେତ ସିଂହାସନ ବିଚାର ପରେ ଅଟେ । ବୁଝିଲେ? ସାଧୁମାନେ ପୃଥିବୀର ସର୍ବତ୍ର ଛାଉଣୀ କରିବେ ଯେତେବେଳେ ଶୟତାନ ସେହି ପ୍ରିୟତମ ନଗରର ଚାରିଆଡେ ଏକତ୍ରିତ ହେବ ଏବଂ ପରମେଶ୍ୱର ସ୍ୱର୍ଗରୁ ଅଗ୍ନି ଓ ଗନ୍ଧକ ବୃଷ୍ଟି କରିବେ ଓ ସେମାନଙ୍କୁ ବିନାଶ କରିବେ । ଠିକ ଅଛି । ବର୍ତ୍ତମାନ, ତାହା ଶାସ୍ତ୍ର ଅଟେ ।

**285. ପୁଣି, ଭାଇ ବ୍ରାନ୍‌ହାମ୍, ମୁଁ ବିଶ୍ୱାସ କରେ ଯେ ଜଣେ ସ୍ତ୍ରୀଲୋକକୁ ତାର ସ୍ୱାମୀ ଅଧିନରେ ରହିବା ଉଚିତ । ମାତ୍ର ଯଦି ଜଣେ ଖ୍ରୀଷ୍ଟିୟାନ ସ୍ତ୍ରୀଲୋକର ଏକ ପାପୀ ସ୍ୱାମୀ ଥାଏ ଯିଏକି ଏପରିକି ଆପଣଙ୍କର ଗୋଟିଏ ହେଲେ ସେବାକୁ ସୁଦ୍ଧା...ଆପଣଙ୍କର ଗୋଟିଏ ହେଲେ ସେବାକୁ ସୁଦ୍ଧା ଆସେ ନାହିଁ ଏବଂ ନୁହେଁ...ଆଉ ଚାହେଁ ଯେ ତାର ପତ୍ନୀ ଏପରି କାମ ସବୁ କରୁ, ତାର କେଶ କାଟୁ, ଛୋଟ ଛୋଟ ପେଣ୍ଟ ପିନ୍ଧୁ, ଓ ଅନୈତିକ ସ୍ଥାନଗୁଡିକୁ ଯାଉ, କଅଣ ଏହି ସ୍ତ୍ରୀଲୋକ ଏହି ଉପାୟରେ ସେହି ପୁରୁଷର ଅଧିନରେ ହେବା ଉଚିତ୍? ଦୟା କରି ଏହାକୁ ଅଧିକ ସ୍ପଷ୍ଟ ଭାବେ ବୁଝାଇ ଦିଅନ୍ତୁ, କାରଣ ଏହା ଏପରି ଏକ ପ୍ରଶ୍ନ ଅଟେ ଯାହାକି ଅଧିକାଂଶ ପଚରା ଯାଏ ।**

78 ନା, ଭଉଣୀ, ଆପଣ ଏପରି ଜଣେ ପୁରୁଷର ଅଧିନରେ ନୁହଁନ୍ତି । ବାସ୍ତବରେ ନୁହେଁ । ଏହି କାରଣ ଯୋଗୁଁ ଆପଣଙ୍କୁ ସମସ୍ତ ବିଷୟଗୁଡ଼ିକୁ ପରିତ୍ୟାଗ କରି ପରମେଶ୍ୱରଙ୍କ ସହିତରେ

ଲାଗି ରହିବେ । ତେବେ, ସେହି ବିଷୟ...ଯଦି ଆପଣ ଚାହାଁନ୍ତି...ସେହି ପୁରୁଷ ଆପଣଙ୍କ ସହିତ ରହିବାକୁ ଚାହେଁ, ଏବଂ ଆପଣ...ଜଣେ ଖ୍ରୀଷ୍ଟିୟାନ ହୋଇ ରୁହନ୍ତୁ...ମାତ୍ର ଯଦି ସେ ଆପଣଙ୍କୁ ଛୋଟ ଛୋଟ ପେଣ୍ଟ ପିନ୍ଧିବାକୁ, ଆପଣଙ୍କର କେଶ କାଟିବାକୁ, ଓ ଏହି ସମସ୍ତ ବିଷୟ କରିବାକୁ ବାଧ୍ୟ କରୁଛନ୍ତି, ଓ ଅନୈତିକ ସ୍ଥାନଗୁଡିକୁ ନେଇଯାଆନ୍ତି, ତେବେ ପ୍ରଥମେ ଆପଣ ପରମେଶ୍ୱରଙ୍କ ରାଜ୍ୟ ଓ ତାହାଙ୍କର ଧାର୍ମିକତା ଅନ୍ୱେଷଣ କରନ୍ତୁ । ଆପଣ ସେହିପରି ଜଣେ ବ୍ୟକ୍ତି ପ୍ରତି ବାଧ୍ୟ ନୁହଁନ୍ତି । "ମାତ୍ର ଯେପର୍ଯ୍ୟନ୍ତ," ବାଇବଲ କୁହେ, "ଯଦି ସେ ପ୍ରସନ୍ନ ଅଟେ ଓ ସେହି ପୁରୁଷ ମଧ୍ୟ ସଙ୍ଗରେ ରହିବାକୁ ପସନ୍ଦ କରେ (କଅଣ ଆପଣଙ୍କର ତାହା ମନେ ଅଛି?), ତେବେ ସେମାନେ..."

ଆଉ ବର୍ତ୍ତମାନ, ଏହି, ମୁଁ ଶାସ୍ତ୍ରଗୁଡିକୁ ଲେଖି ନାହିଁ, କାରଣ ମୁଁ ତ କେବଳ କିଛି ମିନିଟ୍ ପୂର୍ବରୁ ହିଁ (କଅଣ ଆପଣ ବୁଝିଲେ?) ସେଗୁଡିକୁ ଗୋଟାଇଥିଲି । ତେବେ ମୁଁ ଗୋଟିଏ ଉଠାଏ ଆଉ ତାହାପରେ ମୋ ପାଖରେ ସମୟ ନାହିଁ...

79 ମାତ୍ର ପାଉଲ କହିଲେ ଯେ ଯେପର୍ଯ୍ୟନ୍ତ...ଅବିଶ୍ୱାସୀ ସ୍ୱାମୀର ଜଣେ ଅବିଶ୍ୱାସୀ... କିମ୍ୱା ବିଶ୍ୱାସିନୀ ପତ୍ନୀ ଅବା ପ୍ରଭୃତି ସବୁ, ସେହି ବିଶ୍ୱାସିନୀ ପତ୍ନୀ ତେବେ ବିଶ୍ୱାସୀ ସ୍ୱାମୀ ସହିତ ରୁହନ୍ତୁ, ଯେପର୍ଯ୍ୟନ୍ତକି ତାହା ବର୍ତ୍ତମାନ ପରମେଶ୍ୱରଙ୍କ ବିରୁଦ୍ଧରେ ନୁହେଁ । ଯଦି ସେହି ସ୍ତ୍ରୀଲୋକ ସହିତ ବାସ କରିବାକୁ ସେହି ସ୍ୱାମୀ ପସନ୍ଦ କରେ..."ଯାଅ, ପ୍ରିୟେ, ଯଦି ତୁମେ ଗୀର୍ଜାକୁ ଯିବାକୁ ଚାହଁ, ତାହା ଠିକ ଅଛି; ମାତ୍ର ମୁଁ ଯାଉ ନାହିଁ । ମୁଁ ସେଥିରେ ବିଶ୍ୱାସ କରେ ନାହିଁ; ସେଥି ସହିତରେ କୌଣସି ସମ୍ପର୍କ ନାହିଁ । ମାତ୍ର ତୁମେ ଯାଅ; ତାହା ଠିକ ଅଛି ।" ମାତ୍ର ଯେତେବେଳେ ସେ କୁହେ, "ତୁମେ ତାହା କରିପାରିବ ନାହିଁ," ତେବେ ତାହା ଏକ ଭିନ୍ନ ବିଷୟ ଅଟେ । ସେତେବେଳେ ଆପଣ ତାହା ସହିତରେ ଜଡିତ ହେବାକୀ ବାଧ୍ୟ ନୁହଁନ୍ତି; ଆପଣ ପରମେଶ୍ୱରଙ୍କ ନିମନ୍ତେ ସମସ୍ତ ବିଷୟରୁ ପୃଥକୀକୃତ ଅଟନ୍ତି ।

**286. ଭାଇ ବ୍ରାନ୍‌ହାମ୍, କଅଣ ତାହା** (ଆସନ୍ତୁ ଦେଖିବା ।)**...ଏପରି ଜଣେ ବ୍ୟକ୍ତିଙ୍କ ନିମନ୍ତେ ଅଟେ ଯାହାରକି ଏକ—ଯାହାରକି ଏକ ଜୀବିତ, ଛାଡପତ୍ର ଦିଆଯାଇଥିବା ସଙ୍ଗିନୀ ରହିଛନ୍ତି ଯିଏକି ଏହି ବାର୍ତ୍ତାକୁ ସେବା କରିବା ହେତୁ ଆସିବା ପୂର୍ବେ ପୁନର୍ବିବାହ କରିଥିଲେ?**

80 ତେବେ, ପ୍ରଥମ ତିମଥି 3:2 ରେ, ଯଦି ଆପଣ ତାହା ଲେଖିବାକୁ ଚାହାଁନ୍ତି, ଏବଂ ତୀତସ 1 ରୁ 6 (ମୁଁ ତାହା ଲେଖିଲି), ମୁଁ ଚାହେଁ ଯେ ଆପଣ ଏହି ପ୍ରଶ୍ନ ପାଇଁ ତାହା ପାଠ କରନ୍ତୁ । ବୁଝିଲେ? ଯଦି ଜଣେ ବ୍ୟକ୍ତି—ଯଦି ଜଣେ ବ୍ୟକ୍ତି ବିଶପ୍ କିମ୍ୱା ଜଣେ ପ୍ରଚାରକ ହେବାକୁ ଇଚ୍ଛା କରନ୍ତି (ମଣ୍ଡଳୀରେ ଅନ୍ୟ କୌଣସି ପଦ), ତେବେ ତାହାଙ୍କୁ ଗୋଟିଏ ହିଁ ପତ୍ନୀ କରିବାକୁ ଅଛି । ତାହା ଠିକ ଅଟେ! ଜଣେ ସେବକ । ବର୍ତ୍ତମାନ, ତାହା ପ୍ରଥମ ତିମଥି 3:2, ଏବଂ ତୀତସ 1 ରୁ 6 ଅଟେ । ତେବେ, ତୀତସ 1 ରୁ 6, ହଁ! ଠିକ ଅଛି । ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ ଯେ ବାଇବଲ କୁହେ ଯେ

ସେହି ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଗୃହରେ ଜଣେ ସେବକ ଅଟନ୍ତି ତାହାର ଏକ ହିଁ ପତ୍ନୀ ହେବ। ତେବେ।

**୨୮୭. ପ୍ରିୟ ଭାଇ ବ୍ରାନ୍‌ହାମ୍, ପ୍ରାୟଃ ଦଶ ବର୍ଷ ପୂର୍ବେ ପରମେଶ୍ୱର ମୋତେ ତେବେ ଦେଖା ଦେଇଥିଲେ ଓ ପ୍ରେମର ଦାନ କଅଣ ତାହା ଆରୋଗ୍ୟତା ପ୍ରଦାନ କରିଥିଲେ, କିମ୍ବା, ପ୍ରେମର ଦାନ କଅଣ ଅଟେ ତାହା ପ୍ରକଟିତ କରିଥିଲେ, ଏବଂ ତାହାପରେ ସମାନ ଭାବରେ ମୋର ପ୍ରାର୍ଥନା ତାହା ପାଇଁ ଅଟେ...ଯେ ମୁଁ ତାହା ପ୍ରତିବଦଳରେ ଫେରାଏ। କଅଣ ମୋର ମୃତ୍ୟୁ ପୂର୍ବରୁ ମୁଁ ତାହା ପ୍ରାପ୍ତ କରିବି କି? କଅଣ ମୋର ସ୍ୱାମୀ ବାକ୍ୟ ଶୁଣିବେ କି, ଏବଂ ମୋତେ କଅଣ କରିବା ଉଚିତ?**

81 ତାହା ଏକ ପ୍ରଶ୍ନରୁ ଅତ୍ୟଧିକ ଅଟେ। ବର୍ତ୍ତମାନ, ସେ କହିଲେ...ତେବେ, ଯାହା ଏଠାରେ ଅଛି, କିମ୍ବା ଯିଏ...ସେ କହିଲେ, "ମୋର ସ୍ୱାମୀ," ତେଣୁ ମୁଁ ଅନୁମାନ କରେ ଯେ ତାହା ସେହି ସ୍ତ୍ରୀଲୋକ ହୋଇଥିବେ ଯିଏକି ଏହା କହିଥିଲେ। ତେବେ, ସେ ନିଜର ପ୍ରଥମ ପ୍ରେମ ହରାଇଥିଲେ। ବୁଝିଲେ? ସେ—ସେ ଆତ୍ମାରେ ଶୀତଳ ହୋଇଗଲେ। ବର୍ତ୍ତମାନ, ଭଉଣୀ, ହୋଇପାରେ ଯେ ଯେହେତୁ ଆପଣ ଏବେ ମଧ୍ୟ ଗୀର୍ଜାକୁ ଆସନ୍ତି ଓ ଯାହା ଠିକ ଅଟେ ତାହା କରନ୍ତି, ଆପଣ ଏଯାଏଁ ନିଜର ପରିତ୍ରାଣକୁ ହରାଇ ନାହାଁନ୍ତି, ମାତ୍ର ଆପଣ ନିଜର ପରିତ୍ରାଣର ଆନନ୍ଦକୁ ହରାଇ ଅଛନ୍ତି। ଦାଉଦ ଥରେ ପ୍ରଭୁଙ୍କଠାରେ କ୍ରନ୍ଦନ କଲେ, "ପ୍ରଭୁ, ମୋତେ ମୋର ପରିତ୍ରାଣର ଆନନ୍ଦକୁ ଫେରାଇ ଦିଅ।" ଆପଣ ଏବେ ମଧ୍ୟ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ମାତ୍ର ମୁଁ...ଯାହା ଆପଣ କରିବାକୁ ଚାହାଁନ୍ତି, ଭଉଣୀ, ଯେ ସମସ୍ତକିଛି ବିଷୟକୁ ହୁଗୁଳା କରି ଦିଅନ୍ତୁ ଯାହା ଆପଣ ଜାଣିଛନ୍ତି ଯେ କିପରି କରିବାକୁ ଅଛି, ଓ ପରମେଶ୍ୱରଙ୍କୁ ଅନ୍ୱେଷଣ କରନ୍ତୁ, ଓ ପ୍ରାର୍ଥନା କରନ୍ତୁ।

82 "କଅଣ ମୋର ସ୍ୱାମୀ ବାକ୍ୟ ଶୁଣିବେ କି, ଏବଂ ମୋତେ କଅଣ କରିବା ଉଚିତ୍?" ଯେପରିକି ଆଜି ସକାଳେ ମୁଁ କହିଲି, ଲବଣଯୁକ୍ତ ହୁଅ: "ତୁମେ ଜଗତର ଲବଣ ଅଟ।" ଆପଣଙ୍କର ସ୍ୱାମୀ ଆପଣଙ୍କର ପବିତ୍ର ଜୀବନକୁ ଦେଖିବେ, ଏବଂ ସେହି ସ୍ୱାମୀ ଯିଏକି ଜଣେ ଅବିଶ୍ୱାସୀ ଅଟେ ଆପଣା ବିଶ୍ୱାସିନୀ ଭାର୍ଯ୍ୟା ହେତୁ ପ୍ରଭୁଙ୍କ ପ୍ରତି ପବିତ୍ରୀକୃତ ହେବେ। କେବଳ ପ୍ରଭୁଙ୍କୁ ଅନ୍ୱେଷଣ କରନ୍ତୁ, ନମ୍ର ରୁହନ୍ତୁ, ଏବଂ ସବୁ ସମୟରେ ପ୍ରାର୍ଥନା କରନ୍ତୁ, ପରମେଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ, ଓ ଆପଣା ସ୍ୱାମୀ ପ୍ରତି ଦୟାଳୁ ରୁହନ୍ତୁ ଯେତେ ଦିନ ସେ ଆପଣଙ୍କ ସହିତ ସେହିପରି ଭାବରେ ରହିବାକୁ ଇଚ୍ଛା କରନ୍ତି।

**୨୮୮. ରବିବାରୀୟ ସେବାଗୁଡିକ ନିମନ୍ତେ: ଯଦି ଜଣେ ସ୍ତ୍ରୀଲୋକ କିଛି ଗୋଟାଏ ଭୁଲ୍ କରି ପକାଏ...**(ତେବେ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ; ଭଲ ହେବ ଯଦି ମୁଁ ଏହାକୁ ପ୍ରଥମ ଥର ପାଇଁ ନିଜେ ପାଠ କରେ। ଆପଣ ଦେଖନ୍ତୁ? "...ଜଣେ ବିବାହିତ ପୁରୁଷ ସହିତ, ଅନୁତାପ କରେ ଓ ତଦନୁସାରେ ଏହାକୁ ସଠିକ କରେ...କଅଣ ତାହା ପାଇଁ ଏହା ଆବଶ୍ୟକ...ପତ୍ନୀ ଓ ପୁରୁଷ ଏଥିରେ ସମ୍ପୃକ୍ତ ଅଟନ୍ତି, ଯଦିଓ ଏପରିକି ଏହି

ପତ୍ନୀ କିଛି ଜାଣନ୍ତି ନାହିଁ..." ଠିକ ଅଛି । ଏହା ଠିକ ଅଟେ ।) **ଯଦି ଜଣେ ସ୍ତ୍ରୀଲୋକ ଏକ—ଏକ ବିବାହିତ ପୁରୁଷ ସହିତ ଏକ ଭୁଲ୍ କରି ପକାଏ, ଅନୁତାପ କରେ ଓ ବାକ୍ୟ ଅନୁସାରେ ନିଜର ସ୍ୱାମୀ ସହିତ ସଠିକ୍ କରି ପକାଏ, କଅଣ ଏହା ତାହା ପକ୍ଷେ ଆବଶ୍ୟକ ଯେ ସେ ସେଥିରେ ସମ୍ପୃକ୍ତ ଥିବା ସେହି ପୁରୁଷର ପତ୍ନୀ ପାଖକୁ ଯିବ, ଯଦିଓ ସେହି ସ୍ତ୍ରୀଲୋକଟି ଏହା ବିଷୟରେ କିଛି ହେଲେ ଜାଣନ୍ତି ନାହିଁ; କିଅବା କଅଣ ଏହା ସେହି ପୁରୁଷର କର୍ତ୍ତବ୍ୟ ଅଟେ ଯେ ସେ ପ୍ରଥମେ ନିଜର ପତ୍ନୀକୁ କହିବେ; ଅବା ସେହି ସ୍ତ୍ରୀଲୋକଟିକୁ ଏଥି ପାଇଁ ଆଦୌ ଦୁଃଖ ଦେବା ଉଚିତ୍ କି? ଏହି ପୁନର୍ମିଳନ ସହିତ ଆମେ କେତେ ଦୂର ଯାଇପାରିବା ଯେତେବେଳେକି ଏହା ସମ୍ପାଦିତ ହୋଇ ଶେଷ କରାଯାଇଅଛି, ଆଉ ଯେତେବେଳେକି ବନ୍ଧୁତା ସ୍ଥାପନ ହୋଇସାରିଛି?**

83 ତେବେ, ମୋର ପ୍ରିୟ ଭଉଣୀ, କେବଳ ଗୋଟିଏ ମାତ୍ର ବିଷୟ ଅଛି ଯାହା ଆପଣ ଠିକ ଭାବେ କରିଛନ୍ତି । ଆପଣ ସେଥିରେ ସମ୍ପୃକ୍ତ ଥିଲେ, ମୁଁ ଅନୁମାନ କରେ, କିମ୍ବା ଆପଣଙ୍କର ଜଣାଶୁଣା ଏପରି କେହି, ଏକ ଭୁଲ୍ କାମରେ ଯିଏକି ସମ୍ପୃକ୍ତ ଥିଲେ, ଯେ ଆପଣ ଅନ୍ୟ ଏକ ସ୍ତ୍ରୀଲୋକର ସଙ୍ଗୀକୁ ନେଲେ ଓ ଏକ ସାମାଜିକ କାର୍ଯ୍ୟକଳାପ କଲେ । ଆଉ ଯେତେବେଳେ ଆପଣ ତାହା କଲେ, ସେଠାରେ ଆପଣ ନିଜର ଅନୁଗ୍ରହରୁ ପତିତ ହୋଇଗଲେ । ତାହାପରେ ଆପଣ ଅନୁତାପ କଲେ, ଓ ଆପଣ ସେଯାଏଁ ପ୍ରାୟଶ୍ଚିତ କରିପାରିଲେ ନାହିଁ ଯେପର୍ଯ୍ୟନ୍ତକି ଆପଣ ଏହି ବ୍ୟକ୍ତି ପାଖକୁ ଫେରି ନ ଗଲେ ଓ ଏହାକୁ ସଠିକ୍ ନ କରି ନେଲେ । ଆପଣଙ୍କୁ ତ ନିଜର ସ୍ୱାମୀକୁ ନେଇ ସେହି ବ୍ୟକ୍ତିଙ୍କ ପାଖକୁ ଯିବାର ଥିଲା, ଯାହାକି ଆପଣ କଲେ । ଆଉ ସେହି ବିଷୟ ଆପଣଙ୍କୁ କରିବାର ଉଚିତ୍ ଥିଲା; ତାହା ଶାସ୍ତ୍ର ଅଟେ, ଆପଣଙ୍କୁ କରିବାର ଥିଲା ।

84 ଅଧିକ ଦିନ ହୋଇନାହିଁ ଠିକ ଏହି ଲୁଇସ୍‌ଭିଲେରୁ ଜଣେ ମହିଳା ମୋ ପାଖକୁ ଆସିଲେ, ଯାହାକି ସେ, ଜଣେ ଯୁବା ସ୍ତ୍ରୀଲୋକ ଭାବରେ, ସେ ଜଣେ ବ୍ୟକ୍ତି ସହ ଚାଲି ଯାଇଥିଲେ ଏବଂ—ଏବଂ ପରେ ସେ...ସେ ଜାଣି ପାରିଲେ ଯେ ସେ ଭୁଲ୍ କରୁଛନ୍ତି । ଆଉ ସେ ସେହି ସହର ଛାଡିଦେଲେ, ଓ ଦୂର ଅନ୍ୟ କୌଣସି ସହରକୁ ପଳାଇ ଗଲେ, ଏବଂ ନିଜର ନାମ ବଦଳାଇ ନେଲେ, ଅନ୍ୟ କୌଣସି ଲୋକମାନଙ୍କ ସହିତ ବସବାସ କଲେ । ଆଉ ଏହି ବ୍ୟକ୍ତି ତାଙ୍କୁ ଅନୁସରଣ କଲେ ଓ ସେଠାରେ ପହଞ୍ଚି ତାଙ୍କୁ କହିଲେ, ଯେ ତାଙ୍କ ପାଖରେ ଏହା ସମ୍ବନ୍ଧରେ କିଛି ବିଷୟବସ୍ତୁ ଅଛି । ତାଙ୍କୁ ଏବେ ମଧ୍ୟ ତାହାଙ୍କ ସହିତ ଏକ ଆଇନଗତ-ସାଧାରଣ ପତ୍ନୀ ଭାବେ ରହିବାକୁ ପଡିବ ଅନ୍ୟଥା ସେ କହି ଦେବେ । (ଆଉ ଯେତେବେଳେ ସେହି ମହିଳା ସେଠାରେ ରହୁଥିଲେ, ସେ ଜଣେ ଉତ୍ତମ ଖ୍ରୀଷ୍ଟିୟାନ ବ୍ୟକ୍ତିଙ୍କ ସହ ବିବାହ କଲେ ।) ଏବ କହିଲେ ଯେ ଯଦି ସେ ତାହା ନ କରିବେ, ସେ ସମଗ୍ର ବିଷୟର ଭଣ୍ଡାଫୋଡ଼ କରିଦେବେ, ତାଙ୍କୁ ଧମକାଇଲେ; ତେଣୁ କରି, ସେହି ମହିଳାଙ୍କୁ ସେହି ଉଭୟ ପୁରୁଷଙ୍କ ସହିତ ରହିବାକୁ ପଡିଲା, ଯାହାକି ସେ ଭୁଲ୍ କରୁଥିଲେ, ଆରମ୍ଭରେ ନିଜର ସଠିକ୍ ଗୁଣକୁ ଦେଖାଇବା ପରିବର୍ତ୍ତେ କରିବାକୁ ପଡିଲା । ଆଉ ସେହି ମହିଳାଙ୍କର ଏକ ସନ୍ତାନ ଥିଲା, ପୁଣି ବର୍ତ୍ତମାନ,

ସେହି ଝିଅଟି ପ୍ରାୟଃ ଅଠର ବର୍ଷ ବୟସର ଅଟେ ଓ ଏହା ଜଣେ ନାହିଁ ଯେ ସେହି ଉଭୟ ମଧ୍ୟରୁ ବାସ୍ତବରେ ତାର ବାପା କିଏ ଅଟେ । ବର୍ତ୍ତମାନ, ସେହି ମହିଳା ସ୍ତ୍ରୀଧର୍ମର କ୍ଷାନ୍ତ ପ୍ରବସ୍ଥାରେ ଅଛନ୍ତି, ଏବଂ ଏହା ତାଙ୍କୁ ବିକଳ କରି ଦେଇଛି । ତେବେ, ସେ କଅଣ କରିପାରନ୍ତି? ମୁଁ କହିଲି, "କେବଳ ଗୋଟିଏ ମାତ୍ର..."

ସେ କହିଲେ, "ଯଦି ମୁଁ ମୋର ସ୍ୱାମୀକୁ କହିବି, ସେ ମୋତେ ପରିତ୍ୟାଗ କରିଦେବେ; ଆଉ ଯଦି ମୁଁ...ମୋ ଝିଅ ତାହା ଜାଣିଯାଏ, ସେ ଆତ୍ମହତ୍ୟା କରି ପକାଇବ ।

85 ଆଉ ମୁଁ କହିଲି, "ଯଦି ଆପଣ ଏହାକୁ ନିଜର ହୃଦୟରେ ରଖିବେ, ତାହାହେଲେ ଆପଣ ନରକକୁ ଚାଲି ଯିବେ । ବର୍ତ୍ତମାନ, ଆପଣ ଯାହା ଉତ୍ତମ ଭାବନ୍ତି ତାହା କରନ୍ତୁ ।" କରିବା ପାଇଁ କେବଳ ଗୋଟିଏ ହିଁ ବିଷୟ ଅଛି, ତାହା ହେଲା ନିଜର ଚିତ୍ତକୁ ପରିଷ୍କାର କରନ୍ତୁ । ତାହା ଅବିକଳ ଠିକ ଅଟେ । ସଚ୍ଚୋଟ ରୁହନ୍ତୁ ।

86 ଆପଣ ଜାଣନ୍ତି, ଅନେକ ଥର ଦର୍ଶନମାନଙ୍କରେ, କିପରି ଯେ ଲୋକମାନେ ଆସନ୍ତି, ସ୍ତ୍ରୀଲୋକମାନେ ଓ ପୁରୁଷମାନେ; ପବିତ୍ରଆତ୍ମା ସେହି ବିଷୟଗୁଡ଼ିକୁ ନିଅନ୍ତି ଯାହା ସେମାନେ ଜୀବନରେ କରିଥାଆନ୍ତି ଓ (ଆପଣ ଏହା ବିଷୟରେ ଶୁଣିଛନ୍ତି ଓ ଆପଣ ତାହା ଦେଖିଛନ୍ତି, ଆପଣ ଜାଣନ୍ତି । ବୁଝିଲେ?), ଓ ସେହି ବିଷୟଗୁଡିକୁ ଜଣାନ୍ତି ଯାହାକି ସେମାନଙ୍କୁ କରିବା କଥା ।

ସେମାନେ କହିଲେ, "ତେବେ, ମୁଁ—ମୁଁ ଏହାକୁ ପ୍ରଭୁଙ୍କ ସହିତ ସଠିକ୍ କରି ସାରିଅଛି ।" ମାତ୍ର ଏହା ଆପଣଙ୍କର ଦାୟିତ୍ୱ ଯେ ଆପଣ ଯାଇ ଏହାକୁ ନିଜର ସ୍ୱାମୀ କିମ୍ବା ନିଜର ପତ୍ନୀଙ୍କୁ ତାହା କହିବେ । ତାହା ଠିକ ଅଟେ । ଆପଣଙ୍କୁ ତାହା ଅଙ୍ଗୀକାର କରିବାକୁ ଅଛି ।

87 ବର୍ତ୍ତମାନ, ଏହି ବ୍ୟକ୍ତି, ଯଦି ସେହି ମହିଳା ହିଁ ସେହି ଜଣକା ଅଟନ୍ତି ଯିଏକି ଦୋଷୀ ଅଟନ୍ତି, ସେ ତାହା କରିଥିଲେ; ସେ ତାର ସ୍ୱାମୀ ପାଖକୁ ଗଲେ । ତେବେ, ଭଉଣୀ, ଆପଣ ନିଜକୁ ସ୍ୱଷ୍ଟ କରିଛନ୍ତି, କାରଣ ମଧ୍ୟରେ...ଆପଣ—ଆପଣ ନିଜ ସ୍ୱାମୀ ବିରୁଦ୍ଧରେ ବ୍ୟଭିଚାର କରିଛନ୍ତି । ଆପଣ ନିଜର ସ୍ୱାମୀ ପାଖକୁ ଗଲେ ଓ ଆପଣା ସ୍ୱାମୀ ସମ୍ମୁଖରେ ନିଜର କଥାକୁ ସ୍ୱଷ୍ଟ କଲେ, ତାହାପରେ ଆପଣ ସେହି ବ୍ୟକ୍ତି ଓ ସ୍ୱାମୀ ନିକଟକୁ ଗଲେ ଆଉ ସେଠାରେ ନିଜର କଥାକୁ ସ୍ୱଷ୍ଟ କଲେ । ଆପଣ ସ୍ୱଷ୍ଟ ଅଟନ୍ତି । ଯଦି ଆପଣଙ୍କର ସ୍ୱାମୀ ଆପଣଙ୍କ ସହିତରେ ଜୀବନ ଯାପନ କରିବାକୁ—କରିବାକୁ ଚାହାଁନ୍ତି, ତେବେ ତାହା ତାଙ୍କ ଉପରେ ନିର୍ଭର କରେ । ତାଙ୍କୁ ବର୍ତ୍ତମାନ ତାହା କରିବାକୁ ପଡେ ନାହିଁ, ମାତ୍ର ସେ—ମାତ୍ର ଯଦି ସେ ଆପଣଙ୍କ ସହିତରେ ରହିବାକୁ ଚାହାଁନ୍ତି ଓ ଆପଣଙ୍କୁ କ୍ଷମା କରି ଦିଅନ୍ତି, ତାହାହେଲେ ଆପଣ ଯଥେଷ୍ଟ ସଭ୍ୟ ମହିଳା ହୁଅନ୍ତୁ ଯେ ଆଉ କେବେବି ସେହିପରି ବିଷୟ ପାଇଁ ଆଉ ଦୋଷୀ ହେବେ ନାହିଁ । କିନ୍ତୁ ଯଦି ସେ ଆପଣଙ୍କୁ କ୍ଷମା ନ କରନ୍ତି, ତେବେ ତାହା ତାଙ୍କର—ତାହା ତାଙ୍କର ନିଜର ବେପାର ଅଟେ । ସେ ଆପଣଙ୍କୁ ପରିତ୍ୟାଗ କରିପାରନ୍ତି । ଅବିକଳ ଠିକ ।

୮୮ ମାତ୍ର ବର୍ତ୍ତମାନ, ସେହି ବ୍ୟକ୍ତି ଯାହାଙ୍କ ସହିତ ଆପଣ ସେହି କାର୍ଯ୍ୟ କଲେ, ବର୍ତ୍ତମାନ, ସେ ହିଁ ସେହି ଜଣକା ଅଟନ୍ତି ଯିଏକି ନିଜର ପତ୍ନୀ ପାଖକୁ ଯିବା ଉଚିତ୍ ଓ ନିଜର ପତ୍ନୀକୁ ନେଇ ଆପଣଙ୍କୁ ପାଖକୁ ଆସିବା ଉଚିତ୍ । ଆପଣ ନିଜର କାମ କରି ସାରିଛନ୍ତି, ବର୍ତ୍ତମାନ ଏହା ସେହି ବ୍ୟକ୍ତିର ସମୟ ଯେ ସେ ନିଜର କାମ କରନ୍ତୁ । ବୁଝିଲେ? ସେହି ଦ୍ୱିତୀୟ ଦଳ...

୮୯ ଏହି ମହିଳା ସେହି ପୁରୁଷ ସହିତ ସେହି କାମକୁ କରିଥିଲେ, ଆଉ ସେ ନିଜର ସ୍ୱାମୀକୁ ନେଲେ, ତାହା ଅଙ୍ଗୀକାର କଲେ, ଏବଂ ସେହି ପୁରୁଷ ନିକଟକୁ ଗଲେ ଓ ତାହା ଅଙ୍ଗୀକାର କଲେ, ଆଉ ତାହା ସଠିକ୍ କଲେ । ତେବେ, ସେହି ପରବର୍ତ୍ତୀ ପୁରୁଷ ମଧ୍ୟ ଜଣେ ବିବାହିତ ବ୍ୟକ୍ତି ଅଟନ୍ତି; ବର୍ତ୍ତମାନ, ତାହାଙ୍କୁ ମଧ୍ୟ ନିଜର ପତ୍ନୀ ପାଖକୁ ଯିବା ଉଚିତ୍ ଓ ସେହି ପତ୍ନୀକୁ ନେଇ ଏହି ପତ୍ନୀ ପାଖକୁ ଆସିବା ଉଚିତ୍ । ତେବେ ଯାଇ ତାହା ଠିକ ଅଟେ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ତାହାପରେ ଯାଇ ତାହା ସବୁ ଠିକ ଠାକ୍ ଅଟେ । କିନ୍ତୁ ତାହାର ବାହାରେ, ଆପଣ ତଥାପି ଦୋଷୀ ହେବେ, ଏବଂ ନିଜ ହୃଦୟର ଗଭୀରତାରେ ଆପଣ ଦୋଷୀ କରାଯିବେ ।

୯୦ ଅଧିକ ଦିନ ହୋଇ ନାହିଁ ମୋ ପାଖକୁ ସେଠାରେ ଉପରେ ଜଣେ ସ୍ତ୍ରୀଲୋକ ଆସିଥିଲେ ଯାହାଙ୍କ ସହିତରେ ପ୍ରଥମ ବିଶ୍ୱ ଯୁଦ୍ଧର ସମୟଠାରୁ କିଛି ବିଷୟ ରହିଥିଲା । ଆଉ ସେ କହିଲେ, "ଓଃ, ଭାଇ ବ୍ରାନ୍‌ହାମ୍ ।" ସେ ଶହ ଶହ ଡଲାର୍ ଟଙ୍କା ମନୋଚିକିତ୍ସକ ଓ ସବୁ କିଛି ଉପରେ ଖର୍ଚ୍ଚ କରିସାରିଥିଲେ । ମୁଁ ସେଠାରେ ବସି ରହି ସେହି କକ୍ଷରେ ତାଙ୍କୁ ଦେଖୁଥିଲି । ମେଡା ତାଙ୍କୁ ସେଠାରେ ଉପରକୁ ନେଇ ଆସିଥିଲେ । ସେ ସେଠାରେ ବସି ରହି ଏକ ରୁମାଲ୍‌କୁ ତାଙ୍କ ହାତରେ ସେହିପରି ଭାବରେ ମୋଡି ରହୁଥିଲେ, କହିଲେ, "ମୋତେ ଏପରି ଅନୁଭବ ହୁଏ ଯେପରିକି ଜଗତ ବିସ୍ଫୋଟ ହେବାକୁ ଯାଉଅଛି, ଏବଂ ମୁଁ..." ଏହିପରି ସବୁ ।

ମୁଁ କେବଳ ସେଠାରେ ବସି ରହିଲି । ମୁଁ କହିଲି, "ବର୍ତ୍ତମାନ, ତାହା ବିଷୟରେ କିଛି ଗୋଟାଏ...ଆପଣଙ୍କ ଜୀବନରେ କେଉଁଠାରେ କିଛି ଗୋଟାଏ ବିଷୟ ଅଛି କି?"

"ନା, ମୁଁ ତ ଜଣେ ରବିବାର ଶ୍ରେଣୀ ଶିକ୍ଷକ ଅଟେ ।"

ମୁଁ କହିଲି, "ଠିକ ଅଛି ।" ସେଠାରେ ଅଳ୍ପ ସମୟ ବସି ରହିଲି ଓ ଅନାଇଲି । ମୁଁ କହିଲି, "ମୁଁ ଗୋଟିଏ ସାନ ସବୁଜ କାରଟିଏ ଦେଖୁଅଛି, ଏବଂ ଆପଣ ଜଣେ ସୁବର୍ଣ୍ଣ କେଶ-ବିଶିଷ୍ଟ ବ୍ୟକ୍ତି ସହିତରେ ଅଛନ୍ତି, ଆଉ ଗୋଟିଏ ଟ୍ରେନ୍ ପ୍ରାୟଃ ସେହି କାରକୁ ଧକ୍କା ଦିଏ ।"

...?...ସେହି ମହିଳା କହିଲେ, "ଆପଣ ତାହା କାହାରିକୁ କୁହନ୍ତୁ ନାହିଁ!"

ମୁଁ କହିଲି, "ଆପଣଙ୍କର ସ୍ୱାମୀ ସେତେବେଳେ ସୈନ୍ୟ ବାହିନୀରେ ଥିଲେ ।"

ସେ କାନ୍ଦିବାକୁ ଲାଗିଲେ, ଡେଇଁ ଉଠି ପଡିଲେ, "ଆପଣ ତାହା କାହାରିକୁ କୁହନ୍ତୁ ନାହିଁ ।" ବୁଝିଲେ? ତାହା ତାଙ୍କର ଗଭୀର ଅଚେତନ ପ୍ରାବସ୍ଥାରେ ଥିଲା । ସେ କହିଲେ, "ମୁଁ ତାହାକୁ ବହୁତ ଦିନ ଆଗରୁ ପରମେଶ୍ୱରଙ୍କ ନିକଟରେ ଅଙ୍ଗୀକାର କରିସାରିଛି ।"

91 ମୁଁ କହିଲି, "ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ। ଆପଣ ପରମେଶ୍ୱରଙ୍କ ବିରୁଦ୍ଧରେ କଦାପି ଏକ ଭୁଲ୍ କରି ନାହାଁନ୍ତି। ଆପଣ ତ ନିଜର ବିବାହ ଶପଥ ବିରୁଦ୍ଧରେ ଏକ ଭୁଲ୍ କରିଛନ୍ତି। ଆପଣଙ୍କୁ ତ ପ୍ରଥମେ ନିଜର ସ୍ୱାମୀ ପାଖକୁ ଫେରି ଯିବା କଥା ଓ ତାକୁ ସଠିକ୍ କରିବା କଥା।

ସେ କହିଲେ, "ସେ ମୋତେ ପରିତ୍ୟାଗ କରିଦେବେ।"

ମୁଁ କହିଲି, "ଯାହା ବି ହେଉ ପରମେଶ୍ୱର ଆପଣଙ୍କୁ ପରିତ୍ୟାଗ କରି ସାରିଛନ୍ତି। ତେଣୁ ବର୍ତ୍ତମାନ, ଆପଣଙ୍କୁ କେଉଁଟା ପରିତ୍ୟାଗ କରୁ ବୋଲି ଆପଣ ଚାହାଁନ୍ତି?" ମୁଁ କହିଲି, "ତାଙ୍କ ପାଖକୁ ଯାଆନ୍ତୁ।"

ଆଉ ସେ କହିଲେ, "ଓଃ, ମୁଁ—ମୁଁ...ସେ *ଏହା* କରି ଦେବେ, ଆଉ ମୋର ଦୁଇଟି ସନ୍ତାନ ଅଛନ୍ତି।"

ମୁଁ କହିଲି, "ତେବେ, ତାହାହିଁ ସବୁ କିଛି ଯାହାକି ମୁଁ ଆପଣଙ୍କୁ କହିପାରେ। ମନୋଚିକିତ୍ସକମାନେ ତାହା ଆପଣଙ୍କଠାରୁ କେବେ ବି ବାହାର କଲେ ନାହିଁ, ମାତ୍ର ପବିତ୍ରଆତ୍ମା ପ୍ରକଟ କରିଛନ୍ତି; ଏବଂ ମୁଁ ଆପଣଙ୍କୁ ମୋ ଜୀବନରେ କଦାପି ଦେଖି ନାହିଁ।"

ସେ କହିଲେ, "ତାହା ଅବିକଳ ଠିକ ଅଟେ!" କହିଲେ, "ତେବେ, ମୁଁ—ମୁଁ ତାହାଙ୍କୁ କହିପାରେ ନାହିଁ।"

ମୁଁ କହିଲି, "ତେବେ, ମୁଁ...ଆନନ୍ଦିତ ଯେ ମୁଁ ଆପଣଙ୍କୁ ସାକ୍ଷାତ କଲି।" ଅନ୍ୟ କକ୍ଷକୁ ଗଲି, ଆଉ ସେ ସେଠାକୁ ଆସି ଗଲେ।

ମେଡା କହିଲେ, "ସେ ଆପଣଙ୍କୁ ପୁଣି ଥରେ ଦେଖା କରିବାକୁ ଚାହେଁ।"

ମୁଁ ସେଠାକୁ ଗଲି; ଏବଂ ମୁଁ କହିଲି, "ଆପଣଙ୍କୁ କଅଣ ଦରକାର?"

ଆଉ ସେ କହିଲେ, "ଭାଇ ବ୍ରାନ୍‌ହାମ୍, ମୁଁ ତାହା ନିଜ ସ୍ୱାମୀକୁ କହି ପାରେ ନାହିଁ!"

ମୁଁ କହିଲି, "ଆପଣଙ୍କର ସ୍ୱାମୀ ଜଣେ କଳା କେଶ-ବିଶିଷ୍ଟ ବ୍ୟକ୍ତି।"

"ହଁ!"

ମୁଁ କହିଲି, "ତାଙ୍କ ପାଖରେ ମଧ୍ୟ ସେହି ସମାନ ବିଷୟ ଆପଣଙ୍କୁ ଅଙ୍ଗୀକାର କରିବା ପାଇଁ ଅଛି।"

ସେ କହିଲେ, "ଓଃ, ମୋର ସ୍ୱାମୀ ନୁହଁ!"

ମୁଁ କହିଲି, "ଭଲ ହେବ ଆପଣ ଯାଇ ତାହାଙ୍କୁ ଏଠାକୁ ନେଇ ଆସନ୍ତୁ।" ମୁଁ କହିଲି, "କଅଣ ଆପଣ ଜଣେ ନିର୍ଦ୍ଦିଷ୍ଟ ମହିଳାଙ୍କୁ ଜାଣିଛନ୍ତି କି, ଯିଏକି ଗୋଲାପି ରଙ୍ଗର ପୋଶାକ ପିନ୍ଧନ୍ତି, ଯିଏ ଏକ ନିର୍ଦ୍ଦିଷ୍ଟ ପ୍ରକାର ଏକ ଯାନବାହନ କମ୍ପାନୀରେ କାର୍ଯ୍ୟ କରନ୍ତି?"

ସେ କହିଲେ, "ନିଶ୍ଚିତରେ!"

ମୁଁ କହିଲି, "କଅଣ ସେମାନେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ନାମରେ ଡାକନ୍ତି ନାହିଁ କି?"

"ହିଁ!"

ମୁଁ କହିଲି, "ଦୁଇ ସପ୍ତାହ ପୂର୍ବେ ସେମାନେ ଗୋଟିଏ ବୀଚ୍ ଗଛ ତଳେ ବସିଥିଲେ... ଗୋଟିଏ ବାଦାମୀ ଶେଓ୍ୱରୋଲେଟ୍ କାରରେ ବସିଥିଲେ ଯାହାର ଲାଇସେନ୍ସ ସଂଖ୍ୟା *ଅମୁକ-ଓ-ଅମୁକ* ଥିଲା, ଏବଂ ସେହି ସମାନ କ୍ରିୟାରେ ଲିପ୍ତ ଥିଲେ।"

ସେ କହିଲେ, "ମୋ ସ୍ୱାମୀ ନୁହଁ!"

ମୁଁ କହିଲି, "ଠିକ ଅଛି, ଆପଣ ଯାଇ ତାହାଙ୍କୁ ଏଠାକୁ ନେଇ ଆସନ୍ତୁ।"

ସେ ଚାଲି ଗଲେ। କିଛି ମିନିଟ୍ ପରେ, ସେମାନେ ଏଠାକୁ ଆସିଲେ। ସେହି ବ୍ୟକ୍ତି କହିଲେ, "ତାହା ସତ ଅଟେ!"

ମୁଁ କହିଲି—ମୁଁ କହିଲି, "ଆପଣ ଦେଖିଲେ? ବର୍ତ୍ତମାନ ଯାଇ ପରମେଶ୍ୱରଙ୍କୁ କୁହନ୍ତୁ!"

92 ମାତ୍ର ପ୍ରଥମେ, ଯେତେବେଳେ ଆପଣ ବେଦୀକୁ ଆସନ୍ତି ଓ ଆପଣଙ୍କୁ ମନେ ପଡିଯାଏ ଯେ କିଛି ବିଷୟ ଅଛି, ପ୍ରଥମେ ଯାଆନ୍ତୁ ଓ ତାହା ସଠିକ୍ କରନ୍ତୁ। ଆଉ ଯେତେ ଦୂର ଏହି ଅନ୍ୟ ବ୍ୟକ୍ତି ଏଠାରେ ନିଜର ପତ୍ନୀଙ୍କୁ ନ କହିବାର ଦୋଷୀ ଅଟନ୍ତି... ଏହି ପତ୍ନୀ ଆପଣାକୁ ସ୍ୱଷ୍ଟ କରି ଦେଇଛନ୍ତି। ବର୍ତ୍ତମାନ, ଏହା ତାଙ୍କର ଓ ତାଙ୍କ ସ୍ୱାମୀ ମଧ୍ୟରେ ଅଟେ। ମାତ୍ର ଏହି ଅନ୍ୟ ବ୍ୟକ୍ତିଜଣକ ଓ ତାଙ୍କର ପତ୍ନୀ ଏହାକୁ ସ୍ୱଷ୍ଟ କରିବା ହେତୁ ଆସିଛନ୍ତି। ଏବଂ ଆପଣ କରିପାରନ୍ତି ନାହିଁ... ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କଅଣ କରନ୍ତି, ଏହା ଆପଣଙ୍କୁ ବଞ୍ଚି ଥିବା ଯାଏଁ ଭୀତ କରାଇବ ଯେପର୍ଯ୍ୟନ୍ତକି ଆପଣ ଏହାକୁ ଧୌତ କରି ପରିଷ୍କାର ନ କରି ଦିଅନ୍ତି। ତାହା କରିବାର କେବଳ ଗୋଟିଏ ଉପାୟ ଅଟେ: ଅଙ୍ଗୀକାର କରନ୍ତୁ। ଯଦି ତାହା ଆପଣଙ୍କଠାରୁ ଆପଣଙ୍କର ଚମଡାକୁ ସୁଦ୍ଧା ଟାଣି ନିଏ, ତେବେ ବି ତାହା କରନ୍ତୁ। ସତ୍ୟ କୁହନ୍ତୁ, ତାହାପରେ ଯାଇ ଆପଣ ଏହାକୁ ଠିକ ଭାବେ ପାଇ ଅଛନ୍ତି। ଆମେନ୍!

93 ମୁଁ ଏହାକୁ ଅନେକ ଥର ଟେପ୍‌ରେ କହୁଥିବାର ଶୁଣିଅଛି, "ତାହା ଭୁଲ୍ ଅଟେ।" ମାତ୍ର ଆପଣ ଏହାକୁ ଥରେ କେବେ ଚେଷ୍ଟା କରନ୍ତୁ ଓ ଦେଖନ୍ତୁ ଯେ ତାହା ଅଟେ କି ନୁହେଁ। ଠିକ ଅଛି।

**289. ରବିବାର ସକାଳ ନିମନ୍ତେ ପ୍ରଶ୍ନ:** (କ୍ଷମା କରିବେ ତାହା ଏହି ସମୟ ଅଟେ, କିନ୍ତୁ...) **ପବିତ୍ରଆତ୍ମା ଗ୍ରହଣ କରିବା ସମୟରେ, କିମ୍ୱା ପବିତ୍ରଆତ୍ମାର ବାପ୍ତିସ୍ମ ବେଳେ, କଅଣ କିଛି ଏକ ପାର୍ଥକ୍ୟ ଅଛି କି? କଅଣ ଜଣେ ବ୍ୟକ୍ତି ପରଭାଷାରେ କଥା କୁହନ୍ତି? ଯଦି ସର୍ବଦା ନୁହେଁ, ତେବେ କେଉଁ ପ୍ରକଟୀକରଣ ଜଣା ପଡେ?**

94 ତେବେ, କଅଣ ଆପଣ କଳ୍ପନା କରିପାରନ୍ତି ଯେ ଜଣେ ମାତା ଗୋଟିଏ ଶିଶୁକୁ ଜନ୍ମ ଦିଏ ଓ ତାହା ଜାଣେ ନାହିଁ? ତାଙ୍କୁ ତାହା ନ ଜାଣିବା ପାଇଁ ଅଚେତନ ଅବସ୍ଥାରେ ରହିବାକୁ ପଡିବ। ଠିକ ସେହିପରି ଭାବରେ ଆପଣ ନ ଜାଣି ପବିତ୍ରଆତ୍ମାଙ୍କୁ ମଧ୍ୟ ପାଇପାରିବେ ନାହିଁ। ଆପଣଙ୍କ ଭିତରେ କିଛି ଗୋଟାଏ ଘଟିତ ହୁଏ। ବୁଝିଲେ? ଆପଣଙ୍କୁ

କିଛି ଗୋଟାଏ ପରିବର୍ତ୍ତନ କରେ । ଆପଣଙ୍କର ସମଗ୍ର ବ୍ୟବସ୍ଥା, ଆପଣଙ୍କର ସମଗ୍ର ଆତ୍ମିକ ବ୍ୟବସ୍ଥା ପୁନର୍ବାର ନୂତନୀକୃତ କରାଯାଏ, ଏବଂ ଆପଣ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ସୃଷ୍ଟି ହୋଇଯାଆନ୍ତି, ଯେପରିକି ବାଇବଲ ଏହାକୁ ବ୍ୟକ୍ତ କରେ, ଖ୍ରୀଷ୍ଟଙ୍କଠାରେ ଏକ *ନୂତନ ସୃଷ୍ଟି* । ଆପଣ ତାହା ଜାଣନ୍ତି ।

95 ତେବେ, ଆପଣ କୁହନ୍ତି, "ଭାଇ ବ୍ରାନ୍‌ହାମ୍, ତାହାହେଲେ କଅଣ ଆପଣ ଏହା ବିଶ୍ୱାସ କରନ୍ତି ନାହିଁ ଯେ ଜଣେ ବ୍ୟକ୍ତିଙ୍କୁ ପବିତ୍ରଆତ୍ମା ପ୍ରାପ୍ତ କରିବାକୁ ହେଲେ ପରଭାଷାରେ କଥା କହିବା ଉଚିତ ।" ଏହା ପ୍ରମାଣ କରିବା ପାଇଁ ନୁହେଁ ଯେ ସେ ପବିତ୍ରଆତ୍ମା ପାଇଛନ୍ତି ।

96 ମୋର ଇଚ୍ଛା ଯେ ମୋ ମଣ୍ଡଳୀର ସମସ୍ତ ସଦସ୍ୟ ପରଭାଷାରେ କଥା କୁହନ୍ତୁ । ମୁଁ ଚାହେଁ ଯେ ସେମାନେ ତାହା କରନ୍ତୁ, ଆଉ ଯଦି…ମୁଁ ବିଶ୍ୱାସ କରେ ଯେ ଯଦି ଆପଣ ପରମେଶ୍ୱରଙ୍କୁ ମାଗିବେ, ପରମେଶ୍ୱର ତାହା ଆପଣଙ୍କୁ ପ୍ରଦାନ କରିବେ । ମାତ୍ର ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ; ମୁଁ ଏପରି ଅନେକ ଲୋକମାନଙ୍କୁ ଜାଣେ ଯେଉଁମାନେକି ପରଭାଷାରେ କଥା କୁହନ୍ତି ମାତ୍ର ପବିତ୍ରଆତ୍ମା ପାଇ ନାହାଁନ୍ତି । ଏବଂ ଏପରି କୌଣସି ସେବକ ନାହାଁନ୍ତି ଯିଏକି ନିଜ ସହିତ ଓ ନିଜର ସହଭାଗୀତା ସହିତ ସଙ୍କୋଚ ଥାଆନ୍ତି ମାତ୍ର ଯିଏକି ଆପଣା ମଣ୍ଡଳୀକୁ ସେହି ସମାନ ବିଷୟ କୁହନ୍ତି । ଶୟତାନ ତାହା ନକଲ କରିପାରେ ।

97 ପାଉଲ କହିଲେ, "ଯଦିଓ ମୁଁ ମନୁଷ୍ୟ ଏବଂ ସ୍ୱର୍ଗଦୂତଙ୍କ ଭାଷା କହିପାରେ, ଯଦିଓ ମୁଁ ନିଜ ଶରୀରକୁ ବଳିଦାନ ନିମନ୍ତେ ଦଗ୍ଧ ହେବାକୁ ଦେଇ ପାରେ, ଯଦିଓ ମୁଁ ବାକ୍ୟର ସମସ୍ତ ନିଗୁଢ ତତ୍ତ୍ୱ ବୁଝିପାରେ, ଯଦିଓ ମୁଁ ନିଜର ସମସ୍ତ ବିଷୟ ଦରିଦ୍ରକୁ ଦେଇପାରେ, ଏବଂ ଏହି ସମସ୍ତ ବିଷୟ କରିପାରେ, ମାତ୍ର ପ୍ରେମ ରଖେ ନାହିଁ, ତଥାପି ସୁଦ୍ଧା ମୁଁ କିଛି ନୁହେଁ । ମୋ ଠାରେ ବିଶ୍ୱାସ ଅଛି ଯେ ମୁଁ ପର୍ବତଗୁଡିକୁ ଘୁଞ୍ଚାଇପାରେ ଓ ଇତ୍ୟାଦି କରିପାରେ; ତଥାପି ସୁଦ୍ଧା ମୁଁ କିଛି ନୁହେଁ ।" ତାହାପରେ ସେ କହିଲେ, "ଯେତେବେଳେ ସିଦ୍ଧ ବିଷୟ ଆଗମନ ହୁଏ ଆଂଶିକ ବିଷୟ ଲୋପ ପାଇଯାଏ," କିମ୍ବା, "ଯେତେବେଳେ ସିଦ୍ଧ ବିଷୟ ପ୍ରକଟିତ କରାଯାଏ ।"

ତେବେ, ତାହା ଉପରେ ମୋ ପାଖରେ ଗୋଟିଏ ପ୍ରଶ୍ନ ଅଛି । ମୁଁ ଆଶା କରେ ଯେ ଆଜି ରାତ୍ରି ମୁଁ ସେହି ବିଷୟରେ ତାହା ନେଇପାରେ, ଯେ ସେତେବେଳେ କଅଣ ଘଟିଲା ଯେତେବେଳେ ମୁଦ୍ରାଗୁଡିକ ଫିଟା ହେଲା । ଆଉ ମୁଁ ଭାବୁଛି ଯେ ହୋଇପାରେ ତାହା ଆପଣଙ୍କୁ ଠିକ ଏହି ପ୍ରଶ୍ନ ଉପରେ ସେହି ବିଷୟକୁ ନେଇ ଆସିବ ।

**290.** ପ୍ରଶ୍ନ: **ଭାଇ ବ୍ରାନ୍‌ହାମ୍, ଆମେ କଅଣ କରିବା? କିଛି ଗୋଟାଏ ମୋ ମନରେ ଆସି ବସିଯାଇଛି ଯାହାକି ମୁଁ ଭାଙ୍ଗି ପାରୁ ନାହିଁ । ଗତ ହେମନ୍ତ ଋତୁରେ, ମୁଁ ସ୍ୱପ୍ନ ଦେଖିଲି ଯେ ମୁଁ ଶ୍ୱେତ ବାଲୁକା ମଧ୍ୟରେ ହଜି ଯାଇଛି । ତାହା ଅନ୍ଧକାର ହୋଇ ଆସୁଥିଲା; ମୁଁ ମୋ ବାଟ ପାଇ ପାରୁ ନ ଥିଲି । ଏହି ସ୍ୱପ୍ନଟି ଗତ ହେମନ୍ତ ଋତୁଠାରୁ ମୋ ସହିତରେ ରହି ଆସିଛି । ବର୍ତ୍ତମାନ, ମୁଁ ଅନ୍ଧକାରରେ ଜଣେ ଧକ୍କି ଯାଉଥିବା ପରି ଅଟେ । ମୋ ପୁଅ (ଏ-ର-ୱି-…), ଏର୍ୱିନ୍, ଓ ତାର ପତ୍ନୀ ସେହି ସ୍ୱପ୍ନରେ ସମ୍ପୃକ୍ତ ଥିଲେ ।**

**ବର୍ତ୍ତମାନ, ସେମାନେ ମଧ୍ୟ ଅନ୍ଧକାରରେ ଅଛନ୍ତି। ଆମେମାନେ ବ୍ୟାକୁଳିତ—ଆମେମାନେ ବ୍ୟାକୁଳିତ ଅବସ୍ଥାରେ ଥିଲୁ। ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଆପଣଙ୍କୁ ଦେଖାଇବେ ଯେ ଆମମାନଙ୍କ ହୃଦୟରେ ବର୍ତ୍ତମାନ କଅଣ—କଅଣ ଅଛି।** (ଶ୍ରୀମତି...ଓଃ, ଠିକ ଅଛି।) **ଯଦି ଆମେମାନେ ଭୁଲ୍ ଅଛୁ କିମ୍ବା ପାପମୟ ସ୍ଥାନଗୁଡିକରେ ଅଛୁ, ତେବେ ଆମକୁ ଜଣାନ୍ତୁ। ଆମେ ଠିକ ହେବାକୁ ଚାହୁଁ।**

98 ମୁଁ ସେହି ସ୍ତ୍ରୀଲୋକକୁ ଜାଣେ ନାହିଁ, ମାତ୍ର ମୁଁ ଏହା ଅନୁଭବ କରେ ଯେ ହେ ମହିଳା, ଯଦି ଆପଣ ଏଠାରେ ଅଛନ୍ତି, ଆପଣଙ୍କର ସମସ୍ୟା ଏଠାରେ ଅଟେ। ଆପଣ ନିଜ ସହିତରେ ଏପରି କିଛି ଘଟିବାକୁ ଦେଇଛନ୍ତି ଯାହା ଆପଣଙ୍କୁ ଅଧୀର କରି ଦେଇଛି, କାରଣ *ଶ୍ୱେତ ବାଲୁକା*ରେ ହେବାର ଅର୍ଥ ତାହା "ବିଶୁଦ୍ଧତା ଓ ଧାର୍ମିକତା" କୁ ଦର୍ଶାଏ। ଆଉ ଆପଣ ଶୟତାନକୁ ଆପଣଙ୍କ ନିଜ ଉପରେ ଲଦୀ ଦେବାକୁ ଅନୁମତି ଦେଉଛନ୍ତି। ଆପଣଙ୍କର ସ୍ୱପ୍ନ ଏହା ପ୍ରମାଣିତ କଲା ଯେ ସେଥିରେ କିଛି ହେଲେ ଭୁଲ୍ ନାହିଁ। ଆପଣ କେବଳ ଅଧୀର ଅଟନ୍ତି, ଏବଂ ଏହା କରିବା ଦ୍ୱାରା ଓ ଚିନ୍ତା କରିବା ଦ୍ୱାରା, ଆପଣ ନିଜର ବାକି ପରିବାରକୁ ଅଧୀର କରି ଦେଉଛନ୍ତି। ତାହା କରିବା ବନ୍ଦ କରି ଦିଅନ୍ତୁ; ନିଜର ପରମେଶ୍ୱର-ଦତ୍ତ ଅଧିକାରଗୁଡିକୁ ଦାବି କରନ୍ତୁ। ଆପଣଙ୍କର ସ୍ୱପ୍ନ ବ୍ୟାଖ୍ୟା ଦ୍ୱାରା ଏହା ପ୍ରମାଣିତ କରେ ଯେ ଆପଣ ଶ୍ୱେତ ବାଲୁକାରେ ଅଛନ୍ତି। ସବୁକିଛି ଉତ୍ତମ ଅଟେ। ଏହା ଆପଣ, ନିଜେ ସ୍ୱୟଂ, ଅଧୀର ଅଟନ୍ତି।

99 ଏବଂ ଆପଣ ପରିବାରର ଗୋଟିଏ ସଦସ୍ୟକୁ ଅଧୀର କରନ୍ତି, ତାହା ଅନ୍ୟ ସଦସ୍ୟକୁ ମାଡି ଯାଏ, ଓ ପରବର୍ତ୍ତୀ ସଦସ୍ୟକୁ, ଆଉ ପ୍ରଥମ ବିଷୟ ଆପଣ ସମସ୍ତେ ଗୋଳମାଳ କରୁଥାନ୍ତି ଓ ସବୁ କିଛି କରୁଥାନ୍ତି। ଆଉ ପରିବାରର ଗୋଟିଏ ସଦସ୍ୟ କିଛି ଗୋଟାଏ ବିଷୟକୁ ନେଇ ଏକ ପ୍ରକାର ବିରକ୍ତ ହୋଇଯାନ୍ତି, ତାହା ଅନ୍ୟକୁ ବିରକ୍ତ କରି ପକାଏ, ପୁଣି ଅନ୍ୟକୁ, ଆଉ ଅନ୍ୟକୁ, ପ୍ରଥମ ବିଷୟ ଆପଣ ଜାଣନ୍ତି ଯେ ସମଗ୍ର ପରିବାରଟି ବିରକ୍ତ ହୋଇଯାଏ। ତାହା ଶୟତାନ ଅଟେ। ତାହାପରେ ଯଦି ପରିବାରର ଗୋଟିଏ ସଦସ୍ୟ ଆନନ୍ଦ କରେ, ଏହା ହେଉ ଯେ ବାକି ସମସ୍ତେ ମଧ୍ୟ ତାହା ସହିତରେ ଆନନ୍ଦ କରନ୍ତୁ। ତେଣୁ କରି ପରିବାରର ପ୍ରତ୍ୟେକ ସଦସ୍ୟ ତାହା କରିବାକୁ ଚେଷ୍ଟା କରନ୍ତି।

100 ତୁମେ ପ୍ରତ୍ୟେକ ପିଲାମାନେ, ନିଜର ବାପା, ମାଆଙ୍କୁ ସାହାଯ୍ୟ କରିବା ପାଇଁ, ଚେଷ୍ଟା କର। ମାଆ, ଆପଣ...ବାପା, ଆପଣ ପିଲାମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତୁ। ସେହି ବିଷାଦପୂର୍ଣ୍ଣ, ଅବିଶ୍ୱାସୀ ଆତ୍ମାଙ୍କୁ ଆପଣଙ୍କ ଚାରିଆଡେ ଆସିବାକୁ ଦିଅନ୍ତୁ ନାହିଁ। ଆପଣମାନେ ଖ୍ରୀଷ୍ଟିୟାନ ଅଟନ୍ତି। ଆପଣ ପରମେଶ୍ୱରଙ୍କ ଆତ୍ମାରୁ ଜନ୍ମ ନେଇଛନ୍ତି। ଆପଣ ଜଗତର ଲବଣ ଅଟନ୍ତି। ଆପଣଙ୍କଠାରେ ପରମେଶ୍ୱର-ଦତ୍ତ ଅଧିକାରମାନ ଅଛି। ଆଉ ବାଇବଲ କହେ, "ଯଦି କୌଣସି ପ୍ରଶଂସା ଅଛି, ଯଦି କୌଣସି ସଦ୍‌ଗୁଣ ଅଛି, ଏହି ବିଷୟଗୁଡିକ ଉପରେ ଚିନ୍ତା କରନ୍ତୁ।" ସେହି ଭୁଲ ବିଷୟରେ ଚିନ୍ତା କରନ୍ତୁ ନାହିଁ।

ଏବଂ ଭଉଣୀ, ମୁଁ ଭାବୁଛି ଯେ ତାହା ଆପଣଙ୍କର ସମସ୍ୟା ଅଟେ, ପ୍ରିୟ ଭଉଣୀ।

ମୁଁ ସେହି ବିଷୟ ଉପରେ ଅନେକ ଲମ୍ବା ସମୟ ଧରି ରହିପାରେ, ମାତ୍ର ମୁଁ ପ୍ରତିଜ୍ଞା କରିଥିବା ଅନୁସାରେ, କେବଳ କୋଡ଼ିଏ ମିନିଟ୍...ଏବଂ ମୁଁ ସେଗୁଡ଼ିକ ମଧ୍ୟରୁ ଯେତେ ପାରିବି ସେତେ ନେବାକୁ ଚାହେଁ...ଯଦି ତାହା ନୁହେଁ, ତେବେ ତାକୁ ମେଜ ଉପରେ ରଖି ଦିଅନ୍ତୁ ଆଉ ମୁଁ ତାକୁ ପୁଣି ଥରେ ପାଇଯିବି।

**291. କେତେକେ କୁହନ୍ତି ଯେ ଭାଇ ବ୍ରାନ୍‌ହାମ୍ ସେହି ମନୁଷ୍ୟପୁତ୍ର ଅଟନ୍ତି। ମୁଁ ଭାବୁଥିଲି ଯେ ଖ୍ରୀଷ୍ଟ ସେହି ମନୁଷ୍ୟପୁତ୍ର ଅଟେ। କଅଣ ମୋର ଭୁଲ୍ ହୋଇଅଛି?**

101 ତେବେ, ତାହା ଏକ ଉତ୍ତମ ପ୍ରଶ୍ନ ଅଟେ, ଅତି ଉତ୍ତମ ପ୍ରଶ୍ନ। ମାତ୍ର ମୁଁ ସେହି ମନୁଷ୍ୟପୁତ୍ର ନୁହେଁ, ବରଂ ଏକ ମନୁଷ୍ୟପୁତ୍ର ଅଟେ। ସେଥିରେ ବହୁତ୍ ପାର୍ଥକ୍ୟ ଅଛି। ଯୀଶୁ ଖ୍ରୀଷ୍ଟ ସେହି ମନୁଷ୍ୟପୁତ୍ର ଥିଲେ, ସେହି ପରମେଶ୍ୱରଙ୍କ ପୁତ୍ର ଥିଲେ, ସେହି ମନୁଷ୍ୟପୁତ୍ର ଥିଲେ, ଦାଉଦଙ୍କ ପୁତ୍ର ଥିଲେ।

102 ତେବେ, ସେହି କାରଣ ଯେ ସେହି ପ୍ରଶ୍ନ ସମ୍ଭବତଃ ଏହି ବ୍ୟକ୍ତି ପଚାରିଲେ କିମ୍ବା କହିଲେ, କାରଣ ଲୋକମାନେ ମୋତେ ଏକ ଦର୍ଶୀ ବୋଲି ଆଖ୍ୟା ଦିଅନ୍ତି, ଯାହା ମୁଁ କେବେ ବି... ଏଠାରେ ମୋ ପାଖରେ ଠିକ ଗୋଟିଏ ପ୍ରଶ୍ନ ଅଛି ଯାହା ମୋ ପ୍ରତି ଆକ୍ଷେପ କରା ଯାଇଥାଏ। ବୁଝିଲେ? ମାତ୍ର ମୁଁ—ମୁଁ—ମୁଁ...ଆପଣ—ଆପଣ...ଯେତେବେଳେ ମୁଁ ଏହି ପ୍ରଶ୍ନଗୁଡ଼ିକୁ ପାଠ କରେ ଆପଣ ଦେଖିବେ ଯେ ମୁଁ କାହିଁକି ସେହିପରି ଭାବରେ ଉତ୍ତର ଦେଇଥାଏ ଯେପରିକି ମୁଁ ତାହାକୁ ଦିଏ। ଯେପର୍ଯ୍ୟନ୍ତକି ମୁଁ ସୁନିଶ୍ଚିତ ଭାବରେ କିଛି କରିବା ପାଇଁ ଅନୁଭବ ନ କରେ (ବୁଝିଲେ?), ତାହାପରେ ଯାଇ ମୁଁ—ମୁଁ ତାହା କହିବି ଯାହା ମୋତେ କହିବା ଉଚିତ୍। ମାତ୍ର ସେହି ଘଟିକା ଆସି ନାହିଁ।

103 ତେଣୁକରି ମୁଁ ସେହି—ସେହି—ସେହି ଅଭିଷିକ୍ତ ମନୁଷ୍ୟପୁତ୍ର ନୁହେଁ। ମୁଁ ତାହାଙ୍କର ଭବିଷ୍ୟଦ୍‌ବକ୍ତା ବୋଲି ଦାବି କରେ ନାହିଁ। ଅନେକ ଥର ମୁଁ ତାହାକୁ କହିଅଛି ଯେତେବେଳେକି ମୁଁ ତାହା କହିଛି ବୋଲି ଭାବି ନ ଥାଏ, ନିଜକୁ ଟେପ୍‌ରେ ଧରିଥାଏ। ମାତ୍ର ମୁଁ ବେଳେ ବେଳେ ତାହା କହିଥାଏ, କାରଣ ଯଦି ଆପଣ ତାହାକୁ ଅନ୍ୟ କୌଣସି ଶବ୍ଦରେ ଜଣାଇବାକୁ ଚାହାଁନ୍ତି, ଜଣେ *ଭବିଷ୍ୟଦ୍‌ବକ୍ତା* ଇଂରାଜୀ ଭାଷାରେ କେବଳ ମାତ୍ର "ଜଣେ ପ୍ରଚାରକ" ଅଟନ୍ତି। କେହି ହେଲେ ତାହା ଜାଣନ୍ତି; ଶବ୍ଦକୋଷ ଦେଖନ୍ତୁ। ବୁଝିଲେ? ଇଂରାଜୀ ଶବ୍ଦକୋଷରେ ଜଣେ *ଭବିଷ୍ୟଦ୍‌ବକ୍ତା* "ଜଣେ ପ୍ରଚାରକ" ଅଟନ୍ତି। ମାତ୍ର ଏବ୍ରୀ କିମ୍ବା ଗ୍ରୀକ୍ ଶବ୍ଦକୋଷରେ, ଜଣେ *ଭବିଷ୍ୟଦ୍‌ବକ୍ତା* ହେଉଛନ୍ତି "ଜଣେ ଦର୍ଶୀ, ଯିଏକି ଭବିଷ୍ୟତ୍‌ର ବିଷୟଗୁଡ଼ିକୁ ଦେଖନ୍ତି ଓ ବିଷୟଗୁଡ଼ିକୁ କହନ୍ତି।" ମାତ୍ର ଇଂରାଜୀ ଅନୁବାଦରେ, ଜଣେ *ଭବିଷ୍ୟଦ୍‌ବକ୍ତା* ହେଉଛନ୍ତି "ଜଣେ ଦର୍ଶୀ।"

104 ତେଣୁ ମୁଁ ନିଜକୁ ଆପଣଙ୍କର ଭାଇ ଛଡ଼ା ଆଉ କିଛି ବୋଲାଇବାକୁ ଚାହେଁ ନାହିଁ। ମୁଁ ଆପଣଙ୍କର ଭାଇ ଅଟେ, ଏବଂ ଆପଣ ମୋତେ କେବଳ ଭାଇ ବିଲ୍ ବୋଲି, କିମ୍ବା ଭାଇ ବ୍ରାନ୍‌ହାମ୍ ବୋଲି ସମ୍ବୋଧନ କରନ୍ତୁ, କିଅବା ତାହା ବିଷୟରେ ଆପଣ ଯାହା କିଛି କରିବାକୁ

ଚାହାଁନ୍ତି ତାହା କରନ୍ତୁ । ତାହା—ତାହା—ତାହା ଉତ୍ତମ ଅଟେ, ତାହା—ତାହା ଶ୍ରେଷ୍ଠ ଅଟେ । ଆପଣ ଯାହା ବିଶ୍ୱାସ କରନ୍ତି, ତାହାକୁ ନିଜ ପର୍ଯ୍ୟନ୍ତ ରଖିଥାଆନ୍ତୁ । ଆପଣ ବୁଝିଲେ?

105 ଆଉ ବର୍ତ୍ତମାନ, ସେହି ଅନ୍ୟ ପ୍ରଶ୍ନଟି କଅଣ ଥିଲା? ମୁଁ ଏହି ସବୁରେ ଏତେ ଘଣ୍ଟାଚକଟା ହୋଇଯାଏ, ମୁଁ ଭୁଲି ଗଲି ଯେ ବିଷୟଗୁଡ଼ିକ କଅଣ ଥିଲା । ସେଗୁଡ଼ିକରୁ ଗୋଟିଏ ହେଲା, "କଅଣ ମୁଁ ସେହି ମନୁଷ୍ୟପୁତ୍ର ଅଟେ?" ଏବଂ…ଏଠାରେ ତାହା ଅଟେ ଯାହା ମୁଁ ବିଶ୍ୱାସ କରେ । "…ସେହି ମନୁଷ୍ୟପୁତ୍ର କିମ୍ବା ସେହି ଅଗ୍ନିସ୍ତମ୍ଭ ମନୁଷ୍ୟପୁତ୍ର ଅଟେ କି?" ନା! ଅଗ୍ନିସ୍ତମ୍ଭ ସେହି ଅଭିଷେକ ଅଟେ ।

106 ସେହି ଅଗ୍ନିସ୍ତମ୍ଭ…ତେବେ, ତାହା ଟିକେ ଅଧିକ ଗଭୀରକୁ ଚାଲି ଯାଇପାରେ ଯେପର୍ଯ୍ୟନ୍ତକି ଆପଣ ଈଶ୍ୱରତତ୍ତ୍ୱବିଦ୍‌ମାନଙ୍କ ମଧ୍ୟରୁ କେତେକେ, ଡାଃ ୱାୟଲେ, ବୋଧହୁଏ ଭାଇ ଏଠାରେ ଅଛନ୍ତି, ଏବଂ ଆର୍କାନ୍‌ସାସ୍‌ଠାରୁ ଆସିଥିବା ଏହି କେତେକ ସେବକମାନେ, ଏବଂ ଆଖପାଖରେ ଥିବା ମୋର ଉତ୍ତମ ବନ୍ଧୁଗଣ, ସେମାନେ ବୋଧହୁଏ ଜାଣିଥିବେ ।

107 ବର୍ତ୍ତମାନ, ସେହି ଅଗ୍ନିସ୍ତମ୍ଭ *ଲୋଗୋସ୍* ଅଟନ୍ତି ଯାହା ପରମେଶ୍ୱରଙ୍କଠାରୁ ଆସିଥିଲା । ସେହି *ଲୋଗୋସ୍*, ଯାହାକି ବାସ୍ତବରେ ପରମେଶ୍ୱରଙ୍କ ପରିପୂର୍ଣ୍ଣତାର ଗୁଣ ଅଟେ । ଯେତେବେଳେ ପରମେଶ୍ୱର ଏପରି ଏକ ଆକାରକୁ ଆସିଲେ ଯେଉଁଠାରେକି ତାହାଙ୍କୁ ଦେଖା ଯାଇପାରିଥିଲା, ତାହା ସେହି ମହାନ୍ ଆତ୍ମାର ଅଭିଷେକ ଥିଲା ଯାହାକି ଆସିଥିଲା, ତାହା ସଙ୍କୁଚିତ ହୋଇ, ତଳକୁ ଆସିଥିଲା, ପରମେଶ୍ୱର, ପିତା, ସେହି *ଲୋଗୋସ୍* ଯିଏକି ଇସ୍ରାଏଲ ଉପରେ ରହିଥିଲେ, ଯିଏକି…ସେ ପବିତ୍ର ଥିଲେ, ପାପ ଭାର ବୋହି ପାରି ନ ଥିଲା । ସେଠାରେ ଠିକ ଏଦନଠାରେ ଏକ ରକ୍ତ ବଳିଦାନ ରହିବାକୁ ଥିଲା । ତାହାପରେ ସେହି *ଲୋଗୋସ୍* ଦେହ ଧାରଣ କଲା ଓ ଆମମାନଙ୍କ ମଧ୍ୟରେ ବାସ କଲା; ଏବଂ ଯେଉଁଠାରେ ଏହି *ଲୋଗୋସ୍* ଏକ ମାନବ ଶରୀରରେ ବାସ କରିଠିଲା, ଯାହାକି ବଳିଦାନ ଥିଲା…

108 ଯେତେବେଳେ ମନୁଷ୍ୟ ପରମେଶ୍ୱରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଗଲା…ଆଉ ସେତେବେଳେ ପରମେଶ୍ୱର ମନୁଷ୍ୟକୁ ମୁକ୍ତ କରିବା ନିମନ୍ତେ ମନୁଷ୍ୟର ପ୍ରତିମୂର୍ତ୍ତିରେ ଆସିଥିଲେ; ଯାହାକି ମନୁଷ୍ୟ ଓ ପରମେଶ୍ୱରଙ୍କୁ ଏକାଠି କରି ଆଣିଥିଲା । ସ୍ୱର୍ଗ ଓ ପୃଥିବୀ ପରସ୍ପରକୁ ଆଲିଙ୍ଗନ କଲେ ଓ ଚୁମ୍ବନ କଲେ; ପରମେଶ୍ୱର ଓ ମନୁଷ୍ୟ ଜଣେ ଅନ୍ୟକୁ ପିତୃତ୍ୱ ଓ ପୁତ୍ରତ୍ୱ ଭାବରେ ଆଲିଙ୍ଗନ କଲେ ଯେତେବେଳେ *ଲୋଗୋସ୍* ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ ।

109 ଯୀଶୁ କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଓ ମୁଁ ପରମେଶ୍ୱରଙ୍କ ନିକଟକୁ ଯାଏ ।" କଅଣ ତାହା ଠିକ ଅଟେ? ତାହାଙ୍କର ମୃତ୍ୟୁ, କବର, ପୁନରୁତ୍‌ଥାନ ଓ ଆରୋହଣ ପରେ, ଯେତେବେଳେ ସେହି ଦେହକୁ ପରମେଶ୍ୱରଙ୍କର ଦକ୍ଷିଣ ହସ୍ତରେ ରଖାଯିବା ହେତୁ ଉପରକୁ ଉଠାଇ ନିଆ ଗଲା…ତେବେ, ମୋର କହିବାର ଅର୍ଥ ଏହା ନୁହେଁ ଯେ

ପରମେଶ୍ୱରଙ୍କର ଏକ ଦକ୍ଷିଣ ହସ୍ତ ଅଛି, ପରମେଶ୍ୱର ତ ଜଣେ ଆତ୍ମା ଅଟନ୍ତି । ମାତ୍ର *ଦକ୍ଷିଣ ହସ୍ତରେ ରହିବାର* ଅର୍ଥ ହେଉଛି "ପରମେଶ୍ୱରଙ୍କର ଶକ୍ତି ଓ ସାମର୍ଥ୍ୟରେ ।" ଏହା ଯେ ସେହି ନାମରେ ସ୍ୱର୍ଗରେ ସମସ୍ତ କିଛି ନାମିତ ଅଟେ ଓ ତାହାର ଅଧୀନସ୍ଥ ଅଟେ । ପୃଥିବୀରେ ସମସ୍ତ କିଛି ସେହି ନାମରେ ନାମିତ ଅଟେ ଓ ତାହାର ଅଧୀନସ୍ଥ ଅଟେ, ସମସ୍ତ ନାମଗୁଡ଼ିକ ଉପରେ ଏକ ନାମ, ଯୀଶୁ ଖ୍ରୀଷ୍ଟ ।

110 ତେବେ, ଏହି *ଲୋଗୋସ୍* ଯାହାକି ତାହାଙ୍କ ଭିତରେ ଥିଲା, ଯାହାକି ପରମେଶ୍ୱରଙ୍କର ଆତ୍ମା, ସେହି ଅଭିଷେକ ଥିଲା, ସେହି ରକ୍ତର ପବିତ୍ରୀକୃତ ଅନୁଗ୍ରହ ଜରିଆରେ, ଅନେକ ପୁତ୍ରମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ଆଣିଲେ, ଯାହାକି ଏହି ସମାନ *ଲୋଗୋସ୍*ରେ ଅଭିଷିକ୍ତ ହେବା ।

111 ତେବେ, ପେଣ୍ଟିକଷ୍ଟ ଦିନରେ ତାହା ତଳକୁ ଓହ୍ଲାଇ ଆସିଲା, ସେହି ଅଗ୍ନିସ୍ତମ୍ଭ, ଓ ସେହିପରି ଭାବରେ ବିଭକ୍ତ ହୋଇଗଲା, ଏବଂ ଅଗ୍ନିଜିହ୍ୱା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ ଅବସ୍ଥାନ କଲା, ସେମାନଙ୍କର ଜିହ୍ୱା ନୁହେଁ, ବରଂ ଅଗ୍ନିଜିହ୍ୱା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ ଅବସ୍ଥାନ କଲା, ଏହି ଅଗ୍ନିସ୍ତମ୍ଭ ଦ୍ୱାରା ଚିହ୍ନିତ, ଏକ ମନୋନୀତ, ବଛାଯାଇଥିବା ସମୂହ, ଦର୍ଶାଉଥିଲା ଯେ ପରମେଶ୍ୱର ଆପଣାକୁ ମନୁଷ୍ୟଠାରୁ ପୃଥକୀକୃତ କରିଅଛନ୍ତି । କଅଣ ଆପଣମାନେ ଏହା ବୁଝିଲେ? ପରମେଶ୍ୱର, ସେହି *ଲୋଗୋସ୍*, ଆପଣାକୁ ମନୁଷ୍ୟଠାରେ ପୃଥକୀକୃତ କରୁଛନ୍ତି! ପରମେଶ୍ୱର, ଗୋଟିଏ ବ୍ୟକ୍ତିରେ ନୁହେଁ, ସେ ତ ନିଜର ବିଶ୍ୱବ୍ୟାପି ମଣ୍ଡଳୀରେ ଅଛନ୍ତି । ସେହି କାରଣ ଯୋଗୁଁ ଯୀଶୁ କହିଲେ, "ସେହି କାର୍ଯ୍ୟ ଯାହା ମୁଁ କରେ ତୁମେମାନେ ମଧ୍ୟ, ତାହା କରିବ ।" ବର୍ତ୍ତମାନ, ମୁଁ ଜାଣେ ଯେ କିଙ୍ଗ ଜେମ୍ସ କୁହେ, "ଅଧିକ ମହାନ୍," ମାତ୍ର ସେଠାରେ ସଠିକ ଅନୁବାଦ ହେଉଛି "ଏହାଠାରୁ *ଅଧିକ* ତୁମେମାନେ ମଧ୍ୟ କରିବ ।" ପରମେଶ୍ୱର ଗୋଟିଏ ମନୁଷ୍ୟ, ଯୀଶୁ ଖ୍ରୀଷ୍ଟଙ୍କ ଭିତରେ ସଙ୍କୁଚିତ ଓ ସୀମିତ ହୋଇଥିଲେ । ମାତ୍ର ବର୍ତ୍ତମାନ ସେ ଜୀବିତ ପରମେଶ୍ୱରଙ୍କର ସମଗ୍ର ବିଶ୍ୱବ୍ୟାପି ମଣ୍ଡଳୀରେ ସଙ୍କୁଚିତ ଓ ସୀମିତ ହୋଇଅଛନ୍ତି ।

112 ଠିକ ବର୍ତ୍ତମାନ, ଯେତେବେଳେକି ପରମେଶ୍ୱର ଏଠାରେ ଆମମାନଙ୍କ ହୃଦୟ ସହିତରେ କଥା ହେଉଅଛନ୍ତି, ସେ ଆଫ୍ରିକାରେ ଅଛନ୍ତି, ସେ ଏସିଆରେ ଅଛନ୍ତି, ସେ ୟୁରୋପ୍‌ରେ ଅଛନ୍ତି, ସେ ଇଂଲାଣ୍ଡରେ ଅଛନ୍ତି । ଯେଉଁଠାରେ ବି ବିଶ୍ୱାସୀମାନେ ଏକାଠି ଏକତ୍ରିତ ହୁଅନ୍ତି, ସେ ସେଠାରେ ସେମାନଙ୍କ ମଧ୍ୟରେ ରହିଥାଆନ୍ତି ।

113 ବର୍ତ୍ତମାନ, ତାହାଙ୍କର ମୃତ୍ୟୁ, କବର, ଓ ଆରୋହଣ ପରେ, ଏବଂ ପବିତ୍ରଆତ୍ମାଙ୍କର ଆଗମନ ପରେ, ପାଉଲ ଯିଏକି ଶାଉଲ ଥିଲେ, ଦମ୍ମେଶକକୁ, ତାଙ୍କର ଯିବା ବାଟରେ, ସେ ଅଗ୍ନିସ୍ତମ୍ଭ, ସେହି *ଲୋଗୋସ୍* ଦ୍ୱାରା ଆଘାତ କରାଗଲେ । ଆଉ ସେହି ଯିହୂଦୀ କେବେହେଲେ ସେହି ଅଗ୍ନିସ୍ତମ୍ଭକୁ, "ପ୍ରଭୁ" ବୋଲି ଡାକି ନ ଥାଆନ୍ତେ, ଯେପର୍ଯ୍ୟନ୍ତକି ସେ ଏଥିରେ ସୁନିଶ୍ଚିତ ନ ହୋଇଥାଆନ୍ତେ ଯେ ଏହା ସେହି ସମାନ *ଲୋଗୋସ୍* ହିଁ ଥିଲା ଯାହାଙ୍କୁ ତାହାଙ୍କର

ଲୋକମାନେ ପ୍ରାନ୍ତରରେ ଅନୁଶରଣ କରିଥିଲେ। ବୁଝିଲେ? ତେବେ, ତାହା ମନୁଷ୍ୟପୁତ୍ର ନ ଥିଲେ, ତାହା ତ *ଲୋଗୋସ୍* ହିଁ ଥିଲେ।

114 ବର୍ତ୍ତମାନ, ଆମେ ଏହା ସମ୍ମାନ, ଏବଂ ପ୍ରେମ, ଓ ଆଦରର ସହ କହୁ। ବୁଝିଲେ? ଯେପରି ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି, ଏବଂ ପୁଣି ଯେ ସେହି ଶେଷ ଦିନମାନଙ୍କରେ, ଯେପରିକି ତାହା ଲୋଟଙ୍କ ସମୟ ପୂର୍ବରୁ ଥିଲା, କିମ୍ବା ସଦୋମରେ ଲୋଟଙ୍କ ସମୟରେ ଥିଲା, ଠିକ ସେହିପରି ତାହା ସେହି ଦିନରେ ଘଟିତ ହେବ ଯେଉଁ ଦିନ ମନୁଷ୍ୟପୁତ୍ର ଆପଣାକୁ ପୁନର୍ବାର ପ୍ରକଟ କରିବେ, ପ୍ରକଟିତ କରିବାକୁ ଯିବେ। ତେବେ, ଏହି ଶେଷ ଦିନମାନଙ୍କରେ ସେହି *ଲୋଗୋସ୍* ଯାହା ଯୀଶୁଙ୍କ ଉପରେ ଥିଲା, ଯାହାକି ସେ ସେଥିରୁ ପୁନର୍ବାର ଅଗ୍ନିସ୍ତମ୍ଭ ହୋଇଯାଇଥିଲେ ଏବଂ ତାହା କରିବା ପାଇଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଥିଲେ (ମୁଁ କିଛି ବିଷୟ କହିବାକୁ ଯାଉଥିଲି, ମାତ୍ର ମୁଁ ଟେପ୍‌କୁ ଅନାଇଲି।) ସେମାନେ ତାହା ବିଶ୍ୱାସ କରିବେ ନାହିଁ ଯଦି ଆପଣ ସେମାନଙ୍କୁ କହିବେ। ତାହା କୌଣସି ଫରକ୍ ପକାଇବ ନାହିଁ। ସେମାନେ...ଲୋକମାନେ ତାହା ବିଶ୍ୱାସ କରିବେ ନାହିଁ, ମାତ୍ର ମୁଁ ତାହା ଛାଡି ଦେବି), ମାତ୍ର ତାହା ପାଇଁ ତଳକୁ ଓହ୍ଲାଇ ଆସିଛନ୍ତି, ଯେପରିକି ଗୋଟିଏ ପରୀକ୍ଷାମୂଳକ ବିଚାର ଚାଲିଥାଏ।

115 ଏବଂ ବର୍ତ୍ତମାନ, ଏହି ମହାନ୍ ଅଗ୍ନିସ୍ତମ୍ଭ ଯାହାକୁକି ବୈଜ୍ଞାନିକ କ୍ୟାମେରା ଯନ୍ତ୍ର ଦ୍ୱାରା ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇଅଛି, ଯାହାକି ଆଜି ଏଠାରେ ପୃଥିବୀ ଉପରେ ଅଛି... ସେଠାରେ ତାହାର ଫଟୋଚିତ୍ର ଟଙ୍ଗା ହୋଇଅଛି। ମୁଁ ବିଶ୍ୱାସ କରେ ଯେ ଏହା ଏବେବି ସେଠାରେ ରହିଛି, କଅଣ ତାହା ଠିକ ନୁହେଁ କି? କଅଣ ତାହା ସେଠାରେ ଅଛି କି? ଯାହା ଆମ ପାଖରେ ଅଛି ତାହାର ସର୍ବୋତ୍ତମ ଯନ୍ତ୍ର ଦ୍ୱାରା ବୈଜ୍ଞାନିକ ଭାବେ ପରୀକ୍ଷିତ ଅଟେ। ଜର୍ଜ ଜେ. ଲେସୀ, ଆଙ୍ଗୁଳି ଚିହ୍ନ ଓ ଦସ୍ତାବେଜ ଯାଞ୍ଚ ନିମନ୍ତେ ଏଫବିଆଇ ପ୍ରମୁଖ, କହିଲେ, "ମୁଁ ନିଜେ ଏହାକୁ ମନୋବିଜ୍ଞାନ ବୋଲି କହିଥିଲି, ସମ୍ମାନୀୟ ବ୍ରାନ୍‌ହାମ୍, କିନ୍ତୁ," କହିଲେ, "ପ୍ରକାଶ ସେହି ଲେଂସ କାଞ୍ଚକୁ ଆଘାତ କରିଥିଲା। ମୁଁ ତାହାକୁ ପାର-କିରଣ ପ୍ରକାଶ ତଳେ ରଖିଲି ଓ ଚାରି କିମ୍ବା ପାଞ୍ଚ ଦିନ ପର୍ଯ୍ୟନ୍ତ ଏକ ପରୀକ୍ଷା କଲି। ଏବଂ ପ୍ରକାଶ ସେହି ଲେଂସ କାଞ୍ଚକୁ ଆଘାତ କଲା। ଏବଂ ଏହି ଲେଂସ କାଞ୍ଚ ମନୋବିଜ୍ଞାନକୁ ଗ୍ରହଣ କରେ ନାହିଁ!" ବର୍ତ୍ତମାନ, ତାହା ଚିହ୍ନଟ କରାଯାଇଛି।

116 ତେବେ ତାହାର କାର୍ଯ୍ୟଗୁଡିକୁ ଦେଖନ୍ତୁ। ତାହା, ଆମମାନଙ୍କ ମଧ୍ୟରେ, ପ୍ରମାଣ କରେ ଯେ ସେହି ସମାନ ଯୀଶୁ ଯିଏକି ଥରେ ପାଲେଷ୍ଟାଇନ୍‌ରେ ରହିଥିଲେ, ସେହି ସମାନ ଆତ୍ମା ଯାହାକି ତାହାଙ୍କ ଉପରେ ରହିଥିଲା ତାହା ଏକ ଶରୀର ଦେଇ ଆସିଅଛି ଯେପର୍ଯ୍ୟନ୍ତକି ତାହା ପୁନର୍ବାର ମସ୍ତକ ପର୍ଯ୍ୟନ୍ତ ଆସି ନ ଯାଇଛି, ଯାହାକି ସେ ଶୀଘ୍ର ସେହି ଶରୀରକୁ ଦାବି କରିବା ପାଇଁ ଆସୁଛନ୍ତି। ଆମେନ! ସେହି ମସ୍ତକ ଶରୀର ପାଖକୁ ଆସୁଅଛି। କଅଣ ଆପଣ ତାହା

ବୁଝିଲେ? ତାହା ପରମେଶ୍ୱରଙ୍କ ପୁତ୍ର, ମନୁଷ୍ୟପୁତ୍ର ହେବ, ଦାଉଦଙ୍କ ପୁତ୍ର, ସେହି **ମୁଁ ଅଟେ** ହେବ, ଶାରୋଣର ଗୋଲାପ, ଉପତ୍ୟକାର ଶୋଷନ, ପ୍ରଭାତି ତାରା ହେବ ।

117 ମୁଁ ସେ ନୁହେଁ; ମୁଁ ତ ତାହାଙ୍କର ଦାସ ଅଟେ । ଏବଂ ଅଗ୍ନିସ୍ତମ୍ଭ ସେ ନୁହଁନ୍ତି; ତାହା ତ ଆତ୍ମା ରୂପରେ ଅଟେ (ବୁଝିଲେ?) ଯାହାକି ସେହି ମନୁଷ୍ୟପୁତ୍ର ଉପରେ ରହିଥିଲା ଓ ବର୍ତ୍ତମାନ ମନୁଷ୍ୟ ସନ୍ତାନମାନଙ୍କୁ ଅଭିଷେକ କରିବା ପାଇଁ ଆସିଅଛି, ଯେପରିକି ଏକ ସେବାକାର୍ଯ୍ୟକୁ ଫେରାଇ ଆଣେ ଠିକ ଯେପରିକି ସେ କହିଥିଲେ ଯେ ତାହା ହେବ, ଯଦ୍ଦ୍ୱାରା ସେହି ମସ୍ତକ ଓ ଅବଶିଷ୍ଟ ଶରୀର ସଂଯୁକ୍ତ ହୋଇଯାଏ ।

118 ଠିକ୍ ଯେପରିକି—ଯେପରିକି ସେହି ପିରାମିଡ଼ ଯାହା ହନୋକ ନିର୍ମାଣ କରିଥିଲେ । ଏବଂ ଆମେ ପିରାମିଡରେ ପାଉ ଯେ, ସେମାନେ କଦାପି ତାର ଶିରପ୍ରସ୍ତର ରଖି ପାରି ନ ଥିଲେ । କାହିଁକି? ସେହି ଶିରପ୍ରସ୍ତର ଏବେ ମଧ୍ୟ ଆସିବା ବାକି ଅଛି । ପିରାମିଡରେ—ରେ ସାତୋଟି ପାହାଚ ଅଛି...ଆମେ କୌଣସି ଦିନେ ତାହା ଦେଇ ଯିବା, ଏବଂ ମୁଁ ଆପଣଙ୍କୁ ଦେଖାଇବାକୁ ଇଚ୍ଛା କରେ ଯେ ଏହା କିପରି ବାସ୍ତବିକ ଭାବରେ ଶାସ୍ତ୍ର ସହିତ ସିଦ୍ଧ ଅଟେ ।

119 ଆଉ ବର୍ତ୍ତମାନ, ଯଦି ଆପଣ ନିଜର ଆମେରିକୀୟ ଡଲାର ଟଙ୍କା ଉପରେ ଲକ୍ଷ୍ୟ କରିବେ, ସେହି ମହାନ ଶିରପ୍ରସ୍ତର, ଗୋଟିଏ ଚକ୍ଷୁ ଅଛି, କୁହେ, "ସେହି ମହାନ୍ ମୁଦ୍ରା ।" ତାହା ଆସିବ ।

ଆଉ ସେହି ପଥରଗୁଡିକୁ ଦେଖନ୍ତୁ...କଅଣ ଏଠାରେ ଥିବା କେହି ମିସରରେ ପିରାମିଡକୁ ଯାଇଛନ୍ତି କି? ତେବେ, ଯଦି ଆପଣ ଲକ୍ଷ୍ୟ କରିବେ...ହଁ, ଏଠାରେ, ସେଠାରେ ହାତ ରହିଛି ଯାହାକି ସେଠାରେ ଉପରେ ଅଛି । ଠିକ୍ ଅଛି । ସେହି ପଥରଗୁଡିକ ସେଠାରେ ଏତେ ସିଦ୍ଧ ଭାବେ ରହିଛି, ଆଉ ସେହି ଶୀର୍ଷ, ଯେଉଁଠାରେକି ତାହାର ଶୀର୍ଷରେ ସେହି ଗୋଲାକାର ଆକୃତି, ଯେତେବେଳେ ସେହି ପଥର ଆସେ, ତାହା ଏହିପରି ହେବ ଯେପରିକି ଏକ ବଡ ହୀରା ଠିକ୍ ସେଠାରେ ତାହା ସହିତ ସିଦ୍ଧ ଭାବେ ଲାଗିଥାଏ ।

120 ତେବେ, ସେହି ପଥର ସେଠାରେ ତଳେ ଭିତ୍ତିମୂଳରେ ଲାଗିବ ନାହିଁ, କିମ୍ୱା ତାହା ଦ୍ୱିତୀୟ ଭିତ୍ତିମୂଳ କିଅବା ତୃତୀୟ ଭିତ୍ତିମୂଳରେ ଠିକ ଲାଗିବ ନାହିଁ । ତାହା ତ କେବଳ ସେହି ଶୀର୍ଷ ଭିତ୍ତିମୂଳରେ ଲାଗିବ, ଯେତେବେଳେକି ସେହି ସମଗ୍ର ଭବନଟି ସେହି ପଥର ସହିତ ଯୋଡ଼ି ହୋଇଯାଇଥିବ । ଆଉ ଯୀଶୁ ସେପର୍ଯ୍ୟନ୍ତ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମଣ୍ଡଳୀ, ବିଶ୍ୱାସୀମାନଙ୍କର ଏକ ଦେହ ଏବଂ ସେହି ସେବାକାର୍ଯ୍ୟ ଯାହାକି ସେ ଥରେ ଛାଡି ଚାଲି ଯାଇଥିଲେ ସେହି ସମାନ ଭବରେ ହିଁ ହେବାକୁ ଅଛି ଯେତେବେଳେକି ତାହା ସେପରି ଥିଲା...ଆଉ ତାହାପରେ, ତାହା ନେଇକରି ଆସେ..."ଆମ ବିନୁ ସେମାନେ ସିଦ୍ଧ ହେବେ ନାହିଁ," ପାଉଲ କହିଲେ, ଏବ୍ରୀ 11 । "ଆମ ବିନୁ ସେମାନେ ସିଦ୍ଧ ହୋଇପାରନ୍ତି ନାହିଁ ।" ସେମାନଙ୍କଠାରେ ସେହି ସେବାକାର୍ଯ୍ୟ ନିଶ୍ଚିତ ରହିବା ଉଚିତ୍ ଯେ ସେମାନେ ଲୁଥରାନ୍, ୱେସ୍ଲି, ଓ ସେହି ସମସ୍ତଙ୍କୁ ସେମାନଙ୍କର ଯୁଗ ଦେଇ ଉତ୍ଥାପିତ କରନ୍ତି । ଯେତେବେଳେ

ତାହା ଆସିବ, ଯେତେବେଳେ ଉତ୍କ୍ରୋଶ ପକ୍ଷୀମାନଙ୍କ ଏକତ୍ର ହେଉଥିବାର ସେହି ଅଂଶ… “ଯେଉଁଠାରେ ମଢ଼ ଥାଏ ଉତ୍କ୍ରୋଶ ପକ୍ଷୀମାନେ ସେଠାରେ ଏକତ୍ରିତ ହୁଅନ୍ତି,” ସେହି ପ୍ରଶ୍ନଟି ଥିଲା । ଓଃ, ତାହା କେତେ ସିଦ୍ଧ ଅଟେ । ମୁଁ ଆଶା କରେ ଯେ ତାହା ସେହି ପ୍ରଶ୍ନର ଉତ୍ତର ଦେଲା ।

**292. ଭାଇ ବ୍ରାନ୍‌ହାମ୍, କଅଣ ଶୟତାନ ଏପରି ଜଣେ ବ୍ୟକ୍ତିଙ୍କଠାରେ ପରଭାଷା କିମ୍ବା ଭବିଷ୍ୟଦ୍‌ବାଣୀର ଦାନକୁ ବ୍ୟବହାର କରିପାରେ କି ଯିଏକି ପବିତ୍ରଆତ୍ମା ପାଇଛନ୍ତି?**

121 ତାହା ଗୋଟିଏ ଭଲ ପ୍ରଶ୍ନ ଅଟେ ନୁହେଁ କି? ହଁ, ଶ୍ରୀମାନ! ଯଦି…ତାହାକୁ ଅତି, ଅତି ଧ୍ୟାନ ସହକାରେ ଲକ୍ଷ୍ୟ କରାଯିବା ଉଚିତ । ଯଦି ଆପଣ ପ୍ରଥମ କରିନ୍ଥିୟ 14:29 ରେ ଲକ୍ଷ୍ୟ କରିବେ, ଆପଣ ଯେଉଁମାନେକି ଏହାକୁ ଲେଖିବାକୁ ଚାହାଁନ୍ତି…ବୁଝିଲେ? ସେହି—ସେହି ବ୍ୟକ୍ତି ଯିଏକି ଏହାକୁ ଲେଖିଲେ ସେମାନଙ୍କର ନାମକୁ କେବେବି ହସ୍ତାକ୍ଷର କଲେ ନାହିଁ; ସେମାନେ କେବଳ କହିଲେ, “ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।” ବୁଝିଲେ? ପ୍ରଥମ କରିନ୍ଥିୟ 14:29 ରେ ଆମେ ପାଉ ଯେ ମଣ୍ଡଳୀରେ ଯେକୌଣସି ଦାନ ପ୍ରଥମେ ପରୀକ୍ଷା କରାଯିବାକୁ ଥାଏ । ବୁଝିଲେ? ଆପଣଙ୍କୁ ଧ୍ୟାନ ଦେବାକୁ ଅଛି, ‘କାରଣ ମନ୍ଦାତ୍ମାଗୁଡିକ ଚୁପ୍ କରି ଭିତରକୁ ଆସିଯାଆନ୍ତି । କାରଣ ମନେ ରଖନ୍ତୁ, ବର୍ଷା ଧାର୍ମିକ ଓ ଅଧାର୍ମିକ ଉଭୟଙ୍କ ଉପରେ ପଡିଥାଏ । ସେହି ସମାନ ବର୍ଷା ଯାହାକି ଗହମକୁ ପରିପକ୍ୱ କରିବା ପାଇଁ ପଠା ଯାଇଥିଲା ବାଳୁଙ୍ଗାକୁ ମଧ୍ୟ ପରିପକ୍ୱ କରେ, ସେହି ସମାନ ଜଳ । କେତେ ଜଣ ତାହା ଜାଣନ୍ତି? ତେବେ, ତାହା ଆପଣଙ୍କଠାରେ ସର୍ପବଂଶକୁ ସ୍ପଷ୍ଟ କରିଦେବା ଉଚିତ, ଯେ କିପରି ଭାବରେ ଏହି ପୁତ୍ର ଆସିଥିଲା । ମୁଁ ଏହାକୁ ଏଠାରୁ ଗୋଟାଇବାକୁ ଚେଷ୍ଟା କରୁଅଛି ଯେ ମୁଁ ତାହା ପାଇଯାଏ ଏହା ପୂର୍ବେକି ମୋର ସମୟ ସମାପ୍ତ ହୋଇଯାଏ, ମାତ୍ର ମୁଁ ତାହା ପାଇପାରୁ ନାହିଁ: ତେଣୁ, କିପରି ଯେ ସେହି ପୁତ୍ର ସର୍ପବଂଶ ବିଷୟରେ ଥିଲା? ବୁଝିଲେ?

122 ପରମେଶ୍ୱରଙ୍କର ଗୋଟିଏ ବ୍ୟବସ୍ଥା ଅଛି । ତେବେ, ଏହା ଉପରେ, ଜୀବନର ଆତ୍ମାର ଏହି ବ୍ୟବସ୍ଥାରେ ଆପଣଙ୍କୁ ଲକ୍ଷ୍ୟ କରିବାକୁ ଅଛି, କାରଣ ଶୟତାନ ଚୁପ୍ କରି ଭିତରକୁ ପ୍ରବେଶ କରି ଆସେ ।

123 ଆଉ ପାଉଲ, ଯେତେବେଳେ କିଛି ବିଷୟ କାହାରି ଉପରେ ପ୍ରକଟିତ କରା ଯାଉଥିଲା, ତେବେ ତାହାକୁ ଅତି କମ୍‌ରେ ଦୁଇ କିମ୍ବା ତିନିଜଣ ବିଚାର କରିବାକୁ ପଡୁଥିଲା ଏହା ପୂର୍ବେକି ତାହାକୁ ମଣ୍ଡଳୀ ସମ୍ମୁଖରେ କୁହା ଯାଇପାରନ୍ତା ।

124 ତେବେ, ଏଠାରେ ମୁଁ ମଧ୍ୟ ଏହା କହିପାରେ । ମୁଁ ଦେଖୁଛି ମୋର…ମୁଁ ଭାବୁ ନାହିଁ ଯେ ଆଜିରାତ୍ରି ମୋ ଭାଇ ଏଠାରେ ଅଛନ୍ତି, ମାତ୍ର କେହି ଜଣେ ସେହି ଆରାଧନାଳୟକୁ ଛାଡି ଭାଇ ଜୁନିୟର ଜ୍ୟାକସନ୍‌ଙ୍କ ମଣ୍ଡଳୀକୁ ଚାଲି ଯିବା ବିଷୟରେ କାହାରି ଜଣକାର ପରିହାସ କରିଥିଲେ । କହିଲେ, “ସେମାନେ ‘ମୃତ ପକ୍ଷୀମାନଙ୍କ’ ମଧ୍ୟକୁ ଚାଲି ଗଲେ ।” କଅଣ ଆପଣ ସେହିପରି ଏକ ଟିପ୍ପଣୀ କରିବାକୁ ଲଜ୍ଜିତ ନୁହଁନ୍ତି କି? ଆପଣ ଯେକେହି ବି ହୁଅନ୍ତୁ, ଯଦି ଆପଣ ଏଠାରେ ଖ୍ରୀଷ୍ଟରେ ମୋର ସନ୍ତାନ ଅଟନ୍ତି, ମୁଁ ଆପଣଙ୍କ ନିମନ୍ତେ ଲଜ୍ଜିତ ଅଟେ ।

ସେହିପରି ଏକ ବିଷୟ କରନ୍ତୁ ନାହିଁ । ଜୁନିୟର ଜ୍ୟାକସନ୍ ମୋ ଭାଇ ଅଟନ୍ତି । ଡନ୍ ରୁଡେଲ୍ ମୋ ଭାଇ ଅଟନ୍ତି ।

125 ତେବେ, ଏହାର କାରଣ ହେଲା, ଯେ ଯେତେବେଳେ ମୁଁ ଏଠାରେ ମଣ୍ଡଳୀକୁ ଏକ ନିଶ୍ଚିତ କ୍ରମରେ ବ୍ୟବସ୍ଥିତ କରେ, ଯେତେବେଳେ ମୁଁ ଫେରି ଆସେ, ଏହା ଦେଖିବା ହେତୁ ଯେ ମୁଁ ଯଦି ଦାନଗୁଡିକର ପ୍ରକଟୀକରଣ ପାଇପାରେ କି, ସେମାନଙ୍କ ମଧ୍ୟରୁ ଅଧେ ତାହାଠାରୁ ଅଲଗା ହୋଇଗଲେ । କାରଣ ଯେତେବେଳେ ଆପଣ କହିବାକୁ, କିମ୍ବା ପ୍ରଚାର କରିବାକୁ ଆରମ୍ଭ କରନ୍ତି, କିଅବା ଅନ୍ୟ କିଛି, ତାହା...ତାହା ଏପରି ଏକ ସ୍ଥାନକୁ ପହଞ୍ଚୁଥିଲା ଯେଉଁଠାରେକି ଆପଣ ବଡ଼ କଷ୍ଟରେ ପ୍ରଚାର କରିପାରିଥିଲେ ଯେପର୍ଯ୍ୟନ୍ତକି ସେଠାରେ କେହି ଜଣେ ପରଭାଷାରେ କଥା କହି ନ ଦିଏ, କେହି ଜଣେ ଅନୁବାଦ ନ କରି ଦିଏ, କେହି ଜଣେ ବ୍ୟାଖ୍ୟା ନ କରି ଦିଏ; ଏବଂ ତାର ଅଧା ବି ସୁଦ୍ଧା କେବେ ସଫଳ ହୁଏ ନାହିଁ ।

126 ବର୍ତ୍ତମାନ, ମୁଁ ପରଭାଷାରେ କଥା କହିବାରେ ବିଶ୍ୱାସ କରେ । ମୁଁ ବ୍ୟାଖ୍ୟା କରାଯିବାରେ ବିଶ୍ୱାସ କରେ, ମାତ୍ର ତାହା କିଛି ଗୋଟାଏ ମଣ୍ଡଳୀ ସହିତ ସୀଧାସଳଖ ସମ୍ବନ୍ଧ ହେବା ଉଚିତ୍, ଏହା ନୁହେଁ ଯେ, "ପ୍ରଭୁ ଶୀଘ୍ର ଆସୁଛନ୍ତି," କିମ୍ବା କିଛି ଗୋଟାଏ—ଯାହାକି ସବୁ ଠିକ ଅଟେ । ମାତ୍ର, "ବୃଥା ପୁନରାବୃତ୍ତି କର ନାହିଁ," ଯୀଶୁ କହିଲେ, "ଯେପରିକି ପ୍ରତିମା ପୂଜକମାନେ କରିଥାଆନ୍ତି ।"

127 ତାହା କିଛି ଗୋଟାଏ ହେବା ଉଚିତ୍ । "ଯାଅ ଏବଂ *ଅମୁକ-ଓ-ଅମୁକ* ଭାଇଙ୍କୁ ଏହା କୁହ ଯେ ସେ ଏପରି ଏକ ବିଶିଷ୍ଟ କାର୍ଯ୍ୟ କରିଛନ୍ତି ଆଉ—ଆଉ ଏହା ପାଇବାକୁ..." "କାହିଁକି, ଯାଅ ଓ *ଅମୁକ-ଓ-ଅମୁକ* ଭାଇ, ଭଉଣୀକୁ କୁହ, ଯେତେବେଳେ ସେ ଅନ୍ୟ ଏକ ଦିନ ସେଠାରେ ତଳେ ଏକ ବିଶିଷ୍ଟ କାର୍ଯ୍ୟ କଲେ, ସେ ତାଙ୍କ ସ୍ୱାମୀଙ୍କର ସେହି ବ୍ୟବସ୍ଥାକୁ...ତାଙ୍କ ସ୍ୱାମୀଙ୍କ ପ୍ରତି ସେହି ଶପଥକୁ ଭଗ୍ନ କଲେ । ଯେପର୍ଯ୍ୟନ୍ତକି ସେ ଏହାକୁ ସଠିକ୍—ସଠିକ୍ ନ କରି ନିଅନ୍ତି, ପବିତ୍ରଆତ୍ମା ତାଙ୍କୁ ବିଚ୍ୟୁତ କରି ଦେବେ ।" ସେଠାରେ ଆପଣଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ଥାଏ!

128 ତାହାପରେ ସେହି ପାପକୁ ଭିତରକୁ ନେଇକି ଆସନ୍ତୁ । ସେତେବେଳେ ଯାଇ ଆମ ପାଖରେ ଏକ ମଣ୍ଡଳୀ ରହିବ ଯେପରିକି ସେତେବେଳେ ଥିଲା ଯେତେବେଳେ ହନନୀୟା ଓ ସଫିରା ଭିତରକୁ ଆସିଥିଲେ । ତେବେ ଯାଇ ଆମ ପାଖରେ ଏକ ମଣ୍ଡଳୀ ରହିବ ଯାହାକି ଦୃଢ ଭାବରେ ଛିଡା ରୁହେ ।

"ଓଃ," ଆପଣ କୁହନ୍ତି, "ଭାଇ ବ୍ରାନ୍‌ହାମ୍..." ଜଣେ ବ୍ୟକ୍ତି, ମୁଁ ତାକୁ ତାହା କହିଲି; ସେ କହିଲେ, "ତେବେ, ଆପଣ ଆମକୁ ବହୁତ ଅଧିକ କେନ୍ଦ୍ରରେ ରଖୁଛନ୍ତି ।"

129 ମୁଁ କହିଲି, "କଅଣ ମୁଁ ସେତେବେଳେ ଉପରେ କେନ୍ଦ୍ରରେ ନ ଥାଏ କି ଯେତେବେଳେ ବିଦେଶୀ ଲୋକମାନଙ୍କ ସମ୍ମୁଖରେ ରହିଥାଏ ଯାହାଙ୍କୁ ମୁଁ ମୋ ଜୀବନରେ କେବେ ହେଲେ ଦେଖି ନାହିଁ? ମାତ୍ର ମୋର ମୋ ପରମେଶ୍ୱରଙ୍କଠାରେ ବିଶ୍ୱାସ ଓ ଭରସା ଅଛି ଯିଏକି ମୋତେ

ଏହା କରିବା ପାଇଁ ପଠାଇ ଅଛନ୍ତି, ଏବଂ ଗୋଟିଏ ଥର ହେଲେ କଦାପି ଏହା କେବେ ଭୁଲ୍ ହୋଇ ନାହିଁ କିମ୍ୱା ତାହା କେବେ ହେବ ନାହିଁ ଯେପର୍ଯ୍ୟନ୍ତ କି ତାହା ପରମେଶ୍ୱର ଅଟନ୍ତି।" ତାହା ଠିକ ଅଟେ।

130 ପରଭାଷାରେ କଥା କହିବା ଓ ସେହିପରି ବିଷୟ କରିବା ନୁହେଁ...ମୁଁ ବିଶ୍ୱାସ କରେ ଯେ ସେହି ପରଭାଷା ଓ ସେହି ଦାନସବୁ ପ୍ରାପ୍ତ ହୋଇଥିବା ଲୋକମାନେ, ଯଦି ସେମାନେ ବାସ୍ତବିକ ବିଶୁଦ୍ଧ ଖ୍ରୀଷ୍ଟିୟାନ ଅଟନ୍ତି ଓ ସେଥିରେ ଇଚ୍ଛୁକ ଅଟନ୍ତି, ସେମାନେ ପରସ୍ପର ସହିତ ସାକ୍ଷାତ କରି ନେବେ, କାରଣ...ଆଉ ସେମାନଙ୍କର ପରଭାଷା ଓ ଅନୁବାଦଗୁଡିକୁ ପ୍ରଦାନ କରିବେ ଓ ଦେଖିବେ ଯେ ସେମାନେ ପରମେଶ୍ୱରଙ୍କ ରାଜ୍ୟ ବୃଦ୍ଧି ପାଇଁ କଅଣ କରିପାରନ୍ତି। ସେମାନଙ୍କର ନିଜର ଗୋଟିଏ ସେବାକାର୍ଯ୍ୟ ଅଛି, ମାତ୍ର ତାହାର ଏଠାରେ ଦର୍ଶକବୃନ୍ଦଙ୍କ ମଧ୍ୟରେ କୌଣସି ସ୍ଥାନ ନାହିଁ ଯେଉଁଠାରେକି ସେହି—ସେହି ପାପୀମାନଙ୍କ ସହିତରେ ବ୍ୟବହାର କରାଯାଏ ଓ ଇତ୍ୟାଦି ସବୁ କରାଯାଏ। ବାଇବଲ କୁହେ, "ସେମାନେ କହିବେ ଯେ ଆପଣ ଅଶିକ୍ଷିତ ଅଟନ୍ତି।"

131 ବେଳେ ବେଳେ ସେମାନେ ଏହା ସହିତ ଏତେ ଅସଦାଚରଣ ହୋଇଯାଆନ୍ତି ଓ—ଓ ପ୍ରଭୃତି ସବୁ...ଏହା ନୁହେଁ ଯେ ଆମ ସମୂହ ପାଖରେ ତାହା ନାହିଁ, ମାତ୍ର ମୁଁ ସେଗୁଡିକୁ ଅଳ୍ପ ସମୟ ପାଇଁ ଚାଲିଯିବାକୁ ଦେଇଥାଏ। ମୁଁ କହିଲି, "ତାହା ଲକ୍ଷ୍ୟ କର।"

132 ବର୍ତ୍ତମାନ ମୁଁ ଭାଇମାନଙ୍କୁ କହିଲି (ଏଠାରେ ସାକ୍ଷୀମାନେ ଅଛନ୍ତି ଯିଏକି ଏହା ଜାଣନ୍ତି), ମୁଁ କହିଲି, "ସେମାନଙ୍କୁ ଛାଡି ଦିଅନ୍ତୁ। ଅଳ୍ପ କିଛି ସମୟ ପରେ ମୁଁ—ଆମେ ଏହା ପାଇପାରିବା ଯେ ତାହା ପରମେଶ୍ୱରଙ୍କ ଅଟେ କି ନୁହେଁ। ଯଦି ତାହା ପରୀକ୍ଷା ସହ୍ୟ କରିପାରେ ନାହିଁ, ତେବେ ତାହା ଏକ ଜାରଜ ସନ୍ତାନ ଅଟେ।" ତାହାହିଁ ଅବିକଳ ଅଟେ ଯାହାକି ବାଇବଲ କୁହେ। ଆଉ ଯେତେବେଳେ ପରୀକ୍ଷା ଆସେ, କଅଣ ଘଟେ? କଅଣ ମୁଁ ଆପଣଙ୍କୁ ବହୁତ ଆଗରୁ ତାହା କହି ନାହିଁ କି? ବୁଝିଲେ? ଏଠାରେ ପାଳକଙ୍କୁ ପଚାରନ୍ତୁ।

ସେ କହିଲେ, "*ଏହା* ଓ *ତାହା* ବିଷୟରେ କଅଣ ଅଟେ?"

133 ମୁଁ କହିଲି, "ତାହାକୁ କେବଳ ଏକାକୀ ଛାଡି ଦିଅନ୍ତୁ! ସେମାନେ ଶିଶୁ ଅଟନ୍ତି। ଆମେ ତାହା ବିଚାର କରିପାରିବା ନାହିଁ, ମାତ୍ର ଧ୍ୟାନ ଦିଅନ୍ତୁ ଯେତେବେଳେ ତାହା ବାସ୍ତବରେ ବାକ୍ୟକୁ କେନ୍ଦ୍ର କରିବା ବିଷୟ ଆସେ।"

134 ତେବେ, ଭାଇ ଜୁନିୟର ଜ୍ୟାକସନ୍‌ଙ୍କ ପାଖରେ ତାହା ସହିତ ଅସହମତ ହେବାର ଏକ ଅଧିକାର ଅଛି। ସେ ନିଜର ମଣ୍ଡଳୀଠାରୁ ଏହା ଚାହାଁନ୍ତି...ସମସ୍ତ ଲୋକମାନେ ପରଭାଷାରେ କଥା କହିବାକୁ ଚାହାଁନ୍ତି ଓ ଦର୍ଶକବୃନ୍ଦରେ ସମସ୍ତକିଛି ବିଷୟ। ତାହା ଭାଇ ଜୁନିୟର ଜ୍ୟାକସନ୍‌ଙ୍କ ସମସ୍ୟା ଅଟେ; ତାହା—ତାହା ତାଙ୍କ ଉପରେ ନିର୍ଭର କରେ। ମାତ୍ର ଜୁନିୟର ଜ୍ୟାକସନ୍ ଠିକ ସେହି ସମାନ ଭାବରେ ଏହି ସନ୍ଦେଶକୁ ବିଶ୍ୱାସ କରନ୍ତି ଯେପରିକି... ଆମମାନଙ୍କ ମଧ୍ୟରୁ କେହି ବି କରନ୍ତି। ସେ ଆମମାନଙ୍କ ମଧ୍ୟରୁ ଜଣେ ଅଟନ୍ତି। ଏବଂ

ସେଠାକୁ ଯିବା କୌଣସି "ମୃତ ପକ୍ଷୀ" ନୁହେଁ । ଜୁନିୟର ଜ୍ୟାକସନ୍ ଜଣେ ପରମେଶ୍ୱରଙ୍କ ଜନ ଅଟନ୍ତି ଯାହାଙ୍କୁ ମୁଁ ନିଜ ସମସ୍ତ ହୃଦୟରେ ବିଶ୍ୱାସ କରେ । ଆଉ ଆଜି ରାତି ଏଠାରେ ନାହାଁନ୍ତି, ତେଣୁ ମୁଁ ଯେପରି ପାରେ ସେହିପରି ଭାବରେ ତାହା ଢାଳି ଦେଇପାରେ ।

135 ଆଉ—ଆଉ ଡନ୍ ରୁଡେଲ୍...ମୁଁ ଭାବେ ନାହିଁ ଯେ ଡନ୍ ଆଜି ରାତିରେ ଏଠାରେ ଅଛନ୍ତି, କାରଣ ସେମାନଙ୍କର ନିଜର ମଣ୍ଡଳୀ ଅଛି । ମାତ୍ର ମୁଁ ଦେଖେ ଯେ ପ୍ରତ୍ୟେକ ବ୍ୟକ୍ତି ଏହି ଆରାଧନାଳୟକୁ ଆସନ୍ତି, ବାହାରକୁ ଯାଆନ୍ତି ଓ ଯାଇ ଡନ୍ ରୁଡେଲ୍, କିମ୍ବା—କିମ୍ବା ଭାଇ ଜେ.ଟି.ପାର୍ନେଲ୍‌ଙ୍କୁ ଦେଖା କରନ୍ତି, କିମ୍ବା ଭାଇ...ଏହି ଭାଇମାନଙ୍କ ମଧ୍ୟରୁ କେହି ବି ଏଠାରେ ଯେଉଁମାନେକି ଏଠାରେ ରାଜ୍ୟର ସହନାଗରିକ ଓ ଆମର ଭାଇ ଅଟନ୍ତି, ମୁଁ ଏତେ ଅଧିକ ଖୁସି ହେବି ଯେ ମୁଁ ଜାଣିବି ନାହିଁ ଯେ କଅଣ କରିବାକୁ ଅଛି । ମୁଁ କହିବି, "ପ୍ରଭୁ, ଏହି ଗୋଟିକକୁ ପୁଣିଥରେ ପରିପୂର୍ଣ୍ଣ କରି ଦିଅ । ଆସୁ ଏହାକୁ ଢାଳି ଦେଉ ଓ ଅନ୍ୟ ଗୋଟିଏକୁ ପରିପୂର୍ଣ୍ଣ କରୁ ।" ମୁଁ ତାହା ପସନ୍ଦ କରିବି । ମୁଁ ସେହି ପିଲାମାନଙ୍କୁ ଦେଖିବାକୁ ପସନ୍ଦ କରିବି...ସେମାନେ ମୋର—ମୋର ସନ୍ତାନମାନେ ଅଟନ୍ତି ।

136 ବର୍ତ୍ତମାନ, ଜେ.ଟି. କିମ୍ବା—କିମ୍ବା ସେମାନଙ୍କ ମଧ୍ୟରୁ ଅନ୍ୟ କାହାରିକୁ ସେହିପରି ବିଶ୍ୱାସ କରିବାକୁ ପଡେ ନାହିଁ ଯେପରିକି ମୁଁ କରେ; ସେମାନଙ୍କୁ ତାହା କରିବାର ଦରକାର ନାହିଁ । ଯେପରିକି ମୁଁ ଏହି ସକାଳରେ ଆପଣମାନଙ୍କୁ କହିଲି, ମୁଁ ମୋର ପତ୍ନୀ ସହ ସୁଦ୍ଧା ସହମତ ହୁଏ ନାହିଁ, କିମ୍ବା ସେ ମୋ ସହିତ ସହମତ ହୁଅନ୍ତି ନାହିଁ । କଅଣ ହେବ ଯଦି ମୁଁ ମେଜକୁ ଯାଏ ଓ ଜୁନିୟର ପାଖରେ ଶେଉ ପିଠା ଥାଏ ଓ ମୋ ପାଖରେ ଚେରୀ ପିଠା ଥାଏ । ଭାଇ, ଆମେ ଦୁହେଁ ପିଠା ଖାଉଅଛୁ, ଆମେ ତାହା ସହିତ ସହମତ ହେବୁ, ମାତ୍ର...ଆମେ ଦୁହେଁ ସେହି ସମାନ ସୁସମାଚାର ପ୍ରଚାର କରୁ । ତାଙ୍କର ମଣ୍ଡଳୀ ଅନୁଶାସନ...

137 ଆପଣ ଜାଣନ୍ତି, ପିତର ଏବଂ ପାଉଲଙ୍କ ମଧ୍ୟରେ ପ୍ରଭେଦ ରହିଥିଲା, ସେମାନଙ୍କର ଶିକ୍ଷାରେ ନୁହେଁ, ମାତ୍ର ସେହି ବିଷୟରେ ଯେଉଁପ୍ରକାରେ ପିତର ଆଚରଣ କରୁଥିଲେ । ସେମାନଙ୍କର ସେଥିରେ ଏକ—ଏକ ଛୋଟ ପାର୍ଥକ୍ୟ ରହିଥିଲା, ମାତ୍ର ତାହା ସେମାନଙ୍କୁ କେବେ ପୃଥକ୍ କଲା ନାହିଁ । ସେମାନେ ଭାଇ ଥିଲେ । କାହିଁକି, ନିଶ୍ଚିତରେ ଆମମାନଙ୍କର ପ୍ରଭେଦ ରହିବାକୁ ଯାଉଅଛି, ପାର୍ଥକ୍ୟ ନୁହେଁ...ମୁଁ ଆସେମ୍ବ୍ଲିଜ୍ ଅଫ୍ ଗଡ ସାହିତ ଅସହମତ ଅଟେ । ମୁଁ ସେମାନଙ୍କର ବ୍ୟବସ୍ଥା ସହିତ ଅସହମତ ଅଟେ, ମାତ୍ର ସେଠାରେ ଅନେକ ଆସେମ୍ବ୍ଲିଜ୍ ଅଫ୍ ଗଡର ଲୋକମାନେ ଅଛନ୍ତି ଯେଉଁମାନେକି ମୂଲ୍ୟବାନ ଭାଇ ଅଟନ୍ତି । ମୁଁ ଏକତ୍ତ୍ୱବାଦୀ ଶିକ୍ଷା ସହିତ ଅସହମତ ଅଟେ, ମାତ୍ର ସେଠାରେ ଅନେକ ସେହି ଲୋକମାନେ ଅଛନ୍ତି ଯେଉଁମାନେକି ମୂଲ୍ୟବାନ ଭାଇମାନେ ଅଟନ୍ତି ।

138 ମୁଁ ସହମତ...ବାପ୍‌ଟିଷ୍ଟମାନଙ୍କ ସହିତ, ପ୍ରେସ୍‌ବିଟେରିୟାନ୍‌ମାନଙ୍କ ସହିତ ଓ ସେମାନଙ୍କର ବ୍ୟବସ୍ଥାଗୁଡିକ ସହିତ ଅସହମତ ଅଟେ, ମାତ୍ର ସେଥିରେ, ବିଶୁଦ୍ଧ ଖ୍ରୀଷ୍ଟିୟାନମାନେ ଅଛନ୍ତି ।

139 ଯେକୌଣସି ଉପାୟରେ ଏହି ଅପରାହ୍ଣରେ ମୁଁ ଏକ ଟେଲିଗ୍ରାମ ପାଇଲି । ମୁଁ ତାହା ଦେଖି ନ ଥିଲି । ଜଣେ ଭାଇ, ଜଣେ ବାପ୍‌ଟିଷ୍ଟ ପ୍ରଚାରକ, କହିଲେ ସେ...ଅନେକ ସମୟ ଧରି ଖୋଜୁଥିଲେ ଏପରି ଏକ ସ୍ଥାନକୁ ଆସିବା ପାଇଁ...କିମ୍ବା ଏପରି ଏକ ସ୍ଥାନକୁ ପହଞ୍ଚିବା ପାଇଁ ଖୋଜୁଥିଲେ ଯେଉଁଠାରେକି ମନୁଷ୍ୟ ପରସ୍ପରକୁ ସମ୍ମାନ କରିବା ପରିବର୍ତ୍ତେ ପରମେଶ୍ୱରଙ୍କୁ ଆଦର ସମ୍ମାନ କରନ୍ତି ।

140 ଏବଂ ଜଣେ ବହୁମୂଲ୍ୟ ଭାଇ ଯିଏକି ଏହି ମଣ୍ଡଳୀକୁ ଆସନ୍ତି ସେ କହିଲେ, "ମୁଁ ଆପଣଙ୍କୁ ସେହିପରି ଏକ ସ୍ଥାନକୁ ନେଇ ଯିବି ।" ସେ ଏଠାକୁ ନେଇ ଆସିବା ପାଇଁ ଇଚ୍ଛା କରୁଥିଲେ, ଜଣେ ବାପ୍‌ଟିଷ୍ଟ । ଆପଣ ଦେଖନ୍ତୁ, ସେମାନେ ସର୍ବତ୍ର ବ୍ୟାପ୍ତ ଅଟନ୍ତି । ମୁଁ ସେମାନଙ୍କର ବ୍ୟବସ୍ଥା ସହିତ ସହମତ ନୁହେଁ, ମାତ୍ର ମୁଁ ନିଶ୍ଚିତରେ ପ୍ରେମ କରେ...?...ତେଣୁକରି ଭାଇମାନଙ୍କ ସମ୍ବନ୍ଧରେ ତାହା କୁହନ୍ତୁ ନାହିଁ ।

141 ତେବେ ଏଠାରେ, ଏହି ବରଦାନଗୁଡିକ...ଲକ୍ଷ୍ୟ କରାଯିବା ଉଚିତ୍ । କୌଣସି ଦାନ... ଲକ୍ଷ୍ୟ କରାଯିବାକୁ ଅଛି । ଶୟତାନ କୌଣସି ବି ଦାନକୁ ନକଲ୍ କରିପାରେ । ବର୍ତ୍ତମାନ ଏହି ବିଟଲ୍‌ଙ୍କୁ ଦେଖନ୍ତୁ ଯେଉଁମାନେକି ଈଶ୍ୱରୀୟ ଆରୋଗ୍ୟତାକୁ ନକଲ୍ କରିବାକୁ ଯାଉଛନ୍ତି: ମନ୍ଦ, ଅପରିଷ୍କାର, ପଚାଶଢା, ନରକରୁ ଜନ୍ମିତ । ବୁଝିଲେ? ଠିକ ଅଛି ।

**293. ନିଆଁ ଭାଟିରେ ସେହି ଚତୁର୍ଥ ପୁରୁଷ କଅଣ ଦାନିୟେଲ ଥିଲେ କି ଯେହେତୁ ସେ ସେହି ଯୁଗର ଭାବବାଦୀ ଥିଲେ?**

142 ନା, ତାହା ଯୀଶୁ ଥିଲେ । ସେହି ଚତୁର୍ଥ ପୁରୁଷ...ପରମେଶ୍ୱରଙ୍କ ପୁତ୍ର ସଦୃଶ ଥିଲେ । ମୁଁ ଭାବେ ନାହିଁ ଯେ ତାହା ଭାବବାଦୀ ଥିଲେ, କାରଣ ସେ ତ ସିଂହ ଗର୍ତ୍ତରେ ଥିଲେ; ମାତ୍ର ମୁଁ—ମୁଁ ବିଶ୍ୱାସ କରେ ନାହିଁ ଯେ ଦାନିୟେଲ ନିଆଁ ଭାଟିରେ ଥିଲେ । ମୁଁ—ମୁଁ ବଡ଼ କଷ୍ଟରେ... ବର୍ତ୍ତମାନ, ଆପଣ ସେଠାରେ ଠିକ ହୋଇପାରନ୍ତି, ମାତ୍ର ତେବେ ତାହା କେବଳ ମୋର ମନ୍ତବ୍ୟ ଅଟେ ।

**294. ଭାଇ ବ୍ରାନ୍‌ହାମ୍, ଆଦିପୁସ୍ତକ 6 ଓ ତାର 12 ପଦରେ, ପରମେଶ୍ୱର କହିଲେ ଯେ ସମସ୍ତ ପ୍ରାଣୀ ଭ୍ରଷ୍ଟାଚାରୀ ହୋଇଛନ୍ତି । କଅଣ ଏହାର ସନ୍ଦର୍ଭ ବିବାହ ଓ ଛାଡପତ୍ର ସହିତ ଅଛି କି? ଯଦି ତାହା ଅଟେ, କଅଣ ଯୀଶୁ ମଧ୍ୟ ସେହି ସମାନ ବିଷୟର ସନ୍ଦର୍ଭ ଦେଇ ନ ଥିଲେ କି ଯେତେବେଳେ ସେ କହିଥିଲେ, "ଯେପରି ତାହା ନୋହଙ୍କ ଦିନରେ ହୋଇଥିଲା, ଠିକ ସେହିପରି ତାହା ମନୁଷ୍ୟପୁତ୍ରଙ୍କ ପ୍ରକଟିତ ହେବା ଦିନରେ ହେବ" ମାଥିଉ 24, ୩୮ ଓ ୩୨ ପଦରେ?**

**295. ଭାଇ ବ୍ରାନ୍‌ହାମ୍, ସହସ୍ରାବ୍ଦୀରେ କଅଣ କୌଣସି ସନ୍ତାନ ଜନ୍ମ ହେବେ କି... ସହସ୍ରାବ୍ଦୀର ଏକ ହଜାର ବର୍ଷରେ, ପୃଥିବୀ ଉପରେ ଖ୍ରୀଷ୍ଟଙ୍କର ଏକ ହଜାର ବର୍ଷର ରାଜ୍ୟ ସମୟରେ? କିଅବା ପୃଥିବୀ ଉପରେ କଅଣ କୌଣସି ଚିହ୍ନ ହେବ କି...ପୃଥିବୀ ଉପରେ ସେହି ସମୟରେ କଅଣ କୌଣସି ପାପ** (ମୋତେ କ୍ଷମା କରନ୍ତୁ) **ରହିବ**

**କି; ଏବଂ ସେହି ସମୟରେ ପୃଥିବୀ ଉପରେ ସ୍ୱର୍ଗୀୟ ଦେହରେ କଅଣ ଲୋକମାନେ ରହିବେ କି?**

143 ମୁଁ ଅତି ଶୀଘ୍ର ତାହା ନେବା ପାଇଁ ଚେଷ୍ଟା କରିବି । ବର୍ତ୍ତମାନ, ଆଦିପୁସ୍ତକ ତାର୍ ୬ଷ୍ଠ ପର୍ବରେ, 12ଶ ପଦ, ପରମେଶ୍ୱର କହିଲେ ଯେ ସମସ୍ତ ପ୍ରାଣୀ ଭ୍ରଷ୍ଟାଚାରୀ ହୋଇଛନ୍ତି…ହଁ, ତାହା ବିବାହ, ଛାଡପତ୍ର, ଓ ସମସ୍ତ କିଛି ବିଷୟରେ ଥିଲା । ବାଇବଲ କୁହେ, "ଯେପରି ତାହା ନୋହଙ୍କ ଦିନରେ ଥିଲା, କିପରି ସେମାନେ ବିବାହ କରିଥିଲେ, ବିବାହରେ ଦେଉଥିଲେ," ଏବଂ ସେହିପରି ପ୍ରଭୃତି । ତାହା ଶେଷ ସମୟର ଚିହ୍ନମାନଙ୍କ ମଧ୍ୟରୁ ଗୋଟିଏ ଅଟେ, ଅନ୍ୟତମ ଚିହ୍ନ ଅଟେ ।

144 ତେବେ, ଯଦି ତାହାହିଁ ସବୁକିଛି ଥିଲା ଯାହାକି ଜଗତ କରୁଥିଲା, ତାହାହେଲେ ମୁଁ ତାହାକୁ ଶେଷ ସମୟର ପ୍ରମାଣ ବୋଲି କହିପାରିବି ନାହିଁ, ତାହାଠାରୁ ଅଧିକ ନୁହେଁ ଯେତିକି ପରଭାଷାରେ କଥା କହିବାକୁ ପବିତ୍ରଆତ୍ମାର ପ୍ରମାଣ ବୋଲି କହିପାରେ । ଏହା ସତ୍ୟ ଅଟେ ଯେ ଏପରି ଏକ ସମୟ ଆସିବାକୁ ଅଛି ଯେତେବେଳେକି ବିବାହ ଓ ଛାଡପତ୍ର ସେହିପରି ହେବ ଠିକ ଯେପରିକି ତାହା ନୋହଙ୍କ ଦିନରେ ଥିଲା, ମାତ୍ର ତାହା ସହିତ ଅନେକ ଗୁଡିଏ ବିଷୟ ଅଛି; ତାହା ତ କେବଳ ଅନ୍ୟତମ ଚିହ୍ନ ଅଟେ ।

145 ଏବଂ ପରଭାଷାରେ କଥା କହିବା ପବିତ୍ରଆତ୍ମାଙ୍କ ଚିହ୍ନଗୁଡିକରୁ ଅନ୍ୟତମ ଅଟେ, କିନ୍ତୁ ପବିତ୍ରଆତ୍ମାଙ୍କର ଏକ ଅମୋଘ ଚିହ୍ନ ନୁହେଁ, ତାହାଠାରୁ ଅଧିକ ନୁହେଁ ଯେତିକି ଅମୋଘ ସ୍ତ୍ରୀ ଓ ପୁରୁଷମାନେ ବିବାହ କରନ୍ତି ଓ ଛାଡପତ୍ର ଦିଅନ୍ତି ଓ ପୁନର୍ବାର ବିବାହ କରନ୍ତି । ତାହାହିଁ କେବଳ ଏକମାତ୍ର ଚିହ୍ନ ହେବ ନାହିଁ । ଯଦି ତାହାହିଁ ଗୋଟିଏ ମାତ୍ର ଚିହ୍ନ ଯାହାକି ସେଠାରେ ରହିଥିଲା, ମୁଁ ତାହା କହିପାରିବି ନାହିଁ । ବୁଝିଲେ? ଅନ୍ୟାନ୍ୟ ବିଷୟଗୁଡିକୁ ମଧ୍ୟ ପରଭାଷା ସହିତ କିମ୍ବା ଅନ୍ୟ କୌଣସି ବରଦାନ ସହିତ ଯିବାକୁ ଅଛି ଯେ ତାହାକୁ ପରମେଶ୍ୱର ବୋଲି କରାଯାଏ ।

146 ବର୍ତ୍ତମାନ, "ସହସ୍ରାବ୍ଦୀର ଏକ ହଜାର ବର୍ଷର ରାଜ୍ୟ ବେଳେ କଅଣ ସନ୍ତାନମାନେ ଜନ୍ମ ହେବେ କି?" ତାହାହିଁ ପ୍ରଶ୍ନ ମୋ ମନରେ ଅଛି, ଯାହା ମୁଁ ଆପଣଙ୍କୁ ଅନ୍ୟ ଦିନ କହିଥିଲି । ମୁଁ ଜାଣେ ନାହିଁ । ତାହା ଏକ ସମଗ୍ର ବିଷୟ ପରି ଦିଶେ ଯାହାକି ତାହା ହୋଇପାରେ; ତାହା ଏକ ସମଗ୍ର ବିଷୟ ପରି ଦିଶେ ଯାହାକି ତାହା ହୋଇପାରେ ନାହିଁ । ମୁଁ ଆପଣଙ୍କ ସହିତ ଯଥା ସମ୍ଭବ ସଚ୍ଚୋଟ ରହିବାକୁ ଯାଉଅଛି ଯେତିକି ମୁଁ ଜାଣେ ଯେ କିପରି ରହିବାକୁ ଅଛି । ମୁଁ ଏପର୍ଯ୍ୟନ୍ତ ଜାଣେ ନାହିଁ । ଯଦି ପରମେଶ୍ୱର କେବେ ପ୍ରକଟିତ କରନ୍ତି, ମୁଁ ଆପଣଙ୍କୁ ଜଣାଇବି । ମାତ୍ର ଅପେକ୍ଷା କରନ୍ତୁ; ତାହାକୁ ତ ପରମେଶ୍ୱରଙ୍କଠାରୁ ଆସିବାକୁ ଅଛି । ଆପଣମାନେ ମୋର ସନ୍ତାନ ଅଟନ୍ତି । ମୁଁ ଆପଣଙ୍କୁ କହିବି ନାହିଁ । ମୁଁ ଜାଣେ ନାହିଁ ଯେ ତାହା ସେଠାରେ ହେବ କି ତାହା ସେଠାରେ ହେବ ନାହିଁ । ମୁଁ କହିପାରେ ନାହିଁ ।

147 "କିଅବା ସେହି ସମୟରେ ପୃଥିବୀ ଉପରେ ପାପ ରହିବ କି?" ନା! ପୃଥିବୀ ଉପରେ କୌଣସି ପାପ ରହିବ ନାହିଁ । ଶୟତାନ ବନ୍ଧିତ ଅଟେ ।

148 "ଆଉ କଅଣ ସେହି ସମୟରେ ପୃଥିବୀ ଉପରେ ସ୍ୱର୍ଗୀୟ ଶରୀରରେ ଲୋକମାନେ ରହିବେ କି?" ହଁ, ମହାଶୟ! ଆମ ପାଖରେ ଠିକ ଏଠାରେ ପୃଥିବୀ ଉପରେ ଆମର ମହିମାମୟ ଶରୀର ରହିବ, ଯାହାକି ଭୋଜନ, ପାନ କରୁଥିବ, ଭବନ ନିର୍ମାଣ କରୁଥିବ, ଏବଂ—ଏବଂ—ଏବଂ ଏକ ହଜାର ବର୍ଷ ନିମନ୍ତେ ବଞ୍ଚି ରହିବ ଠିକ ଯେପରିକି ଆମେମାନେ ବର୍ତ୍ତମାନ ରହୁଅଛୁ । ଏହା ଏକ—ଏହା କନ୍ୟା ଏବଂ ବରର ସେହି ମଧୁଚନ୍ଦ୍ରିକା ଅଟେ ।

**296. ଭାଇ ବ୍ରାନ୍‌ହାମ୍, ମାଥିଉ 12, ପଦ 32 ରେ ଯୀଶୁଙ୍କର କହିବାର ଅଭିପ୍ରାୟ କଅଣ ଥିଲା, ଯେଉଁଠାରେ ଯୀଶୁ କହିଥିଲେ, "ଯେକେହି ପବିତ୍ରଆତ୍ମାଙ୍କର ବିରୁଦ୍ଧରେ ଗୋଟିଏ ହେଲେ ଶବ୍ଦ କୁହେ, ତାହା କ୍ଷମା କରାଯିବ ନାହିଁ, ଇହ ଜଗତରେ ନୁହଁ, କିମ୍ବା ପର ଜଗତରେ ନୁହଁ"? ଦୟାକରି ଶାସ୍ତ୍ରର ଏହି ପଦଗୁଡିକ ମୋତେ ବୁଝାଇ ଦିଅନ୍ତୁ । ଧନ୍ୟବାଦ ।** ଆଉ ଏଥିରେ ସେହି ବ୍ୟକ୍ତିଙ୍କର ନାମ ଅଛି; ସେ ଜଣେ ସେବକ ଅଟନ୍ତି । ଠିକ ଅଛି ।

149 ଭାଇ, ମୁଁ...ଆପଣ ଜଣେ ଇଶ୍ୱରତତ୍ତ୍ୱବିଦ୍ ଅଟନ୍ତି, ମୁଁ ନୁହେଁ । ମାତ୍ର ମୁଁ ଏହା କହିବାକୁ ଚାହେଁ, ଯେ ଯୀଶୁ କହିଲେ, "ଯେକେହି ପବିତ୍ରଆତ୍ମାଙ୍କର ବିରୁଦ୍ଧରେ ଗୋଟିଏ ହେଲେ ଶବ୍ଦ କୁହେ, ତାହା କ୍ଷମା କରାଯିବ ନାହିଁ ।" ଅନ୍ୟ ଶବ୍ଦରେ କହିବାକୁ ଗଲେ, ଅବଶିଷ୍ଟ ଶାସ୍ତ୍ର ସହିତ ଏହାକୁ ସାମଞ୍ଜସ୍ୟରେ ରଖିବା ନିମନ୍ତେ, "ସମସ୍ତ ପ୍ରକାର ପାପ ମନୁଷ୍ୟ ପାଇଁ କ୍ଷମା ଯୋଗ୍ୟ ଅଟେ, ମାତ୍ର ପବିତ୍ରଆତ୍ମାଙ୍କର ନିନ୍ଦା କରିବା ମନୁଷ୍ୟ ପାଇଁ କ୍ଷମାଯୋଗ୍ୟ ନୁହେଁ ।" ପବିତ୍ରଆତ୍ମାଙ୍କୁ ନିନ୍ଦା କରିବା ହେଲା ପରିହାସ କରିବା, ତାହା ବିଷୟରେ ଚର୍ଚ୍ଚା କରିବା, ଥଟ୍ଟା କରିବା, ଏପରି କିଛି କରିବା ଯାହାକି ସେପରି ଅଟେ ଯେତେବେଳେ ଆପଣ ଠିକ ଓ ଭୁଲ୍‌ର ରେଖା ପାର କରିଯାଆନ୍ତି ।

150 ତେବେ, ଯଦି ଆପଣ ପବିତ୍ରଆତ୍ମାଙ୍କୁ ଦେଖନ୍ତି...ଉଦାହରଣ ସ୍ୱରୂପେ, କଅଣ ହେବ ଯଦି ପବିତ୍ରଆତ୍ମା ଏଠାରେ ତଳକୁ ଓହ୍ଲାଇ ଆସନ୍ତି ଓ ହୃଦୟର ଗୁପ୍ତ ବିଷୟସବୁ କୁହନ୍ତି ଯେପରିକି ତାହା କରିଥାଏ, ଏବଂ କଅଣ ହେବ ଯଦି ତାହା ପବିତ୍ରଆତ୍ମା ହୁଅନ୍ତି, ଆଉ ଆପଣ ବିଶ୍ୱାସ କଲେ ନାହିଁ ଯେ ଏହା ତାହା ଥିଲେ ବୋଲି, ଆଉ ଆପଣ ଚାଲିଗଲେ ଓ ତାହାର ପରିହାସ କଲେ ଓ ତାହା ବିଷୟରେ ଚର୍ଚ୍ଚା କଲେ; ମୋର କିଛି ଫରକ୍ ପଡେ ନାହିଁ ଯେ ଆପଣ କଅଣ କରନ୍ତି, ଆପଣ ବିନଷ୍ଟ ଅଟନ୍ତି । ଆଉ ଆପଣ ତାହା କରିପାରନ୍ତି ନାହିଁ । ତାହା ସେଠାରେ ଠିକ ପ୍ରମାଣ କରି ଦିଏ ଯେ ଆପଣ ପରମେଶ୍ୱରଙ୍କର ନୁହଁନ୍ତି, କାରଣ ପରମେଶ୍ୱରଙ୍କର ବୀଜ ମନୁଷ୍ୟ ଭିତରେ ଥାଏ ଓ ସେ ପାପ କରିପାରେ ନାହିଁ । ଏବଂ ପାପ କଅଣ ଅଟେ? ଅବିଶ୍ୱାସ । ଯେତେବେଳେ ସେ ବାକ୍ୟକୁ ପ୍ରକଟିତ ହେଉଥିବାର ଦେଖନ୍ତି, ସେ ଏହାକୁ ବିଶ୍ୱାସ କରନ୍ତି । ଆଉ ସେ କେବଳ କରିପାରନ୍ତି...

151 ଦେଖନ୍ତୁ, କେବଳ ଗୋଟିଏ ପାପ ଅଛି, ଗୋଟିଏ ମାତ୍ର ପାପ । କେତେ ଜଣ ତାହା ଜାଣନ୍ତି? ତାହା ହେଲା ଅବିଶ୍ୱାସ । ତାହା ଠିକ । ବ୍ୟଭିଚାର କରିବା ଏକ ପାପ ନୁହେଁ ।

ସିଗାରେଟ ଟାଣିବା, ମିଛ କହିବା, ରାଣ ଦେବା, ତାହା ପାପ ନୁହେଁ। ତାହା ଅବିଶ୍ୱାସର ଗୁଣସକଳ ଅଟେ। ଆପଣ ତାହା କରନ୍ତି, କାରଣ ଆପଣ ଜଣେ ବିଶ୍ୱାସୀ ନୁହଁନ୍ତି। ତାହା ଠିକ ଅଟେ। ତେଣୁକରି, ଦେଖନ୍ତୁ, କେବଳ ଗୋଟିଏ ପାପ ଅଛି, ଆଉ ତାହା ହେଉଛି ଅବିଶ୍ୱାସ। "ସେ ଯିଏ ବିଶ୍ୱାସ କରେ ନାହିଁ ଦୋଷୀ ହୋଇ ସାରିଲାଣି।" ସେ କିଛି କରେ କିମ୍ବା ନ କରେ ସେଥିରେ କୌଣସି ଫରକ୍ ପଡେ ନାହିଁ, ସେ ତ ଆରମ୍ଭରୁ ହିଁ ଦୋଷୀ ଅଟେ। ଠିକ ଅଛି।

**297. ଭାଇ ବ୍ରାନ୍‌ହାମ୍, କଅଣ ଏହା ଜଣେ ଯୁବା ଅବିବାହିତ—ଅବିବାହିତ ପାଇଁ ଭୁଲ୍ ଅଟେ** (କିଛି କୁହେ ନାହିଁ) **ଯେ ସେ ନିଜର...ଆପଣା କେଶ କାଟିଥାଏ?** ମୁଁ ଅନୁମାନ କରେ ଯେ ତାହା ଜଣେ ସ୍ତ୍ରୀଲୋକ ଅଟନ୍ତି।

152 ହାଁ ହଁ, ତାହା—ତାହା ଜଣେ ସ୍ତ୍ରୀଲୋକ ପକ୍ଷେ ନିଜର କେଶ କାଟିବା ଭୁଲ୍ ଅଟେ।

ତାହା ତ କେବଳ ଏକ ଛୋଟ ପ୍ରଶ୍ନ ଅଟେ। କଅଣ ଆପଣ—କଅଣ ଆପଣ ନିଦ୍ରା ଅନୁଭବ କରୁଛନ୍ତି କି? ତେବେ, ଆମେ—ଆମେ ଯଥା ଶୀଘ୍ର କରିବା ଯେତିକି ଆମେମାନେ ପାରିବା। ମୁଁ ସେହି ସର୍ପବଂଶ ବିଷୟକୁ କହିବା ପାଇଁ କେତେ ଅଧିକ ଚେଷ୍ଟା କରିଥିଲି।

**ଆମ ପୁତ୍ର ନିମନ୍ତେ ପ୍ରାର୍ଥନା କରିବେ...**

ତାହା ତ ଏକ ପ୍ରାର୍ଥନା ନିବେଦନ ଅଟେ। ମୁଁ କେବଳ ସେଗୁଡିକୁ ଗୋଟାଇଲି ଓ ଚାଲି ଆସିଲି, କେବଳ...

**298. ଭାଇ ବ୍ରାନ୍‌ହାମ୍, କଅଣ ସ୍ତ୍ରୀଲୋକମାନଙ୍କୁ ସର୍ବସାଧାରଣ କାର୍ଯ୍ୟାଳୟରେ କାମ କରିବାକୁ ଅନୁମତି ଅଛି କି ଯେତେବେଳେ ସେମାଙ୍କର ଜଣେ ସୁସ୍ଥ ସବଳ ସ୍ୱାମୀ ଓ ସନ୍ତାନ ରହିଥାନ୍ତି? ମୁଁ ଅନ୍ୟ କାହାରି ପାଇଁ ଏହି ପ୍ରଶ୍ନଟି ପଚାରୁଛି।**

153 ତେବେ, ମୁଁ—ମୁଁ—ମୁଁ—ମୁଁ ତାହା ବିଷୟରେ ଜାଣେ ନାହିଁ। ମୁଁ କହିପାରେ ନାହିଁ। ମାତ୍ର ମୋର—ମୋର ଏହିପରି ଅନୁଭବ ହେଉଅଛି। ମୋତେ ଏହା କହିବାକୁ ଦିଅନ୍ତୁ: ମୁଁ ବିଶ୍ୱାସ କରେ, ଯଦି ମୁଁ ଜଣେ—ଜଣେ ସ୍ତ୍ରୀଲୋକ ହୋଇଥାଆନ୍ତି ଓ ମୁଁ ଜାଣେ ଯେ ମୋର ସ୍ୱାମୀ ସୁସ୍ଥ ସବଳ ଅଟନ୍ତି ଓ ଏକ ଭଲ ଚାକିରୀ ଅଛି, କାମ କରୁଛନ୍ତି, ମୁଁ ବିଶ୍ୱାସ କରେ ଯେ ତାହା ତ ମୋ ପାଇଁ ଘରେ ରହିବାର ଏକ—ଏକ ମହାନ ଆନନ୍ଦର ସମୟ ହେବ, ମୋ ପିଲାଛୁଆମାନଙ୍କର ତତ୍ତ୍ୱ ନେବା ଓ ପ୍ରସ୍ତୁତ କରିବା...ଏବଂ—ଏବଂ—ଏବଂ ମୋର ପିଲାଛୁଆମାନଙ୍କର ତତ୍ତ୍ୱ ନେବା ଓ ସେମାନଙ୍କୁ ଲାଳନ ପାଳନ କରିବା, ଓ ପ୍ରଭୁଙ୍କୁ ପ୍ରେମ କରିବାର ସମୟ ହେବ। ପୁଣି ଯଦି ମୋ ପାଖରେ ମୁଁ କରୁଥିବା ମୋର ଧୁଆ ଧୋଇ କାମ ଓ ଅନ୍ୟ ବିଷୟଠାରୁ କିଛି ସମୟ ବଞ୍ଚି ଯାଏ, ମୁଁ ଭାବୁଛି ଯେ ମୁଁ ମୋର ସନ୍ତାନମାନଙ୍କୁ ତାହା ଶିଖାଇବି ଯେ କିପରି ପ୍ରଭୁଙ୍କ ସେବା କରିବା କଥା।

154 ତେବେ, ଯଦି ଆପଣଙ୍କର କିଛି ଏକ—ଏକ ଋଣ ଅଛି କିମ୍ବା ଏପରି କିଛି ଅଛି ଯାହାକୁ ପରିଶୋଧ କରିବା ନିମନ୍ତେ ଆପଣ ନିଜର ସ୍ୱାମୀକୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଥାନ୍ତି,

କିମ୍ବା ଏପରି କିଛି ଯାହାକି ଆପଣଙ୍କୁ କରିବାକୁ ପଡୁଥାଏ...ତେବେ, ମୁଁ ଭାବୁଛି ଯେ ତାହା ଉତ୍ତମ ଅଟେ ଯଦି ଆପଣ ତାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବେ । ଏବଂ—ଏବଂ ଆପଣ ଜଣେ ମହିଳା ପରି ଜୀବନ ଯାପନ କରନ୍ତୁ । ଆଉ ମୁଁ—ମୁଁ ଭାବେ ଯେ ଏହା କଷ୍ଟକର ଅଟେ । କୌଣସି ପୁରୁଷ ଯାହାଙ୍କରକି ଉତ୍ତମ ବୁଝାମଣା ଅଛି ନିଜର ପତ୍ନୀଙ୍କୁ ସେହିପରି ଏକ ସମୂହରେ ରହୁ ବୋଲି ଚାହିଁବେ ନାହିଁ, ଯେଉଁଠାରେକି ଅଶ୍ଳୀଳ, ମନ୍ଦ ଲୋକମାନଙ୍କର ଓ ସେହିପରି ବିଷୟ ସବୁର ଏକ ସମୂହ ରହିଥାଏ । ମାତ୍ର ଯଦି ସେହି ସ୍ତ୍ରୀଲୋକକୁ ସେଥିରେ ଯିବାକୁ ପଡେ, ମୁଁ ଭାବୁଛି ଯେ ତାଙ୍କୁ କରିବା ଉଚିତ୍...ତାଙ୍କର ସ୍ୱାମୀକୁ ଜାଣିବା ଉଚିତ୍ ଯେ ସେ ଜଣେ ବିଶୁଦ୍ଧ ଖ୍ରୀଷ୍ଟିୟାନ ଅଟନ୍ତି ଯାହାଙ୍କୁ ଭରସା କରାଯାଇପାରେ, ଜଣେ ଭରସାଯୋଗ୍ୟ ସ୍ତ୍ରୀଲୋକ ଅଟନ୍ତି ।

155 ମାତ୍ର ବର୍ତ୍ତମାନ, ତାହା କହିବା ଯେ ସେ କାମ କରିବା ଉଚିତ୍ ନୁହେଁ, ମୁଁ—ମୁଁ ଜାଣେ ନାହିଁ । ଦେଖନ୍ତୁ, ତାହାର ସମର୍ଥନରେ କୌଣସି ଶାସ୍ତ୍ର ନାହିଁ । ମୁଁ କେବଳ—ମୁଁ କେବଳ ସେହି ମନ୍ତବ୍ୟ ଦେଉଅଛି । ମାତ୍ର ମୁଁ ଭାବୁଛି ଯେ ଯଦି ଜଣେ ସ୍ତ୍ରୀଲୋକ କାମ କରିବାକୁ ଚାହେଁ ଏବଂ ସେ କାମ କରିବାକୁ ଚାହୁଁଛି...

156 ତେବେ, ମୁଁ ନିଶ୍ଚିତରେ ସ୍ତ୍ରୀଲୋକମାନଙ୍କର ଏହି କାର୍ଯ୍ୟାଳୟଗୁଡିକରେ କାମ କରିବା ବିରୁଦ୍ଧରେ ଅଟେ ଯେଉଁଠାରେକି ଏହି ସମସ୍ତ ବ୍ୟବସାୟୀମାନେ...ସେମାନେ କରି ଚାଲିଥାନ୍ତି, ସେହି ମନ୍ଦ ଥଟ୍ଟା ପରିହାସ କଥା କହୁଥାନ୍ତି । ଏବଂ ଜଣେ ଉତ୍ତମ, ପରିଷ୍କାର ସ୍ତ୍ରୀଲୋକ ସେଠାରେ ବସି ରହିଥାଏ, ଆଉ ଏହି ସବୁ ମନ୍ଦ ଅସଭ୍ୟ ବିଷୟମାନ ଆଖପାଖରେ କୁହାଯାଉଥାଏ, ମୁଁ—ମୁଁ ତାହା ବିରୁଦ୍ଧରେ ଅଟେ । ମୁଁ ଭାବୁଛି ଆପଣଙ୍କୁ ସେହିପରି ସବୁ ବିଷୟ ମଧ୍ୟରୁ ବାହାରି ଆସିବା ଉଚିତ ।

157 କିନ୍ତୁ ବର୍ତ୍ତମାନ, ଯଦି ଜଣେ ସ୍ତ୍ରୀଲୋକ ଆପଣାକୁ ଏକ—ଏକ ବାସ୍ତବିକ ମହିଳା ଭାବରେ ଆଚରଣ କରାଇପାରନ୍ତି ଓ ନିଜର ସ୍ୱାମୀକୁ ପିଲା ଛୁଆମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ନିମନ୍ତେ କିଛି ପୋଷାକ ଯୋଗାଇ ଦେବାରେ ସାହାଯ୍ୟ କରିବାକୁ ଚେଷ୍ଟା କରିପାରନ୍ତି, କିଅବା—କିଅବା ଏକ ମୂଲ୍ୟ ପରିଶୋଧ କରିବାରେ, ବା ସେହିପରି କିଛି କରିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରିପାରନ୍ତି, ଏବଂ ତାହା ଶେଷ ହେବା ଯାଏଁ ସେ କାମ କରିବାକୁ ଚାହୁଁଥାନ୍ତି...ବର୍ତ୍ତମାନ, ଏହା ପ୍ରଭୁ କହୁ ନାହାଁନ୍ତି, କାରଣ ମୋ ପାଖରେ ତାହା ପାଇଁ କୌଣସି ଶାସ୍ତ୍ର ନାହିଁ । ମୁଁ ତ କେବଳ ଏହା କହୁଅଛି ଯେ ତାହା ମୋର ମନ୍ତବ୍ୟ ଅଟେ; ମାତ୍ର ନୋହିଲେ, ମୁଁ ତାହାକୁ ଯୁକ୍ତିଯୁକ୍ତ ବୋଲି ଚିନ୍ତା କରନ୍ତି ନାହିଁ ଯେହେତୁ ସେ କେବଳ ଏପଟ ସେପଟ ଦୌଡି ବୁଲିବା ପାଇଁ ଓ ରଖିବା ପାଇଁ, କିମ୍ବା ଖର୍ଚ୍ଚ କରିବା ନିମନ୍ତେ ଅଧିକ ଟଙ୍କା ପାଇଁ, ସବୁଆଡେ ଘୁରି ବୁଲିବା ପାଇଁ, ଓ ମଦଶାଳାକୁ ଯିବା ପାଇଁ, କିମ୍ବା ମଦ୍ୟପାନ କରିବା ପାଇଁ, ଧୂମ୍ରପାନ କରିବା ପାଇଁ, ଓ ସେହି କାର୍ଯ୍ୟକଳାପକୁ କରିବା ପାଇଁ କାମ କରିବାକୁ ଚାହେଁ; ମୁଁ ଭାବେ ନାହିଁ ଯେ

ତାହାଙ୍କୁ ତାହା କରିବା ଉଚିତ । ମୁଁ ଭାବୁଛି ତାହାଙ୍କୁ ଘରେ ରହିବା ଉଚିତ, ଜଣେ ମହିଳା ଭଳି ଆଚରଣ କରିବାକୁ ଚେଷ୍ଟା କରିବା ଉଚିତ୍, ଓ ଘରର ଯତ୍ନ ନେବା ଉଚିତ୍ ।

**299. ଯଦି ଯୀଶୁ ଗୋଟିଏ ସେକେଣ୍ଡରେ...**(ନା!) **ଯଦି ଯୀଶୁ...ଯଦି ଆପଣ ଏକ ଦ୍ୱିତୀୟ ବିବାହରେ ଅଛନ୍ତି ଯେଉଁଠାରେକି ଉଭୟ ପକ୍ଷ ଛାଡପତ୍ର ଦେଇଥାଆନ୍ତି...ସେହି... ତାହା (ଅ-ନୁ-ତା-ପ-...) ତାହା ଯଥେଷ୍ଟ ପ୍ରାୟଶ୍ଚିତରେ ଅନୁତାପ କରିଥାନ୍ତି, କିଅବା କଅଣ ଆପଣଙ୍କୁ ତାହା ସମାପ୍ତ କରିବାକୁ ପଡିଥାଏ, ଅବା, କଅଣ ଆପଣଙ୍କୁ ସଠିକ୍ ହେବା ପାଇଁ ନିଜର ବୈବାହିକ ସମ୍ବନ୍ଧକୁ ସମାପ୍ତ କରିବାକୁ ପଡିଥାଏ?**

"ଯଦି—ଯଦି ଆପଣ ଏକ ଦ୍ୱିତୀୟ ବିବାହରେ ଅଛନ୍ତି ଯେଉଁଠାରେକି ଉଭୟ ପକ୍ଷ ଛାଡପତ୍ର ଦେଇଥାଆନ୍ତି..." ମୁଁ ଭାବୁଛି ଯେ ମୁଁ ତାହାର ଉତ୍ତର ଦେଇସାରିଛି । ବୁଝିଲେ? ହଁ, ତାହା ଆଗରୁ ଉତ୍ତର ଦେଇସାରିଛି । ଯେଉଁଠାରେକି ଉଭୟ ପକ୍ଷ ଅଟନ୍ତି—ଅଟନ୍ତି... ମୁଁ କେବଳ...

158 ମୁଁ—ମୁଁ ଇଚ୍ଛା କରେ ଯେ ହେ ଲୋକମାନେ, ଆମମାନଙ୍କୁ ଏହି ସବୁ ବିଷୟ ଦେଇ ଗତି କରିବାକୁ ନ ପଡୁ । ମୋର ବନ୍ଧୁମାନେ ଠିକ ଏଠାରେ ବସି ରହିଛନ୍ତି, ଏଠାରେ ଏହି ଶ୍ରୋତାବୃନ୍ଦଙ୍କ ମଧ୍ୟରେ ଏଠାରେ ଯାହାଙ୍କୁ ମୁଁ ଜାଣେ...ତାହା କହିବା ମୋତେ ପ୍ରାୟଃ ମାରି ପକାଏ, କିନ୍ତୁ ମୋତେ—ମୋତେ ତାହା କହିବାକୁ ଅଛି । ବୁଝିଲେ? ଏବଂ ଜଗତ ଅତିଶୟ ଏକ କ୍ଷୟପ୍ରାପ୍ତ ସ୍ଥିତିରେ ଅଛି ।

159 କୌଣସି ଜଣେ ଦରିଦ୍ର, ବେଚାରା, ବୃଦ୍ଧ ସ୍ତ୍ରୀଲୋକଟିଏ ଏକ ଭୁଲ୍ କଲେ ଓ କୌଣସି ଜଣେ ମଦୁଆକୁ ବିବାହ କରି ନେଲେ ଓ—ଓ ସେମାନେ ସେହି ମାର୍ଗକୁ ଚାଲି ଗଲେ, କିମ୍ବା କୌଣସି ଜଣେ ବେଚାରା ପୁରୁଷ କୌଣସି ଏକ ସାଧାରଣ ସ୍ତ୍ରୀଲୋକକୁ ବିବାହ କରି ପକାଇଲେ, ଓ ବଞ୍ଚିଥିବା ଯାଏଁ ସେହି ସ୍ତ୍ରୀ କିମ୍ବା ପୁରୁଷ ସହିତ ଜଡିତ ହୋଇରହିଲେ । ତାହା ଏକ ଭୟଙ୍କର ବିଷୟ ଅଟେ । ବିବାହ ଏକ ଆଦରଣୀୟ ବିଷୟ ଅଟେ ।

ଅନେକ ଥର ପାପୀ ଛୁଆମାନେ ଆସନ୍ତି ଓ ସେହି ବିଷୟଗୁଡିକୁ କରି ପକାନ୍ତି, ଏବଂ ତାହାପରେ ଆଶ୍ଚର୍ଯ୍ୟ କରନ୍ତି ଯେ ଏହି ସବୁ ବିଷୟବସ୍ତୁ କଅଣ ଅଟେ । ମୁଁ—ତାହା...ମୁଁ ବିଶ୍ୱାସ କରେ, ଯଦି ପରମେଶ୍ୱର ମୋତେ ଏହି ବିବାହ ଓ ଛାଡପତ୍ର ବିଷୟକୁ ବୁଝାଇବା ନିମନ୍ତେ ଅନୁମତି ଦେବେ ଯେପରି ଭାବରେକି ଏହା କରାଯିବା ଉଚିତ୍, ମୁଁ ବିଶ୍ୱାସ କରେ ଯେ ଏହା ତାହାର ଅନେକ କିଛି ବିଷୟକୁ ସ୍ପଷ୍ଟ କରି ଦେବ । ତାହା ତ ସବୁ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

**300. ଆମେ ଦେଖୁ...ଆମେ କାହିଁକି ଆମର ଘର ବିକ୍ରୟ କରିପାରୁ ନାହୁଁ? ଧନ୍ୟବାଦ । ଆମେ...ଦୟାକରି । ଆମେ ତାହାକୁ ବିକ୍ରୟ କରିବା ପାଇଁ ପ୍ରାର୍ଥନା ଓ ଉପବାସ—ଓ— କରିଅଛୁ, ତଥାପି କୌଣସି ପରିଣାମ ନାହିଁ ।**

160 ତେବେ ବର୍ତ୍ତମାନ, ଭାଇ କିମ୍ୱା ଭଉଣୀ (ସେମାନେ ନିଜର ହସ୍ତାକ୍ଷର କରି ନାହାଁନ୍ତି), କିନ୍ତୁ ତାହା ଯେକେହି ବି ହେଉନ୍ତୁ, ବର୍ତ୍ତମାନ, ଯଦି ଆପଣ ନିଜର ସମ୍ପତ୍ତି ବିକ୍ରୟ କରିବାକୁ ଚେଷ୍ଟା କରୁଛନ୍ତି ଓ ଆପଣ ତାହା କରିଛନ୍ତି ଯାହା ଆପଣ...ଆପଣ ତାହା ବିକ୍ରୟ କରିବାକୁ ଚାହାଁନ୍ତି ଏବଂ ସମ୍ଭବତଃ ଆହୁରି କିଛି ଅଧିକ କିଣିବାକୁ ଚାହାଁନ୍ତି ଅବା ଯାହାକିଛି ଆପଣ କରିବାକୁ ଚାହାଁନ୍ତି, ମୁଁ ଜାଣେ ନାହିଁ। ଯଦି ଆପଣଙ୍କର ଉଦ୍ଦେଶ୍ୟ ସଠିକ ଅଟେ, ଆପଣ ଗୋଟିଏ ଘର କିଣିବାକୁ ଚେଷ୍ଟା କରୁଛନ୍ତି...ଯଦି ଆପଣଙ୍କର କୌଣସି ପିଲାଛୁଆ କିମ୍ବା ସେହିପରି କିଛି ଅଛନ୍ତି, ଆପଣ ସେମାନଙ୍କ ପାଇଁ ଗୋଟିଏ ଅଧିକ ଉତ୍ତମ ଘର କିମ୍ବା ସେପରି କିଛି କରିବାକୁ ଚାହାଁନ୍ତି...ମୁଁ ଜାଣେ ନାହିଁ ଯେ ତାହା କେଉଁ ବିଷୟରେ ଅଟେ, କିନ୍ତୁ ମୁଁ ଏହା କହିବି: ଯଦି ଆପଣ ତାହାକୁ ବିକ୍ରୟ କରିବାକୁ ଚେଷ୍ଟା କରୁଛନ୍ତି, ଓ ଉପବାସ କରୁଛନ୍ତି ଆଉ ତାହାକୁ ବିକ୍ରୟ କରିବାକୁ ଚେଷ୍ଟା କରୁଛନ୍ତି, ତାହାହେଲେ ତାହାକୁ ପ୍ରଭୁଙ୍କୁ ସମର୍ପି ଦିଅନ୍ତୁ ଓ ତାହା ବିଷୟରେ ଭୁଲି ଯାଆନ୍ତୁ। ବୁଝିଲେ? କାରଣ ଏହା ହୋଇପାରେ ଯେ ପରମେଶ୍ୱର... ଆପଣ ହୁଏତ ଏଠାକୁ କେଉଁଠାରେ ସ୍ଥାନାନ୍ତରିତ ହୋଇଯାଆନ୍ତି, ଆଉ ତାହା ସଠିକ୍ ହୋଇ ନ ଥାଇପାରେ। ବୁଝିଲେ?

161 ଯଦି ଆପଣ ଜଣେ ଖ୍ରୀଷ୍ଟିୟାନ ଓ ପ୍ରଭୁଙ୍କଠାରେ ଭରସା କରନ୍ତି, କାରଣ ଆପଣ ନିଶ୍ଚିତରେ ଅଟନ୍ତି ନଚେତ ଆପଣ ଉପବାସ ଓ ପ୍ରାର୍ଥନା କରୁ ନ ଥାଆନ୍ତେ। ବୁଝିଲେ? ତେଣୁକରି ମୁଁ ତାହାକୁ କେବଳ ପ୍ରଭୁଙ୍କଠାରେ ସମର୍ପି ଦେବି। କହିବି, "ବର୍ତ୍ତମାନ, ପ୍ରଭୁ, ଯେତେବେଳେ ଏହା ବିକ୍ରୟ କରିବାର ତୁମର ସମୟ ହୁଏ, ତୁମେ ହିଁ କ୍ରୟ କରିବା ଲୋକଙ୍କୁ ପଠାଇବ।" ତାହାପରେ ଏହା ପ୍ରଭୁଙ୍କଠାରେ ସମର୍ପିତ ଅଟେ, ନିଜର ହସ୍ତ ସେଥିରୁ କାଢ଼ି ନିଅନ୍ତୁ ଓ ଆଗକୁ ବଢନ୍ତୁ। ମୁଁ ବିଶ୍ୱାସ କରେ ଯେ ତାହା କାମ କରିବ। ମୁଁ ଏଠାରେ ଏକ ପ୍ରକାର ଶୀଘ୍ର କରୁଅଛି, କାରଣ ମୁଁ ସମୟ ଅଭାବରେ ଗତି କରୁଛି।

### 301. ଭାଇ ବ୍ରାନ୍‌ହାମ୍, କଅଣ ଜଣେ ସ୍ତ୍ରୀଲୋକ ପକ୍ଷେ ନିଜର କେଶକୁ କୁଞ୍ଚୁ କୁଞ୍ଚିଆ କରିବା ଭୁଲ୍ ଅଟେ କି?

162 ମୁଁ ତାହା କହି ସାରିଛି। ନିଶ୍ଚିତରେ, ମୋର କିଛି ଫରକ୍ ପଡେ ନାହିଁ, ତାହାକୁ କେବଳ ଲମ୍ବା ରଖନ୍ତୁ। ବୁଝିଲେ? ମୁଁ ନାହିଁ...ମୁଁ ଜାଣେ ଯେ ଆପଣ...ମୁଁ ତୁମ ଝିଅମାନଙ୍କ ସହିତ "ମଜାଳିଆ" ହେବା ପାଇଁ ତାହା କହୁ ନାହିଁ। ବୁଝିଲେ? ତାହା ନିଷ୍ଠାପୂର୍ବକ ଅଟେ। ଆପଣ—ଆପଣ—ଆପଣ ଜାଣିବାକୁ ଚାହଁନ୍ତି, ଏବଂ ଆପଣ ମୋତେ ପଚାରୁଛନ୍ତି। ଆପଣଙ୍କର ମୋ ଉପରେ ଭରସା ଅଛି ନତୁବା ଆପଣ ମୋତେ ତାହା ପଚାରୁ ନ ଥାଆନ୍ତେ। ବର୍ତ୍ତମାନ, ଭଉଣୀ, ମୋର ଆପଣଙ୍କ ଉପରେ ଭରସା ଅଛି, ଯେ ଯାହା ମୁଁ ଆପଣଙ୍କୁ କହିବି, ମୁଁ ବିଶ୍ୱାସ କରେ ଯେ ଆପଣ ତାହା କରିବେ।

163 ମୁଁ ତାହାକୁ ଶାସ୍ତ୍ର ଦ୍ୱାରା ସମର୍ଥନ କରିପାରେ ନାହିଁ। ଯଦି ଆପଣ ଚାହାଁନ୍ତି...ଯଦି ଆପଣଙ୍କର ସୁନ୍ଦର, କୁଞ୍ଚୁ କୁଞ୍ଚିଆ କେଶ ନାହିଁ ଏବଂ ଆପଣ ଜଣେ ସ୍ତ୍ରୀଲୋକ ଅଟନ୍ତି, ଆପଣ

ନିଜର ସ୍ୱାମୀ ପାଇଁ, ନିଜର ପିଲା ବନ୍ଧୁ ପାଇଁ, କିଅବା ସେପରି କିଛି ପାଇଁ ସୁନ୍ଦର ଦିଶିବାକୁ ଚାହାଁନ୍ତି, ତେବେ ମୁଁ ମୁଁ ଆପଣଙ୍କୁ ଆପଣଙ୍କର କେଶକୁ କୁଞ୍ଚ କୁଞ୍ଚିଆ କରିବା ବିଷୟରେ କିମ୍ବା—କିମ୍ବା ସେମାନେ ତାହାକୁ ଯାହା ବି କୁହନ୍ତି, ରଙ୍ଗ କରିବା କିଅବା ସେପରି କିଛି ବିଷୟରେ କହିପାରେ ନାହିଁ? ମୋତେ—ମୋତେ ତାହା ବିଷୟରେ କିଛି କହିବାର ନାହିଁ; ତାହା ଆପଣଙ୍କ ଉପରେ ନିର୍ଭର କରେ। କଅଣ ଆପଣ ବୁଝିଲେ? ମୁଁ—ମୁଁ...ଆପଣ କେବଳ, ମଝିରେ...ଆପଣ କେବଳ ପ୍ରଭୁଙ୍କୁ ପଚାରନ୍ତୁ ଯେ କଅଣ କରିବାକୁ ଅଛି, ସେ—ସେ ଆପଣଙ୍କୁ ତାହା ଜଣାଇବେ, କାରଣ ମୁଁ—ମୁଁ ତାହାକୁ ଶାସ୍ତ୍ର ଦ୍ୱାରା ବୁଝାଇବାକୁ ଚେଷ୍ଟା କରୁଅଛି। ବୁଝିଲେ?

**302. ଦୟାକରି ପ୍ରଥମ କରିନ୍ଥିୟ 13:8-12 ବୁଝାଇ ଦିଅନ୍ତୁ। ବର୍ତ୍ତମାନ ଯେହେତୁ ସେହି ସିଦ୍ଧ ବାକ୍ୟ ମଣ୍ଡଳୀ ନିକଟରେ ପୁନଃସ୍ଥାପିତ କରାଯାଇଛି କଅଣ—କଅଣ ଏହି ପଦଗୁଡିକ ସଫଳ ହୋଇଅଛି କି?**

164 ତେବେ, ମୁଁ ଭାବୁଛି ଯେ ମୁଁ ବର୍ତ୍ତମାନ ହିଁ ତାହା ଦେଇ ଗତି କଲି, କଅଣ ମୁଁ ନୁହେଁ କି? "ଏବଂ ଯେତେବେଳେ ସେହି ସିଦ୍ଧ ବିଷୟ ଆଗତ ହୁଏ, ଯାହା ଆଂଶିକ ଅଛି ତାହା ଲୋପ ପାଇଯିବ।" ପାଉଲ କହିଲେ, "ଯଦିଓ ମୁଁ ମନୁଷ୍ୟ ଏବଂ ସ୍ୱର୍ଗଦୂତର ଭାଷାରେ କଥା କୁହେ, ଏବଂ ଏଠାରେ ଥିବା ସମସ୍ତ ବିଷୟ ସାଧନ କରେ...ମାତ୍ର ଯେତେବେଳେ ସେହି ସିଦ୍ଧ ବିଷୟ ଆଗତ ହୁଏ..." ତେବେ, ପରମେଶ୍ୱର ଛଡା ଅନ୍ୟ କୌଣସି ବିଷୟ ସିଦ୍ଧ ଅଟେ କି? ନା, ମହାଶୟ! କଅଣ ପରମେଶ୍ୱର ସିଦ୍ଧ ଅଟନ୍ତି କି? *ଆଦ୍ୟରେ ଥିଲା* [ମଣ୍ଡଳୀ କୁହନ୍ତି, "*ବାକ୍ୟ*।"—ସମ୍ପା।] *ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲା।* ବାକ୍ୟ ଏବେ ମଧ୍ୟ ପରମେଶ୍ୱର ଅଟନ୍ତି। ବୁଝିଲେ? ଠିକ ଅଛି। ଯେତେବେଳେ ସେହି ସିଦ୍ଧ ବିଷୟ ଆଗତ ହେବ, ଆଂଶିକ ବିଷୟ ଲୋପ ପାଇଯିବ।

**303. ଭାଇ ବ୍ରାନ୍‌ହାମ୍, ଏକ ଚେପ୍‌ଟା କେଶ କର୍ତ୍ତନ କରିବା କଅଣ ଭୁଲ୍ ଅଟେ?**

165 ମୁଁ ଅନୁମାନ—ମୁଁ ଅନୁମାନ କରୁଛି ଯେ ଏହା ଜଣେ ପୁରୁଷ ଅଟନ୍ତି; ମୁଁ—ମୁଁ ଆଶା କରେ ଯେ ଏହା ତାହା ଅଟେ। ତେବେ ବର୍ତ୍ତମାନ, କେତେକ ସ୍ତ୍ରୀଲୋକ ତାହା କରନ୍ତି। ନିଶ୍ଚିତରେ। ଥରେ ମୁଁ ବସରେ ଯାଉଥିଲି ଯେତେବେଳେ ମୁଁ ଏଠାରେ ପ୍ରାନ୍ତ ପଶୁ ଆରକ୍ଷୀ ଥିଲି। ଏଠାରେ ଉପରକୁ ଯାଉଥିଲି...ମୁଁ ଏଠାରେ ବସିଥିଲି, ଏବଂ ଜଣେ ବ୍ୟକ୍ତି ସେହିପରି କଥା ହେଉଥିଲେ, ସେ ଏକ ୱେଲ୍‌ଡର ଟୋପି ପିନ୍ଧିଥିଲେ, ଆଉ ମୁଁ ଠିକ ତାଙ୍କ ସହିତ କଥା ହେଉଥିଲି। ଏବଂ ସେ ଏକ ସିଗାରେଟ୍ ଧୁମ୍ରପାନ କରୁଥିଲେ, ସେ ଏକ ୱେଲ୍‌ଡର ଚଷମା ପଛକୁ ଧସି ଯାଇଥିବା ପରି ପିନ୍ଧିଥିଲେ। ଠିକ ଏଠାରେ ସେଲର୍ସବର୍ଗର ଆଖ ପାଖରେ ଥିଲା। ଆଉ ମୁଁ ଏଠାରେ ବସି ସେହି ବ୍ୟକ୍ତିଙ୍କ ସହିତ କଥା ହେଉଥିଲି। ସେ ସେଠାରେ କିଛି କହିଲେ, ଏବଂ ଆମେ ସମସ୍ତେ ହସିବାକୁ ଲାଗିଲୁ; ମୁଁ ତାଙ୍କୁ ଗୋଡରେ ଆଘାତ କଲି; ମୁଁ କହିଲି, "ପିଲା, ତାହା—ତାହା ବାସ୍ତବରେ ଉତ୍ତମ ବିଷୟକୁ ନେଇ ନେଲା, କଅଣ ନୁହେଁ କି?"

ଆଉ ମୁଁ ସେଠାରେ ସେହିପରି ଭାବରେ ବସିଥିଲି, ଏବଂ ସେହି—ସୀଧାସଳଖ କୌଣସି—ଜଣେ ସ୍ତ୍ରୀଲୋକ ସେଠାରେ ଆରପାରି ବସିଥିଲେ କହିଲେ, "କୁହ, ରୁଥ୍, କଅଣ ତୁମେ ଯାଉଛ କି...?"

166 ଓୱରଅଲ୍ କୋଟ ପିନ୍ଧିଥିଲେ, ବହୁତ ବଡ ଶରୀର, ଜଣେ ପୁରୁଷ ପରି ବଳିଷ୍ଠ, ସେଠାରେ ବସି ଗୋଟିଏ ସିଗାରେଟ୍ ଟାଣୁଥିଲେ ଓ ନିଜ ନାସିକାରୁ ଧୂଆଁ ଛାଡୁଥିଲେ, ମୁଁ ଭାବିଲି ଯେ ତାହା ଜଣେ ପୁରୁଷ ଥିଲେ । କିଛି ଗୋଟାଏ ଏକ ଏସିଟିଲିନ ଟର୍ଚ୍ଚ ଛାଡିବା ବିଷୟରେ ଓ କିଛି କରିବା ବିଷୟରେ, କାହାରି ମୁଣ୍ଡରେ ପ୍ରହାର କରିବା ବିଷୟରେ ଓ *ଆପଣ-ତାହାକୁ-ଯାହା-କୁହନ୍ତି* ବାଡେଇବା ବିଷୟରେ କହିଲେ, ଓ ହସିବା ଆରମ୍ଭ କରିଦେଲେ । ମୁଁ ମଧ୍ୟ ହସିଲି ଓ ତାହାକୁ ଜଣେ ପୁରୁଷ ଭାବି, ତାର ଗୋଡରେ ଆଘାତ କଲି । ମୁଁ ପାର୍ଥକ୍ୟ ଜାଣିଲି ନାହିଁ । ଆପଣ ତାହା କହିପାରନ୍ତି ନାହିଁ । ଆଉ ବାଇବଲ କୁହେ, "କୌଣସି ସ୍ତ୍ରୀଲୋକ ଯିଏକି ପୁରୁଷର ପୋଷାକ ପରିଧାନ କରେ, ତାହା ନିନ୍ଦନିୟ ଅଟେ ।" ଆମେ ସେଠାରେ ଅଛୁ ।

167 ନା, ଭାଇ, ଯଦି ଆପଣ ଏକ ଚେପ୍‌ଟା କେଶ କର୍ତ୍ତନ ଚାହାଁନ୍ତି, ମୁଁ ଆପଣଙ୍କୁ କହିବି: ଆପଣ କେବଳ ମୋ ବୟସ ପର୍ଯ୍ୟନ୍ତ ଆସିବାର ଅପେକ୍ଷା କରନ୍ତୁ, ଆପଣ ଗୋଟିଏ ପାଇ ଯିବେ । ତେଣୁକରି...ତାହା ସବୁ ଠିକ ଅଟେ । ବନ୍ଧୁ, ମୋର ତାହା ସେପରି କହିବାର ଅଭିପ୍ରାୟ ନ ଥିଲା । ଯଦି ଆପଣ ବିଶ୍ୱାସ କରନ୍ତି ଯେ ଭାଇ ବ୍ରାନ୍‌ହାମ୍ ଆପଣଙ୍କୁ ସତ୍ୟ କହିଛନ୍ତି ତେବେ ଆପଣଙ୍କର ହୃଦୟ ଆଶୀଷିତ ହେଉ । ମୁଁ ଭାବେ ନାହିଁ ଯେ ପରମେଶ୍ୱର ପୁରୁଷ ବିଷୟରେ କିଛି କହିଛନ୍ତି, ତାହାର—ତାହାର ଆବରଣ ତ ସେତିକି ଅଟେ ଯେପର୍ଯ୍ୟନ୍ତକି ସେ ତାହାର କେଶ କାଟିଥାଏ । ଯଦି ସେ ନିଜର କେଶକୁ ଜଣେ ସ୍ତ୍ରୀଲୋକ ପରି ଲମ୍ୱା କରି ବଢାଏ, ବାଇବଲ କୁହେ ଯେ ତାହା କରିବା ଜଣେ ପୁରୁଷ ନିମନ୍ତେ ଲଜ୍ଜାଜନକ ଅଟେ ।

168 ମାତ୍ର ବର୍ତ୍ତମାନ, ଯଦି ଆପଣ—ଯେପର୍ଯ୍ୟନ୍ତକି ଆପଣଙ୍କର କେଶ ଅଛି ଓ ଆପଣ ଜଣେ ସାନ ବାଳକ ଅଟନ୍ତି...ଆଉ ମୁଁ ଜାଣେ ଯେ ମୁଁ ତାହା ବିଷୟରେ ବହୁତ ଅଧିକ କହିଅଛି: "ଏବଂ ତୁମେ, ରିକୀ ବାଳୁଙ୍ଗାମାନେ, ସେହି ଚେପ୍‌ଟା କେଶ କର୍ତ୍ତନ ସହିତରେ," ଏବଂ ସେହିପରି ସବୁ କିଛି, ଓ ସେପରି ବିଷୟମାନ ସହିତରେ, ମାତ୍ର ମୁଁ—ମୁଁ କେବଳ ତାହା କୁହେ । ବୁଝିଲେ?

169 ମୁଁ ଭାବୁ ନାହିଁ—ମୁଁ ଭାବୁ ନାହିଁ ଯେ ପରମେଶ୍ୱରଙ୍କୁ ଏହା ଫରକ୍ ପଡେ ଯେ ଜଣେ ପୁରୁଷ ତାର କେଶ କିପରି କାଟେ, ଯେପର୍ଯ୍ୟନ୍ତକି ସେ ଏହାକୁ କାଟିଥାଏ, କାରଣ ତାହାର ମସ୍ତକ ପରମେଶ୍ୱର ଅଟନ୍ତି । ମାତ୍ର ଜଣେ ସ୍ତ୍ରୀଲୋକର ମସ୍ତକ ଜଣେ ପୁରୁଷ ଅଟେ; ଅତଏବ, ତାହାକୁ ନିଶ୍ଚିତ...ଆଉ ଯଦି ସେ ନିଜର କେଶ କାଟେ, ସେ ତାହାର ମସ୍ତକର ଅପମାନ କରେ । ତେବେ ଜଣେ ଅପମାନଜନକ ସ୍ତ୍ରୀଲୋକକୁ ଛାଡପତ୍ର ଦେଇ ପରିତ୍ୟାଗ କରାଯିବା ଉଚିତ୍ । କଅଣ ତାହା ଠିକ? ତେଣୁକରି ଯଦି ଜଣେ ସ୍ତ୍ରୀଲୋକ ତାର କେଶ କାଟେ, ତାର—ତାର ସ୍ୱାମୀ ପାଖରେ ବାଇବଲ ଦ୍ୱାରା ଏକ ସମ୍ପୂର୍ଣ୍ଣ ଅଧିକାର ଅଛି ଯେ ସେ ଜଣେ ଆପମାନଜନକ ବ୍ୟକ୍ତିଙ୍କୁ—ଅସଦାଚରଣରେ ବାସ କରୁଥିବା ହେତୁ ପରିତ୍ୟାଗ କରିପାରେ । କେତେ ଜଣ

ଜାଣନ୍ତି ଯେ ତାହା ସତ୍ୟ ଅଟେ? ଏହା ତ ତାହା ଅଟେ ଯାହାକି ବାଇବଲ ବ୍ୟକ୍ତ କରେ, କାରଣ ସେ ନିଜର ମସ୍ତକକୁ ଅପମାନ କରେ । ଜଣେ ଅପମାନଜନକ ସ୍ତ୍ରୀଲୋକ ସହିତ ବାସ ନ କରା ଯାଉ ।

**304. ଭାଇ ବ୍ରାନ୍‌ହାମ୍, ଯେତେବେଳେ ଯିଶାଇୟ ସିୟୋନର କନ୍ୟାମାନଙ୍କୁ କହିଥିଲେ,** (ଙ୍କୁ କହିଥିଲେ, ମୋର ଅର୍ଥ, ମୁଁ ଭାବୁଛି ସେମାନଙ୍କର ଅଭିପ୍ରାୟ "ବିଷୟରେ କହିଥିଲେ") **ସିୟୋନର କନ୍ୟାମାନଙ୍କୁ କଡା ପିନ୍ କଣ୍ଟା, କୁଞ୍ଚୁ କୁଞ୍ଚିଆ କେଶ ବିଷୟରେ କହିଥିଲେ, ଅତି ଉତ୍ତମ ଭାବେ କେଶ ବିନ୍ୟାସ ପରିବର୍ତ୍ତେ, ଚନ୍ଦା ମୁଣ୍ଡିଆ; ପରିବର୍ତ୍ତେ... କଅଣ ତାହା ଆଜିର ସମୟ ପ୍ରତି ପ୍ରଯୁଜ୍ୟ ହେବ କି ଅବା ସେହି ପୁରାତନ ବାଇବଲ ପ୍ରଭାବହୀନ ଅଟେ ଯେପରିକି କେତେକ କୁହନ୍ତି?**

170 ସେହି ପୁରାତନ ବାଇବଲ ସର୍ବଦା ପ୍ରଭାବଯୁକ୍ତ ଅଟେ, ଏବଂ ପ୍ରତ୍ୟେକ ବାକ୍ୟ ଯାହା ପରମେଶ୍ୱର କୁହନ୍ତି ପ୍ରଭାବଯୁକ୍ତ ଅଟେ । ହଁ, ମହାଶୟ! କେବଳ ଗୋଟିଏ ବିଷୟ ଯାହା ନୂତନ ବାଇବଲରୁ ପୁରତାନ ବାଇବଲକୁ କରେ, ତାହା ହେଲା ମହିମାନ୍ୱିତ କରିବା । ଯୀଶୁ କହିଲେ, "ତୁମେ ସେମାନଙ୍କୁ କହୁଥିବାର ଶୁଣିଛ, 'ତୁମେ ବ୍ୟଭିଚାର କରିବ ନାହିଁ' (ଆପଣଙ୍କୁ ସେହି କ୍ରିୟାରେ ରହିବାକୁ ଥିଲା); ମାତ୍ର ମୁଁ ତୁମକୁ କହୁଛି, ଯେକେହି ଜଣେ ସ୍ତ୍ରୀଲୋକକୁ କାମାସକ୍ତ ଦୃଷ୍ଟିରେ ଦେଖେ ତାହା ସହିତ ନିଜ ହୃଦୟରେ ବ୍ୟଭିଚାର କରି ସାରିଲାଣି ।" ଏଗୁଡିକ କେତେ ମହିମାମୟ ବିଷୟମାନ ଅଟେ!

ତେବେ, ବନ୍ଧୁଗଣ, ମୋତେ ସମାପ୍ତ କରିବାକୁ ଅଛି । ଏହା ଅଳ୍ପ ଟିକିଏ ବିଳମ୍ବ ହେଉଅଛି । ବର୍ତ୍ତମାନ, ତାହା ଟିକେ ଅଧିକ ଲମ୍ବା ଅଟେ । ଆସନ୍ତୁ ଦେଖିବା ଯଦି ମୁଁ କିଛି ପାଇପାରେ । ଆସନ୍ତୁ ଦେଖିବା ।

**305. ଭାଇ ବ୍ରାନହାମ୍, ସ୍ତ୍ରୀଲୋକମାନେ ନିଜର କେଶକୁ** (ଓଃ, ମୋର ପ୍ରଭୁ!) **କିପରି ଭାବରେ ବିନ୍ୟାସ କରିବା କଥା?**

171 ପୁଣି ଥରେ, ଆପଣ ଯେପରି ଭାବରେ ବି ଚାହାଁନ୍ତି ଆପଣ କରନ୍ତୁ । ପ୍ରଥମ ତିମଥି 2:9 । ବୁଝିଲେ? "ସ୍ତ୍ରୀଲୋକମାନେ ଆପଣାକୁ ବିନମ୍ର ବସ୍ତ୍ରରେ ଭୁଷିତ କରନ୍ତୁ ।" **ମୁଁ ଚାହେଁ—ମୁଁ ଚାହେଁ ଯେ ମୋର ବସ୍ତ୍ର ପରମେଶ୍ୱରଙ୍କୁ ପ୍ରସନ୍ନ କରୁ ।** (ପ୍ରିୟ ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।) **ଧନ୍ୟବାଦ । ହେଉ ଯେ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ ଦିଅନ୍ତୁ । ଆମ ପାଇଁ ପ୍ରାର୍ଥନା କରନ୍ତୁ ।** ଆଉ ସେହି ବ୍ୟକ୍ତି ନିଜ ନାମର ହସ୍ତାକ୍ଷର କରିଛନ୍ତି ।

172 ଶାରୋନ, ନିଶ୍ଚିତରେ, ଭଉଣୀ! ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାକୁ ସେତିକି ଲମ୍ବା ରଖନ୍ତୁ ଯେତିକି ଲମ୍ବା ତାହା ଅଟେ, ଭଉଣୀ । ଏହା ଜଣେ ସାନ ଭଉଣୀ ଅଟନ୍ତି । ପ୍ରିୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଠିକ ଅଛି, ତୁମେ ବଢି ଚାଲ ।

**306. କନ୍ୟା ଉର୍ଦ୍ଧାନ୍ତିକରଣରେ ଚାଲିଯିବା ପରେ କଅଣ ନିର୍ବୁଦ୍ଧି କୁମାରୀମାନଙ୍କ ମଧ୍ୟରୁ କେହି ରକ୍ଷାପ୍ରାପ୍ତ ହେବେ ନା ସେମାନେ ସମସ୍ତେ ବିନଷ୍ଟ ହେବେ?**

173 ନା! ଦେଖନ୍ତୁ, ବିଜାତି ମଣ୍ଡଳୀ ପାଇଁ ସବୁ କିଛି ଶେଷ ହୋଇଯିବ ଯେତେବେଳେ କନ୍ୟାକୁ ପୃଥିବୀରୁ ନେଇ ନିଆ ଯାଏ। ପରମେଶ୍ୱରଙ୍କ ଆତ୍ମା ପୃଥିବୀକୁ ଛାଡି ଚାଲିଯାଏ: "ଯିଏ ଅଶୁଚି ଥାଏ ସେ ଅଶୁଚି ରହିବ; ଯିଏ ଧାର୍ମିକ ସେ ସେତେବେଳେ ସୁଦ୍ଧା ଧାର୍ମିକ ରହିବ; ଯିଏ ପବିତ୍ର ସେ ପବିତ୍ର ହିଁ ରହିବ।" ଅନ୍ୟ ଶବ୍ଦରେ ସେହି ଆରାଧନାଳୟଟି ଧୂମରେ ପରିପୂର୍ଣ୍ଣ ହୋଇଯିବ, ଯେଉଁଠାରେକି ସେହି—ସେହି ଓକିଲ ମାମଲାକୁ ସପକ୍ଷବାଦୀ ହେବା ପାଇଁ ରହିଥିଲେ। ଖ୍ରୀଷ୍ଟ ମନ୍ଦିରକୁ ଛାଡି ଚାଲି ଯାଆନ୍ତି; ତାହାଙ୍କର ମଧ୍ୟସ୍ଥତାର ଦିନଗୁଡିକ ଶେଷ ହୋଇ ଯାଇଥାଏ। ଉର୍ଦ୍ଧାନ୍ତିକରଣ ଉପସ୍ଥିତ ହୁଏ; ସେ ମନ୍ଦିରକୁ ଛାଡି ଚାଲି ଯାଆନ୍ତି, ଆଗକୁ ଯାଇ ମୁକ୍ତିର ପୁସ୍ତକକୁ ନେଇ ନିଅନ୍ତି, ଓ ସେ ମୁକ୍ତି କରିଥିବା ପ୍ରତ୍ୟେକ ବିଷୟକୁ ଦାବି କରନ୍ତି। ସେଠାରେ ଆଉ କୌଣସି ମଧ୍ୟସ୍ଥତାର କାର୍ଯ୍ୟ ହୁଏ ନାହିଁ। କେତେ ଜଣ ତାହା ବୁଝୁଛନ୍ତି? ମୁଁ ତାହାକୁ ମୁଦ୍ରାର ଗୋଟିଏରେ—କିମ୍ବା ତାହାର ଗୋଟିଏରେ ରଖିଛି...ହଁ, ସେହି ମୁଦ୍ରା, ମୁଁ ଭାବୁଛି ତାହା ଥିଲା, ଯେ ଖ୍ରୀଷ୍ଟ ନିଜର ମଧ୍ୟସ୍ଥତାର କାର୍ଯ୍ୟଗୁଡିକୁ ଦାବି କରିବା ପାଇଁ ଆସନ୍ତି।

174 ତେବେ, ଗୋଟିଏ ମିନିଟ୍। "କଅଣ ନିର୍ବୁଦ୍ଧି କୁମାରୀମାନେ ରକ୍ଷା କରାଯିବେ?" ନା! ଯାହା ବି ଘଟିତ ହୁଏ ସେ—ବର୍ତ୍ତମାନ ଘଟିତ ହୁଏ। ସେହି ସମୟ ପରେ ସେ ଏହି ଅବସ୍ଥାରେ ଥାଏ...ବର୍ତ୍ତମାନ, ତାହାକୁ କ୍ଳେଶର ସମୟ ଦେଇ ଯିବାକୁ ପଡିବ। ଆଉ ତାହାର କାରଣ ହେଲା ଯେ, ଯେହେତୁ ସେ ବଳିଦାନକୁ ତାହାର ପରିପୂର୍ଣ୍ଣତାରେ ଅଗ୍ରାହ୍ୟ କରିଅଛି। ସେ ଜଣେ ବିଶ୍ୱାସୀ ଅଟେ, ଜଣେ ସ୍ୱୀକୃତ ବିଶ୍ୱାସୀ ଅଟେ, ମାତ୍ର ତାହାକୁ କ୍ଳେଶର ସମୟ ଦେଇ ଯିବାକୁ ପଡିବ। ବାଇବଲ କୁହେ, "ଆଉ ଅବଶିଷ୍ଟ ସେମାନଙ୍କ ପ୍ରତି, ସେହି ଅଜଗର ନିଜର ମୁଖରୁ ଜଳ ଉଦ୍‌ଗାର କଲା ଓ ଯୁଦ୍ଧ କରିବାକୁ ଗଲା..." ଆଉ ତାହା କି ଏକ ଘଟିକା ଅଟେ। ସେହି...

175 ଇତିହାସରେ ଏପରି କୌଣସି ଏକ ସମୟ ରହି ନାହିଁ ଯେତେବେଳେକି ନାମଧାରୀ ମଣ୍ଡଳୀମାନେ ପବିତ୍ରଆତ୍ମାର ବାପ୍ତିସ୍ମ ନିମନ୍ତେ ଏତେ କ୍ଷୁଧିତ ହୋଇଛନ୍ତି। ମୁଁ—ମୁଁ ଖ୍ରୀଷ୍ଟିୟାନ ବ୍ୟବସାୟୀ ପୁରୁଷମାନଙ୍କ ନିମନ୍ତେ କହିଥାଏ। ନିରନ୍ତର ଭାବେ, ତାହା ପ୍ରେସ୍‌ବିଟେରିୟାନ୍, ଓ ଲୁଥରାନ୍, କ୍ୟାଥୋଲିକ୍, ଏବଂ ସମସ୍ତେ, ବାପ୍‌ଟିଷ୍ଟ ସହସ୍ର ସଂଖ୍ୟାରେ, ଚର୍ଚ୍ଚ ଅଫ କ୍ରାଇଷ୍ଟ, ନାଜରିନ୍, ପିଲ୍‌ଗ୍ରିମ୍ ହୋଲିନେସ୍, ସେଭେନ୍ଥ ଡେ ଏଡଭେନଷ୍ଟିଷ୍ଟ, ସେମାନଙ୍କ ମଧ୍ୟରୁ ସମସ୍ତେ ତାହା ଖୋଜିବାକୁ—କୁ ଚେଷ୍ଟା କରୁଛନ୍ତି...ବୁଝିଲେ?

176 ତେବେ, ଏହା ଏକ ଲକ୍ଷଣଯୋଗ୍ୟ ବିଷୟ ଅଟେ। ଦୟାକରି ଏହାକୁ ଏକ ଶିକ୍ଷା ସିଦ୍ଧାନ୍ତ ଭାବରେ ନିଅନ୍ତୁ ନାହିଁ, ମାତ୍ର କଅଣ ଆପଣ ବୁଝୁଛନ୍ତି ଯେ ଶାସ୍ତ୍ର ସେତେବେଳେ କଅଣ ଘଟିବ ବୋଲି କୁହେ ଯେତେବେଳେକି ତାହା ଘଟିତ ହୁଏ? ସମୟ ସମାପ୍ତ ହୋଇ ଯାଇଥାଏ। କାରଣ ଦେଖନ୍ତୁ, ସେଠାରେ ସାତୋଟି କୁମାରୀ ଥିଲେ, କିମ୍ବା, ଦଶ ଜଣ କୁମାରୀ ଥିଲେ ଯିଏକି ବରଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ, ଏବଂ ସେମାନଙ୍କ ମଧ୍ୟରୁ ଅଧେ ପାଖରେ ସେମାନଙ୍କର ପ୍ରଦୀପରେ ତେଲ ରହିଥିଲା। ତାହା ଶରୀରର ସେହି ଭାଗ ଥିଲା ଯାହାକି ମୃତ ଅଟେ ଓ ସେହି ଭାଗ ଯାହାକି ଜୀବିତ ଅଟେ। ପାଞ୍ଚ ଜଣ ସୁବୁଦ୍ଧି ଥିଲେ, ଯେତେବେଳେ ସେମାନେ—

ସେହି କୋଳାହଳ ହେଲା, “ଦେଖ ବର...” ସେମାନେ ସମସ୍ତେ ସଫା ସୁତୁରା କଲେ, କିମ୍ବା, ନିଦ୍ରାରୁ ଜାଗ୍ରତ ହେଲେ ଓ ବିବାହ ଭୋଜକୁ ଯିବା ନିମନ୍ତେ ଆପଣା ପ୍ରଦୀପଗୁଡିକୁ ସଜାଡିଲେ । ମାତ୍ର ଯେତେବେଳେ ସେହି ମୂର୍ଖ କୁମାରୀ କହିଲେ, “ତୁମ ତେଲ ମଧ୍ୟରୁ ଆମକୁ କିଛି ଦିଅ, ଆମ ପ୍ରଦୀପଗୁଡିକ ଲିଭି ଯାଉଅଛି । (ବୁଝିଲେ?) ତୁମ ତେଲ ମଧ୍ୟରୁ ଆମକୁ କିଛି ଦିଅ ।” ସେମାନେ କହିଲେ, “ନା ନୁହେଁ, ଆମ ପାଖରେ କେବଳ ଆମ ନିମନ୍ତେ ଯଥେଷ୍ଟ ଅଛି । ଯାଅ ଓ କିଣି ଆଣ ।” ଆଉ ଯେତେବେଳେ ସେମାନେ ତାହା କିଣିବା ପାଇଁ ଗଲେ, ସେତେବେଳେ ବର ଆସିଗଲେ ।

177 ଯେତେବେଳେ ସେହି କୋଳାହଳ ହେଲା, ସେହି ଉଦ୍‌ଘୋଷଣା ହେଲା, “ବର ଆସୁଛନ୍ତି,” ସମସ୍ତେ ଅତି ଶୀଘ୍ର, ଶୀଘ୍ର ସଠିକ ହେବାକୁ ଚାହିଁଥିଲେ । କଅଣ ତାହା ସେହି ଘଟିକା ନୁହେଁ କି ଯେତେବେଳେ କାନ୍ଥରେ ହସ୍ତାକ୍ଷର ରହିଅଛି?

178 “ଓଃ, ଆମେ ପବିତ୍ରଆତ୍ମାର ବାପ୍ତିସ୍ମ ଚାହୁଁ ।” “ଆମେ *ଏହା, ତାହା,* କିମ୍ବା *ଅନ୍ୟ* କିଛି ଛାହୁଁ!” ମାତ୍ର ଯେତେବେଳେ ସେମାନେ ତାହା କିଣିବାକୁ ଯାଇଥିଲେ, ସେତେବେଳେ ବର ଆସିଗଲେ । ସୁବୁଦ୍ଧିମାନେ ପ୍ରବେଶ କରିଗଲେ, ଆଉ ସେମାନେ ବାହାରେ ରହିଗଲେ ଯେଉଁଠାରେକି କ୍ରନ୍ଦନ, ରୋଦନ ଓ ଦନ୍ତର କିଡିମିଡି ହେବ ।

179 ତାହା ସହିତ ସାମଞ୍ଜସ୍ୟରେ ଯିବା ହେତୁ ମୋ ପାଖରେ ସୁନ୍ଦର ପ୍ରଶ୍ନଗୁଡିକ ଅଛି: “ସେହି ବ୍ୟକ୍ତି କିଏ ଥିଲା ଯିଏକି ବସ୍ତ୍ର ସହିତରେ ଭିତରକୁ ଆସିଥିଲା, ଯାହାଙ୍କ ପାଖରେ ବିବାହ ବସ୍ତ୍ର ନ ଥିଲା?” ଏବଂ ସେହି ପ୍ରଶ୍ନଗୁଡିକ ଯାହାକି ତାହା ସହିତ ସମ୍ବନ୍ଧିତ ଅଟେ ।

### 307. କଅଣ ଜଣେ ବ୍ୟକ୍ତି ନିଜର ଦଶମାଂଶକୁ ଏକ ବ୍ୟକ୍ତିଗତ ଲୋକଙ୍କୁ ଦେବା ଉଚିତ, ନା ଜଣେ ଖ୍ରୀଷ୍ଟିୟାନକୁ କାମ କରିବା ଉଚିତ କି?

180 ନିଶ୍ଚିତରେ ସେ କରିବା ଉଚିତ୍ । ସେହି ଜଣେ ବ୍ୟକ୍ତି ଯିଏକି କାମ କରିବ, ତାହା ହେଲା ଏକ ଖ୍ରୀଷ୍ଟିୟାନ ।

181 “ଜଣେ ବ୍ୟକ୍ତିଗତ ଲୋକଙ୍କୁ ନିଜର ଦଶମାଂଶ ଦେବ?” ଏହା ନିର୍ଭର କରେ ଯେ ସେହି ବ୍ୟକ୍ତିଟି କିଏ । ବୁଝିଲେ? ତାହା ଠିକ ଅଟେ । ଏବ୍ରୀ 7 ରେ, ପ୍ରଥମ ଥର ପାଇଁ ଦଶମାଂଶ ବିଷୟ ଏକ ପରିପ୍ରେକ୍ଷୀରେ—ରେ କୁହାଯାଇଥିଲା ଯେ ଆମେ...ଗୋଟିଏ ମିନିଟ୍ ରୁହନ୍ତୁ, ମୁଁ ଭାବୁଛି, ପ୍ରଶ୍ନ ସଂଖ୍ୟା ଦୁଇ । ନା! ଉଃ-ହୁ । ନା! ଭାଇ ନିମନ୍ତେ...କହିଲେ, “ଭାଇ ବ୍ରାନ୍‌ହାମ୍ ନିମନ୍ତେ ଦୁଇଟି ପ୍ରଶ୍ନ ।

182 ଯେତେବେଳେ...ଏବ୍ରୀ ତାର 7ମ ପର୍ବରେ, ଯେତେବେଳେ ଅବ୍ରହାମ, ରାଜାମାନଙ୍କର ସଂହାରରୁ ଫେରି ଆସୁଥିଲେ, ମଲ୍‌କୀଷେଦକଙ୍କୁ ଭେଟିଲେ, ସେ ତାହାଙ୍କୁ ଦଶମାଂଶ ଦେଲେ । ତାହା ଶାଲେମ୍‌ର ରାଜା, ମଲ୍‌କୀଷେଦକ ଥିଲେ, ଯାହାକି ଶାନ୍ତିର ରାଜା, ଓ ଧାର୍ମିକତାର ରାଜା ଅଟନ୍ତି, ଯାହାକି ଆଉ କେହି ନୁହଁ ବରଂ ପରମେଶ୍ୱର ସ୍ୱୟଂ ଥିଲେ । ବୁଝିଲେ?

183 ମାତ୍ର ଯେତେବେଳେ ଆପଣ ଦଶମାଂଶ ଦିଅନ୍ତି...ବାସ୍ତବରେ, ଆପଣଙ୍କୁ ନିଜର ଦଶମାଂଶ ସେହିଠାରେ ଦେବା ଉଚିତ୍ ଯେଉଁଠାରେ ଆପଣ ନିଜର ଭୋଜନ ପାଆନ୍ତି। "ସଦାପ୍ରଭୁ କୁହନ୍ତି, ଆପଣା ଆୟର ସମସ୍ତ ଦଶମାଂଶ ମୋର ଭଣ୍ଡାରଗୃହକୁ ଆଣ। (କଅଣ ତାହା ଠିକ ଅଟେ?) ଆଉ ମୋତେ ପରୀକ୍ଷା କରି ଦେଖ ଯେ କେଉଁଠାରେ ପରମେଶ୍ୱର କହିଥିଲେ, ଯେ ମୁଁ ସ୍ୱର୍ଗର ଝରକା ଖୋଲି ତୁମକୁ ଆଶୀର୍ବାଦ କରିବି ନାହିଁ ଏପରିକି ଯେ ତାହା ପ୍ରାପ୍ତ କରିବା ହେତୁ ତୁମ ପାଖରେ ଯଥେଷ୍ଟ ସ୍ଥାନ ନୋହିବ।" ମୁଁ ଯେକୌଣସି ପୁରୁଷ କିମ୍ୱା ସ୍ତ୍ରୀକୁ ଆହ୍ୱାନ କରେ ଯିଏକି ଦଶମାଂଶ ନ ଦିଅନ୍ତି ତାହାକୁ ଗ୍ରହଣ କରୁ।

184 ମୁଁ ଏଠାରେ ସକାଳ ଯାଏଁ ଛିଡା ହୋଇ ରହିବି ଓ, ଆପଣଙ୍କୁ ତାହା କହିପାରିବି ଯେ ଠିକ ସେତେବେଳେ କଅଣ ଘଟିଥିଲା ଯେତେବେଳେ ମୁଁ ତାହା ଦେଖିଲି, ଓ ମୁଁ କେଉଁ ଅବସ୍ଥାରେ ଥିଲି। କିନ୍ତୁ ମୁଁ ଯଥା ସମ୍ଭବ ଯେତିକି ବିଶ୍ୱସ୍ତ ରହିପାରେ, ମୁଁ ଦଶମାଂଶ ଦେଲି। ଆଉ ଯେତେବେଳେ ମୁଁ ଏଠାରେ ମଣ୍ଡଳୀରୁ କିମ୍ୱା ମୋର ସଭାଗୁଡିକରୁ ମୋର ନିଜର ଟଙ୍କା ନେଲି, ମୁଁ ଅଧିକ ନେଇଥାଆନ୍ତି...ମୁଁ ଦଶମାଂଶ ଦେଇଥାଏ। ତାହାପରେ ମୁଁ ଏହାକୁ ସେବକମାନଙ୍କୁ ଦେଇଥାଏ, ଓ ତାହାର ଯାହା ବଳକା ଥାଏ ସେବକମାନଙ୍କୁ ଦେଇଥାଏ। ତେବେ, ଯେତେବେଳେ ମୁଁ ତାହା କରିପାରିଲି ନାହିଁ, ସେତେବେଳେ ସେହି ବିଷୟ ମୁଁ କଲି, ମୁଁ ଦଶ ପ୍ରତିଶତ ରଖିଲି ଓ ନବେ ପ୍ରତିଶତ ପରମେଶ୍ୱରଙ୍କୁ ଦେଇ ଦେଲି। ଆଉ ତାହାପରେ, ଯେତେବେଳେ ଆଇନ୍ ବ୍ୟବସ୍ଥା ମୋତେ କହିଲା ଯେ ମୁଁ ତାହା କରିପାରିବି ନାହିଁ, ମୋତେ ନେବାକୁ ପଡିବ...ଆଉ ଯଦି ମୁଁ ନିଏ, ତେବେ ତାହା ସବୁ ଉପରେ କର ଆଦାୟ କରା ହେବ, ତେବେ ମୋତେ ସେଗୁଡିକୁ ନେଇ ବିଦେଶୀୟ ମିଶନ କ୍ଷେତ୍ରରେ ଓ ସେହିପରି ପ୍ରଭୃତିରେ ଦେବାକୁ ପଡିଲା, ଏବଂ ସେଥିରୁ ସପ୍ତାହକୁ ଶହେ ଡଲାର କରି ଏକ ଦରମା ନେବାକୁ ପଡିଲା; ଆଉ ମୁଁ ସେଥିରୁ ମୋର ଦଶମାଂଶ ଦେଇଥିଲି।

185 ହଁ, ଆଜ୍ଞା! ମୁଁ ଦଶମାଂଶ ଦେବାରେ ବିଶ୍ୱାସ କରେ। ତାହା ପରମେଶ୍ୱରଙ୍କ ଆଶୀର୍ବାଦରୁ ଅନ୍ୟତମ ଅଟେ ଯାହାକି ଏକ ଆଶୀର୍ବାଦ ବୋଲି ପ୍ରମାଣିତ ଅଟେ। ଆପଣ କୁହନ୍ତି, "ତାହା ତ ପୁରାତନ ନିୟମରୁ ଅଟେ।" ତାହା ନୂତନ ନିୟମରୁ ମଧ୍ୟ ଅଟେ! ହଁ, ମହାଶୟ!

### ୩୦୪. ପ୍ରିୟ ଭାଇ ବ୍ରାନ୍‌ହାମ୍, ଯଦି ବିବାହ ବନ୍ଧନରୁ ବାହାରେ...ଏକ ସନ୍ତାନ ଜନ୍ମ ହୁଏ, ତାହାହେଲେ କଅଣ ଏହି ଶିଶୁ ଉଦ୍ଧାର ପାଇବ କିମ୍ୱା ଉର୍ଦ୍ଧାନ୍ତିକରଣରେ ଯିବ କି?

186 ଉଦ୍ଧାର ପାଇବ? କାହିଁକି ନିଶ୍ଚିତରେ, ମୁଁ ବିଶ୍ୱାସ କରେ ଯେ ହୋଇପାରେ ସେହି ଶିଶୁ... ଯାହା ଘଟିଯାଇଛି ସେହି ବିଷୟରେ ସେହି ଶିଶୁ କିଛି କରିପାରେ ନାହିଁ। ତାହା ସତ ଅଟେ। ମାତ୍ର ମୁଁ...ଉର୍ଦ୍ଧାନ୍ତିକରଣରେ ଯିବା ବିଷୟରେ...ଉଦ୍ଧାର ପାଇବ, ମୁଁ କହିବି, "ହଁ।" ମାତ୍ର ଉର୍ଦ୍ଧାନ୍ତିକରଣରେ ଏହା ଏକ ପୂର୍ବନିରୂପିତ ବୀଜ ଅଟେ ଯାହାକି ଉର୍ଦ୍ଧାନ୍ତିକରଣରେ ଯାଏ। ଏବଂ ମୁଁ ବିଶ୍ୱାସ କରିପାରେ ନାହିଁ ଯେ ସେହି ବ୍ୟଭିଚାର ଏକ ପୂର୍ବନିରୂପିତ ବୀଜ ଥିଲା। କଅଣ ଆପଣ ବୁଝିଲେ? ଦେଖନ୍ତୁ? ମୁଁ ବିଶ୍ୱାସ କରେ ଯେ ସେହି ଲୋକମାନେ ପାରିବେ—ସେହି

ଶିଶୁ ଉଦ୍ଧାର ପାଇପାରିବ; ତାହାର ନିଜର କୌଣସି—କୌଣସି ଅଧିକାର ନ ଥାଏ। ତାହା ଏକ ଭୟଙ୍କର କ୍ରିୟା ଓ ବିଷୟ ଅଟେ।

187 ମାତ୍ର ବର୍ତ୍ତମାନ, ପୁରାତନ ନିୟମରେ ଯେତେବେଳେ ଜଣେ ଶିଶୁ ଏକ ଜାରଜ ସନ୍ତାନ ଭାବରେ ଜନ୍ମ ହୋଇଥାଏ, ତାହା ଦଶ ପିଢ଼ୀ ଯାଏଁ ପ୍ରଭୁଙ୍କର ସହଭାଗୀତାରେ ପ୍ରବେଶ କରିପାରେ ନାହିଁ, ପ୍ରାୟଃ ଚାରି ଶହ ଓ କିଛି ବର୍ଷ, ସେହି ଅଭିଶାପ ଏତେ ଖରାପ ଅଟେ। କେବଳ ତାହା ବିଷୟରେ ଚିନ୍ତା କରନ୍ତୁ। ଜଣେ ନିରୀହ ଶିଶୁ, ତାହାର ଅଣ, ଅଣ, ଅଣ, ଅଣ, ଅଣ, ଅଣ, ଅଣ, ଅଣ, ଅଣ ନାତି ନାତୁଣୀ, କେବଳ ଚିନ୍ତା କରନ୍ତୁ, ଏପରିକି ସେହି ଶିଶୁର ଅଣ, ଅଣ, ଅଣ, ଦଶ ଅଣ ନାତି ନାତୁଣୀ ସୁଦ୍ଧା ପରମେଶ୍ୱରଙ୍କ ସହଭାଗୀତାରେ ଆସିପାରିବେ ନାହିଁ। ତାହା ଠିକ।

188 ମାତ୍ର ଆପଣ ଦେଖନ୍ତୁ, ସେଠାରେ ସେହି ପାପକୁ କ୍ଷମା କରିବା ନିମନ୍ତେ ଯଥେଷ୍ଟ ମଜଭୁତ କିଛି ନ ଥିଲା। ପୁରାତନ ନିୟମର ସେହି ରକ୍ତ ପାପକୁ କ୍ଷମା କରୁ ନ ଥିଲା; ତାହା ପାପକୁ ଢାଙ୍କୁଥିଲା। ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ତାହାକୁ ପରିଷ୍କାର କରି ଥାଏ। ତାହା ବର୍ତ୍ତମାନ ପୃଥକ ଅଟେ। ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଭିତରକୁ ଆସେ, ତାହା ଅଲଗା ଅଟେ।

**309. ଭାଇ ବ୍ରାନ୍‌ହାମ୍, ଆମେ ଯଥାସମ୍ଭବ ତୁମ ବାର୍ତ୍ତାର ନିକଟବର୍ତ୍ତୀ ରହିବାକୁ ଚାହୁଁ। କଅଣ ଆମେ ଏରିଜୋନା କିମ୍ବା ଜେଫର୍ସନ୍‌ଭିଲେକୁ ସ୍ଥାନାନ୍ତରିତ ହୋଇଯିବୁ କି?**

189 ଉଭୟରୁ ଗୋଟିଏ, ଯାହା ଆପଣଙ୍କୁ ଭଲ ଲାଗେ। ମୁଁ ନିଶ୍ଚିତରେ ଆପଣଙ୍କୁ ପ୍ରେମ କରେ, ମୋର କିଛି ଫରକ୍ ପଡେ ନାହିଁ ଯେ ଆପଣ କେଉଁଠାକୁ ଯାଆନ୍ତି, ଆପଣ କଅଣ କରନ୍ତି। ମାତ୍ର ବର୍ତ୍ତମାନ, ପରାମର୍ଶ ଭାବରେ, ମୁଁ ଭାବୁଛି ମୁଁ ଜେଫର୍ସନ୍‌ଭିଲେକୁ ଆସିବି। ଯଦି ଆପଣ ଯେକୌଣସି ଉପାୟରେ ସ୍ଥାନାନ୍ତରିତ ହେବାକୁ ଯାଉଛନ୍ତି, ତାହାହେଲେ ମୁଁ ଜେଫ. କୁ ଆସିବି। ମୁଁ ବିଶ୍ୱାସ କରେ ଯେ ମୁଁ ଏରିଜୋନା ଅପେକ୍ଷା ଅଧିକ ଏଠାରେ ରହିଥାଏ। ତାହା ଉତ୍ତମ ଅଟେ।

**310. ଭାଇ ବ୍ରାନ୍‌ହାମ୍, କଅଣ—କଅଣ ପାପୀମାନଙ୍କୁ ପ୍ରଚାର କରିବା ନିମନ୍ତେ ଅଧିକ ବିଳମ୍ବ ହୋଇଯାଇଅଛି କି?**

190 ନା! ନା! ଭାଇ, ନିଜ ମନରେ ତାହା ନିଅନ୍ତୁ ନାହିଁ। ଭବନକୁ ନିର୍ମାଣ କରିବା ଜାରି ରଖନ୍ତୁ। ଆପଣ ଯାହାସବୁ କରି ପାରନ୍ତି ତାହା କରି ଚାଲନ୍ତୁ। ଆପଣ କରି ଚାଲିଥାନ୍ତୁ ଯେପର୍ଯ୍ୟନ୍ତକି ଆପଣଙ୍କୁ ଡକା ନ ଯାଇଅଛି। ବୁଝିଲେ?

**311. ପ୍ରଶ୍ନ ସଂଖ୍ୟା ଦୁଇ। କଅଣ ଉପାସନାରେ ଉଦ୍ଧାରପ୍ରାପ୍ତ ଲୋକମାନେ ଆପଣାକୁ ପାପୀମାନଙ୍କଠାରୁ ପୃଥକ୍ କରି ନେବା ଉଚିତ୍ କି? କଅଣ ଉପାସନା କରିବା ବେଳେ ଉଦ୍ଧାରପ୍ରାପ୍ତ ଲୋକମାନେ ଆପଣାକୁ ପାପୀମାନଙ୍କଠାରୁ ପୃଥକ୍ କରି ନେବା ଉଚିତ୍ କି?**

191 ମୁଁ ଅବିକଳ ଭାବେ ତାହା ଜାଣେ ନାହିଁ ଯେ ତାହା କହିବା ଦ୍ୱାରା ଆପଣଙ୍କର ଅର୍ଥ କଅଣ । ଯଦି ଆପଣଙ୍କର ଅଭିପ୍ରାୟ ସେହି ପାପୀମାନଙ୍କୁ ଅଟେ ଯେପରିକି ସେମାନେ ବାହାରେ... ଆପଣ ପରମେଶ୍ୱରଙ୍କ ଉପାସନା ସର୍ବତ୍ର କରନ୍ତି । ମାତ୍ର ମୁଁ ଭାବୁଛି ଯଦି ଆମେ ତାହା କରିବା, ତାହାହେଲେ ଆମର କିପରି ଭାବରେ ମଣ୍ଡଳୀ ହେବାକୁ ଯାଉଅଛୁ, କାରଣ ପାପୀମାନେ ଠିକ ମଣ୍ଡଳୀକୁ ଆସନ୍ତି ଓ ଖ୍ରୀଷ୍ଟିୟାନର କଡରେ ବସନ୍ତି । ପାପ ଛଡା ଅନ୍ୟ କୌଣସି ବିଷୟରେ ଆପଣାକୁ ପୃଥକ୍ କରନ୍ତୁ ନାହିଁ, ପାପୀକୁ ନୁହେଁ । ଯଦି ପାରୁଛନ୍ତି ପାପୀକୁ ନେଇ ଆସନ୍ତୁ, ମାତ୍ର ତାହାର ପାପର ସହଭାଗୀ ହୁଅନ୍ତୁ ନାହିଁ ।

**312. କଅଣ ଜଣେ ଉଦ୍ଧାରପ୍ରାପ୍ତ ପତ୍ନୀ ଆପଣାର ସ୍ୱାମୀର ଅଧୀନରେ ରହିବାକୁ ଅସ୍ୱୀକାର କରିବା ଉଚିତ୍ କି ଯଦି ସେ ଏକ ପାପୀ ଅଟେ?**

192 ନା, ମହାଶୟ! ନା, ମହାଶୟ! ତାହା ଆପଣଙ୍କର ସ୍ୱାମୀ ଅଟେ । ଆପଣ ତାହା କରିବା ଦ୍ୱାରା ତାହାକୁ ସର୍ବାଧିକ ଭାବେ ପରମେଶ୍ୱରଙ୍କଠାରୁ ଆହୁରି ଅଧିକ ଦୂରକୁ ନେଇଯିବେ । ବୁଝିଲେ? ତାହା ଠିକ ଅଟେ, ଭାଇ, ଭଉଣୀ । ଆପଣ ତାହାକୁ ବିବାହ ହୋଇଛନ୍ତି; ସେ ଆପଣଙ୍କର ଅଟେ, ଓ ଆପଣ ତାହାଙ୍କର ଅଟନ୍ତି ।

**313. ଭାଇ ବ୍ରାନ୍‌ହାମ୍, ଏକ ଅମାନ୍ୟକରଣର ଅର୍ଥ କଅଣ ଅଟେ? କଅଣ ଲୋକମାନେ ବିବାହ କରିବା ନିମନ୍ତେ ସ୍ୱଚ୍ଛନ୍ଦ ଅଟନ୍ତି କି ନା ଏହା କେବଳ ଛାଡପତ୍ର ନିମନ୍ତେ ଅନ୍ୟ ଏକ ଶବ୍ଦ ଅଟେ? ମୁଁ ଏହା ଉପରେ କିଛି ସୂଚନା ପାଇବାକୁ ଚାହିଁବି?**

193 ନିଶ୍ଚିତରେ ସେମାନେ ବିବାହିତ ଅଟନ୍ତି । ଯେପର୍ଯ୍ୟନ୍ତ ସେମାନେ ସେହି ଶପଥକୁ ନିଅନ୍ତି, ସେମାନେ ବିବାହିତ ଅଟନ୍ତି । ଠିକ ଯେପରିକି ଗୋଟିଏ ବାଳକ, ଯଦି ଜଣେ ପୁଅ ପିଲା ଝିଅକୁ ଉତ୍ତମ ବିଶ୍ୱାସ ଅଧୀନରେ ବିବାହ ହେବାକୁ ପ୍ରତିଜ୍ଞା କରେ, ସେ ସେହି ଝିଅ ପ୍ରତି ପ୍ରତିଜ୍ଞାବଦ୍ଧ ଅଟେ । ତାହା ତ ଠିକ ବିବାହ ହେବା ସହିତ ସମାନ ଅଟେ । କେବଳ ଗୋଟିଏ ବିଷୟ ଯାହା ଆଇନ୍ ବ୍ୟବସ୍ଥା କରେ, ତାହା ହେଉଛି ଆପଣମାନଙ୍କୁ ସାଧାରଣ-ଆଇନ୍‌ଗତ ସ୍ୱାମୀ ଓ ପତ୍ନୀ ଭାବେ ରହିବାଠାରୁ ବଞ୍ଚିତ କରି ଏକ—ଏକ ସଙ୍ଗରେ ରହିବାର ଅଧିକାର ଦିଏ । ମାତ୍ର ଯେତେବେଳେ ଜଣେ ପୁରୁଷ ଜଣେ ସ୍ତ୍ରୀକି କୁହେ, “ପ୍ରିୟେ, ମୁଁ ତୁମକୁ ବିବାହ ହେବି; ମୁଁ ତୁମକୁ ନିଜର ପତ୍ନୀ ଭାବେ ଗ୍ରହଣ କରିବି । କଅଣ ତୁମେ ଗ୍ରହଣ କରିବ...?” ସେ ବିବାହିତ ଅଟେ ।

194 ଆପଣଙ୍କର ଶପଥଟି ପବିତ୍ର ଅଟେ; ଯାହା ବି ହେଉ ତାହାହିଁ ଅଟେ ଯାହାକି ଆପଣଙ୍କୁ ବିବାହିତ କରିଥାଏ । କୌଣସି ପ୍ରଚାରକ ନାହାଁନ୍ତି ଯିଏକି ଆପଣଙ୍କୁ ବିବାହିତ କରାଇ ପାରିବ, କୌଣସି ମାଜିଷ୍ଟ୍ରେଟ, କିମ୍ବା କିଛି ହେଲେ ନାହାଁନ୍ତି; ଏହା ତ ପରମେଶ୍ୱରଙ୍କ ପ୍ରତି ଓ ଏହି ପୁରୁଷ ପ୍ରତି ଆପଣଙ୍କର ଶପଥ ଅଟେ । ଯେତେବେଳେ ଆପଣ ପ୍ରତିଜ୍ଞା କରନ୍ତି, ଆପଣ ବିବାହ କରିଥାଆନ୍ତି ।

195 ଦେଖନ୍ତୁ । ଆପଣ କୁହନ୍ତି, “ଭାଇ ବ୍ରାନ୍‌ହାମ୍, କଅଣ ତାହା...? ଆପଣ କୁହନ୍ତି...ଆପଣ କହିଲେ ଯେ ଆପଣ ତାହାର ଉତ୍ତର କେବଳ ବାଇବଲ ଦ୍ୱାରା ଦେବେ ।” କଅଣ ଆପଣ ତାହା

ପାଇଁ ବାଇବଲ ଚାହାଁନ୍ତି? ଯଦି ଆପଣ ତାହା ଚାହାଁନ୍ତି ତେବେ ନିଜର ହାତ ଉଠାନ୍ତୁ । ବର୍ତ୍ତମାନ, ଆମ ପାଖରେ ପ୍ରାୟଃ ଛଅ କିମ୍ବା ଆଠ ମିନିଟ୍ ଅଛି । ଠିକ ଅଛି ।

196 "...ଯୋଷେଫ, ତାହାର ସ୍ୱାମୀ, ଜଣେ ଧାର୍ମିକ ବ୍ୟକ୍ତି ହୋଇଥିବାରୁ (ତାହାର ନିର୍ବନ୍ଧିତ ସ୍ୱାମୀ, ଆଗରୁ ସ୍ୱାମୀ ଡାକି ସାରିଲାଣି)...ଯୋଷେଫ, ତାହାର ସ୍ୱାମୀ, ଜଣେ ଧାର୍ମିକ ବ୍ୟକ୍ତି ହୋଇଥିବାରୁ, ତାହାକୁ ଚୁପ୍ କରି ପରିତ୍ୟାଗ କରିବା ନିମନ୍ତେ 'ମନରେ' ଏପ୍ରକାର ମନସ୍ଥ କରି ନେଇଥିଲେ; ମାତ୍ର ଏହା ପୂର୍ବେକି ସେ ଏକାଠି ଆସନ୍ତେ, ସେ ପବିତ୍ରଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଥିଲେ । (ବୁଝିଲେ?) ଏବଂ ସଦାପ୍ରଭୁଙ୍କର ସ୍ୱର୍ଗଦୂତ ତାହାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'ହେ ଦାଉଦ ସନ୍ତାନ, ଯୋଷେଫ, ତୁମେ ମରିୟମଙ୍କୁ, ନିଜ ପତ୍ନୀ, ଗ୍ରହଣ କରିବାରେ ଭୟ କର ନାହିଁ ।'" ଆଗରୁ ବିବାହିତ ଅଟନ୍ତି, ସେ ତ ତାହାକୁ ଆଗରୁ ପ୍ରତିଜ୍ଞା କରି ସାରିଥିଲେ ।

197 ଆଉ ତାର...ଆଉ ହେ ସାନ ମହିଳା, ଯଦି ଆପଣ ସେହି ପୁଅ ପିଲାକୁ ବିବାହ କରିବା ପାଇଁ ପ୍ରତିଜ୍ଞା କରିଛନ୍ତି, ତେବେ ଆପଣ ତାହା କରିବାକୁ ପ୍ରତିଜ୍ଞାବଦ୍ଧ ଅଟନ୍ତି, ଯଦି ଆପଣ ସେହି ପ୍ରତିଜ୍ଞା ପରେ ଅନ୍ୟ କାହାରିକୁ ବିବାହ କରନ୍ତି, ତାହାହେଲେ ଆପଣ, ସେହି ସମୟଠାରୁ ଯାହା ବି ହୋଇଯାଉ, ଆପଣ ବ୍ୟଭିଚାରରେ ରହିବେ । ଆଉ ଧ୍ୟାନ ଦିଅନ୍ତୁ, ସେହି ସମାନ ବିଷୟ ଗୋଟିଏ ପୁଅ ପିଲା ପ୍ରତି ପ୍ରଯୁଜ୍ୟ ହୁଏ ଯିଏକି ଜଣେ ସ୍ତ୍ରୀଲୋକକୁ ବିବାହ କରିବାକୁ ପ୍ରତିଜ୍ଞା କରିଥାଏ...

198 କାହାରିକୁ ନିଜର ଶପଥ ଦିଅନ୍ତୁ ନାହିଁ ଯେପର୍ଯ୍ୟନ୍ତକି ଆପଣଙ୍କର ଅଭିପ୍ରାୟ ତାହା ସହିତରେ ଲାଗି ରହିବା ନୁହେଁ। ମନେ ରଖନ୍ତୁ, ତାହା ପାଇଁ ବାଇବଲ ଅଛି । ଯୋଷେଫ ମରିୟମଙ୍କୁ ବିବାହ କରିବା ପାଇଁ ପ୍ରତିଜ୍ଞା ଦେଇଥିଲେ । ଏବଂ ପରମେଶ୍ୱର କହିଥିଲେ ଯେ ତାହା...

199 ତାହା ଉପରେ ପୁରାତନ ନିୟମର ବ୍ୟବସ୍ଥାଗୁଡିକ ପାଠ କରନ୍ତୁ । ବୁଝିଲେ? ସେହି ପୁରାତନ ନିୟମର ବ୍ୟବସ୍ଥା, ଯଦି ଆପଣ ଜଣେ ସ୍ତ୍ରୀଲୋକକୁ ବିବାହ କରିବା ପାଇଁ ପ୍ରତିଜ୍ଞା କରନ୍ତି, ଓ ଆପଣ ଜଣେ ଅନ୍ୟ କାହାରିକୁ ବିବାହ ହୋଇଯାଆନ୍ତି, ତାହାହେଲେ ଆପଣ ବ୍ୟଭିଚାର କରୁଛନ୍ତି; ଆଉ ତାହା ଆପଣଙ୍କୁ ଛାଉଣୀରୁ ବାହାର କରିଦିଏ । ହଁ, ମହାଶୟ! ଯେତେବେଳେ ଆପଣ ଜଣେ ସ୍ତ୍ରୀଲୋକକୁ ନିଜର ଶପଥ ଦିଅନ୍ତି ତେବେ ଆପଣଙ୍କୁ ନିଜର ଶପଥଗୁଡିକୁ ରକ୍ଷା କରିବାକୁ ଥାଏ । ସେହି ସ୍ତ୍ରୀଲୋକଟି ଏକ ପବିତ୍ର ଛୋଟ ପାତ୍ର ଅଟେ, ଆଉ ତାହା ହେଉଛି ଜଗତକୁ ପୁନର୍ବାର ଶିଶୁ ଜୀବନକୁ ନେଇକି ଆସିବା । ତେଣୁକରି ଯେତେବେଳେ ଆପଣ ତାଙ୍କୁ ପ୍ରତିଜ୍ଞା କରନ୍ତି, ଆପଣଙ୍କୁ ନିଶ୍ଚିତରେ ତାଙ୍କୁ ବିବାହ କରିବା ଉଚିତ୍ ।

**314. କଅଣ କାରାଗାର ସେବା ନିମନ୍ତେ ଓ ପ୍ରାଣଗୁଡିକୁ ରକ୍ଷା କରିବାକୁ ଚେଷ୍ଟା କରିବା ନିମନ୍ତେ ସେହିପରି ଏକ ସାକ୍ଷ୍ୟ ପାଇଁ କାର୍ଯ୍ୟ କରିବାକୁ ସମୟ ବିଳମ୍ବ ହୋଇଯାଇଅଛି କି? ଆହୁରି କଅଣ ଜଣେ ନିଜର ସବୁକିଛି ବିକ୍ରୟ କରି ଦେବା ଉଚିତ୍ କି ଯାହା ବର୍ତ୍ତମାନ ତାହା ପାଖରେ ଅଛି, ଯେହେତୁ ପ୍ରଭୁ ଅତି ଶୀଘ୍ର ଆସୁଛନ୍ତି?**

200 ତେବେ, କିପରି—କିପରି ଆପଣ...ମୁଁ ଆଶା କରେ ଯେ ମୁଁ ଆପଣଙ୍କୁ ଏପରି କିଛି କହି ନାହିଁ ଯାହାକି ଆପଣଙ୍କୁ ତାହା ବିଶ୍ୱାସ କରିବାକୁ ବାଧ୍ୟ କରେ । କଅଣ ମୁଁ କରିଅଛି କି? ଯଦି ମୁଁ କରିଛି, ତେବେ ମୋତେ କ୍ଷମା କରନ୍ତୁ! ମୋର ତାହା ଅଭିପ୍ରାୟ ନୁହେଁ...ବୁଝିଲେ? ସେହିପରି କୌଣସି ବିଷୟଗୁଡିକୁ ପୂର୍ବାନୁମାନ କରନ୍ତୁ ନାହିଁ। ଠିକ ଆଗକୁ ବଢି ଚାଲନ୍ତୁ, ପ୍ରଚାର କରି ଚାଲନ୍ତୁ, କାରାଗାର ସେବା କରୁଥାଆନ୍ତୁ, ସମସ୍ତଙ୍କୁ ପ୍ରସ୍ତୁତ କରନ୍ତୁ, ଓ ଏପରି କିଛି କରନ୍ତୁ ନାହିଁ...

201 ଏଠାରେ ଦେଖନ୍ତୁ । ଅଧିକ ଦିନ ହୋଇ ନାହିଁ ସେଭେନ୍ଥ ଡେ ଏଡଭେଣ୍ଟିଷ୍ଟ ଲୋକମାନେ ଏଠାରେ, ପ୍ରାୟଃ ପଚାସ କିମ୍ବା ଷାଠିଏ ବର୍ଷ ପୂର୍ବେ, ମୁଁ ଏହାକୁ *କୁରିୟର୍-ଜର୍ନାଲ୍* କାଗଜରେ ଦେଖିଥିଲି (ମୋ ପାଖରେ ତାହା କୌଣସିଠାରେ ଟ୍ରଙ୍କରେ ଥିବ), *କୁରିୟର୍-ଜର୍ନାଲ୍* କାଗଜର ଗୋଟିଏ ବଡ଼ ଟୁକୁଡା ଖଣ୍ଡ, ଯେଉଁଠାରେକି ସେମାନେ ପୁରୁଣା ବିଷୟଗୁଡ଼ିକୁ ବାହାର କରି ଦେଇଥିଲେ, ଯେଉଁଠାରେକି ସେମାନଙ୍କୁ ସେଭେନ୍ଥ ଡେ ଏଡଭେଣ୍ଟିଷ୍ଟ କୁହାଯିବା ପୂର୍ବରୁ ମିଲେରାଇଟ୍ସ ବୋଲି କୁହା ଯାଉଥିଲା । ଆଉ ଏଠାରେ ଫ୍ରାଙ୍କଲିନ, କେଣ୍ଟକୀଠାରେ ସେହି *କୁରିୟର୍* କାଗଜରେ ସେମାନଙ୍କର ଏକ ସମ୍ପୂର୍ଣ୍ଣ ବଡ଼ ଫର୍ଦ୍ଦ ଥିଲା, ଯେତେବେଳେ ସେମାନେ ସମସ୍ତେ ସେମାନଙ୍କର ସମ୍ପତ୍ତିକୁ ବିକ୍ରୀ କରି ଦେଇଥିଲେ ଓ ନେଇଥିଲେ...ସେମାନେ ଏକ ଦିନାଙ୍କ ନିର୍ଦ୍ଧାରିତ କରିଥିଲେ, ଶାସ୍ତ୍ର ଦ୍ୱାରା ପ୍ରମାଣିତ କରିଥିଲେ, ଯୀଶୁ ସେହି ଦିନାଙ୍କରେ ଆସୁଛନ୍ତି, ଆଉ ସେଠାରେ ଉପରକୁ ଯାଇ ସେମାନଙ୍କର ବୀଣା ଓ ବିଷୟଗୁଡିକୁ ନେଇଥିଲେ, ଓ ପର୍ବତ ଉପରେ ଅପେକ୍ଷା କରିଥିଲେ । ପରବର୍ତ୍ତୀ ସକାଳେ ତଳକୁ ଆସିଲେ, ଶିଶିର ସମସ୍ତ ପରଗୁଡିକୁ ନିସ୍ତେଜ କରି ଦେଇଥିଲା, ଆଉ ସେମାନେ ଦୁର୍ବଳ ଭାବେ ତଳକୁ ଆସିଥିଲେ । ବୁଝିଲେ? ତାହା ତ ପନ୍ଥ ଓ ବିଷୟ ସବୁ ଅଟେ ।

202 ଆପଣ ତାହା ବିଶ୍ୱାସ କରନ୍ତୁ ନାହିଁ । ଯୀଶୁ ଏବେ ଆଗକୁ ଶହେ ବର୍ଷ ପର୍ଯ୍ୟନ୍ତ ସୁଦ୍ଧା ନ ଆସିପାରନ୍ତି । ମୁଁ ଜାଣେ ନାହିଁ ଯେ ସେ କେବେ ଆସୁଛନ୍ତି । କୌଣସି ମନୁଷ୍ୟ ଜାଣନ୍ତି ନାହିଁ ଯେ ସେ କେବେ ଆସୁଛନ୍ତି! ମାତ୍ର ସେ ଆଗମନ କରିବା ପର୍ଯ୍ୟନ୍ତ ମୁଁ ପ୍ରଚାର କରିବା ଓ ସମସ୍ତ କିଛି ବିଷୟ କରିବା ଜାରି ରଖିବାର ଚେଷ୍ଟା କରିବାକୁ ଯାଉଅଛି । ଯଦି ସେ ଆଜି ଏଠାରେ ନ ଆସନ୍ତି, ମୁଁ ଆସନ୍ତାକାଲି ତାହାଙ୍କ ନିମନ୍ତେ ଅପେକ୍ଷା କରିବି । ଯଦି ସେ ଏହି ସପ୍ତାହରେ...ନ ଆସନ୍ତି, ମୁଁ ଆସନ୍ତା ସପ୍ତାହ ତାହାଙ୍କ ନିମନ୍ତେ ଅପେକ୍ଷା କରିବି । ଯଦି ସେ ପରବର୍ତ୍ତୀ ଦଶ ବର୍ଷ ପର୍ଯ୍ୟନ୍ତ ଏଠାରେ ନ ଆସନ୍ତି, ଏବଂ ମୁଁ ଜୀବିତ ଥାଏ, ମୁଁ ପରବର୍ତ୍ତୀ ତିରିଶ ବର୍ଷ ପର୍ଯ୍ୟନ୍ତ ତାହାଙ୍କ ନିମନ୍ତେ ଅପେକ୍ଷା କରିବି । ବୁଝିଲେ? ମୁଁ ତଥାପି ଅପେକ୍ଷା କରୁଥିବି । ମୁଁ ଜାଣେ ନାହିଁ ଯେ ସେ କେବେ ଆସୁଛନ୍ତି, ମାତ୍ର ମୁଁ ତାହାଙ୍କର ବାକ୍ୟ ପ୍ରତି ଓ ତାହାଙ୍କର ଲୋକମାନଙ୍କ ପ୍ରତି ସଚ୍ଚୋଟ ହୋଇ ରହିବାକୁ ଚାହେଁ, ଓ ଜଣେ ଖ୍ରୀଷ୍ଟିୟାନ ଭାବରେ ରହିବାକୁ ଚାହେଁ, ଆଉ ତାହାଙ୍କର ଆଗମନ ନିମନ୍ତେ ଅପେକ୍ଷା କରିବାକୁ ଚାହେଁ । ବୁଝିଲେ?

203 କାରାଗାର ସେବା ପ୍ରଚାର କରି ଚାଲନ୍ତୁ, ଯେତେ ପାରୁଛନ୍ତି ସେତେ ଅଧିକ ସମସ୍ତଙ୍କୁ

ରକ୍ଷା କରି ଚାଲନ୍ତୁ । ମୁଁ ଜାଣେ ନାହିଁ ଯେ ସେ କେବେ ଆସୁଛନ୍ତି; କେହି ବି ନୁହେଁ । ମାତ୍ର ମୁଁ ଏହି ଗୋଟିଏ ବିଷୟକୁ କହିବି । ଏହାହିଁ ତାହା ଯାହାକି ମୁଁ ଆପଣଙ୍କୁ କହିବାକୁ ଚେଷ୍ଟା କରୁଛି, ଏବଂ ମୁଁ ଆଶା କରେ ଯେ ଆପଣ ନିଜର ବ୍ୟାଖ୍ୟା ପୂରାଇବାକୁ ଚେଷ୍ଟା ନ କରନ୍ତି…ଏହି ବ୍ୟକ୍ତିଙ୍କୁ କ୍ରୋଧ କରୁ ନାହିଁ । ଭାଇ, ଭଉଣୀ, ଆପଣ ଯେକେହି ବି ହୁଅନ୍ତୁ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଏହା ଏପରି ଦିଶୁଥିଲା ଯେ ତାହା କେହିଜଣେ ଏହି ସହରରୁ ବାହାରୁ ଅଟନ୍ତି, କାରଣ ତାହା ଏକ—ଏକ ପୋଷ୍ଟକାର୍ଡରେ ଥିଲା, ମୁଁ ଭାବୁଛି, କୋଲୋରାଡୋ, ଡେନ୍‌ଭରରୁ, ଏବଂ…ହଁ, କୋଲୋରାଡୋ, ପାଇକ୍ ପିକଠାରୁ । ତେଣୁ ଏହା ହୋଇପାରେ ଯେକେହି ତାକୁ ମେଲ୍ ଯୋଗେ ପଠାଇ ଥାଇପାରନ୍ତି, ମାତ୍ର ତାହା—ତାହା ସମ୍ପୂର୍ଣ୍ଣ ଭାବେ ଠିକ ଅଟେ । ସେମାନେ ଟେପ୍ ପାଇ ଥାଇପାରନ୍ତି ।

204 ମାତ୍ର ଆସନ୍ତୁ ମନେ ରଖିବା, ଆପଣ କିଛି ବଦଳାନ୍ତୁ ନାହିଁ, କେବଳ ନିଜର ମାର୍ଗକୁ ପାପରୁ ଧାର୍ମିକତାକୁ ବଦଳାନ୍ତୁ । ଠିକ ନିଜର କାର୍ଯ୍ୟରେ ଲାଗି ରହିଥାଆନ୍ତୁ, ଠିକ ସେହି ସମାନ ଭାବରେ ଚାଲୁଥାଆନ୍ତୁ । ସମସ୍ତେ ଯେଉଁମାନେକି ତାହା ସ୍ପଷ୍ଟଭାବେ ବୁଝିଲେ, କୁହନ୍ତୁ, "ଆମେନ୍," [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ବୁଝିଲେ? ତେବେ ତାହା କରନ୍ତୁ!

**315. ଭାଇ ବ୍ରାନ୍‌ହାମ୍, ମାଥିଉ 12:40 ରେ, ତାହା କୁହେ, "ଯେପରି ଯୁନସ ଥିଲେ—ତିନି ଦିନ ଓ ତିନି ରାତ୍ରି ମତ୍ସ୍ୟ ଉଦରରେ ରହିଥିଲେ; ଠିକ ସେହିପରି ମନୁଷ୍ୟପୁତ୍ର ପୃଥିବୀର ଗର୍ଭରେ ତିନି ଦିନ ଓ ତିନି ରାତ୍ରି ରହିବେ ।" ଏହା କିପରି ହୋଇପାରେ ଯେ ସେମାନେ କୁହନ୍ତି…ଆଜି ଯେ ସେମାନେ କୁହନ୍ତି ଯେ ତାହାଙ୍କୁ ଶୁକ୍ରବାର ସନ୍ଧ୍ୟାରେ କବରରେ ରଖା ଯାଇଥିଲା ଏବଂ ରବିବାର ସକାଳେ ଉତ୍‌ଥିତ ହେଲେ, ଯାହାକି ଏହାକୁ ଦୁଇ ରାତ୍ରି ଓ ଗୋଟିଏ ଦିନ କରେ?**

205 ବର୍ତ୍ତମାନ, ଯଦି ଆପଣ ଲକ୍ଷ୍ୟ କରିବେ, ତାହା କୁହେ, "ଯେପରିକି ତାହା" (ଆପଣ ବୁଝିଲେ?) ଯୁନସଙ୍କ ଦିନରେ ହୋଇଥିଲା ଯେତେବେଳେ ସେ ତିନି ଦିନ ଓ ତିନି ରାତ୍ରି ମତ୍ସ୍ୟ ଉଦରରେ ରହିଥିଲେ । ଏହା ତିନି ଦିନ ଓ ତିନି ରାତ୍ରି ମଧ୍ୟରେ ଅଟେ, ସେହି ତିନି ଦିନ ଓ ତିନି ରାତ୍ରି ମଧ୍ୟରେ, କାରଣ ଆପଣ ଶାସ୍ତ୍ରଗୁଡିକୁ ମିଛ କୁହାଇପାରନ୍ତି ନାହିଁ । ଭବିଷ୍ୟଦ୍‌ବକ୍ତା କହିଲେ, "ମୁଁ ମୋର ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବି ନାହିଁ, କିଅବା ତାହାର ପ୍ରାଣକୁ ନରକରେ ଛାଡିବି ନାହିଁ ।" ଆଉ ମନୁଷ୍ୟ ଶରୀରରେ କ୍ଷୟ ପାଇବା ବା-ସ୍ତୁରୀ ଘଣ୍ଟାରେ ଆରମ୍ଭ ହୁଏ, ଯାହାକି ତିନି ଦିନ ଓ ତିନି ରାତ୍ରି ଅଟେ । ସେହି ତିନି ଦିନ ଓ ତିନି ରାତ୍ରି ମଧ୍ୟରେ କେଉଁଠାରେ ଗୋଟାଏ ତାହାଙ୍କୁ ନିଶ୍ଚିତରେ କବରରୁ ବାହାରି ଆସିବାର ଉଚିତ୍ ଥିଲା ।

206 ତେଣୁକରି ତିନି ଦିନ ଓ ତିନି ରାତ୍ରି ହୋଇଥିବାରୁ, ତାହାର ଅର୍ଥ ଏହା ନୁହେଁ ଯେ ଏହାକୁ ଅବିକଳ ତାହାହିଁ ହେବା ଉଚିତ୍; ଏହା ତ ସେହି ତିନି ଦିନ ଓ ତିନି ରାତ୍ରି ମଧ୍ୟରୁ କୌଣସି ସମୟରେ ଅଟେ । ତାହାଙ୍କୁ ଆସିବାକୁ ହିଁ ଥିଲା, କାରଣ ଭବିଷ୍ୟତ୍‌ବାଣୀ ବିଫଳ କରା

ଯାଇପାରେ ନାହିଁ, ଯେ ସେହି...ସେ କ୍ଷୟ ପାଇପାରିବେ ନାହିଁ ଆଉ ତାହା କ୍ଷୟ ପାଇଯାଆନ୍ତା ଯଦି ସେ ଅବିକଳ ସେହି ସମୟ ପର୍ଯ୍ୟନ୍ତ ରହିଯାଆନ୍ତେ ।

**316. ଭାଇ ବ୍ରାନ୍‌ହାମ୍, ଯଦି ଜଣେ ବ୍ୟକ୍ତି ବିବାହିତ ହୋଇଥାନ୍ତି ଓ ଛାଡପତ୍ର ପାଇଥାଆନ୍ତି** (କଅଣ ତାହା ଦୁର୍ଭାଗ୍ୟପୂର୍ଣ୍ଣ ନୁହେଁ କି, ଦେଖନ୍ତୁ, ଏତେ ଅଧିକ? ବର୍ତ୍ତମାନ, ମୁଁ ଲୋକମାନଙ୍କ ବିରୁଦ୍ଧରେ କିଛି କହୁ ନାହିଁ; ତାହା ତ କେବଳ ଲୋକମାନଙ୍କର ମନରେ ଅଛି । ନିଶ୍ଚିତରେ, ସେମାନେ ସମସ୍ୟାରେ ଅଛନ୍ତି । ସେହି ଉର୍ଦ୍ଧାନ୍ତିକରଣ, ଲୋକମାନେ ତାହା ବିଷୟରେ ସେତେ ଅଧିକ ଭାବୁ ନ ଥିଲେ, ତାହା ସେତେ ଅଧିକ ବି ନ ଥିଲା । ମାତ୍ର ବର୍ତ୍ତମାନ, ଏହା ଜଗତରେ କେବଳ ବ୍ୟାପୀ ଯାଇଛି । ଆଉ ଲୋକମାନେ ଏହା ସବୁ ଶାସ୍ତ୍ରରେ ପାଠ କରନ୍ତି । ଏବଂ ଲୋକମାନେ, ମନୋନୀତ, ସେଠାରେ ତାହା ଦେଖିବା ପାଇଁ ଆସୁଛନ୍ତି । ଆଉ ସେମାନେ ତାହା ଦେଖନ୍ତି, ଏବଂ ସେମାନେ ନିଷ୍ଠାବାନ ଅଟନ୍ତି । ସେମାନେ ଜାଣିବାକୁ ଚାହାଁନ୍ତି । ସେହି କାରଣ ଯୋଗୁଁ ମୁଁ ତାହାକୁ ସେହିପରି ଭାବରେ ବୁଦ୍ଧିର ସହ ଉତ୍ତର ଦେବାକୁ ଚାହେଁ ଯେପରିକି ମୁଁ ତାହା ଆପଣମାନଙ୍କୁ ପ୍ରଦାନ କରିପାରେ ।) **—ବିବାହିତ ହୋଇଥାନ୍ତି ଓ ଛାଡପତ୍ର ପାଇଥାଆନ୍ତି ଆଉ ତାହା ପରେ ପୁନର୍ବିବାହ କରିଥାଆନ୍ତି ଏପରି ଜଣେ ସ୍ତ୍ରୀଲୋକକୁ ଯିଏ ମଧ୍ୟ ବିବାହିତ ହୋଇଥାନ୍ତି ଓ ଛାଡପତ୍ର ପାଇଥାଆନ୍ତି ଆଉ ତାହା ପରେ ତାହାଙ୍କୁ ପୁନର୍ବିବାହ କରିଥାଆନ୍ତି, ଆଉ ଏହି ଦୁଇ ଜଣ କରିପାରନ୍ତି—କରିପାରନ୍ତି... ପରମେଶ୍ୱରଙ୍କ ଦୃଷ୍ଟିରେ ବିବାହିତ ହୋଇଥାଆନ୍ତି...କଅଣ ପରମେଶ୍ୱରଙ୍କ ଦୃଷ୍ଟିରେ ସେମାନେ ବିବାହିତ ଅଟନ୍ତି? କିପରି ସେମାନେ ଉଭୟ ଅବା ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଉର୍ଦ୍ଧାନ୍ତିକରଣରେ ରହିପାରିବେ?**

207 କିପରି? ମୁଁ ଜାଣେ ନାହିଁ । ମୁଁ ଆପଣଙ୍କୁ କହିପାରିବି ନାହିଁ । ପ୍ରଶ୍ନଟି ହେଲା, "କଅଣ ସେମାନେ ଉର୍ଦ୍ଧାନ୍ତିକରଣରେ ରହିବେ?" ଛାଡପତ୍ର ପାଇଥିବା, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଛାଡପତ୍ର ପାଇଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଜୀବିତ ସଙ୍ଗୀ ଅଛନ୍ତି, ତାହାପରେ ସେମାନେ ପୁନର୍ବିବାହ କଲେ, ସେମାନେ ଉଭୟେ ପୁଣି ଥରେ ବିବାହ କଲେ । ଆଉ ବର୍ତ୍ତମାନ, ଜଣେ ଯାହାର...ଏହି ସ୍ତ୍ରୀଲୋକର ଜୀବିତ ସ୍ୱାମୀ ଅଛନ୍ତି; ଏହି ପୁରୁଷର ଜଣେ ଜୀବିତ ପତ୍ନୀ ଅଛନ୍ତି । ଆଉ ବର୍ତ୍ତମାନ, ସେମାନଙ୍କର ସନ୍ତାନମାନେ ଓ ଇତ୍ୟାଦି ଅଛନ୍ତି ଓ ପରମେଶ୍ୱରଙ୍କ ନିକଟକୁ ଆସିବାକୁ ଚାହୁଁଛନ୍ତି । କଅଣ ସେମାନେ ଉର୍ଦ୍ଧାନ୍ତିକରଣରେ ଯାଇପାରନ୍ତି କି? ତାହା ତ ସ୍ୱର୍ଗୀୟ ପିତାଙ୍କ ଉପରେ ନିର୍ଭର କରିବ । ମୁଁ ତାହା ଉତ୍ତର ଦେଇପାରିବି ନାହିଁ । ବୁଝିଲେ?

208 ମୁଁ—ମୁଁ ଗୋଟିଏ ବିଷୟ ଦେଖିଲି । ବାଇବଲ କୁହେ ଯେ ସେମାନେ ବ୍ୟଭିଚାରୀ କୁହାଯିବେ । ଆଉ ବାଇବଲ ଏହା ମଧ୍ୟ କୁହେ, "ଜଣେ ବ୍ୟଭିଚାରୀ ସ୍ୱର୍ଗରାଜ୍ୟକୁ ପ୍ରବେଶ କରିବ ନାହିଁ ।" ତାହାହିଁ ସବୁକିଛି ଯାହା ମୁଁ କହିପାରେ । ମୁଁ—ମୁଁ ଜାଣେ, ତାହା କହିବା ମୋତେ

ଠିକ ମାରି ପକାଏ, ମାତ୍ର ବାକ୍ୟ ଯାହା କୁହେ ତାହା ଛଡା ମୁଁ ଅନ୍ୟ କିଛି କହିପାରେ ନାହିଁ। ମୋତେ ତାହା ସହିତ ନିଶ୍ଚିତରେ ରହିବା ଉଚିତ। ମୁଁ ଆଶା କରେ ଯେ ତାହା ସବୁ ଭୁଲ୍ ଅଟେ। ବାଇବଲରେ ଅନେକ ସ୍ଥାନଗୁଡିକ ଅଛି...

209 ମୁଁ ଆପଣଙ୍କୁ ପରାମର୍ଶ ଦେଉ ନାହିଁ। ଦୟା କରି, ମୋତେ ଆପଣମାନଙ୍କୁ କେବଳ ଏକ ଛୋଟ ଶାସ୍ତ୍ରାଂଶ ଦେବାକୁ ଦିଅନ୍ତୁ। ଦୟା କରି, ଦୟା କରି କରନ୍ତୁ ନାହିଁ—ନାହିଁ—ନାହିଁ... ଯଦି ଆପଣ ନିଜର ସ୍ୱାମୀ ସହିତ ଖୁସିରେ ରହୁଛନ୍ତି, ନିଜର ପତ୍ନୀ ସହିତ ଆନନ୍ଦରେ ରହୁଛନ୍ତି, ଦୟା କରି ସେହିପରି ଭାବରେ ରୁହନ୍ତୁ। କଅଣ ଆପଣ ରହିବେ? କେବଳ—କେବଳ ଏଇଥି ପାଇଁ, ଯେହେତୁ ମୁଁ ଆପଣମାନଙ୍କୁ ତାହା କହିଲି, ସେହି ସାନ ସାନ ପିଲାମାନଙ୍କୁ ଘରବିହୀନ ଓ ସେହିପରି ବିଷୟ ବିନା ଛାଡନ୍ତୁ ନାହିଁ—ନାହିଁ। ପରମେଶ୍ୱର ଅନେକ ସ୍ଥାନରେ ସେହି ଲୋକମାନଙ୍କୁ ପୁନଃସ୍ଥାପନ କରିଛନ୍ତି ଯେଉଁମାନେକି—ଯେଉଁମାନେକି—ଯେଉଁମାନେକି ବିଷୟଗୁଡ଼ିକୁ ଭୁଲ୍ କରିଥିଲେ। ଆପଣମାନଙ୍କର ମନେ ଥିବ, ଯୀଶୁ ଦାଉଦଙ୍କ ବିଷୟରେ କହିଥିଲେ ଯେତେବେଳେ ସେ କ୍ଷୁଧିତ ଥିଲେ, ସେ ପରମେଶ୍ୱରଙ୍କୁ ମନ୍ଦିରକୁ ଗଲେ ଓ ଦର୍ଶନୀୟ ରୋଟୀ ଭୋଜନ କଲେ, ଯାହାକି କେବଳ ଯାଜକଙ୍କ ନିମନ୍ତେ ଯୁକ୍ତିଯୁକ୍ତ ଥିଲା, ମାତ୍ର ନିର୍ଦ୍ଦୋଷ ଥିଲେ। ଯାଜକ ମଧ୍ୟ ସବ୍ବତ ଦିନରେ ସବ୍ବତକୁ ନିନ୍ଦା କରିଥିଲେ ଆଉ ସେମାନେ ନିର୍ଦ୍ଦୋଷ ଥିଲେ, ଏବଂ ସେହି ସବ୍ବତଠାରୁ ଜଣେ ମହାନ ଏଠାରେ ରହିଛନ୍ତି। ବୁଝିଲେ? ସେଠାରେ...ମୁଁ...ଆସନ୍ତୁ—ଆସନ୍ତୁ ଏହାକୁ ପରମେଶ୍ୱରଙ୍କ ଉପରେ କେବଳ ଛାଡ଼ି ଦେଉ, ଏବଂ ଆଗକୁ ଯାଉ, ଆଉ ଠିକ ସେହିପରି ଭାବରେ ଜୀବନ ଯାପନ କରୁ ଯେପରିକି ଆପଣ... ତେବେ ଖ୍ରୀଷ୍ଟଙ୍କ ପାଇଁ କେବଳ—କେବଳ ବଞ୍ଚନ୍ତୁ।

210 ଆସନ୍ତୁ ଦେଖିବା, ବୋଧହୁଏ ଆପଣଙ୍କର ଭିତରକୁ ଯିବାର ଏକ ସୁଯୋଗ ହୋଇପାରେ। ତାହା କରନ୍ତୁ ନାହିଁ...ଦୁଇଟି ଭୁଲ୍ ମିଶି କେବେ ବି ଗୋଟିଏ ଠିକ ହେବ ନାହିଁ। ଯାଆନ୍ତୁ ଓ ଯେପରି ଭାବରେ ଆପଣ ଅଛନ୍ତି ସେହିପରି ନିଜର ଜୀବନ ଯାପନ କରନ୍ତୁ ଯଦି ଆପଣ—ଯଦି ଆପଣ ଏକାଠି ଖୁସିରେ ଅଛନ୍ତି। ହୋଇପାରେ ଆପଣଙ୍କର ଭୁଲ୍ ସାଙ୍ଗ ରହି ଥାଇପାରେ। ମୁଁ ଏହି ଗୋଟିଏ ବିଷୟ କହିବି: ଯଦି ଆପଣ ଏହି ଜୀବନରେ, ଏହି ପତ୍ନୀରେ ଭୁଲ୍ ସାଙ୍ଗ ପାଇଥାଆନ୍ତି, ତାହାହେଲେ ଆପଣ ଏହି ଅନ୍ୟଟିରେ କଦାପି ପାଇବେ ନାହିଁ। ସମସ୍ତ ଭୁଲ୍‌ଗୁଡିକ ଠିକ କରାଯିବ।

### 317. କଅଣ ସମସ୍ତ ନୂତନ ଜନ୍ମ ପାଇଥିବା ବିଶ୍ୱାସୀମାନେ ଉର୍ଦ୍ଧାନ୍ତିକରଣରେ ଯିବେ କି?

211 ନା, କେବଳ ଅବଶିଷ୍ଟାଂଶ, କେବଳ ଅବଶିଷ୍ଟାଂଶ, ସମସ୍ତ ନୂତନ ଜନ୍ମ ପାଇଥିବା ବିଶ୍ୱାସୀମାନେ ନୁହେଁ। ବାଇବଲ କୁହେ, "ଆଉ ଅବଶିଷ୍ଟ ମୃତମାନେ ଏକ ହଜାର ବର୍ଷ ପାଇଁ ଜୀବିତ ହେବେ ନାହିଁ," ଆଉ ତାହାପରେ ସେମାନେ ଉତ୍‌ଥିତ କରାଯିବେ ଓ ଛେଳିମାନଙ୍କଠାରୁ ମେଣ୍ଢାଗୁଡିକୁ, ପୃଥକ କରାଯିବ। ସମସ୍ତ ନୂତନ ଜନ୍ମ ପାଇଥିବା ଯିବେ ନାହିଁ...ଶାସ୍ତ୍ର ଅନୁସାରେ।

## ୩୧୪. ଜଣେ ବ୍ୟକ୍ତି ଯେ ବାସ୍ତବରେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟେ ତାହାର ପ୍ରମାଣ କଅଣ?

212 ଯୋହନ 14:26: ସେ କରିବେ..."ଯେତେବେଳେ ପବିତ୍ରଆତ୍ମା ଆସିବେ (ବୁଝିଲେ?), ସେ ତୁମକୁ ଭବିଷ୍ୟତ ବିଷୟଗୁଡିକ ଦେଖାଇବେ।" ବୁଝିଲେ? ସେ ଜଣେ ହେବେ... ସେ ଏହାକୁ ସିଦ୍ଧ କରିବେ; "ମନୁଷ୍ୟ-କୃତ" ତାହା କରିବ ନାହିଁ; ଆଉ ସେ ବାକ୍ୟ ଅଟନ୍ତି। ଯେତେବେଳେ ସେ ଅର୍ଥାତ୍ ପବିତ୍ରଆତ୍ମା ଆସନ୍ତି, ସେ ଆପଣଙ୍କଠାରେ ନିଜକୁ ଶାସ୍ତ୍ର ସହିତ ଚିହ୍ନିତ କରିବେ। ଆଉ ତାହା ସେହି ବାସ୍ତବ ଚିହ୍ନ ଅଟେ ଯେ ପବିତ୍ରଆତ୍ମା ଆପଣଙ୍କଠାରେ ଅଛନ୍ତି, କାରଣ ତାହା ବାକ୍ୟ ଅଟେ।

213 ତେବେ ଦେଖନ୍ତୁ! କଅଣ ହୁଏ ଯଦି ଆପଣ ପରଭାଷାରେ କଥା କୁହନ୍ତି? ମୁଁ ଆପଣଙ୍କୁ କେବଳ ତାହା ପଚାରିବାକୁ ଚାହେଁ। ଯୀଶୁ କହିଥିଲେ ଯେ ସେ କଅଣ କରିବେ ଯେତେବେଳେ ପବିତ୍ରଆତ୍ମା ଆସିବେ। ଆଉ କଅଣ ହୁଏ ଯଦି ଆପଣ ପରଭାଷାରେ କଥା କୁହନ୍ତି, ଉପର ତଳ ଡିଆଁ ମାରନ୍ତି, ପାଟି ତୁଣ୍ଡ କରନ୍ତି, ଓ ସମସ୍ତ କିଛି କରନ୍ତି, ଓ ତାହାପରେ ବାକ୍ୟ ନିକଟକୁ ଆସନ୍ତି; ଓ ମୁଁ ଆପଣଙ୍କୁ ବାପ୍ତିସ୍ମ ବିଷୟରେ କହିବି...ଯାହା ଶାସ୍ତ୍ର ମୋ ପାଖରେ ଅଛି ତାହା ସାହାଯ୍ୟରେ ଆପଣଙ୍କୁ ପ୍ରମାଣ କରିବି, ଯେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାର ଉପାଧି ବ୍ୟବହାର କରି ବାପ୍ତିସ୍ମ ଦେବା ସମ୍ପୂର୍ଣ୍ଣ ଭାବେ ଶାସ୍ତ୍ରର ଏକ ଭୁଲ୍ ବୁଝାମଣା ଅଟେ, କେହି ବି ସେହିପରି ଭାବେ କେବେ ବାପ୍ତିଜିତ କରା ଯାଇ ନ ଥିଲେ, ପୁଣି ଆପଣ ଯାଆନ୍ତି ଓ ତାହା ସହିତ ଯେପରି ଭାବେ ବି ସଂଲଗ୍ନ ହୋଇଥାନ୍ତି? କଅଣ ଆପଣ ମୋତେ କହିପାରିବେ ଯେ ଆପଣଙ୍କ ଭିତରେ ଥିବା ସେହି ପବିତ୍ରଆତ୍ମା ସେହିପରି ଏକ ବିଷୟ କରିବେ କି? ତାହା କିପରି ଭାବରେ ସ୍ୱୟଂ ନିଜର ବାକ୍ୟକୁ ଅସ୍ୱୀକାର କରିପାରେ?

214 ଯେତେବେଳେ ମୁଁ ଆପଣଙ୍କୁ ଦେଖାଏ ଯେ ଏହି ଦିନରେ କଅଣ ଘଟିବାକୁ ଅଛି, ମନୁଷ୍ୟପୁତ୍ରଙ୍କୁ କିପରି ଆପଣାକୁ ପ୍ରକଟ କରିବାକୁ ଅଛି, ଆଉ ତାହାଙ୍କୁ କଅଣ କରିବାକୁ ଅଛି, ଓ ଏହି ସମସ୍ତ ଶାସ୍ତ୍ରାଂଶଗୁଡିକ ଯାହାକି ବର୍ତ୍ତମାନ ଅଛି, ଏବଂ ତାହାପରେ ତାହାଙ୍କୁ ଠିକ ତଳକୁ ଆସି ଏହାକୁ ଚିହ୍ନିତ କରୁଥିବାର ଦେଖନ୍ତି, ଆଉ ଆପଣ ଗୋଟିଏ ନାମଧାରୀ ସଂସ୍ଥା ସହିତ ଠିକ ଲାଗି ରହିଥାଆନ୍ତି ଓ କୁହନ୍ତି ଯେ ଆପଣ ନୂତନ ଜନ୍ମ ପାଇଛନ୍ତି ବୋଲି? କଅଣ ଆପଣ ସେଥିରୁ କିଛି ବୁଦ୍ଧିମତ୍ତାର ବିଷୟ ପାଇପାରନ୍ତି କି?

215 କଅଣ ମୁଁ ମୋର ପତ୍ନୀକୁ କହିପାରେ ଯେ ମୁଁ ତାହାକୁ ପ୍ରେମ କରେ, ଆଉ—ଆଉ ଅନ୍ୟ କୌଣସି ସ୍ତ୍ରୀଲୋକ ସହିତ ପ୍ରେମାଳାପ କରେ, ଓ ତାହା ସହିତରେ ବୁଲେ, ଆଉ ତାହାପରେ ତାଙ୍କୁ କୁହେ ଯେ ମୁଁ ତାହାଙ୍କୁ ମୋର ହୃଦୟରୁ ପ୍ରେମ କରେ? କଅଣ ଆପଣ ଭାବୁଛନ୍ତି ଯେ ତାହା ବାସ୍ତବିକ ପ୍ରେମ ହେବ? କଅଣ ସେ ମୋତେ କହିପାରିବେ ଯେ ସେ ମୋତେ ପ୍ରେମ କରନ୍ତି, ଆଉ ଯେତେବେଳେ ମୁଁ ବାହାରେ ଥାଏ, ସେ ଅନ୍ୟ କୌଣସି ପୁରୁଷ ସହିତ ଘୁରି ବୁଲନ୍ତି?

216 ତାହା ହିଁ ଅବିକଳ ଅଟେ ଯାହାକି ଇସ୍ରାଏଲ୍ କରିଥିଲା…ଆପଣ ଜାଣନ୍ତି ଯେ ବାଇବଲ ସେଠାରେ, ସେ କିପରି କହିଥିଲେ, କଥା…ଇସ୍ରାଏଲ୍, କହିଥିଲା, "ତୁମେ ନିଜର ବାହୁ ପ୍ରସାରିତ କରିଛ ଓ ଆଗମନ କରୁଥିବା ପ୍ରତ୍ୟେକ ପୁରୁଷକୁ ଗ୍ରହଣ କରିଅଛ, ଓ ତୁମେ ମୋ ସହିତ ବେଶ୍ୟାଗମନ କରିଅଛ; ଆଉ ମୁଁ ତୁମକୁ ଛାଡପତ୍ରରେ ପରିତ୍ୟାଗ କରିବି।" ଅବିକଳ! ତାହା କଅଣ ଅଟେ? ଆପଣ ନିଜର ଶରୀର ବିରୁଦ୍ଧରେ ବ୍ୟଭିଚାର କରୁଛନ୍ତି। ଆଉ ଯେତେବେଳେ ଜଣେ ସ୍ତ୍ରୀଲୋକ ଯାଏ ଓ ଅନ୍ୟ ଜଣେ ପୁରୁଷ ସହିତ ବାସ କରେ, କିମ୍ଵା ଜଣେ ପୁରୁଷ ଅନ୍ୟ ସ୍ତ୍ରୀଲୋକ ସହିତ ବାସ କରେ, ଯେତେବେଳେକି ସେମାନେ ତାହାଙ୍କ ସହିତ ବିବାହିତ ଅଟନ୍ତି, ସେମାନେ ନିଜର ଦେହକୁ ଅଶୁଚି କରୁଛନ୍ତି। ଆଉ ଯେତେବେଳେ ଜଣେ ବ୍ୟକ୍ତି କୁହେ ଯେ ସେ ଜଣେ ଖ୍ରୀଷ୍ଟିୟାନ ଅଟେ ଓ ଶାସ୍ତ୍ର ସଠିକ୍ ବୋଲି ସମ୍ପୂର୍ଣ୍ଣ ଭାବେ ଅସ୍ଵୀକାର କରେ, ତେବେ ସେ ନିଜର ଠିକ ସେହି ଶରୀର ବିରୁଦ୍ଧରେ ବ୍ୟଭିଚାର କରୁଛନ୍ତି ଯେଉଁଥିରେ ସେ ଅଛନ୍ତି ବୋଲି ଦାବି କରନ୍ତି। ବୁଝିଲେ? ତେଣୁ ତାହା ଖ୍ରୀଷ୍ଟବିରୋଧୀର ଏକ ଚିହ୍ନ ଅଟେ, ଏତେ ଅଧିକ ଯେ ଯଦି ସମ୍ଭବ ହୁଏ ତାହା ମନୋନୀତମାନ ସୁଦ୍ଧା ଭ୍ରାନ୍ତ କରି ପକାଇବ।

**319. ଭାଇ ବ୍ରାନହାମ୍, କଅଣ ଏହା ଜଣେ—ଜଣେ ଯୁବା ପିଲା ନିମନ୍ତେ ଚିପା ପେଣ୍ଟ ଓ ଛୋଟ ପେଣ୍ଟଗୁଡିକ ପିନ୍ଧିବା ଠିକ ଅଟେ କି?**

217 କେତେ ଯୁବା? ତେବେ ଆପଣ ନିଜେ ତାହା ବିଚାର କରନ୍ତୁ; ଯଦି ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି। ଜଣେ ସାନ ଝିଅ କିମ୍ଵା କୌଣସି ସାନ ଛୁଆ, ମୁଁ ଭାବୁଛି, ମୁଁ ଜାଣେ ନାହିଁ, ମୁଁ…କେବଳ ଗୋଟିଏ ବିଷୟ ମୁଁ ଜାଣେ, ବାଇବଲ କୁହେ ଯେ ଜଣେ ସ୍ତ୍ରୀଲୋକ ନିମନ୍ତେ ଗୋଟିଏ ପୁରୁଷର—ର ପୋଷାକ ପିନ୍ଧିବା ଘୃଣାଯୋଗ୍ୟ ଅଟେ। ବୁଝିଲେ? "ଜଣେ ସ୍ତ୍ରୀଲୋକ," କୁହେ ନାହିଁ ଯେ, "ଜଣେ ଶିଶୁ।" ମାତ୍ର ବର୍ତ୍ତମାନ, ମୁଁ କେବଳ…ଆପଣ ନିଜକୁ ତଦନୁସାରେ ଦେଖି ନିଅନ୍ତୁ, ମୁଁ…ମୋ ପକ୍ଷରେ, ମୋତେ କିଛି ଭୁଲ୍ ଦିଶେ ନାହିଁ ଯେ ଜଣେ ସାନ ପିଲା, ଚାରି କିମ୍ଵା ପାଞ୍ଚ ବର୍ଷର ସାନ ଝିଅ…ଯେତେବେଳେ ସେମାନେ ସାନ ପିଲା ଥାଆନ୍ତି, ଆପଣ ଜାଣନ୍ତି ଯେ ମୋର କହିବାର ଅଭିପ୍ରାୟ କଅଣ ଅଟେ, ସେମାନେ ସେଠାରେ ବାହାରେ ବାରଣ୍ଡାରେ ଦୌଡୁଥାଆନ୍ତି। ଯଦି ସେହି ଝିଅ ପିନ୍ଧିଥାଏ, ଯାହା ଆପଣ ଚିପା ପେଣ୍ଟ କିମ୍ଵା ଯାହାକିଛି ବି କୁହନ୍ତି, ଜଣେ ସାନ ପିଲା ଥାଏ, ମୁଁ—ମୁଁ ସେଥିରେ କୌଣସି ଭୁଲ ଦେଖେ ନାହିଁ। ହୋଇପାରେ…

218 ଦେଖନ୍ତୁ, ମୁଁ କେବଳ ଆପଣଙ୍କୁ ତାହା କହୁଛି ଯାହା ବାକ୍ୟ କୁହେ। ଜଣେ ସ୍ତ୍ରୀଲୋକ ପାଇଁ କୌଣସି ପୁରୁଷର ପୋଷାକ ପିନ୍ଧିବା ଘୃଣ୍ୟ ଅଟେ।

**320. ଆମମାନଙ୍କୁ କେଉଁଠାରେ ଏକତ୍ରିତ ହେବାକୁ ଅଛି? ଆଉ ଆପଣ କହିଥିଲେ ଯେ ତୁମେମାନେ ତୁରୀ ଚାରିପାଖରେ ଏକତ୍ରିତ ହୁଅ।**

219 ମୁଁ ବିଶ୍ଵାସ କରୁଛି, ପାର୍ଡନର, ଭଉଣୀ, ତାହା ଯେକେହି ବି ହୁଅନ୍ତୁ, ଆପଣ—ଆପଣ ସେଠାରେ ଭୁଲ୍ ଅଟନ୍ତି। ମୁଁ କେବେହେଲେ କହି ନ ଥିଲି ଯେ ତୁମେମାନେ ତୂରୀ ଚାରିପାଖରେ

ଏକତ୍ରିତ ହୁଅ। ମୁଁ କହିଥିଲି ଇସ୍ରାଏଲ ତୂରୀର ଚାରିପାଖରେ ଏକତ୍ରିତ ହୁଅନ୍ତି, ବିଜାତୀ କନ୍ୟା ନୁହେଁ। ନା, ନା! ସେହି ତୂରୀଗୁଡିକ, ସପ୍ତ ତୂରୀର ଶବ୍ଦ ଇସ୍ରାଏଲକୁ ସମସ୍ତ ସ୍ଥାନରୁ (କେତେ ଜଣ ତାହା ଜାଣନ୍ତି) ଏକତ୍ରିତ କରିବାକୁ ଥିଲା...ହଁ, ତାହା ନୁହେଁ...ନା, ନା! ଉଃ-ହୁ! ନା, ଇସ୍ରାଏଲ ନୁହେଁ—ନୁହେଁ—ନୁହେଁ। ତେଣୁକରି, ଏହା ତାହା ନୁହେଁ...ଆମେ ତାହା ସହିତରେ—ରେ ତୂରୀରେ ଏକତ୍ରିତ ହେଉ ନାହୁଁ—ସେହି କନ୍ୟା ନୁହେଁ। ସେହି ତୂରୀଗୁଡିକ ପେଣ୍ଟିକଷ୍ଟର ପର୍ବ ଉତ୍ତାରେ ଆସେ। ବୁଝିଲେ? ଆଉ ଉର୍ଦ୍ଧାନ୍ତିକରଣ ଆସେ...ଆଉ ତାହା... ତେବେ ଏହି ପ୍ରଶ୍ନ ନୁହେଁ।

**321. ଭାଇ ବ୍ରାନ୍ହାମ୍, ଯଦି ଆପଣଙ୍କ ପାଖରେ ସମୟ ଅଛି ତେବେ ଦୟାକରି ମାଥିଉ 10:41 ବୁଝାଇ ଦିଅନ୍ତୁ। ମୁଁ ଜାଣିବାକୁ ଚାହେଁ ଯେ ଭବିଷ୍ୟଦ୍‌ବକ୍ତାର ପୁରସ୍କାର କଅଣ ଅଟେ?**

220 ତେବେ ବର୍ତ୍ତମାନ, ଯୀଶୁ କହିଲେ, "ଯିଏ କେହି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଭବିଷ୍ୟଦ୍‌ବକ୍ତା ଭାବରେ ଗ୍ରହଣ କରେ, ସେ ଭବିଷ୍ୟଦ୍‌ବକ୍ତାର ପୁରସ୍କାର ପ୍ରାପ୍ତ ହେବ।" ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ପୁରସ୍କାର ହେଉଛି ସେହି ଭବିଷ୍ୟଦ୍‌ବକ୍ତାଙ୍କର ଜଣେ ବନ୍ଧୁ ହେବା। ଯିଏ କେହି ଜଣେ ଧାର୍ମିକ ବ୍ୟକ୍ତିଙ୍କୁ ଧାର୍ମିକ ବ୍ୟକ୍ତି ଭାବରେ ଗ୍ରହଣ କରେ, ଧାର୍ମିକ ବ୍ୟକ୍ତିଙ୍କର ଏକ ପୁରସ୍କାର ପ୍ରାପ୍ତ ହେବ। କଅଣ ତାହା ଠିକ ଅଟେ? ଆଉ ଯଦି ସେମାନେ ଏହା ଜାଣିବାକୁ ଚାହାଁନ୍ତି ଯେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ପୁରସ୍କାର କଅଣ ଅଟେ, ତାହା ହେଉଛି ଭବିଷ୍ୟଦ୍‌ବକ୍ତାଙ୍କର ବନ୍ଧୁ ହେବା। ବୁଝିଲେ? ତାହା ଏକ ପୁରସ୍କାର ଅଟେ। ସେ ଆପଣଙ୍କର ବନ୍ଧୁ ଅଟନ୍ତି।

221 ଶୂନେମ୍‌ର ସେହି ସ୍ତ୍ରୀଲୋକ ପରି, ତାହା କୌଣସି ସମୟରେ କାମ ଆସିପାରେ। ବୁଝିଲେ? ଏହା ତାଙ୍କ ସହିତ କାମ ଆସିଲା। ଦେଖନ୍ତୁ? ପରମେଶ୍ୱରଙ୍କ ସେବକମାନଙ୍କୁ ଦେଖନ୍ତୁ।

ଓଃ, ମୋର ପ୍ରଭୁ! ତେବେ, ଆମେମାନେ...ମୋତେ—ମୋତେ ସମାପ୍ତ କରିଦେବା ଉଚିତ୍, ଓ, ବନ୍ଧୁ, ମୁଁ—ମୁଁ ତାହା କରିବାକୁ ଘୃଣା କରେ, ମାତ୍ର କେବଳ ଏଠାରେ ଦେଖନ୍ତୁ, ଦେଖନ୍ତୁ ଯେ କଅଣ, ସହସ୍ର। [ଜଣେ ଭାଇ କୁହନ୍ତି, "ଆପଣ କହୁଥାଆନ୍ତୁ, ଭାଇ।"—ସମ୍ପା।] ନା! ମାତ୍ର—ମୁଁ ଜାଣେ, ମାତ୍ର ସେହି-...ମୁଁ—ମୁଁ ଆପଣଙ୍କୁ ତାହା କହିବା ଭଲ ପାଏ, ମାତ୍ର ମୁଁ ଏହି ଗରୀବ ଲୋକମାନଙ୍କ ବିଷୟରେ ଭାବୁଅଛି ଯେଉଁମାନଙ୍କୁ କି ଆଜି ରାତ୍ରି ଏବେ ମଧ୍ୟ ଶହ ଶହ ମାଇଲ ବାଟ ଗାଡି ଚଲାଇବାକୁ ଅଛି। ମୋର ପ୍ରଭୁ, ସେମାନେ ତ କେବଳ...ସେଠାରେ ଅନେକ ଲୋକମାନେ ଅଛନ୍ତି, ମୁଁ...

**322. ଭାଇ ବ୍ରାନ୍ହାମ୍, ମୁଁ ସହସ୍ରାବ୍ଦୀ ବିଷୟରେ ଜାଣିବାକୁ ଚାହେଁ। କଅଣ ତାହା ବିବାହ ଭୋଜ ପରେ ଅଟେ, ନା—ନା ତାହା ପୃଥିବୀ ଉପରେ ଅଟେ, ତାହା ବିଷୟରେ ସବୁ କିଛି। ମୁଁ ତାହା ବିଷୟରେ ବୁଝେ—ନାହିଁ।**

222 ତେବେ, ଭାଇ କିମ୍ବା ଭଉଣୀ, ତାହା ବୁଝିବା ମୋ, ନିଜ ପାଇଁ ମଧ୍ୟ କଷ୍ଟକର ଅଟେ। ମାତ୍ର ଗୋଟିଏ ବିଷୟ ଯାହା ମୁଁ କହିପାରେ ତାହା ହେଉଛି: ଯେ ବିବାହ ଭୋଜ ସହସ୍ରାବ୍ଦୀ ପୂର୍ବରୁ ଆସେ।

223 ତେବେ, ଦେଖନ୍ତୁ, କେହି ଜଣେ, ମୁଁ ଜାଣେ ଯେ ଏଠାରେ କେଉଁଠାରେ ତାହା ସମ୍ବନ୍ଧରେ ଗୋଟିଏ ପ୍ରଶ୍ନ ଅଛି, ଯାହା କୁହେ, "ଭାଇ ବ୍ରାନ୍‌ହାମ୍, ଆପଣ—ଆପଣ ଦାନିୟେଲର ସତୁରୀ ସପ୍ତାହ ବିଷୟରେ ଭୁଲ୍ ଅଟନ୍ତି। ସେଠାରେ ଏବେ ମଧ୍ୟ ସତୁରୀ ସପ୍ତାହ ରହିବ।" ନା, ମଶୀହଙ୍କୁ ଆସିବାକୁ ଥିଲା ଓ ଭବିଷ୍ୟଦ୍‌ବାଣୀ କରିବାକୁ ଥିଲା, ଆଉ ସେହି ସତୁରୀ ସପ୍ତାହ ମଝିରେ, ସତୁରୀ ସପ୍ତାହ, ଯାହାକି ସାତ ବର୍ଷ ଅଟେ, ତାହାଙ୍କୁ—ତାହାଙ୍କୁ ଜୀବିତମାନଙ୍କ ମଧ୍ୟରୁ ଉଚ୍ଛିନ୍ନ କରାଯିବାକୁ ଥିଲା ଓ ଏକ ବଳିଦାନ କରାଯିବାକୁ ଥିଲା। କେତେ ଜଣଙ୍କୁ ତାହା ମନେ ଅଛି? ଠିକ ଅଛି। ତେବେ ଯୀଶୁ, ସେହି ମଶୀହ କେତେ ବର୍ଷ ପ୍ରଚାର କଲେ? ସାଢ଼େ ତିନି ବର୍ଷ। ତାହାହେଲେ ଏବେ ମଧ୍ୟ ସାଢ଼େ ତିନି ବର୍ଷ ନିରୂପିତ ଅଛି।

224 ଆଉ ପ୍ରକାଶିତ ବାକ୍ୟ 11ଶ ପର୍ବରେ, ଏହି ଦୁଇଟି ଭବିଷ୍ୟଦ୍‌ବକ୍ତା, ସେମାନେ ଏକ ହଜାର ଦୁଇ ଶହ ଷାଠିଏ ଦିନ ଭବିଷ୍ୟଦ୍‌ବାଣୀ କରନ୍ତି। ସାଢ଼େ ତିନି ବର୍ଷ ଏବେ ସୁଦ୍ଧା ଇସ୍ରାଏଲ୍ ନିମନ୍ତେ ନିରୂପିତ ଅଛି ଯେତେବେଳେକି ସେହି ବିଜାତି କନ୍ୟା ଚାଲି ଯାଇଥାଏ। ତେବେ କେତେ ଜଣ ତାହା ବୁଝନ୍ତି? ବୁଝିଲେ? ଠିକ ଅଛି, ଠିକ ଅଛି।

**323. ଏହା ଏକ...ମୋର ଏକ ଭୋଜନ ପାନ ସ୍ଥାନ ଅଛି ଏବଂ ହାଇସ୍କୁଲ ପିଲାମାନଙ୍କୁ ଅଧିକାଂଶ ସମୟ ସେବା ଦିଏ। ମୋର କାମ ଲୋକଲୋଚନକୁ ଆସିବାଠାରୁ, ମୁଁ ପିନ୍ ବଲ ମେସିନ୍ ଓ ସେହି** (ସଂଗୀତ ବାକ୍ସ; ସେମାନଙ୍କର ଥାଏ) **ସଂ-ବାକ୍ସ ନେଇଅଛି। ଯୁବା ଯୁବତୀମାନେ ଧୂମପାନ କରନ୍ତି ଆଉ ସେମାନେ ରେଡିଓରେ—ରେ ରକ୍-ଏଣ୍ଡ-ରୋଲ୍ ସଂଗୀତ ଚାହାଁନ୍ତି। ମୁଁ ଦିନକୁ ପ୍ରାୟଃ କେବଳ ଚାରି ଘଣ୍ଟା ଖୋଲା ରଖେ। ମୁଁ ଧୂମପାନ କିମ୍ବା ମଦ୍ୟପାନକୁ ସମର୍ଥନ କରେ ନାହିଁ—ନାହିଁ, ମାତ୍ର ମୁଁ ସେହି ସ୍ଥାନକୁ ରଖିବାରେ ଚିନ୍ତିତ ଅଟେ।**

225 ଆପଣ ଜାଣନ୍ତି, ଯେ ତାହା ଏକ ସମସ୍ୟା ଅଟେ। ବୁଝିଲେ? ଏହାର ମୂଳ ବିଷୟ ହେଲା, ଯେ ଆପଣ—ଆପଣ...ହୋଇପାରେ ଏକ ଜୀବିକାର୍ଜନ ନିମନ୍ତେ କରୁଥିବେ। ମାତ୍ର କଅଣ ଆପଣ ଜାଣନ୍ତି ଯେ ତାହା ମୋ ପାଇଁ କଅଣ କରିବ? ତାହା ମୋତେ ଏତେ ଅଧିକ ଅଧୀର କରିଦେବ ଯେ ମୁଁ ପାରିବି ନାହିଁ...ମୁଁ—ମୁଁ—ତାହା...ଆପଣ ହୁଏତ ତାହା ସହ୍ୟ କରି ନେବେ, ମାତ୍ର ସେଠାରେ ସେହି "ବାଳୁଙ୍ଗା" ମାନଙ୍କର ଛୋଟ ଦଳ ସେହିପରି କାର୍ଯ୍ୟକଳାପ କରୁଥାନ୍ତି, ଏବଂ "ଛତରାମାନେ," ମୁଁ—ମୁଁ—ତାହା ତ ମୋତେ ପାଗଳ କରି ଦେବ। ବୁଝିଲେ?

226 ଆଉ ମୁଁ ଆପଣମାନଙ୍କୁ କୁହେ; ମୁଁ—ମୁଁ...ଯଦି ତାହା ମୁଁ ହୁଏ, ମୁଁ ଜାଣେ ଯେ ମୁଁ କଅଣ କରିଥାଆନ୍ତି। ମୁଁ କହିବି, "ତୁମେ ତାହା ବନ୍ଦ କରିଦିଅ କିଅବା ଏଠାରୁ ଚାଲି ଯାଅ।" ବୁଝିଲେ?

ମୁଁ ଗୋଟିଏ ସଠିକ ପ୍ରକାରର ସ୍ଥାନ ଚଳାଇବି ନୋହିଲେ ଚଳାଇବି ହିଁ ନାହିଁ । ମାତ୍ର ଆପଣ, ଯଦି ଆପଣଙ୍କୁ ତାହା ଏକ ଜୀବିକାର୍ଜନ ପାଇଁ କରିବାକୁ ପଡେ, ମୁଁ ଆପଣଙ୍କୁ ନିରୁତ୍ସାହ କରୁ ନାହିଁ, ଭାଇ କିମ୍ବା ଭଉଣୀ । ମୁଁ—ମୁଁ ଜାଣେ ଯେ ଏହି ସବୁ ବିଷୟ କହିବା ବଡ଼ କଷ୍ଟକର ଅଟେ; ମାତ୍ର ତାହା—ତାହା କେବଳ…ତାହା ଠିକ ନୁହେଁ (ଆପଣ ଦେଖନ୍ତୁ?), କାରଣ ତାହା ଏପରି ଦିଶୁଥିଲା ଯେପରିକି ତାହା ଏକ ପ୍ରକାରେ…

227 ଯେପରିକି ଆଜି ସକାଳରେ କେହି ଜଣେ ଆମ ସ୍ତ୍ରୀଲୋକମାନଙ୍କ ବିଷୟରେ ଏତେ ସାନ ସାନ ପୋଷାକ ପିନ୍ଧୁଥିବା ସମ୍ବନ୍ଧରେ କହୁଥିଲେ, ଆମର ବୃଦ୍ଧା ସ୍ତ୍ରୀଲୋକମାନେ, ଯାହାକି ଯୁବା ସ୍ତ୍ରୀଲୋକମାନଙ୍କ ପାଇଁ ଏକ ଖରାପ ଉଦାହରଣ ଥିଲା । ମୁଁ ଭାବୁଛି ଯେ ତାହା ମଧ୍ୟ ଠିକ ଅଟେ । ଆପଣ ବୁଝିଲେ?

228 ଆଉ ମୁଁ ସେହି ସମାନ ବିଷୟ ଭାବେ । ଯେତେବେଳେ ସେମାନେ ଆପଣଙ୍କୁ ସେଠାରେ ଦେଖନ୍ତି ଯେଉଁଠାରେକି ଏହି ସବୁ ଧୂମ୍ରପାନ ଓ କାର୍ଯ୍ୟକଳାପ ଚାଲିଥାଏ, ଓ ଆପଣଙ୍କର ସାକ୍ଷ୍ୟ ଜାଣନ୍ତି, ଏବଂ ଏହି ସବୁ ଗାଳି ଦେବା ଓ ସେହିପରି ଭାବେ ସାନ ପିଲାମାନଙ୍କ ଚାରିଆଡେ ବୁଲୁଥିବା, ଓ ସେମାନେ ସେହିପରି କାମ କରୁଥିବା, ଆଉ ଆପଣ ତାହା ବିଷୟରେ କିଛି ହେଲେ କୁହନ୍ତି ନାହିଁ, ତାହା ଆପଣଙ୍କର ସାକ୍ଷ୍ୟ ପ୍ରତି ଏକ ଖରାପ ବିଷୟ ଅଟେ । ପ୍ରଭୁ ଆପଣଙ୍କୁ ଯେପରି ଭାବରେ କଢେଇ ନେଉଛନ୍ତି ଆପଣ ସେହିପରି କାର୍ଯ୍ୟ କରନ୍ତୁ । ମୁଁ ପ୍ରାର୍ଥନା କରିବି ଯେ ପରମେଶ୍ୱର ଆପଣଙ୍କୁ ସଠିକ୍ ମାର୍ଗରେ କଢେଇ ନେବେ ।

**324. ଯଦି** (ଛି-ଡା-…) **ଗୀର୍ଜାକୁ ଯିବା ହେତୁ ଧାଡିରେ ଛିଡା ହେବା କେବଳ ଗୋଟିଏ ସ୍ମରଣିକା ହେବାକୁ ଯାଉଅଛି, ତାହାହେଲେ କଅଣ ହେବାକୁ ଯାଉଛି ଯଦି ଆମେ କ୍ଲେଶ ଦେଇ ଯାଉନାହୁଁ? କଅଣ ଆମକୁ…ସମାନ…କିଛି ଦୁଃଖ—ଦେଖିବାକୁ ପଡିବ?** ଯଦି ଆମକୁ ଦେଖିବାର ନାହିଁ…

ବୁଝିଲେ? ମୁଁ…ଏହି ପ୍ରଶ୍ନଟି ବୋଧହୁଏ ତାହା ଅଟେ । ମୁଁ ଶୀଘ୍ର କରିବାକୁ ଚେଷ୍ଟା କରୁଛି; ମୁଁ—ମୁଁ—ମୁଁ ଏହା କରିବା ଉଚିତ୍ ନୁହେଁ । ଏହା ଉପରେ ରହିବା ଉଚିତ୍, କାରଣ ସେଠାରେ ଏକ ସ୍ଥାନ ଅଛି ଯେଉଁଠାରେକି ଆପଣ ଗୋଟିଏ ଘଣ୍ଟା ପାଇଁ ରହିପାରିବେ (ବୁଝିଲେ?) ଆଉ ତାହା—କେବଳ ଏହାକୁ ଭାଙ୍ଗି ପକାଇବ । ମୁଁ—ମୁଁ ଅଟକି ଯିବି ।

229 ଦେଖନ୍ତୁ । ଲୋକମାନେ ତାହା କହିବାକୁ ଚାହୁଁଛନ୍ତି, ଏହା ଚିନ୍ତା କରି ଯେ ସେମାନେ—ସେହି ମଣ୍ଡଳୀଟି କ୍ଲେଶର ସମ୍ମୁଖିନ ହେବାକୁ ଯାଉଅଛି । ବୁଝିଲେ? ତାହା କରିବ ନାହିଁ; ତାହା କରିପାରେ ନାହିଁ (ଦେଖିଲେ?), କାରଣ ତାହା ତ ଆଗରୁ ମୁକ୍ତିପ୍ରାପ୍ତ ଅଟେ ।

230 ତେବେ, ସେହି ମଣ୍ଡଳୀ, ସେହି—ସେହି ନାମଧାରୀ ବିଶ୍ୱାସୀ ଲୋଟ ପରି, ସେ ସେହି କ୍ଲେଶ ସମୟ ଦେଇ ଯିବାକୁ ଯାଉଛନ୍ତି (ବୁଝିଲେ?) ଓ ରକ୍ଷା ପାଇବାକୁ ଯାଉଛନ୍ତି ଯେପରିକି ତାହା ଅଗ୍ନି ଦ୍ୱାରା ହୋଇଥିଲା । ନୋହ ସେହି କ୍ଲେଶ ସମୟ ଦେଇ ଯାଇଥିଲେ, ତାହା ଉପରେ ନିଆ ଯାଇଥିଲେ, ତାହାଙ୍କ ସଙ୍ଗରେ ହାମ୍ ଥିଲା ଯିଏକି ପୁଣିଥରେ ପୃଥିବୀକୁ ପ୍ରଦୁଷିତ

କରିଥିଲା। ବୁଝିଲେ? ଲୋଟ ବାହାରି ଆସିଥିଲେ, ତାହାର ଝିଅମାନେ ତାହା ସଙ୍ଗରେ ସହବାସ କରିଥିଲେ, ଓ ନିଜର କନ୍ୟା ଦ୍ୱାରା ତାଙ୍କର ସନ୍ତାନ ହୋଇଥିଲା। ବୁଝିଲେ? ମାତ୍ର ଅବ୍ରହାମ ସେହି ରାଜକୀୟ ବଂଶ, ପ୍ରତିଜ୍ଞାତ ବଂଶକୁ ଜନ୍ମ ଦେଇଥିଲେ। ହନୋକ ଉର୍ଦ୍ଧାନ୍ତିକରଣରେ ମହିମାକୁ ଚାଲି ଯାଇଥିଲେ, ଏକ ଗମନାଗମନ କେବଳ କଲେ ଓ ଘରକୁ ଚାଲିଗଲେ। ସେ କେବେବି କ୍ଲେଶ ସମୟ ଦେଇ ଗତି କଲେ ନାହିଁ। କଅଣ ଆପଣ ବୁଝିଲେ?

231 ଆପଣ ସେଠାରେ ଅଛନ୍ତି। ବୁଝିଲେ? ତାହା ନୁହେଁ, ବାଇବଲ ଏକ ପ୍ରତିଛାୟାରେ ହୋଇପାରେ ନାହିଁ...ଆଉ ପ୍ରତିଛାୟାଗୁଡିକ ବିଫଳ ହୋଇପାରେ ନାହିଁ। ବୁଝିଲେ? ଏହା ପୂର୍ବାନୁମାନ କରେ ନାହିଁ ଯେ ସେହି କନ୍ୟା...ବର୍ତ୍ତମାନ, ସେହି ମଣ୍ଡଳୀ କ୍ଲେଶ ସମୟ ଦେଇ ଗତି କରିବ।

232 ତେବେ, ଲୋକେ କୁହନ୍ତି, "ଆରମ୍ଭିକ ସାଧୁଗଣ ବିଷୟରେ କଅଣ ଥିଲା?" ତାହା ସମୟାବଧିର ପରିବର୍ତ୍ତନ ଥିଲା। ତାହା ତାଡନାର ଅଧୀନରେ ଥିଲା, ଯାହାକି ଯଦି ଆପଣ ଏହି *ମଣ୍ଡଳୀ ଯୁଗଗମାନ* ବିଷୟରେ ଶୁଣିବାକୁ ଏଠାରେ ରହିବେ, ଓ ଏହା ଦେଖିବାକୁ ରହିବେ ଯେ କିପରି ସେମାନେ ସେହି ଅନ୍ଧକାରକୁ ଚାଲି ଗଲେ ଓ ତାହା କରିବାକୁ ପଡିଥିଲା, ତାହାପରେ ତାହା ଦର୍ଶାଏ ଯେ ସେମାନଙ୍କୁ ସେହି ତାଡ଼ନାକୁ କେଉଁଠାରେ ନେବାର ଥିଲା, କାରଣ ମଣ୍ଡଳୀ ଯୁଗଗୁଡିକ ମଧ୍ୟରୁ ପ୍ରତ୍ୟେକଟି ଓ ସମସ୍ତ କିଛି ଏହା ଦେଖାଇବାକୁ ଆରମ୍ଭ କରେ ଯେ ସେମାନେ ଅନ୍ଧକାରମୟ ଓ ଆହୁରି ଅନ୍ଧକାରମୟ ହୋଇ ଚାଲିଲେ, ଯେପର୍ଯ୍ୟନ୍ତକି ସେମାନେ ଅବଶେଷରେ ଏପରି ଏକ ସ୍ଥାନକୁ ପହଞ୍ଚି ଗଲେ ନାହିଁ ଯେଉଁଠାରେକି ସେମାନେ ତାହାଙ୍କର ନାମକୁ ପ୍ରତ୍ୟାଖାନ କରି ନେଲେ ଓ ଅନ୍ୟ ଏକ ନାମକୁ ଗ୍ରହଣ କରି ନେଲେ ଯେ ସେମାନେ ଜୀବିତ ଥାଇ ମୃତ ହୋଇଗଲେ, ସାର୍ଦ୍ଦୀ ହୋଇଗଲେ। ଆଉ ତାହାପରେ ଏହା ବାହାରକୁ ଆସିଲା, ଥୁୟତୀରା ଏବଂ ସାର୍ଦ୍ଦୀ, ଆହୁରି ବାହାରି ଆସିଲା, ତାହାପରେ ତାହା ଫିଲାଦେଲ୍‌ଫିଆ ଓ ଇତ୍ୟାଦିକୁ ବାହାରି ଆସିଲା, ଆଉ ତାହାପରେ କନ୍ୟାର ବାହାରକୁ ଡକାଯିବାର ସମୟକୁ ଆସିଲା ଯାହାକି ସମସ୍ତ ନିନ୍ଦାଠାରୁ ରକ୍ଷା ପାଇବାର ଥିଲା। ତାହାକୁ ଏହି ସମସ୍ତ ନିନ୍ଦା ଓ ତାଡନାଠାରୁ ରକ୍ଷା ପାଇବା ନିମନ୍ତେ ଯୋଗ୍ୟ ମନେ କର ଗଲା ଯାହାସବୁକି ପୃଥିବୀ ଉପରକୁ ଆସିବାର ଥିଲା, ଯେପରିକି ଆପଣ ମଧ୍ୟ ଏହି ସବୁରୁ ରକ୍ଷା ପାଇବା ନିମନ୍ତେ ଯୋଗ୍ୟ ମନେ କରାଯାଇପାରନ୍ତି, ତାହା ଦେଇ ଯିବାକୁ ନୁହେଁ, ବରଂ ତାହାଠାରୁ ରକ୍ଷା ପାଇବାକୁ। ବୁଝିଲେ? ବର୍ତ୍ତମାନ, କଅଣ ସମସ୍ତେ ତାହା ବୁଝିଲେ? ଦେଖନ୍ତୁ?

233 ସେହି ମଣ୍ଡଳୀ, ଇଷଦୁଷ୍ଟ, ମନୋନୀତ କନ୍ୟାରୁ ଯାହାକିଛି ବାହାରେ ଅଛି ସେହି କ୍ଲେଶ ସମୟ ଦେଇ ଗତି କରିବ। ସେମାନେ ପ୍ରଥମ ପୁନରୁତ୍ଥାନରେ ଉଠିବେ ନାହିଁ: "ଅବଶିଷ୍ଟ ମୃତ ସମସ୍ତେ ଏକ ହଜାର ବର୍ଷ ନିମନ୍ତେ ଜୀବିତ ହେବେ ନାହିଁ," କେବଳ ସେହି ପୂର୍ବମନୋନୀତ, ପୂର୍ବନିରୂପିତ, ମନୋନୀତ କନ୍ୟା, ପରମେଶ୍ୱରଙ୍କ ନିଜର ମନୋନୟନଗୁଡିକ। "ଭାଇ ବ୍ରାନ୍‌ହାମ୍, ତାହା କିଏ ଅଟେ?" ମୁଁ ଜାଣେ ନାହିଁ। ମୁଁ ଆପଣଙ୍କୁ କହିପାରେ ନାହିଁ ଯେ ତାହା କିଏ

ଅଟେ, ମାତ୍ର ମୁଁ ଜାଣେ ଯେ ତାହା ହେବାକୁ ଯାଉଅଛି, କାରଣ ପ୍ରଭୁ କହିଲେ ଯେ ସେମାନେ ହେବେ। ବୁଝିଲେ? ସେମାନେ ହିଁ ସେହି ଜଣ ଅଟନ୍ତି ଯେଉଁମାନେକି କ୍ଲେଶର ଊର୍ଦ୍ଧ୍ୱରେ ଯିବେ, ମାତ୍ର ଅବଶିଷ୍ଟ ସେମାନେ କ୍ଲେଶ ଦେଇ ଗତି କରିବେ, ତଳକୁ ଯିବେ, ଆଉ ସହସ୍ରାବ୍ଦୀ ପୂର୍ବରୁ ସମସ୍ତେ ହତ୍ୟା କରାଯିବେ। ତାହାପରେ ସେହି—ସେହି ଧାର୍ମିକମାନେ ସହସ୍ରାବ୍ଦୀରେ ବାହାରି ଆସିବେ ଓ ଏକ ହଜାର ବର୍ଷ ରହିବେ।

234 ଆଉ ଏକ ହଜାର ବର୍ଷ ପରେ, ସେହି ମହାନ ଶ୍ୱେତ ସିଂହାସନ ବିଚାର ଉପସ୍ଥିତ ହେବ, ଏବଂ ତେବେ ସେହି ମୃତ, ଉଭୟ ଠିକ ଓ ଭୁଲ୍ ଉତ୍ଥିତ ହେବେ। ଆଉ ପୁସ୍ତକଗୁଡିକ ଖୋଲାଯିବ, ଓ ଜୀବନର ପୁସ୍ତକ ଖୋଲାଯିବ; ଆଉ ସେହି ସାଧୁଗଣ, ପତ୍ନୀ ଓ ସ୍ୱାମୀ, ସେଠାରେ ବସିବେ ଓ ଜଗତର ନ୍ୟାୟ କରିବେ। ଆଉ ସେତେବେଳେ ସେହି କଥନ ସଫଳ ହେବ: "ଏବଂ ଲୌହ ଦଣ୍ଡରେ ସେ ସମସ୍ତ ରାଷ୍ଟ୍ରଗୁଡିକର ବିଚାର କରିବେ।" ସମସ୍ତ ରାଷ୍ଟ୍ର ସେଠାରେ ତାହାଙ୍କ ସମ୍ମୁଖରେ ଉଭା ହେବେ, ଆଉ ସେ ଲୌହ ଦଣ୍ଡରେ ସେମାନଙ୍କୁ ବିଚାର କରିବେ। ସେ ଛେଳିମାନଙ୍କଠାରୁ ମେଣ୍ଢାମାନଙ୍କୁ ପୃଥକ କରିବେ ଓ ଛେଳିମାନଙ୍କୁ କହିବେ, "ଦୂର ହୁଅ," ଆଉ ସେହି ମେଣ୍ଢାମାନଙ୍କୁ କହିବେ, "ମୋର ପିତାର ଆଶୀର୍ବାଦପ୍ରାପ୍ତ, ତୁମେମାନେ ଆସ।"

235 ତେବେ ତାହାପରେ, ସେଠାରେ ପୃଥିବୀର ସର୍ବତ୍ରଆଡ଼େ ସାଧୁମାନଙ୍କର ଏକ ଛାଉଣୀ ସଭା ହେବ। ଏବଂ ଶୟତାନକୁ ତାର କାରାଗାରରୁ ମୁକ୍ତ କରାଯିବ ଓ ସେ ପୁନର୍ବାର ସାଧୁମାନଙ୍କ ସହିତ ଯୁଦ୍ଧ କରିବାକୁ ଯିବ, ଠିକ୍ ଯେପରିକି ସେ ଆରମ୍ଭରେ ମହିମାରେ କରିଥିଲା। ଆଉ ତାହାପରେ ପରମେଶ୍ୱର ଆକାଶରୁ ଅଗ୍ନି ଓ ଗନ୍ଧକ ବୃଷ୍ଟି କରିବେ, ଓ ସମଗ୍ର ପୃଥିବୀ ଏପରି ଭାବରେ ବିସ୍ଥାପିତ କରାଯିବ...ତାହା ଦଗ୍ଧ କରାଯିବ ଓ ନଷ୍ଟ କରାଯିବ। ସେଠାରେ ଆଉ ଅଧିକ କୌଣସି ସମୁଦ୍ର, ଆଉ ଅଧିକ କୌଣସି ଜଳରାଶି, ଆଉ ଅଧିକ କୌଣସି କିଛି ପୃଥିବୀରେ ଅବଶିଷ୍ଟ ରହିବ ନାହିଁ। ଆଗ୍ନେୟଗିରି ଫୁଟି ଉଠିବ ଓ ତାର ଧୂଳି କଣା ବିଞ୍ଛି ହୋଇଯିବ ଓ ତରଳ ପଦାର୍ଥ ବୋହିଯିବ...

236 "ପୁଣି ମୁଁ ଏକ ନୂତନ ଆକାଶ ଓ ଏକ ନୂତନ ପୃଥିବୀ ଦେଖିଲି: କାରଣ ପ୍ରଥମ ଆକାଶ ଓ ପ୍ରଥମ ପୃଥିବୀ ଲୋପ ପାଇଗଲା; ଓ ସେଠାରେ ଆଉ ଅଧିକ କୌଣସି ସମୁଦ୍ର ନ ଥିଲା। ମୁଁ, ଯୋହନ, ସେହି ପବିତ୍ର ନଗରୀକୁ ଆପଣା ସ୍ୱାମୀ ନିମନ୍ତେ ସୁସଜ୍ଜିତ ଏକ କନ୍ୟା ରୂପେ ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଓହ୍ଲାଇ ଆସୁଥିବାର ଦେଖିଲି।" ତାହା ମନେ ଅଛି କି? ଏବଂ ଏହି କନ୍ୟାରେ..."ଦେଖ ପରମେଶ୍ୱରଙ୍କ ମନ୍ଦିର ମନୁଷ୍ୟମାନଙ୍କ ମଧ୍ୟରେ ଅଛି," ଆଉ ପରମେଶ୍ୱର ସେମାନଙ୍କ ସହିତରେ ଏହି ପିରାମିଡ-ଆକାର ନଗର ଯାହାକି ପନ୍ଦର ଶହ ବର୍ଗ ମାଇଲ କ୍ଷେତ୍ର ସେଥିରେ ବାସ କରିବେ। ଆଉ ଏହି ନଗରର ଶୃଙ୍ଗରେ ଏକ ଜ୍ୟୋତି ରହିବ। ଆମେନ୍!

ଓଃ, ସିୟୋନ ପର୍ବତ ଉପରେ ସେହି ନଗର,
ଜଣେ ଅପରିଚିତ ଭାବରେ, ତଥାପି ମୁଁ ତାହାକୁ ପ୍ରେମ କରେ।
ମୁଁ ସମୟ କାଳରେ ତୁମକୁ ସାକ୍ଷାତ କରିବି।
ଯେତେବେଳେ ମୁଁ ପର୍ବତ ଉପରେ ସେହି ନଗରକୁ ପହଞ୍ଚିବି।

237 ସିୟୋନ ପର୍ବତର ଶୃଙ୍ଗରେ ସେହି ମେଷଶାବକ ବିରାଜମାନ ହେବେ। ଆଉ ସେହି ନଗରରେ କୌଣସି ଜ୍ୟୋତି ରହିବ ନାହିଁ, କାରଣ ମେଷଶାବକ ହିଁ ସେଠାକାର ସେହି ଜ୍ୟୋତି ହେବେ। ଆଉ ମେଷଶାବକ ଉପରେ ପିତା ରହିବେ, ଯାହାକି *ଲୋଗୋସ୍* ଅଟନ୍ତି, ପରମେଶ୍ୱର, ସେହି ମହାନ୍ ଜ୍ୟୋତି, ସେହି ଅନନ୍ତକାଳୀନ ଜ୍ୟୋତି ଯାହାକି ଠିକ ସିଂହାସନ ଉପରେ ଝଲସି ଉଠୁଥିବେ। ଏବଂ ଯୀଶୁ ତାହାଙ୍କ ପିତାଙ୍କର ସିଂହାସନରେ ନ ଥିବେ, ସେ ନିଜ ସିଂହାସନରେ ଥିବେ। ଆଉ ପିତା ପୁତ୍ରଙ୍କ ଉପରେ ଘୁରି ବୁଲିବେ, ଯାହାକି ପିତା ଓ ପୁତ୍ର ଏକ ଅଟନ୍ତି। "ଆଉ ଯେତେବେଳେକି ସେମାନେ କଥା କହୁ ହିଁ ଥିବେ, ମୁଁ ଉତ୍ତର ଦେବି। ଏହା ପୂର୍ବରୁକି ସେମାନେ ଚିନ୍ତା କରିପାରୁଥିବେ, ମୁଁ ସେମାନଙ୍କ ନିମନ୍ତେ ଚନ୍ତା କରୁଥିବି।" ତାହା ଠିକ ଅଟେ।

238 ଏବଂ ଯୀଶୁ ଏକ ସିଦ୍ଧ, ସମ୍ପୂର୍ଣ୍ଣ କାଳକୁ ଏକ...ସିଦ୍ଧ ଜୀବିତ ପରମେଶ୍ୱରଙ୍କୁ ସମର୍ପିତ କରିବେ, ଯାହାକୁ ସେ ମୁକ୍ତ କରିଥିଲେ ଓ ପିତାଙ୍କୁ ପ୍ରଦାନ କରିଥିଲେ। କଅଣ ତାହା ଠିକ ଅଟେ? ପିତା ପରମେଶ୍ୱରଙ୍କ ଆଡକୁ ବୁଲି ପଡିବା ଯିଏକି ଆତ୍ମା ଅଟନ୍ତି, ମନୁଷ୍ୟ ନୁହଁନ୍ତି, ଆତ୍ମା ଅଟନ୍ତି। ଉତ୍ତମତାର ସମସ୍ତ ଚରିତ୍ର ଏକାଠି ମିଶ୍ରିତ ଅଟେ, ଯାହାକି ପରମେଶ୍ୱର ଅଟନ୍ତି। ଆଉ ଉତ୍ତମତାରେ...ବର୍ତ୍ତମାନ, ଯେକୌଣସି ବିଷୟ ଭଲରୁ ବିକୃତ ତାହା ମନ୍ଦ ଅଟେ; ତାହା ଶୟତାନର ରାଜ୍ୟ ଅଟେ। ସମସ୍ତ ଉତ୍ତମତା ପରମେଶ୍ୱରଙ୍କର ଅଟେ। ସମସ୍ତ ମନ୍ଦତା...

239 ଆଉ ତାହାପରେ ପରମେଶ୍ୱର ଯୀଶୁ ନାମରେ ଏକ ମନୁଷ୍ୟରେ ବସ୍ତୁ ଆକାର ନେଲେ ଯାହାକି ତାହାଙ୍କର ପୁତ୍ର ଥିଲେ। ଏହି ପୁତ୍ର ନିଜର ଜୀବନ ଦେଲେ ଯେପରିକି ସେ ଅନ୍ୟ ପୁତ୍ରମାନଙ୍କୁ ନେଇ ଆସିପାରନ୍ତି, ଯେ ପରମେଶ୍ୱର ସ୍ପର୍ଶଯୋଗ୍ୟ ହୋଇପାରନ୍ତି, ସମସ୍ତ ବିଷୟରେ କାର୍ଯ୍ୟକାରୀ ହୋଇଥାନ୍ତି। "ସେହି ଦିନରେ ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ ଅଛି, ପିତା ମୋ ଠାରେ ଅଛନ୍ତି, ମୁଁ ତୁମଠାରେ ଓ ତୁମେ ମୋ ଠାରେ ଅଛ।"

240 ଓଃ ଭାଇ, ତାହା ଏକ ବାସ୍ତବିକ ଦିନ ହେବ। ଆପଣଙ୍କୁ ବାର୍ତ୍ତା ଶୁଣିବା ପାଇଁ ବିର୍ମିଙ୍ଗଘାମଠାରୁ ଗାଡି ଚଲାଇ ଆସିବାକୁ ପଡିବ ନାହିଁ; ସେହି ବାର୍ତ୍ତା ତେବେ ଠିକ ଆମ ସହିତରେ ରହିବ କଅଣ ନୁହେଁ କି? ଓଃ, ତାହା ଏକ—ତାହା ଏକ ଅଦ୍ଭୁତ, ଅଦ୍ଭୁତ ସମୟ ହେବ। ଆମେ ସେହି ଦିନର ଅପେକ୍ଷାରେ ଅଛୁ; ପରମେଶ୍ୱର ତାହାକୁ ଶୀଘ୍ର ଆଣନ୍ତୁ।

241 ସେହି ମହାନ ନଗରୀ ସେଠାରେ ରହିଅଛି (ତେବେ, ଦେଖନ୍ତୁ?), ତାହା ହେବ ନାହିଁ... ଆପଣ ଚିନ୍ତା କରନ୍ତୁ, "ପନ୍ଦର ଶହ ମାଇଲ ଉଚ୍ଚ?" ତାହାହିଁ ଯାହାକି ବାଇବଲ କୁହେ। ତେବେ, ତାହା ସେହିପରି ଭାବରେ ସୀଧା ସଳଖ ପନ୍ଦର ଶହ ମାଇଲ ଉଚ୍ଚ ହେବ ନାହିଁ। ବୁଝିଲେ? ଆମ

ପାଖରେ ଆଉ ଏକ ଭୌଗୋଳିକ ମାପ ଅଛି ଯେଉଁଠାରେକି ସବୁ ପକ୍ଷ ସମାନ ଥାଏ; ତାହା ଏକ ପିରାମିଡ ଅଟେ । ବୁଝିଲେ?

242 ଆଉ ସେହି ନଗରୀ ପ୍ରାୟଃ ବୋଧହୁଏ ଷାଠିଏ କୋଣରେ ଆରମ୍ଭ ହେବ । ଆଉ ଯଦି ତାହା ଆରମ୍ଭ ହୁଏ, ତାହାର ପନ୍ଦର ଶହ ମାଇଲ, କେବଳ ଚିନ୍ତା କରନ୍ତୁ ଯେ ତାହା କେତେ ଉଚ୍ଚ ହେବ, ମାତ୍ର ସେଠାରେ ପହଞ୍ଚିବାକୁ କେତେ ସମୟ ଲାଗିବ । ଆପଣ ବଡ଼ କଷ୍ଟରେ ହିଁ ଜାଣିବେ ଯେ ଆପଣ ପାହାଡ ଉପରକୁ ଚଢୁଛନ୍ତି । ଷାଠିଏ କୋଣରେ ପନ୍ଦର ଶହ ମାଇଲ ଉଚ୍ଚ ଚଢିବା, ଆପଣ ପ୍ରାୟଃ ଠିକ *ଏହିପରି* ଭାବରେ ଅଟନ୍ତି । ବୁଝିଲେ? ଆଉ ସେହି ନଗରୀ ଏହି ପାହାଡ ଉପରେ ଅବସ୍ଥିତ ଅଟେ । ଆଉ ତାହା ଯେତିକି ଲମ୍ବ ସେତିକି ଉଚ୍ଚ ଅଟେ; ତାହା ଯେତିକି ଦୈର୍ଘ୍ୟ ସେତିକି ଲମ୍ବ ଅଟେ । ସେହି ଉଚ୍ଚତା, ଓ ଗଭୀରତା, ପୁଣି ଦୈର୍ଘ୍ୟ, ତାହା—ତାହା ସମାନ ଅଟେ; ସମସ୍ତ କାନ୍ଥ ସମାନ ଅଟେ । ଗୋଟିଏ ପିରାମିଡର ଚାରୋଟି କାନ୍ଥ ଥାଏ, ଏବଂ ଏହି ଚାରୋଟି କାନ୍ଥ ହେବ…

243 ତେବେ, ସେହି ନଗରୀର ଚାରି ପାଖର କାନ୍ଥଗୁଡିକ ଦୁଇ ଶହ ଶୋହଳ ଫିଟ୍ ଉଚ୍ଚ ହେବ—ହେବ, ଏକ ଶହ ଚୌରା-ଳିଶ କ୍ୟୁବିଟ୍ ହେବ, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ଗୋଟିଏ ଗୋଟିଏ ପଥର ଅଟେ । ବନ୍ଧୁଗଣ, ସେହି ନଗରୀ ବିଷୟରେ କେବଳ ଚିନ୍ତା କରନ୍ତୁ । ଓଃ, ମୋର ପ୍ରଭୁ! ଆମେ ଏହି ଗରମ ସ୍ଥାନରେ କଅଣ—କଅଣ ପାଇଁ ବସି ଅଛୁ? ଆମେ କଅଣ ପାଇଁ ଏହି ବିଷୟ ସବୁ କରୁଅଛୁ? ଆମେ କଅଣ ପାଇଁ ସେହିପରି ଗାଡି ଚଲାଉଅଛୁ? ଆମେ କଅଣ—ଆମେ କଅଣ ପାଇଁ ପରିଶ୍ରମ କରୁଅଛୁ? ତାହା ସେହି ମାର୍ଗର ପ୍ରତ୍ୟେକ ଇଞ୍ଚର ଯୋଗ୍ୟ ଅଟେ ।

> ଓଃ, ସେହି ମାର୍ଗର ପରିଶ୍ରମଗୁଡିକ କିଛି ଅନୁଭବ ହେବ ନାହିଁ,
> ଯେତେବେଳେ ମୁଁ ମାର୍ଗର ଶେଷକୁ ପହଞ୍ଚିଯାଏ ।

ତାହା ଠିକ ଅଟେ । ଆଉ, ଓଃ, ତାହା କି ଏକ ସମୟ ହେବ ।

244 ଆଉ ସେଠାରେ ଯୀଶୁ ସିଂହାସନାରେ ବସିଥିବେ । ଆଉ ସିଂହାସନ ତଳୁ ଜୀବନର ନଦୀ ବୋହୁଥିବ, ଏହି ଚାରୋଟି କାନ୍ଥ ଦେଇ ବହି ତାହା ଛୋଟ ଛୋଟ ନାଳ କରିବ, ଓ ଛୋଟ ଛୋଟ ଶାଖା ନିର୍ମାଣ କରିବ, ଆଉ ମିଶି ଏକ ନଦୀ ପ୍ରସ୍ତୁତ କରିବ, ଓ ତଳେ ସେହି ନଗରୀ ଦେଇ ବୋହିଯିବ । ତାହା ଠିକ ସେହି ଗଳି କନ୍ଦି ଦେଇ ତଳକୁ ବୋହିଯିବ, ଏବଂ ଉଭୟ ପକ୍ଷରେ ଜୀବନର ବୃକ୍ଷ ଲାଗିଥିବ ଯାହାକି ଧାରଣ କରିବ, କିମ୍ବା, ପ୍ରତ୍ୟେକ—ପ୍ରତ୍ୟେକ ତିରିଶ ଦିନରେ ସେମାନଙ୍କର ଫଳ ବଦଳାଇବ । ଓଃ, ତାହା କି ଏକ ନଗର ହେବ ।

245 ଆଉ ମନେ ରଖନ୍ତୁ, ପରମେଶ୍ୱର, ସେହି ସୃଷ୍ଟିକର୍ତ୍ତା, ଯିଏକି ଆକାଶ ଓ ପୃଥିବୀକୁ ସୃଷ୍ଟି କଲେ, ବର୍ତ୍ତମାନ ମହିମାରେ ରହି ସେହି ନଗରୀକୁ ନିର୍ମାଣ କରୁଛନ୍ତି । ଅବ୍ରହାମ ତାହାକୁ ଅନ୍ୱେଷଣ କରିଥିଲେ । ସେ ନିଜର ଘର ଛାଡି ଦେଇଥିଲେ; ସେ ସେହି ସବୁକିଛିକୁ ପୃଥକ କରିଥିଲେ ଯାହା ତାଙ୍କର ପ୍ରିୟ ଥିଲା ଓ ତାହାର ଅନୁସନ୍ଧାନ କରିଥିଲେ…କାହିଁକି? ସେ

ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ପୁଣି ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ, ସେ ଆତ୍ମାଙ୍କ ସହିତ ସମ୍ପର୍କରେ ଥିଲେ ଓ ସେହି ଆତ୍ମାର ଅଂଶ ଥିଲେ। ଆଉ କିଛି ଗୋଟାଏ ତାହାଙ୍କ ଭିତରେ ତାଙ୍କୁ କିଛି କହିଲା, "ଗୋଟିଏ ନଗରୀ ଅଛି," ଆଉ ସେ ତାହାକୁ ଅନ୍ୱେଷଣ କରିବାକୁ ଲାଗିଲେ। କହିଲେ, "ମୁଁ ଜଣେ ତୀର୍ଥଯାତ୍ରୀ, ଜଣେ ପରଦେଶୀ ଅଟେ। ମୁଁ ଏପରି ଏକ ନଗର ଅନ୍ୱେଷଣ କରୁଅଛି ଯାହାର ନିର୍ମାତା ଓ ରଚନାକାରୀ ପରମେଶ୍ୱର ଅଟନ୍ତି।" ସେ ଜାଣିଥିଲେ ଯେ ସେହି ନଗର କେଉଁଠାରେ ଅଛି। ଓଃ, ମୋର ପ୍ରଭୁ! ଆଉ ମୁଁ ବିଶ୍ୱାସ କରେ ଯେ ଠିକ ସେହି ଭୂମି ଉପରେ ଯେଉଁଠାରେକି ସେ ତାହାକୁ ଅନ୍ୱେଷଣ କରୁଥିଲେ, ଠିକ ସେଠାରେ ପାଲେଷ୍ଟାଇନ୍‌ରେ, ସେହିଠାରେ ହିଁ ଅଟେ ଯେଉଁଠାରେକି ତାହା ଉତ୍ଥିତ ହେବ, କାରଣ ତାହା ସିୟୋନ ପର୍ବତ ଉପରେ ଅଟେ। ସେହିଠାରେ ହିଁ ଅଟେ ଯେଉଁଠାରେ କି ସେ ରହିବ।

246 ଦେଖନ୍ତୁ ଯେ ସେ କେଉଁଠାରେ ସେହି—ସେହି ସମୁଦ୍ର ଭିତରକୁ ବିସ୍ତାରିତ ହୋଇଯିବ, ସମୁଦ୍ରରୁ ସମୁଦ୍ର ପର୍ଯ୍ୟନ୍ତ। ସେହି ପନ୍ଦର ଶହ ମାଇଲ୍ ନଗରୀ ବିଷୟରେ ଚିନ୍ତା କରନ୍ତୁ ଯାହାକି ପ୍ରଭୁଙ୍କର ପର୍ବତ ଉପରେ ଅବସ୍ଥିତ ଅଟେ। ଓଃ, ତାହା କେତେ ଅଦ୍ଭୁତ ଅଟେ!

247 ଏବଂ ସିଂହ ଓ ମେଷଶାବକ ଏକ ସଙ୍ଗରେ ଶୟନ କରିବେ। ସିଂହ ବଳଦ ପରି ନଡା ଖାଇବ। ଆଉ ଭାଲୁ ଭଦ୍ର ହୋଇଯିବ, ଓ ବିଲୁଆ ପାଳିତ ହୋଇଯିବ। ତାହା କି ଏକ ସମୟ ହେବ! କିଛି ହେଲେ ବିଷୟ ବ୍ୟଥିତ କିମ୍ବା ବିନଷ୍ଟ କରିବ ନାହିଁ; ସମସ୍ତ କିଛି ଶାନ୍ତିରେ ଓ ପ୍ରେମରେ ହେବ। ଆଉ ଅଧିକ ବୃଦ୍ଧାବସ୍ଥା ହେବ ନାହିଁ; ଆଉ ଅଧିକ କୌଣସି ରୋଗ ହେବ ନାହିଁ, କୌଣସି ମୃତ୍ୟୁ ହେବ ନାହିଁ।

248 ବନ୍ଧୁଗଣ, ଏହା କୌଣସି ସାଣ୍ଟା କ୍ଲଜ୍ କାହାଣୀ ନୁହେଁ, କୌଣସି ପୌରାଣିକ କିଛି ନୁହେଁ, ଏହା ବାକ୍ୟରେ ଲେଖା ଅଛି। ଆଉ ବାକ୍ୟ କଦାପି ବିଫଳ ହୋଇ ନାହିଁ। ଏବଂ ଠିକ ସେହି ପ୍ରତିଜ୍ଞା ବିଷୟରେ ଚିନ୍ତା କରିବା...ପଶ୍ଚାତ ସମୟର ବାଇବଲ ଦିନରେ ନୁହଁ, ବରଂ ଏହି ଦିନରେ, ସେହି ଦିନ ଯାହାକି ପରମେଶ୍ୱର, ଆଜି, ତାହାଙ୍କର ବାକ୍ୟର ବିନ୍ଦୁଟିଏ ସୁଦ୍ଧା ବିଫଳ ହୋଇ ନାହିଁ। ଓଃ, ମୁଁ ସେହି ନଗର ଅଭିମୂଖେ ଅଟେ। ମୁଁ ତାହା ପ୍ରେମ କରେ, କଅଣ ଆପଣ କରନ୍ତି ନାହିଁ କି?

249 ନା! ତେବେ, ଭାଇ, ଭଉଣୀ, ତାହା କୁହେ ନଅଟା ବାଜି କୋଡିଏ ମିନିଟ୍। ମୁଁ ଜାଣେ ଯେ ମୋର ଏଠାରେ ସୁଦୂର କେଣ୍ଟକୀ ପ୍ରଦେଶରୁ ବନ୍ଧୁମାନେ ଅଛନ୍ତି। ମୁଁ ଜାଣେ ଯେ ମୋର ଏଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ବନ୍ଧୁମାନେ ଅଛନ୍ତି। ଯଦି ଆପଣମାନେ ସମଗ୍ର ରାତ୍ରି ରହିବାକୁ ଚାହାଁନ୍ତି, ତେବେ ମୁଁ ଆପଣଙ୍କର ରହିବାର ବଖରା ପାଇଁ ମୂଲ୍ୟ ପରିଶୋଧ କରିବି। ମୁଁ ଆପଣଙ୍କୁ କହୁଛି, ଯେ ଆପଣମାନଙ୍କ ନିମନ୍ତେ ରାତ୍ରି ଭୋଜନ ଅପେକ୍ଷା କରୁଅଛି ଓ ଆପଣମାନଙ୍କର ରହିବା ନିମନ୍ତେ ମୂଲ୍ୟ ପରିଶୋଧ କରିବି ଯଦି ଆପଣମାନେ ରହିବାକୁ ଚାହାଁନ୍ତି। ଆଉ କେବଳ ଗୋଟିଏ ବିଷୟ ଆପଣଙ୍କୁ କରିବାକୁ ଅଛି ତାହା ହେଲା ତାହାଙ୍କୁ ସେଠାରେ ପଛରେ ଦେଖା କରିବା, ଆଉ ମୁଁ ନିଶ୍ଚିତରେ ତାହା କରିବି। ମୁଁ ଆପଣମାନଙ୍କୁ

ସାହାଯ୍ୟ କରିବା ନିମନ୍ତେ ଯଥାସମ୍ଭବ ମୋର ଚେଷ୍ଟା କରିବି । ମୁଁ ଆପଣମାନଙ୍କୁ ପ୍ରେମ କରେ ।

250 ମୋର ଅଭିପ୍ରାୟ ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା ନୁହେଁ ହୋଇପାରେ ବେଳେ ବେଳେ ବିରୋଧାତ୍ମକ ହୋଇଥାଏ । ଯଦି ଆପଣ ତାହା ବିଶ୍ୱାସ ନ କରନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଠିକ ଅଟେ । ମୁଁ ଆପଣଙ୍କୁ ସେହି ସମାନ ପ୍ରକାରେ ପ୍ରେମ କରିବାକୁ ଚାହେଁ, କାରଣ ପରମେଶ୍ୱର ଜାଣନ୍ତି ଯେ ମୁଁ ସେହି ପ୍ରକାରେ କରିଥାଏ । ମୁଁ ଏହି ପ୍ରଶ୍ନଗୁଡିକର ଉତ୍ତର କେବଳ ମୋର ସର୍ବୋତ୍ତମ ଜ୍ଞାନରେ ଦିଏ-...ବନ୍ଧୁ, ହୁଏତ ଯେ ମୁଁ ସେଗୁଡିକ ମଧ୍ୟରୁ କେତେକରେ ଭୁଲ୍ ରହିପାରେ, ମାତ୍ର ତାହା ଜାଣିଶୁଣି ଭୁଲ୍ ନୁହେଁ । ଯଦି ମୋ ପାଖରେ ପ୍ରାୟଃ ଛଅ କିମ୍ବା ଆଠ ପ୍ରଶ୍ନ ଥାଆନ୍ତା, ଯେପରିକି ମୁଁ ଠିକ ସେମାନଙ୍କ ସହିତରେ ରହିପାରନ୍ତି ଓ ତାହାକୁ କେବଳ ଠିକ ବୁଝାଇପାରନ୍ତି, କିନ୍ତୁ ମୁଁ, ବର୍ତ୍ତମାନ ସେଗୁଡିକ ସବୁ ଦେଇ ଯିବା ପରିବର୍ତ୍ତେ...ମୋ ପାଖରେ ବିବାହ ଓ ଛାଡପତ୍ର ସମ୍ବନ୍ଧରେ କେତୋଟି ପ୍ରଶ୍ନ ଅଛି । ମୋ ପାଖରେ କେବଳ...ଭାବୁଥିଲି ଯେ ମୁଁ ସେଗୁଡିକ ମଧ୍ୟରୁ ଅଳ୍ପ କେତୋଟିର ଉତ୍ତର ଦେବି । ମୁଁ ଏଠାରେ ରଖିଥିବାର ଆଉ କିଛି ପାଉ ନାହିଁ, ଯେ ସେଗୁଡିକୁ ଉଠେଇ ଥାଆନ୍ତି, ମାତ୍ର ମୋ ପାଖରେ ଏଠାରେ କେତେକ ଜରୁରୀ ପ୍ରଶ୍ନମାନ ଅଛି, ବହୁତ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନମାନ । ମୁଁ ସେଗୁଡିକୁ ଆପଣମାନଙ୍କ ପାଇଁ ଉତ୍ତର ଦେବାକୁ ଚାହେଁ ଯଦି ମୁଁ ପାରିବି ।

251 ତେବେ, ଯଦି ଆପଣମାନେ ଏଠାରେ ଆଖପାଖରେ କେଉଁଠାରେ ରହୁଛନ୍ତି, ବୁଧବାର ଦିନ, ବିଲିକୁ ଫୋନ୍ କରନ୍ତୁ; ତେବେ ମୁଁ ଜାଣିଯିବି ଯେ ମୁଁ ଫେରି ଆସିବି କି ନାହିଁ । ମୁଁ ଏହି ସପ୍ତାହ ପ୍ରର୍ଥନା କରିବି । ମାତ୍ର ମୋର ଅନେକ ବ୍ୟକ୍ତିଗତ ସାକ୍ଷାତକାରମାନ ଅଛି, ଓଃ, *ସେହିପରି* ଗଦାଏ ଅଛି । ଆଉ ମୋ ପାଖରେ ପ୍ରାୟଃ ପାଖାପାଖି *ସେତିକି* ଏରିଜୋନାରେ ଅଛି ଯେ ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ ମୁଁ ତାହା କରେ ଯେବେ ମୋର ସମ୍ଭବ ହୋଇପାରେ । ଆଉ ତାହା ସେହି ଲୋକମାନେ ଅଟନ୍ତି ଯେଉଁମାନେକି ବାସ୍ତବରେ ଅସୁସ୍ଥ ଅଟନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କର ସମସ୍ୟା ଅଛି, ଆଉ ସେମାନେ ଜାଣନ୍ତି ନାହିଁ ଯେ କଅଣ କରିବାକୁ ଅଛି: ସମସ୍ୟା ସହିତ ସ୍ୱାମୀ ଓ ପତ୍ନୀ ।

252 ଆଉ ସେଗୁଡିକ ମଧ୍ୟରୁ କେତେକକୁ ଏଠାରେ ବ୍ୟକ୍ତିଗତ ସାକ୍ଷାତକାରରେ ବଦଳାଇବାକୁ ପଡିଲା, ଯେହେତୁ ମୁଁ ତାହାକୁ ଠିକ ଭାବରେ ପାଠ କରିପାରି ନ ଥିଲି, ଯାହାକି ଲୋକମାନେ ଏଠାରେ ସେମାନଙ୍କର ବିବାହ ଓ ଅନ୍ୟାନ୍ୟ ବିଷୟଗୁଡିକରେ କହିଥିଲେ । ଆଉ ମୋତେ ବିଲିକୁ ପଠାଇବାକୁ ପଡିଲା ଓ ଖବର ନେବାକୁ ପଡିଲା ଯେ ସେମାନେ କିଏ ଅଟନ୍ତି, ଆଉ—ଆଉ ସେମାନଙ୍କୁ ଡାକିବାକୁ ପଡଲା, ଓ କହିବାକୁ ପଡିଲା ଯେ ଆମେ ସେମାନଙ୍କୁ ସାକ୍ଷାତକାରରେ ରଖିବୁ, ଯେପରିକି ମୁଁ ସେମାନଙ୍କ ସହିତ କଥାବାର୍ତ୍ତା ହୋଇପାରେ । କେତେକ ଅତି ଗମ୍ଭୀର ବିଷୟ ଥିଲା, ଆଉ ଏହା ସେହି ପ୍ରଶ୍ନଗୁଡିକ ଅଟେ ଯାହାର ଉତ୍ତର ଦିଆଯିବା ଉଚିତ୍ ।

253 ମୁଁ ଏଠାରେ ଆପଣମାନଙ୍କୁ ସାହାଯ୍ୟ କରିବା ହେତୁ ଚେଷ୍ଟା କରିବା ପାଇଁ ଅଛି, କାରଣ ମୁଁ ଆପଣମାନଙ୍କୁ ପ୍ରେମ କରେ । ଆପଣମାନେ ମୋର ସନ୍ତାନ ଅଟନ୍ତି ଯାହାଙ୍କୁ ମୁଁ ଖ୍ରୀଷ୍ଟଙ୍କଠାରେ ଜନ୍ମ ଦେଇଅଛି । ମୁଁ ଆପଣମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଦାବି କରେ । ମୁଁ ଆଜି ରାତ୍ରି ଆପଣମାନଙ୍କୁ ଦାବି କରେ; ମୁଁ ସବୁ ସମୟରେ ଆପଣମାନଙ୍କୁ ଦାବି କରେ; ମୁଁ ସର୍ବଦା ଆପଣମାନଙ୍କୁ ଦାବି କରେ; ଆଉ ତାହା ପୁଣି ମୋର ଭାଇ ଓ ଭଉଣୀ ଭାବରେ । ଆପଣମାନେ ମୋର ସନ୍ତାନ ଅଟନ୍ତି; ମୁଁ—ମୁଁ ସୁସମାଚାରରେ ଆପଣମାନଙ୍କର ପିତା ଅଟେ, ଏପରି ପିତା ନୁହେଁ ଯେପରିକି ତାହା ଜଣେ ଯାଜକ ଅଟନ୍ତି, ମୁଁ—ମୁଁ ସୁସମାଚାରରେ ଆପଣମାନଙ୍କର ପିତା ଅଟେ ଯେପରିକି ପାଉଲ ସେଠାରେ କହିଥିଲେ । ମୁଁ ଆପଣମାନଙ୍କୁ ଖ୍ରୀଷ୍ଟଠାରେ ଜନ୍ମ ଦେଇଛି, ଏବଂ ବର୍ତ୍ତମାନ, ମୁଁ—ମୁଁ ଆପଣମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ବିବାହ ବନ୍ଧନ ନିମନ୍ତେ ବାଗଦାନ କରିଛି; ଅର୍ଥାତ୍ ଆପଣମାନଙ୍କୁ ଜଣେ କୁମାରୀ କନ୍ୟା ରୂପେ ଖ୍ରୀଷ୍ଟଙ୍କ ସହିତ ନିର୍ବନ୍ଧିତ କରିଛି; ମୋତେ ନିରାଶ କରିବେ ନାହିଁ! ମୋତେ ନିରାଶ କରିବେ ନାହିଁ! ଆପଣ ଜଣେ କୁମାରୀ କନ୍ୟା ହିଁ ରହିଥାଆନ୍ତୁ ।

254 "ଭାଇ ବ୍ରାନ୍‌ହାମ୍, ମୁଁ ତାହା କିପରି କରିବି?" ବାକ୍ୟ ସହିତ ଠିକ ଲାଗି ରୁହନ୍ତୁ; ପରିଷ୍କାର ଓ ବିଶୁଦ୍ଧ ଜୀବନ ବ୍ୟତୀତ କରନ୍ତୁ; ଜଗତର ବିଷୟ ବସ୍ତୁ ସହିତ କୌଣସି ସମ୍ପର୍କ ରଖନ୍ତୁ ନାହିଁ । ଯଦି ଏହାର ପ୍ରେମ ଆପଣଙ୍କର ହୃଦୟ ଭିତରେ ଅଛି, କୁହନ୍ତୁ, "ହେ, ଯୀଶୁ, ଦୟା କରି ମୋ ଭିତରୁ ତାହା କାଢି ନିଅନ୍ତୁ । ମୁଁ ସେହି ଭଳି ହେବାକୁ ଚାହେଁ ନାହିଁ ।"

ତେବେ ମୋର ଅଭିପ୍ରାୟ କେବଳ ଏପରି କୌଣସି ପୁରୁଷ ହେବା ନୁହେଁ ଯିଏକି—ଯିଏକି ଏହା କହୁଥାଏ । ମୋର—ମୋର ଅଭିପ୍ରାୟ ତ ଏକ ଖାଣ୍ଟି ବିଶ୍ୱାସୀ ହେବା ଅଟେ । ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତୁ ଓ ତାହା ପାଇଁ ସବୁ ଦିନ ବଞ୍ଚନ୍ତୁ । କୌଣସି ମନ୍ଦ କାର୍ଯ୍ୟ କରନ୍ତୁ ନାହିଁ ।

255 ତେବେ, ଅନେକ ସମୟରେ ମୁଁ କାଲଭିନ ମତବାଦ ବିଷୟରେ କହିଥାଏ । ତେବେ, ଭାବନ୍ତୁ ନାହିଁ ଯେ ତାହା ଆପଣଙ୍କୁ ହୁଗୁଳା କରି ଦିଏ ଯେ ଆପଣଙ୍କର ଯାହା ଇଚ୍ଛା ତାହା କରିପାରିବେ । ଅନ୍ୟ ଏକ ଦିନ ଜଣେ ବ୍ୟକ୍ତି କହିଲେ...ମୁଁ କହିଲି, "କଅଣ ଆପଣ ଗୀର୍ଜାକୁ ଯାଇଥିଲେ?"

ସେ କହିଲେ, "ମୁଁ ଶିକାରକୁ ପଳାଇ ଗଲି ।"

ସେହି ଲୋକର ପତ୍ନୀ ମୋ ପାଖକୁ ଆସିଲେ, ଆଉ ସେ ରବିବାର ଦିନ ଧୋବୀଘାଟରୁ ଆସିଥିଲେ । ଆଉ ମୁଁ କହିଲି, "ତୁମେ କାହିଁକି ଗୀର୍ଜା ଗଲ ନାହଁ?"

ସେ କହିଲା, "ମୁଁ କପଡା ଧୋଉଥିଲି ।"

ମୁଁ କହିଲି, "ତୁମକୁ ତାହା କରିବାର ଉଚିତ ନ ଥିଲା ।"

"ତେବେ," ସେ କହିଲା, "ମୁଁ କୌଣସି ପୁରୁଣା ଆଇନ୍ ଅନୁକାରୀ ନୁହେଁ ।"

ମୁଁ କହିଲି, "ମାତ୍ର ମୁଁ ଭାବୁଥିଲି ଯେ ତୁମେ ଜଣେ ଖ୍ରୀଷ୍ଟିୟାନ ଅଟ।" ବୁଝିଲେ? ମୁଁ କହିଲି, "କଅଣ ତୁମେ ଜାଣିଛ ଯେ ତୁମେ ଅନ୍ୟ କୌଣସି ଲୋକର ମାର୍ଗରେ ଅବରୋଧର ପ୍ରସ୍ତର ରଖୁଅଛ?" ବୁଝିଲେ? ମୁଁ କହିଲି, "ତାହା..."

"ତେବେ, ଅଃ, ମୁଁ—ମୁଁ *ଏହା* ବିଶ୍ୱାସ କରେ। ମୋତେ ତାହା ସବୁ କରିବାକୁ ପଡେ ନାହିଁ। ମୁଁ ଜଣେ ଆଇନ୍ ଅନୁକାରୀ ନୁହେଁ।

256 ତେବେ, ଦେଖନ୍ତୁ ମୋର ଭାଇ, ଭଉଣୀ, ଏଠାରେ ଦେଖନ୍ତୁ। ପାଉଲ କହିଲେ, "ଯଦି ମାଂସ ଖାଇବା ମୋର ଭାଇର ମାର୍ଗରେ ଏକ ଅବରୋଧଜନକ ପ୍ରସ୍ତର ଆଣେ, ତାହାହେଲେ ମୁଁ ଆଉ ଅଧିକ ମାଂସ ଖାଇବି ନାହିଁ ଯେତେ ଦିନ ଏହି ଜଗତ ରହିଥାଏ।" ଆଉ ମୁଁ ଭାବେ ଯେ ତାହା ଅଧିକ ଉତ୍ତମ ହୋଇଯିବ...

257 ତେବେ, ଦେଖନ୍ତୁ, "ଭାଇ ବ୍ରାନ୍‌ହାମ୍, ଆପଣ ଶିକାର କରନ୍ତି। କଅଣ ଆପଣ କେବେ ରବିବାର ଦିନ ଶିକାର କରନ୍ତି ନାହିଁ?" ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ। ନୁହେଁ... ମୁଁ ଏହାର ପଛରେ ମୋ ନିଜର ପିଠି ଥପ ଥପାଉ ନାହିଁ, ମାତ୍ର ମୁଁ...ତେବେ ମୁଁ ଜଣେ ସବ୍ବତ ଅନୁକାରୀ ନୁହେଁ, ମୁଁ ବିଶ୍ୱାସ କରେ ଯେ ପବିତ୍ରଆତ୍ମା ଆମର ସବ୍ବତ ବା ବିଶ୍ରାମ ଅଟନ୍ତି। ମୁଁ ତାହା ବିଶ୍ୱାସ କରେ, ମାତ୍ର ମୁଁ ବିଶ୍ୱାସ କରେ ଯେ ଆମେ ପୁନରୁତ୍‌ଥାନକୁ ଏକ ସ୍ମରଣିକା ଭାବେ ଆଦର କରିବା କଥା। ତାହାହିଁ ଏକ ସ୍ମରଣିକା ଅଟେ ଯାହାକି ମୁଁ...ଯଦି ଆପଣ ଅନ୍ୟ କୌଣସି ଦିନକୁ ଆଦର କରନ୍ତି, ସେହି ପୁନରୁତ୍‌ଥାନକୁ ଆଦର କରନ୍ତୁ।

258 ତେବେ, ସେଠାରେ କୌଣସି ବିଶେଷ ଦିନକୁ ପାଳନ କରିବା ବିଷୟରେ କିଛି ନିୟମ ନାହିଁ, କାରଣ ଆପଣ ସବ୍ବତକୁ, ସେହି ଶାନ୍ତିକୁ ପ୍ରବେଶ କରନ୍ତି, ଯେତେବେଳେ ଆପଣ ତାହାଙ୍କ ଭିତରକୁ ପ୍ରବେଶ କରନ୍ତି। ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ତେବେ ଯେପରି ଭାବରେ ବି ତାହାର ଉତ୍ତର ଶୀଘ୍ର ଦେବା ହେତୁ ମୋ ପାଖରେ ଏଠାରେ ସେହି ପ୍ରଶ୍ନ ଅଛି, ଯେ ସେହି ସବ୍ବତ ଦିନ କଅଣ ଅଟେ? ପ୍ରଭୁଙ୍କର ଇଚ୍ଛା ହେଲେ, ମୁଁ ଆପଣଙ୍କୁ ତାହା ବ୍ୟାଖ୍ୟା କରିବି।

ଆଉ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଏହା ମନେ ରଖନ୍ତୁ। ବୁଝିଲେ? ଯେତେବେଳେ ମୁଁ ଏକ ସାନ ପିଲା ଥିଲି, ଠିକ ସେଠାରେ ଯେଉଁଠାରେକି ଆଇକ୍ସ ସେହି ରାସ୍ତା ଉପରେ ରୁହନ୍ତି, ମୁଁ ପ୍ରାୟଃ ଚଉଦ ବର୍ଷ ବୟସର ଥିଲି; ମୁଁ ଜୀବିକାର୍ଜନ ପାଇଁ ଜନ୍ତୁମାନଙ୍କୁ ଜାଲରେ ଧରୁଥିଲି। କେବଳ ଗୋଟିଏ ବିଷୟ ଯାହା ମୋତେ ଆମ ଘରେ ଭୋଜନ ଆଣିବାରେ ସାହାଯ୍ୟ କରିବାକୁ ପଡୁଥିଲା ତାହା ହେଲା କଳାଧଳା ଧାରୀ ଥିବା ମୁଷା, ଛୁଚୁନ୍ଦ୍ରା ମୂଷା, ଅପୋସମ୍ ମୂଷିକ ଧରିବା।

ମୁଁ ଜନ୍ତୁମାନଙ୍କୁ ଜାଲରେ ଧରିବା ପସନ୍ଦ କରେ, ଆଉ ମୋତେ ତାହା କରିବାକୁ ପଡୁଥିଲା। ମୁଁ ମୂଷା ପରି ଦୁର୍ଗନ୍ଧ ହେଉଥିବା ଅବସ୍ଥାରେ ବିଦ୍ୟାଳୟକୁ ଯାଉଥିଲି, ଏବଂ ମୋ—ମୋ ପାଖରେ କେବଳ ଗୋଟିଏ ହଳ ପୋଷାକ ଥିଲା, ଆଉ ତାହାହିଁ ସବୁକିଛି ଥିଲା ଯାହାକି ମୁଁ ପିନ୍ଧି ପାରିଥିଲି। ତାହାହିଁ ସବୁକିଛି ଯାହାକି ମୋ ପାଖରେ ଥିଲା। ମାଆ ତାକୁ ନେଇକି ଯାଏ

ଓ ସେଗୁଡିକୁ କାଟୀ ଦିଏ, ପୁଣି ତାକୁ ରଖି ଦିଏ; ଆଉ ବର୍ତ୍ତମାନ, ସେହିପରି ହିଁ ଅଟେ ଯେପରିକି ମୁଁ ସାନ ପିଲା ଭାବରେ, ବିଦ୍ୟାଳୟକୁ ଯାଉଥିଲି । ମାତ୍ର ମୁଁ ଗୋଟିଏ ରାତ୍ରି ସେଠାରେ ଛିଡା ହୋଇଥିଲି; ମୁଁ କହିଲି, "ମୁଁ ସେଠାରେ ଉପରେ, ୱାଥେନ୍‌ସଠାରେ ଜାଲ ବିଛାଇ ରଖିଛି ।" ମୁଁ ପ୍ରତ୍ୟେକ ଦିନ ସକାଳେ ପ୍ରାୟଃ ଦୁଇଟାରେ ଗୋଟିଏ ଲଣ୍ଠନ ନେଇ ଏହି ଜାଲଗୁଡିକୁ ବିଛାଇବାକୁ ଯାଏ, ତାହାପରେ ସ୍କୁଲକୁ ଯିବା ପାଇଁ ସମୟରେ ଫେରି ଆସେ । ମୁଁ ଗୋଟିଏ ଠେକୁଆକୁ ଧରେ; ସେଥିରୁ ମୋତେ ପନ୍ଦର ସେଣ୍ଟ ପଇସା ମିଳେ । ସେଥିରେ ମୁଁ ଗୋଟିଏ ବାକ୍ସ ଗୁଳି କିଣେ, ଆଉ ହୋଇପାରେ ଯେ ତାହା ତିନି କିମ୍ବା ଚାରି ଠେକୁଆକୁ ମାରି ପାରେ । ଯାହା ଆମକୁ କରିବାକୁ ପଡୁ ନ ଥିଲା ତାହା କିଛି ବିସ୍କୁଟ ଓ ଠେକୁଆ- କାହିଁକି, ରାତ୍ରିଭୋଜ ନିମନ୍ତେ ଝୋଳ, ମୁଁ ଅନ୍ୟଟିକୁ ବିକ୍ରୟ କରିଥାଏ, ଓ ହୋଇପାରେ ଯେ କିଛି ପାଉରୁଟି, କିମ୍ବା ଭୋଜନ ପଦାର୍ଥ, କିମ୍ବା ଝୋଳ କରିବା ପାଇଁ କିଛି ମଇଦା କିଣିବାକୁ ଯଥେଷ୍ଟ ପାଇଥାଏ । ମୁଁ ଜାଣେ ନାହିଁ ଯେ ଆପଣଙ୍କୁ ସେହିପରି ଭାବରେ କେବେ ଜୀବନ ଯାପନ କରିବାକୁ ପଡିଛି କି  ନାହିଁ ।

259 ମୁଁ ନଦୀରେ ଜାଲ ବିଛାଇ ଥାଏ; ଯାଏ ଓ, ସେହି ମାଛଗୁଡିକୁ ଆଣିଥାଏ, ଓ ସେଗୁଡିକୁ ଅଧ କିଲୋ ଲେଖା ଦଶ ସେଣ୍ଟ ପଇସାରେ ବିକ୍ରୟ କରିଥାଏ । ମୋର ମାଛ ଧରା ଜାଲଗୁଡିକୁ ବିଛାଇଥାଏ । ମୋ ପାଖରେ କୌଣସି ଡଙ୍ଗା ନ ଥିଲା; ମୁଁ ଏକ କାଠ ଗଣ୍ଡି ସାହାଯ୍ୟରେ ପହଁରୀ ଥାଏ । ନଦୀ ଭିତରକୁ ପଶେ, ଆଉ ତାହା ତଥାପି ଥଣ୍ଡା ଥାଏ, ମୋର ଚାରାର ବାଲ୍‌ଟିକୁ କାଠ ଉପରେ ରଖିଦିଏ ଆଉ ତାହାକୁ ସେହିପରି କାତ ଓ କାତ ମାରିଥାଏ, ନଦୀରେ ମୋର ନଗ୍ନ ଶରୀର ଥାଏ, ଓ ଦୌଡି ଯାଏ…ମୋର ଗୋଟିଏ କଡରେ ଏକ ଦଉଡି ଥାଏ, ମୋର ମାଛଗୁଡିକୁ ସେଥିରେ ବାନ୍ଧି ଦେଇଥାଏ । ସେହି ପୁରୁଣା ମାଗୁର ମାଛମାନେ ମୋତେ ଗୋଡରେ ତାଙ୍କର ଡେଣା ଦ୍ୱାରା ମାରୁଥାଆନ୍ତି, ଓ ମୋର ଚାରାକୁ ରଖିଥାନ୍ତି…

260 ମାତ୍ର ଦେଖନ୍ତୁ, ଅନେକ ଗୋଟିଏ ରାତ୍ରିରେ ମୁଁ ଏଗାରଟାରେ ସେହି ନଦୀକୁ ଯାଇଅଛି ଓ ସେହି ଜାଲରେ ଲାଗିଥିବା ପ୍ରତ୍ୟେକ ସେହି ଚାରାଖଣ୍ଡକୁ ହଲାଇ ଦେଖିଛି । ଯଦି ମୁଁ ଛଅ ଦିନରେ ଯଥେଷ୍ଟ ଧରି ନ ପାରେ, ମୁଁ ସପ୍ତମ ଦିନରେ ଆସୁଥିବାଟାକୁ ଚାହେଁ ନାହିଁ । ମୁଁ ସେଠାରେ ବର୍ଷାରେ ମଧ୍ୟ ଛିଡା ହୋଇଅଛି ।

261 ଗୋଟିଏ ରାତ୍ରି ମୁଁ ନିଜକୁ ତଥାପି ସୁଦ୍ଧା ଛିଡା ହୋଇଥିବାର ଦେଖିପାରେ, ଆଉଜେଇ ହୋଇ…ମୁଁ ଜଣେ ପାପୀ ଥିଲି, ମାତ୍ର ମୁଁ ସେଠାରେ ସେହି ଦ୍ୱାର, ବିରୁଦ୍ଧରେ ଏହିପରି ଭାବରେ ଆଉଜେଇ ହୋଇ, ଛିଡା ହୋଇଥିଲି । ଓଃ, ତାହା ବର୍ଷା ହେଉଥିଲା, ପ୍ରାୟଃ ଏଗାରଟା ବେଳେ । ମୁଁ କହିଲି, "ମୋତେ ଆଜି ରାତ୍ରି ବିଳମ୍ବ ହେବ, କିନ୍ତୁ ମୁଁ ଯାଇ ସମସ୍ତ ଫାନ୍ଦଗୁଡିକୁ ଲେଉଟାଇ ଦେଖିବାକୁ ଯାଉଛି । ମୁଁ ତାହାକୁ ସଢ଼ତ ଦିନ ଧରିବାକୁ ଚାହୁଁ ନ ଥିଲି ।" ମୁଁ କହିଲି, "ମୁଁ ସେହି ଫାନ୍ଦଗୁଡିକୁ ବସାଇବି ନାହିଁ—ନାହିଁ ।" ପରମେଶ୍ୱର ତାହାକୁ ସମ୍ମାନିତ କଲେ ।

262 ମୋର ସେହି ସମୟ ମନେ ଅଛି ଯେତେବେଳେ ମୁଁ ସଦାବେଳେ ଚାହୁଁଥିଲି, ମୁଁ ସର୍ବଦା, ମୋର ସମସ୍ତ ଜୀବନ ଜଣେ ଶିକାରୀ ହେବାକୁ ଚାହୁଁ ଥିଲି । ମୋର ଜେଜେବାପା ଥିଲେ । ଆପଣ ଜାଣନ୍ତି, ମୋର ଜେଜେମାଆ ସେଠାକାର ଅଧିବାସୀ ଥିଲେ; ସେ ଭଡ଼ା ପାଉଥିଲେ । ମୁଁ କେବଳ ବଣ ଜଙ୍ଗଲକୁ ଭଲ ପାଉଥିଲି ।

263 ଆଉ ମୋର ମନେ ଅଛି ମୁଁ ସଦାବେଳେ ଚାହୁଁଥିଲି...ମୁଁ—ମୁଁ ମୋର ଜୀବନ ସାରା ଚାହୁଁଥିଲି...ଭାବୁଥିଲି ଯଦି ମୋର ଯଥେଷ୍ଟ ପଇସା ହୋଇପାରିବ ଯେ ମୁଁ ଗୋଟିଏ .୩୦-୩୦ ରାଇଫଲ୍ କିଣିପାରେ...ଯଦି ମୁଁ କେବେ ତାହା କରିପାରିବି, ତାହାହେଲେ ମୁଁ ଗୁଚ୍ଛେ ଫାନ୍ଦ କିଣିବି । ମୁଁ ପର୍ବତ ଉପରକୁ ଯିବି; ମୁଁ ସମସ୍ତ ଜଗତକୁ ଛାଡି ଦେବି । ମୁଁ ଭାବିଲି, "ହୋଇପାରେ ଯେ କେଉଁ ସମୟରେ ଯଦି ମୁଁ ମୋର .22 ବନ୍ଧୁକ ନେବି ଓ ଭଲ ଶିକାର କରିବାର ଅଭ୍ୟାସ କରିବି, କୌଣସି ଶିକାରୀ କେଉଁ ସମୟରେ ମୋତେ ସଙ୍ଗରେ ନେଇ ଯିବା ପାଇଁ ଚାହିଁବେ । ଯଦି ମୁଁ ଭଲ ଶିକାର କରିବାକୁ ଶିଖିଯାଏ, ସେ ମୋତେ ତାଙ୍କର ସୁରକ୍ଷା ନିମନ୍ତେ ସଙ୍ଗରେ ନେଇଯିବେ; ମୋତେ ଶିକାର କରିବାର ସୁଯୋଗ ମିଳିଯିବ । ମୁଁ ଦେଖେ, ମୋର କାନ୍ଥରେ ଝୁଲା ହୋଇଅଛି, ଓ ସବୁଠୁ ସର୍ବୋତ୍ତମ ରାଇଫଲ୍ ବନ୍ଧୁକ ଯାହା ପଇସା କିଣି ପାରେ ସେଠାରେ ଝୁଲି ରହିଛି, ଏପରିକି ମୁଁ ଲୋକମାନଙ୍କୁ ରାଇଫଲ୍ ବନ୍ଧୁକ ଶିକାର କରିବା ନିମନ୍ତେ ଭଡ଼ା ଦେଇପାରେ ।

264 ସେ ମୋତେ ପର୍ବତ ଉପରକୁ ଯିବାକୁ ଦିଅନ୍ତି ଓ ପ୍ରଚାର କରିବାକୁ ଦିଅନ୍ତି, ଆଉ ଜଗତର କେତେକ ସର୍ବୋତ୍ତମ ମାର୍ଗଦର୍ଶକ ମୋତେ ବିନା ମୂଲ୍ୟରେ, ଶିକାର ନିମନ୍ତେ ନେଇଯାଆନ୍ତି । "ଅଦ୍ଭୁତ ଅନୁଗ୍ରହ, କେତେ ସୁମଧୁର ସେହି ଶବ୍ଦ ।"

265 ଯେତେବେଳେ ମୁଁ...ଏପରିକି ଆଜି ସକାଳରେ, ଜଣେ ବୃଦ୍ଧ ହରିଣ ଶିକାରୀ ଏଠାରେ କେଉଁଠାରେ ଗୋଟିଏ .୩୫ ରେମିଙ୍ଗଟନ୍ ବନ୍ଧୁକ ସହିତ, ମୋତେ ବାସ୍ତବରେ ବନ୍ଧୁକର ଆବଶ୍ୟକତା ନାହିଁ, ମାତ୍ର ସେ ମୋ ଚାରି ପଟରେ ତାଙ୍କର ବାହୁକୁ ଥୋଇଲେ, କହିଲେ ଯେ ସେ ଶିକାର କରିବା ନିମନ୍ତେ ଅତି ବୃଦ୍ଧ ହେଉଛନ୍ତି, "ମୁଁ ମୋର ରାଇଫଲ୍‌କୁ ଆପଣଙ୍କୁ ଦେବାକୁ ଚାହେଁ ।" ମୁଁ ତାହା ବିଷୟରେ ଚିନ୍ତା କଲି ଯେତେବେଳେ ମୁଁ ଏକ ସାନ ବାଳକ ଥିଲି, କିପରି, ଯଦି ମୁଁ କେବେ ଭାବିଥିଲି ଯେ ମୁଁ ସେହିପରି ଗୋଟିଏ ରାଇଫଲ୍‌କୁ କିଣିବାକୁ ଯାଉଅଛି, ଓଃ, ମୋର ପ୍ରଭୁ, ତାହା କଅଣ ହୋଇଥାଆନ୍ତା । ଆଉ ବର୍ତ୍ତମାନ, ମୁଁ କେବଳ ଚିନ୍ତା କଲି, ସେଠାରେ ମୋର କାନ୍ଥରେ ଝୁଲି ରହିଛି, ଉତ୍ତମ ରାଇଫଲ୍‌ଗୁଡିକ, ଶିକାର ନିମନ୍ତେ ଯିବାର ସ୍ଥାନଗୁଡିକ ।

266 ମୋର ମନେ ଅଛି ବାହାରକୁ ଯାଉଥିଲୁ, ଏବଂ ପିଲାମାନେ ଆଇସ୍‌କ୍ରୀମ କିଣୁଥିଲେ । ଆଉ ବେଳେ ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ ଟିକେ ଅଧିକ ପଇସା ଥାଏ ଆଉ ସେମାନେ ମୋ ପାଇଁ ଗୋଟିଏ କିଣି ଦିଅନ୍ତି । ମୋର ପ୍ରଭୁ, ମୁଁ ପ୍ରତିବଦଳରେ ସେମାନଙ୍କୁ କିଣି ଦେଇପାରେ ନାହିଁ । ମୁଁ ଚିନ୍ତା କରେ, "ଯଦି ମୁଁ..."

267 ଆଉ ସେମାନେ ବେଳେ ବେଳେ ଏହି ପୁରୁଣା, ଯାହାକୁ ଆମେ "ମଡଲାର୍କ ହାମ୍‌ବର୍ଗର" ବୋଲି ଡାକିଥାଉ କିଣି ଦିଅନ୍ତି। ଜାଣେ ନାହିଁ ଯେ ଆପଣ ସମସ୍ତେ ତାହା ମନେ ରଖିଛନ୍ତି କି ନାହିଁ, ମାତ୍ର ପୁରୁଣା-ସମୟର ଲୋକମାନଙ୍କ ମଧ୍ୟରୁ ଆପଣମାନେ କେତେକ...ଆପଣ ତାହା ଗୋଟିଏ ପଇସାରେ ପାଇଯାଆନ୍ତି, ତାହା ସହିତ ବହୁତ ପିଆଜ ଭଜା ରହିଥାଏ। ଓଃ, ମୁଁ ସେହି ବିଷୟଗୁଡ଼ିକୁ ଭଲ ପାଏ। ଜଣେ ସାନ ପିଲା ଭାବରେ ଆମର ନ ଥିଲା...ଖାଇବା ପାଇଁ କେବଳ ମକାରୋଟୀ ଓ ଶିରା ରସ (ଆପଣ ଜାଣନ୍ତି ଯେ ତାହା କିପରି ଅଟେ) ଥିଲା।

268 ତେବେ, କେହି ଜଣେ ମୋ ଲାଗି ସେହି ହାମ୍‌ବର୍ଗର ମଧ୍ୟରୁ ଗୋଟିଏ କିଣି ଦିଅନ୍ତି, ଆଉ ପିଲାଏ, ଯେଉଁଠାରେ ମୁଁ ତାହା ଧରିଥାଏ ମୁଁ ନିଜର ଆଙ୍ଗୁଳି ଚାଟି ଦେଇଥାଏ। ତାହା ଥିଲା—ତାହା ଥିଲା...ସ୍ୱାଦ ବହୁତ ଉତ୍ତମ ଥିଲା। ଆଉ ମୁଁ ଚିନ୍ତା କଲି, "ପିଲାଏ, ସେହି ବ୍ୟକ୍ତି, ଯଦି ମୁଁ ତାହା ପାଇଁ କେବଳ ଗୋଟିଏ ହାମ୍‌ବର୍ଗର କିଣି ଦେଇପାରନ୍ତି।" ଆଉ ବର୍ତ୍ତମାନ, ମୁଁ ଗୋଟିଏ ମଣ୍ଡଳୀ ପାଇଁ ସେମାଙ୍କର ରାତ୍ରି ଭୋଜ କିଣି ଦେଇପାରେ।

269 ମୋତେ ସେହିସବୁ ବିଷୟ ମନେ ଅଛି, ଆଉ ତାହା କେଉଁଠାରୁ ଆସିଥିଲା? ପରମେଶ୍ୱରଙ୍କ ଅନୁଗ୍ରହରୁ, ଏପରି କିଛି ନୁହେଁ ଯାହାକି ମୁଁ କରିଅଛି।

270 ମୋର ମନେ ଅଛି ଯେ ସେଠାରେ ତଳକୁ ରାସ୍ତାରେ ଯାଇଥିଲି ଓ କାହାରି ଜଣକା ସହିତରେ କଥା ହୋଇଥିଲି। ମୋର ପିତା, ଆପଣ ସମସ୍ତେ ତାହା ଜାଣନ୍ତି, ସେ ମଦ୍ୟ ପାନ କରୁଥିଲେ; ସେ ମଦ ପ୍ରସ୍ତୁତ କରୁଥିଲେ। ଆଉ ତାହା...ମୋ ସହିତ କାହାରିର କୌଣସି କାମ ନ ଥିଲା। ମୁଁ ରାସ୍ତାରେ ଯାଉଥିଲି ଓ ସେମାନଙ୍କ ସହିତ କଥାବାର୍ତ୍ତା ହେବାକୁ ଚେଷ୍ଟା କରୁଥିଲି; ମୁଁ ଆଜି ମଧ୍ୟ ସେହି ଲୋକମାନଙ୍କୁ ଭେଟିଥାଏ। କାହାରି ସହିତ କଥାବାର୍ତ୍ତା ହେବାକୁ ଚେଷ୍ଟା କରିଥିଲି, ଯଦି ସେଠାରେ କଥାବାର୍ତ୍ତା ହେବା ପାଇଁ କେହି ନ ଥିଲେ, ସେମାନେ ଛିଡ଼ା ହୁଅନ୍ତି, "ହଁ, ଉଃ-ହୁ।" ବୁଝିଲେ? ମୁଁ ଜଣେ ବ୍ରାନ୍‌ହାମ୍ ଥିଲି।

271 ତେଣୁକରି, ମୁଁ ଅତ୍ୟଧିକ ଖରାପ ଅନୁଭବ କରୁଥିଲି, ଓ ବୁଲି ପଡିଥିଲି, ଓ ସେଠାରୁ ଦୂରକୁ ଚାଲି ଯାଉଥିଲି। ମୁଁ ଚିନ୍ତା କଲି, "ମୁଁ ତାହାର ଦୋଷୀ ନୁହେଁ। ମୁଁ ତାହା କରି ନାହିଁ ଯାହା ମୋ ବାପା କରିଥିଲେ। ମୁଁ ମୋ ଜୀବନରେ କେବେ ମଦ ପିଇ ନାହିଁ। ମୋତେ ତାହା ସବୁ କାହିଁକି ସହ୍ୟ କରିବାକୁ ପଡୁଅଛି?" ଆଉ ଅଧିକ ଦିନ ହୋଇ ନାହିଁ ମୁଁ ମୋର ପତ୍ନୀକୁ କହୁଥିଲି, "ମୋତେ ପ୍ରାୟଃ ସହର ବାହାରେ ରହିବାକୁ ପଡୁଛି।" ପରମେଶ୍ୱର ମୋ ସହିତ ଉତ୍ତମ ରହିଛନ୍ତି।

272 ମୁଁ ସେଠାରେ ସେହି ବିଷୟ ଚିନ୍ତା କଲି ଯେଉଁଠାରେକି ସେ ନାଥାନ୍‌କୁ ଥରେ ସେଠାରେ ବସିଥିବାବେଳେ କହିଥିଲେ। ନାଥାନ୍...ଦାଉଦ କହିଲେ, "କଅଣ ଏହା ମୋ ପାଇଁ ଠିକ ଅଟେ ଯେ ମୁଁ ଦେବଦାରୁର ମହଲରେ ବାସ କରେ ଓ ମୋର ପରମେଶ୍ୱରଙ୍କ ସିନ୍ଦୁକ ସେଠାରେ ତମ୍ବୁ ତଳେ ଅନାଚ୍ଛାଦିତ ଭାବରେ ରୁହେ।" ସେ...

ନାଥାନ୍, ସେହି ଭବିଷ୍ୟଦ୍‌ବକ୍ତା, କହିଲେ, "ଦାଉଦ, ତୁମ ହୃଦୟରେ ଯାହା ଅଛି ତାହା କର, 'କାରଣ ପରମେଶ୍ୱର ତୁମ ସଙ୍ଗରେ ଅଛନ୍ତି ।" ସେହି ଭବିଷ୍ୟଦ୍‌ବକ୍ତା ଗୋଟିଏ ଭୁଲ୍ କରି ପକାଇଲେ, ଅଜଣାତରେ ।

ସେହି ରାତ୍ରି ସଦାପ୍ରଭୁ ସେହି ଭବିଷ୍ୟଦ୍‌ବକ୍ତା ନିକଟକୁ ଆସିଲେ, ଓ କହିଲେ, "ଯାଇ ମୋ ଦାସ ଦାଉଦଙ୍କୁ କୁହ, 'ମୁଁ ତାକୁ ସେହି ମେଣ୍ଢା ପଲଠାରୁ ବାହାର କରି ଆଣିଲି, ଯେଉଁଠାରେ ସେ ଅଳ୍ପ କେତେ ମେଣ୍ଢା ଚରାଉଥିଲା; ଆଉ ମୁଁ ତାକୁ ଜଗତରେ ଥିବା ମହାନ୍ ଲୋକମାନଙ୍କର ପରି ଗୋଟିଏ ନାମ ଦେଲି । (କେବେ କହିଲେ ନାହିଁ ଯେ ସେ ତାକୁ ସର୍ବଶ୍ରେଷ୍ଠ ନାମ ଦେଲେ, ସେ କେବଳ ଜଗତରେ ଥିବା ମହାନ୍ ଲୋକମାନଙ୍କର ପରି ଗୋଟିଏ ନାମ ଦେଲେ ।) ଦାଉଦ, ମୁଁ ଏହି ସବୁ ବିଷୟ ତୁମ ପାଇଁ କରିଅଛି । ତୁମେ ଯେଉଁଠାକୁ ବି ଗଲ ତୁମ ଶତ୍ରୁମାନଙ୍କୁ ମୁଁ ବିନାଶ କରି ଦେଇଅଛି । ମୁଁ ତୁମ ସଙ୍ଗରେ ସଙ୍ଗରେ ରହିଅଛି । ମୁଁ ତୁମକୁ କେବେ ବିଫଳ କରି ନାହିଁ, ଆଉ ମୁଁ ତୁମକୁ କେବେ ବିଫଳ କରିବି ନାହିଁ । ମାତ୍ର ମୁଁ ତୁମକୁ ସେହି ନଗର ନିର୍ମାଣ କରିବାକୁ ଦେବି ନାହିଁ ।

273 ମୁଁ ତାହା ବିଷୟରେ ଚିନ୍ତା କଲି, ଏପରି ଏକ ସ୍ଥାନ ବିଷୟରେ ବର୍ତ୍ତମାନ ଯେଉଁଠାରେକି ପରମେଶ୍ୱର ମୋତେ ସାହାଯ୍ୟ କରିଛନ୍ତି ଓ ମୋତେ ମହାନ ଲୋକମାନଙ୍କ ସହ ପରିଚୟ କରିବାକୁ ଦେଇଛନ୍ତି, ମୋତେ ସମଗ୍ର ଜଗତକୁ ବୁଲିବାକୁ ଦେଇଛନ୍ତି । ଆଉ ସମଗ୍ର ଜଗତରୁ ଲୋକମାନେ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ଡାକୁଛନ୍ତି, ଓ ଅସୁସ୍ଥ ଲୋକମାନେ, ଓ ଆପଣଙ୍କ ସହିତ ଅଳ୍ପ କିଛି ମିନିଟ୍ ସମୟ ଚାହୁଁଛନ୍ତି, ଯେତେବେଳେକି ଅଳ୍ପ କିଛି ବର୍ଷ ପୂର୍ବରୁ ସେମାନେ ଏପରିକି ଘୁରୁ ନ ଥିଲେ...ସେମାନେ ମୋତେ ରାସ୍ତାରେ ଦେଖିଲା ବେଳେ ତାଙ୍କର ମୁଣ୍ଡକୁ ଘୁରେଇ ଦେଉଥିଲେ । ଆଉ ବର୍ତ୍ତମାନ, ବ୍ୟବସାୟୀ ପୁରୁଷମାନେ ସେହି ଲୋକମାନଙ୍କ ଦ୍ୱାରା ସମୃଦ୍ଧି ଲାଭ କରୁଛନ୍ତି ଯାହାଙ୍କୁ ମୁଁ ଏହି ସହରକୁ ଆଣିଅଛି ଓ ଏଠାରେ ରଖିଅଛି, ସେମାନଙ୍କର ଭୋଜନ ଓ ସେମାନଙ୍କର ମୋଟେଲ୍ ଖର୍ଚ୍ଚ ଦ୍ୱାରା, ଓ ସେହିପରି ବିଷୟଗୁଡିକ ଦ୍ୱାରା, ରହିଛି...ମୋଟେଲକୁ ଯିବା ଓ ସହର ଚାରିପାଖରେ ପରିକ୍ରମା କରିବା ଓ ସେହିପରି ବିଷୟଗୁଡିକୁ କରିବା ।

274 ଲୋକମାନେ ଯେଉଁମାନେକି...ଲୋକମାନେ ମୋତେ ଆଦୌ ପ୍ରେମ କରୁ ନ ଥିଲେ; କାହାରି ପାଖରେ ମୋର କିଛି ଉପଯୋଗୀତା ନ ଥିଲା । ଆଉ ବର୍ତ୍ତମାନ, ପରମେଶ୍ୱରଙ୍କ ସାହାଯ୍ୟରେ, ମୁଁ ବିଶ୍ୱାସ କରେ ଯେ ମୁଁ ଯୀଶୁ ଖ୍ରୀଷ୍ଟଙ୍କର କନ୍ୟାକୁ ଦିଗ୍‌ଦର୍ଶନ କରୁଅଛି । ଓଃ । "ଅଦ୍ଭୁତ ଅନୁଗ୍ରହ, କେତେ ସୁମଧୁର ସେହି ଶବ୍ଦ ।"

275 ତାହା କେଉଁଠାରୁ ଆସିଲା? ମୋର ଶିକ୍ଷାରୁ? ମୋର କିଛି ହେଲେ ନାହିଁ । ତାହା କେଉଁଠାରୁ ଆସିଲା? ମୋର ବ୍ୟକ୍ତିତ୍ୱରୁ? ମୋର କିଛି ହେଲେ ନାହିଁ । କଅଣ ତାହା ମୋର ଈଶ୍ୱରତତ୍ତ୍ୱବିଦ୍ ଜ୍ଞାନ ଦ୍ୱାରା ଆସିଲା କି? ମୁଁ କିଛି ହେଲେ ଜାଣେ ନାହିଁ । ତାହା କେଉଁଠାରୁ ଆସିଲା? ପରମେଶ୍ୱରଙ୍କ ଅନୁଗ୍ରହ ମୋତେ ରକ୍ଷା କଲା ।

ତାହା ଅନୁଗ୍ରହ ଅଟେ ଯାହା ମୋତେ ଭୟ କରିବା ଶିଖାଇଲା,
ତାହା ଅନୁଗ୍ରହ ଅଟେ ଯେ ମୋର ଭୟଗୁଡ଼ିକ ଦୂର ହୋଇଗଲା;
କେତେ ଆନନ୍ଦିତ ଯେ ସେହି ଅନୁଗ୍ରହ ପ୍ରକଟିତ ହେଲା,
ସେହି ଘଟିକାରେ ଯେତେବେଳେ ମୁଁ ପ୍ରଥମେ ବିଶ୍ୱାସ କଲି!

ଅନେକ ବିପଦ, କଷ୍ଟ ଓ ଫାନ୍ଦ ଦେଇ,
ମୁଁ ଆଗରୁ ଆସିଅଛି;
ତାହା ଅନୁଗ୍ରହ ଅଟେ ଯାହାକି ମୋତେ ଏଯାଏଁ ସୁରକ୍ଷିତ ଭାବେ
ନେଇ ଆସିଛି,
ତାହା ଅନୁଗ୍ରହ ଅଟେ ଯାହାକି ମୋତେ ଘରକୁ ନେଇଯିବ।

ଆଉ ଯେତେବେଳେ ଆମେମାନେ ସେହି ନଗରୀରେ ଦଶ ସହସ୍ର
ବର୍ଷ ରହି ଆସିଛୁ,
ଯାହାକି ସୂର୍ଯ୍ୟଠାରୁ ଅଧିକ ଉଜ୍ଜ୍ୱଳ ଅଟେ;
ଆମ ପାଖରେ ତାହାଙ୍କର ସ୍ତୁତି ପ୍ରଶଂସା ଗାଇବା ପାଇଁ ଅପେକ୍ଷାଧିକ
କମ ସମୟ ରହିବ ନାହିଁ
ଯେତେବେଳେକି ଆମେ ପ୍ରଥମେ ଆରମ୍ଭ କରିଥିଲୁ।

ଓଃ, ମୁଁ ଯୀଶୁଙ୍କୁ କେତେ ପ୍ରେମ କରେ, ସେହି ସୁନ୍ଦର ନାମକୁ ଯାହାକି ମୋତେ ସେତେବେଳେ ରକ୍ଷା କରିଥିଲା ଯେତେବେଳେ ମୁଁ ଏକ—ଏକ ପାପୀ ହିଁ ଥିଲି, ଯାହା ମୋତେ ସେତେବେଳେ ସୁସ୍ଥ କରିଥିଲା ଯେତେବେଳେ ମୁଁ ଅସୁସ୍ଥ ଥିଲି, ଯାହାକି ମୋତେ ସେହି ନଗରୀରେ ଏକ ଗୃହର ପ୍ରତିଜ୍ଞା ଦେଇଥାଏ। ମୋର ସେହି ଚଟ୍ଟାଣ ଉପରେ ଏକ ଘର ଅଛି। ଅନ୍ୟ କିଛି ବିଷୟ ବର୍ତ୍ତମାନ ଅର୍ଥ ରଖେ ନାହିଁ ମାତ୍ର ପରମେଶ୍ୱରଙ୍କ ସମସ୍ତ ସନ୍ତାନମାନଙ୍କୁ ଏକତ୍ର କରିବା ଓ କହିବା, "ଆସ ଯିବା।" ସେହି ଘଟିକା, ଅର୍ଦ୍ଧରାତ୍ରି ମାଡ଼ି ଆସୁଛି; ଏହା ଆମ ଭାବିବାଠାରୁ ମଧ୍ୟ ଅଧିକ ନିକଟବର୍ତ୍ତୀ ଅଟେ। ଆସୁ ଆମେମାନେ ପ୍ରାର୍ଥନା କରିବା।

276 ପ୍ରଭୁ ଯୀଶୁ, ଗୋଟିଏ ସମ୍ପୂର୍ଣ୍ଣ ଦିନର ସମାପ୍ତରେ...ଯେପରିକି ଆମେ ପର୍ବତ ଉଚ୍ଚରେ ଛିଡ଼ା ହୋଇ ସୂର୍ଯ୍ୟକୁ ଦେଖୁ, ଯେତେବେଳେକି ନାଲି କିରଣଗୁଡ଼ିକ ସେହି ବୃହତ ପଶ୍ଚିମ ପଟରୁ ଆସୁଥାଏ, ଯେତେବେଳେକି ସେହି ମହାନ ଆଖି ସ୍ୱୟଂ ବୁଜିଯାଏ, ପକ୍ଷୀମାନେ ସେମାନଙ୍କର ବସାଆଡ଼କୁ ଉଡ଼ିବାକୁ ଆରମ୍ଭ କରୁଥାଆନ୍ତି, ଏହା ରାତ୍ରିକାଳ ଆସୁଥାଏ। ଆମେ ଅନ୍ୟ ଏକ ମହାନ ଆତ୍ମିକ ଦିନକୁ ଦେଖିଅଛୁ ଯେତେବେଳେକି ସେହି ପବିତ୍ରଆତ୍ମା ଆମମାନଙ୍କୁ ସେହି ପ୍ରଶ୍ନର ଉତ୍ତର ଦେବାରେ ସାହାଯ୍ୟ କରିଛନ୍ତି। ପ୍ରଭୁ, ବର୍ତ୍ତମାନ, ଆମେମାନେ ନିଜର ବସାକୁ ଯାଉଅଛୁ। ଆମର ତତ୍ତ୍ୱ ନିଅ; ପ୍ରଭୁ, ଆମକୁ କିଛି ହେଲେ ଆଘାତ କରିବାକୁ ଦିଅ ନାହିଁ। ଆମକୁ ରାତ୍ରି ଓ ମନ୍ଦତାର ସର୍ପରୁ ରକ୍ଷା କରିବ। ଏହା ହେଉ ଯେ ସବୁ ସମୟରେ ପରମେଶ୍ୱର ଆମମାନଙ୍କ ସହିତରେ ରହିଥାଆନ୍ତୁ, ଆମକୁ ସୁରକ୍ଷା କରୁଥାଆନ୍ତୁ ଓ ସାହାଯ୍ୟ କରୁଥାଆନ୍ତୁ।

277 ମୁଁ ପ୍ରାର୍ଥନା କରେ ଯେ, ହେ ସ୍ୱର୍ଗୀୟ ପିତା, ତୁମେ ଏହି ସଭାରେ ଥିବା ସମସ୍ତଙ୍କୁ ଓ ପ୍ରତ୍ୟେକଙ୍କୁ ଆଶୀର୍ବାଦ କରିବ, ଯେଉଁମାନେକି ଏଠାରେ ରହି ପାରିନାହାଁନ୍ତି, ସେସମସ୍ତେ ଯେଉଁମାନେକି ଟେପ୍‌ଗୁଡିକୁ ଶୁଣିବେ । ଏହା ହେଉ ଯେ ପ୍ରଶ୍ନଗୁଡିକ ଅଧିକ କଠିଣ ନ ହେଉ । ଆଉ ପ୍ରଭୁ, ଯଦି ମୁଁ ଏକ ଭୁଲ ବି କରିଥାଏ, ଆପଣ ମୋର ହୃଦୟକୁ ଜାଣନ୍ତି; ମୋର ତାହା ଅଭିପ୍ରାୟ ନୁହେଁ । ମୁଁ ପ୍ରାର୍ଥନା କରୁଛି, ହେ ପରମେଶ୍ୱର, ଯଦି କୌଣସି କିଛି ଭୁଲ୍ ଥାଏ, ଯେ ତୁମେ କଦାପି, କଦାପି ତାହାକୁ ହେବାକୁ ଦେବ ନାହିଁ; ଏହା ହେଉ ଯେ ସେହି ଟେପ୍ ବନ୍ଦ ହୋଇଯାଉ । ପ୍ରଭୁ, ମୋତେ କାହାରିକୁ ପ୍ରତାରିତ କରିବାକୁ ଦିଅ ନାହିଁ । ମୋତେ ତୁମର ସଚ୍ଚୋଟ ସେବକ ହେବାକୁ ଦିଅ, କାରଣ ତାହାହିଁ ମୋର ହୃଦୟର ସମ୍ପୂର୍ଣ୍ଣ ଇଚ୍ଛା ଅଟେ । ମୁଁ ମରେ କିମ୍ବା ଜୀବିତ ରୁହେ, ମୁଁ ଅପେକ୍ଷା କରେ କିମ୍ବା ମୁଁ ଆଗକୁ ଯାଏ, ମୁଁ ଶୋଇ ରହେ କିମ୍ବା ମୁଁ ଜାଗ୍ରତ ରୁହେ ଯେତେବେଳେ ବି ସେ ଆସନ୍ତି, ପିତା, ତାହା ମୋତେ ଫରକ୍ ପକାଏ ନାହିଁ, ତୁମର ଇଚ୍ଛା ସଫଳ ହେଉ । "କାରଣ ମୁଁ ଜାଣେ ଯେ ମୋର ମୁକ୍ତିଦାତା ଜୀବିତ, ଏବଂ ଶେଷ କାଳରେ ସେ ଏହି ପୃଥିବୀ ଉପରେ ଛିଡା ହୋଇବେ । ଆଉ ଯଦିଓ ଚର୍ମପୋକ ଏହି ଦେହକୁ ନଷ୍ଟ କରି ଦିଏ, ତଥାପି ଏହି ଶରୀରରେ ମୁଁ ପରମେଶ୍ୱରଙ୍କୁ ଦର୍ଶନ କରିବି । ତାହା ଆୟୁବ ଭବିଷ୍ୟବକ୍ତା ଥିଲେ ଯେତେବେଳେ ସେ ପ୍ରଭୁଙ୍କର ଆଗମନକୁ ଦେଖିଥିଲେ ।

278 ଆଉ, ପ୍ରଭୁ, ଆଜି ତୁମର ସେବକ ଭାବରେ, ଆମେମାନେ ଅପେକ୍ଷାରେ ଅଛୁ ଓ ତୁମର ଆଗମନର ବାଟ ଦେଖୁଅଛୁ । ତେଣୁକରି ପ୍ରଭୁ, ତାହା ଆମକୁ କୌଣସି ଫରକ୍ ପଡେ ନାହିଁ ଯେ, କେତେବେଳେ, କିପରି, କେଉଁଠାରେ । ଆମେ କେବଳ ତୁମକୁ ପ୍ରସନ୍ନ କରିବାକୁ ଚାହୁଁ । ଆମେମାନେ ତୁମର ହସ୍ତରେ ଅଛୁ । ପ୍ରଭୁ, ଆମକୁ ସୁରକ୍ଷାରେ ରଖିବ, ଯେପର୍ଯ୍ୟନ୍ତକି ସୂର୍ଯ୍ୟ ଉଦୟ ନ ହୁଏ । ଏହାକୁ ପ୍ରଦାନ କର, ଆଉ ତାହାପରେ ଆମେ ସମସ୍ତେ ସିୟୋନକୁ ଯିବା ଯେଉଁଠାରେକି ସେହି ନଗରୀ ଅଛି ଯେଉଁଠାରେ ସେହି ମେଷଶାବକ ଜ୍ୟୋତି ଅଟନ୍ତି ।

279 ପ୍ରଭୁ, ଏଠାରେ ମୋର ପ୍ରିୟ ସାନ ପିଲାମାନେ ଅଛନ୍ତି, ଯାହାଙ୍କୁ ମୁଁ ତୁମ ପାଇଁ ବାଇବଲର ବନ୍ଧନ ଦ୍ୱାରା ଜନ୍ମ ଦେଇଅଛି, ସେମାନେ ଏହି ବାକ୍ୟର ଫଳ ଅଟନ୍ତି । ସେମାନେ ମୋତେ ପ୍ରେମ କରନ୍ତି, ଓ ମୁଁ ସେମାନଙ୍କୁ ପ୍ରେମ କରେ । ଆଉ ମୁଁ ଜାଣେ ଯେ ତୁମେ ଆମ ସମସ୍ତଙ୍କୁ ପ୍ରେମ କର । ହେ ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ, ଯେ ତୁମେ ତୁମର ବାକ୍ୟ ଦ୍ୱାରା ଆମକୁ ଗର୍ଭଦାନ କରିବ ଯେ ଆମେ କେବଳ ତାହାଙ୍କୁ ହିଁ ଦେଖିପାରୁ । ପ୍ରଭୁ, ଏହା ପ୍ରଦାନ କର । ଏହା ହେଉ ଯେ ଆମେ ତାହାଙ୍କ ବାକ୍ୟରେ ଏତେ ପରିପୂର୍ଣ୍ଣ ହୋଇଯାଉ ଯେ ସେହି ଆତ୍ମା ଆମକୁ ଯେକୌଣସି ବାକ୍ୟକୁ ପ୍ରକଟିତ କରିବା ପାଇଁ ଯାହାକି ସେ ପ୍ରତିଜ୍ଞା କରିଛନ୍ତି କୌଣସିଠାରେ କୌଣସି ସ୍ଥାନରେ ବି ବ୍ୟବହାର କରିପାରିବେ । ତାହା ଆମ ସମସ୍ତଙ୍କୁ ପ୍ରଦାନ କର । ଏଠାରେ ଏହି ଶ୍ରୋତାବୃନ୍ଦଙ୍କଠାରେ ଏଠାରେ ଏହି…

280 ମୋର ଭାଇ ଜ୍ୟାକସନ ବର୍ତ୍ତମାନ, ସୁଦୁର ଦକ୍ଷିଣ ଆଫ୍ରିକାକୁ ଫେରିଯିବେ । ପ୍ରଭୁ, ତାଙ୍କ ସହିତ ଓ ତାଙ୍କ ପତ୍ନୀଙ୍କ ସହିତ ରହିବ; ସେମାନଙ୍କ ସହିତ ରହିବ । ସେମାନଙ୍କୁ ତାଙ୍କର

ଯାତ୍ରାରେ ମାର୍ଗଦର୍ଶନ କର ।

281 ଏଠାରେ ଭାଇ ଲି ୱାୟଲେ ଲେଖୁଛନ୍ତି, ପ୍ରତ୍ୟେକ ସେହି ଶବ୍ଦକୁ ଯାହାକି ମୁଁ କହୁଅଛି, ଏକ ପୁସ୍ତକ କରିବାକୁ ଚେଷ୍ଟା କରୁଛନ୍ତି । ଓଃ, ପରମେଶ୍ୱର, ଭାଇ ଲି ୱାୟଲେ ଓ ଭଉଣୀ ୱାୟଲେଙ୍କୁ ସାହାଯ୍ୟ କର ।

282 ଏଠାରେ ଏହି ଭାଇମାନେ ଆର୍କାନ୍‌ସାସ୍‌ଠାରୁ—ଠାରୁ ଅଟନ୍ତି, ଏବଂ—ଏବଂ ମାର୍ଟିନ୍ ଭାଇମାନେ, ଓ—ଓ ଏହି ସବୁ ଅନ୍ୟ ଭାଇମାନେ । ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଓ ସମସ୍ତଙ୍କ ସହିତରେ ରହିବ ।

283 ଭାଇ ନେୱିଲ୍, ଭାଇ କେମ୍ପସ, ଭାଇ ରୁଡ୍ଡେଲ, ଭାଇ ଜ୍ୟାକସନ, ସମସ୍ତଙ୍କ ସହିତରେ ରୁହ । ଓଃ, ପରମେଶ୍ୱର, ସେଠାରେ ଅନେକେ ଅଛନ୍ତି । ସେମାନେ ଜର୍ଜିଆଠାରୁ, ଆଲାବାମାଠାରୁ, ଓ ବିଭିନ୍ନ ପ୍ରାନ୍ତରୁ ଏବଂ ବିଶ୍ୱର ସବୁଆଡୁ ଆସିଛନ୍ତି । ଆମେ ସେହି ଗୀତ ବିଷୟରେ ଚିନ୍ତା କରୁ:

> ଓଃ, ସେମାନେ ପୂର୍ବ ଓ ପଶ୍ଚିମରୁ ଆସିଛନ୍ତି,
> ସେମାନେ ଦୂର ଦେଶରୁ ଆସିଛନ୍ତି,
> ଆମ ରାଜ ସହିତ ଭୋଜି କରିବାକୁ, ତାହାଙ୍କର ଅତିଥି ଭାବେ
> ଭୋଜନ କରିବାକୁ;

ସେ ନିଜର ଅଂଶୀଦାର ହେବା ନିମନ୍ତେ ସେମାନଙ୍କୁ ନିମନ୍ତ୍ରଣ କରିଛନ୍ତି ।

> କେଡେ ଆଶୀଷିତ ଏହି ତୀର୍ଥଯାତ୍ରୀ ଅଟନ୍ତି!
> ତାହାଙ୍କର ତେଜୋମୟ ମୁଖମଣ୍ଡଳକୁ ଦର୍ଶନ କରନ୍ତି
> ଦିବ୍ୟ ପ୍ରେମର ଆଭା ସହିତ;
> ତାହାଙ୍କର ଅନୁଗ୍ରହର ଆଶୀଷିତ ଅଂଶୀଦାର ହୁଅନ୍ତି,
> ତାହାଙ୍କର ମୁକୁଟରେ ଚମକିବା ମଣିମୁକ୍ତା ପରି ।

284 ଓଃ, ପରମେଶ୍ୱର, ଏହା ହେଉ ଯେ ଆମେ ତାହାଙ୍କର ମୁକୁଟରେ ଚମକିବା ମଣିମୁକ୍ତା ପରି ହେଉ, ଯେପରିକି ଅନ୍ୟମାନେ ଦେଖିପାରନ୍ତି ଓ ତାହାଙ୍କୁ ସେବା କରିବାକୁ ଇଚ୍ଛା କରନ୍ତି । ପ୍ରଭୁ, ଏହା ପ୍ରଦାନ କର । ମାର୍ଗରେ ସେମାନଙ୍କୁ ସୁରକ୍ଷା ପ୍ରଦାନ କର । ସମସ୍ତଙ୍କୁ ଆଶୀର୍ବାଦ କର ।

285 ଆଉ ପିତା, ତୁମର ନିରୂପିତ ସମୟରେ…ମୁଁ ତୁମର ଦାସ ଅଟେ । ଯଦି ତୁମେ ଚାହଁ ଯେ ମୁଁ ଏହି ପରବର୍ତ୍ତୀ ସପ୍ତାହ ଜାରି ରଖେ କିମ୍ବା ସେହି ସାକ୍ଷାତକାରଗୁଡିକୁ ନିଏ, ହେ ପ୍ରଭୁ, ମୋଠାରେ ପ୍ରକାଶ କର, ଆଉ ମୋତେ ବର୍ତ୍ତମାନ ଓ ବୁଧବାର ଭିତରେ ଜାଣିବାକୁ ଦିଅ ଯେପରିକି ଆମେ ତାହା ବୁଝିପାରୁ । ପିତା, ଏହା ପ୍ରଦାନ କର, ଯେପରିକି ଲୋକମାନେ ଆସିପାରନ୍ତି ।

ଏବଂ ମୁଁ ଏହା ଆଶୀର୍ବାଦ ପ୍ରାର୍ଥନା କରୁଛି ଯେ ତୁମେ ଆମକୁ ସାହାଯ୍ୟ କରିବ ଓ—ଓ ଆମ ସହିତରେ ଆମର ପରବର୍ତ୍ତୀ ସେବା ସମୟରେ ଏଠାରେ ପୁନର୍ବାର ସାକ୍ଷାତ କରିବ ।

286 ଭାଇ ନେଭିଲ୍ ସହିତ ଓ ଏହି ପୁରୁଷମାନଙ୍କ ସହିତ ରୁହ ଯେଉଁମାନେକି ସେଠାରେ ଟେକ୍ସାସରେ ବାକ୍ୟ ନେଇ କରି ଆସୁଛନ୍ତି, ଏବଂ ଆର୍କାନ୍ସାସ୍ଠାରେ, ଓ ବିଭିନ୍ନ ସ୍ଥାନରେ; ପିତା, ସେମାନଙ୍କ ସହିତରେ ରୁହ । ଭାଇ ପିଏରି ଗ୍ରୀନ୍ ଓ ସେଠାରେ ଥିବା ସମଗ୍ର ସମୂହ, ଏବଂ ପ୍ରଭୁ, ସେମାନଙ୍କ ସମସ୍ତଙ୍କ ସହିତରେ କେବଳ ରୁହ; ସେମାନେ ତୁମର ସାନ ସାନ ପିଲାମାନେ ଅଟନ୍ତି । ବିଶ୍ୱର ସବୁ ଆଡେ ସେମାନେ ତୁମର ଆଗମନ ନିମନ୍ତେ ଅପେକ୍ଷା କରୁଛନ୍ତି । ପିତା, ଆମେ ପ୍ରାର୍ଥନା କରୁଛୁ ଯେ, ଆମକୁ ସାହାଯ୍ୟ କର ଯେତେବେଳେକି ଆମେ ନିଜକୁ ତୁମଠାରେ ସମର୍ପିତ କରୁଅଛୁ । ଯୀଶୁଙ୍କ ନାମରେ ଆମକୁ ବ୍ୟବହାର କର । ଆମେନ୍ ।

287 ମୁଁ ସେହି ଗୀତ ପସନ୍ଦ କରେ, *ସେମାନେ ପୂର୍ବ ଓ ପଶ୍ଚିମରୁ ଆସିଛନ୍ତି* । କେତେ ଜଣ ତାହା ଜାଣନ୍ତି? ମୋତେ ଯେପରି ଜାଣିବା କଥା ମୁଁ ଜାଣେ ନାହିଁ, ମାତ୍ର ମୁଁ ଭାବୁଛି ମୋତେ ଗୋଟିଏ ପଦ ଆସେ । ଭଉଣୀ, ଆପଣ ଏହାକୁ ଆଗକୁ ନେଇ ପାରନ୍ତି । ମୁଁ ଜାଣେ ନାହିଁ ଯେ ସେମାନେ ଏହାକୁ ଧରି ପାରିବେ କି ନାହିଁ ।

ଓଃ, ସେମାନେ ପୂର୍ବ ଓ ପଶ୍ଚିମରୁ ଆସିଛନ୍ତି,
ସେମାନେ ଦୂର ଦେଶରୁ ଆସିଛନ୍ତି,
ଆମ ରାଜା ସହିତ ଭୋଜନ କରିବାକୁ, ତାହାଙ୍କର ଅତିଥି ଭାବରେ
ଭୋଜନ କରିବାକୁ;
କେଡେ ଆଶୀଷିତ ଏହି ତୀର୍ଥଯାତ୍ରୀ ଅଟନ୍ତି!
ଓଃ, ତାହାଙ୍କର ତେଜୋମୟ ମୁଖମଣ୍ଡଳକୁ ଦର୍ଶନ କରନ୍ତି
ଦିବ୍ୟ ପ୍ରେମର ଆଭା ସହିତ;
ତାହାଙ୍କର ଅନୁଗ୍ରହର ଆଶୀଷିତ ଅଂଶୀଦାର ହୁଅନ୍ତି,
ତାହାଙ୍କର ମୁକୁଟରେ ଚମକିବା ମଣିମୁକ୍ତା ପରି ।

ଓଃ, ଯୀଶୁ ଶୀଘ୍ର ଆସୁଅଛନ୍ତି,
ଆମର ପରୀକ୍ଷାଗୁଡିକ ସେତେବେଳେ ଶେଷ ହୋଇ ଯାଇଥିବ ।
ଓଃ, କଅଣ ହେବ ଯଦି ଆମ ପ୍ରଭୁ ଏହି ମୁହୂର୍ତ୍ତରେ ଆସିଯିବେ
ସେମାନଙ୍କ ନିମନ୍ତେ ଯେଉଁମାନେକି ପାପରୁ ମୁକ୍ତ ଅଟନ୍ତି?
ଓଃ, ତେବେ କଅଣ ତାହା ଆପଣଙ୍କୁ ଆନନ୍ଦ ଦେବ,
କିଅବା ଦୁଃଖ ଓ ଅତ୍ୟଧିକ ନିରାଶା ଦେବ?
ଯେତେବେଳେ ମହିମାରେ ପ୍ରଭୁ ଆସନ୍ତି,
ଆମେମାନେ ମଧ୍ୟ ଆକାଶରେ ତାହାଙ୍କୁ ସାକ୍ଷାତ କରିବା ।

କଅଣ ଆପଣ ତାହା ପସନ୍ଦ କରନ୍ତି? ଆସନ୍ତୁ ତାହା ପୁନର୍ବାର ଚେଷ୍ଟା କରିବା ।

ଓଃ, ସେମାନେ ପୂର୍ବ ଓ ପଶ୍ଚିମରୁ ଆସିବେ,
ଓଃ, ସେମାନେ ଦୂର ଦେଶରୁ ଆସିବେ,
ଆମ ରାଜା ସହିତ ଭୋଜନ କରିବାକୁ, ତାହାଙ୍କର ଅତିଥି ଭାବରେ
ଭୋଜନ କରିବାକୁ,
କେଡେ ଆଶୀଷିତ ଏହି ତୀର୍ଥଯାତ୍ରୀ ଅଟନ୍ତି!
ତାହାଙ୍କର ତେଜୋମୟ ମୁଖମଣ୍ଡଳକୁ ଦର୍ଶନ କରନ୍ତି
ଦିବ୍ୟ ପ୍ରେମର ଆଭା ସହିତ;
ଓଃ, ତାହାଙ୍କର ଅନୁଗ୍ରହର ଆଶୀଷିତ ଅଂଶୀଦାର ହେବେ,
ତାହାଙ୍କର ମୁକୁଟରେ ଚମକିବା ମଣିମୁକ୍ତା ପରି।

ଓଃ, ଯୀଶୁ ଶୀଘ୍ର ଆସୁଅଛନ୍ତି,
ଆମର ପରୀକ୍ଷାଗୁଡିକ ସେତେବେଳେ ଶେଷ ହୋଇ ଯାଇଥିବ।
ଓଃ, କଅଣ ହେବ ଯଦି ଆମ ପ୍ରଭୁ ଏହି ମୁହୂର୍ତ୍ତରେ ଆସିଯିବେ
ସେମାନଙ୍କ ନିମନ୍ତେ ଯେଉଁମାନେକି ପାପରୁ ମୁକ୍ତ ଅଟନ୍ତି?
ଓଃ, ତେବେ କଅଣ ତାହା ଆପଣଙ୍କୁ ଆନନ୍ଦ ଦେବ,
କିଅବା ଦୁଃଖ ଓ ଅତ୍ୟଧିକ ନିରାଶା ଦେବ?
ଯେତେବେଳେ ମହିମାରେ ଆମର ପ୍ରଭୁ ଆସନ୍ତି,
ଆମେମାନେ ମଧ୍ୟ ଆକାଶରେ ତାହାଙ୍କୁ ସାକ୍ଷାତ କରିବା।

କେତେ ଜଣ ସେଠାରେ ଉପରେ ତାହାଙ୍କୁ ସାକ୍ଷାତ କରିବାକୁ ଚାହାଁନ୍ତି? ଓଃ, ମୋର ପ୍ରଭୁ!

ଓଃ, ଯୀଶୁ ଶୀଘ୍ର ଆସୁଅଛନ୍ତି,

ନିଜର ଆଖି ବନ୍ଦ କରନ୍ତୁ ଓ ଅନୁମାନ କରନ୍ତୁ ଯେ ଆପଣ ତୂରୀଶବ୍ଦ ଶୁଣୁଛନ୍ତି।

ଆମର ସମସ୍ୟାଗୁଡିକ ସେତେବେଳେ ଶେଷ ହୋଇ ଯାଇଥିବ।
ଓଃ, କଅଣ ହେବ ଯଦି ଆମ ପ୍ରଭୁ ଏହି ମୁହୂର୍ତ୍ତରେ ଆସିଯିବେ
ସେମାନଙ୍କ ନିମନ୍ତେ ଯେଉଁମାନେକି ପାପରୁ ମୁକ୍ତ ଅଟନ୍ତି?
ଓଃ, ତେବେ କଅଣ ତାହା ଆପଣଙ୍କୁ ଆନନ୍ଦ ଦେବ,
କିଅବା ଦୁଃଖ ଓ ଅତ୍ୟଧିକ ନିରାଶା ଦେବ?
ଯେତେବେଳେ ମହିମାରେ ଆମର ପ୍ରଭୁ ଆସନ୍ତି,
ଆମେମାନେ ମଧ୍ୟ ଆକାଶରେ ତାହାଙ୍କୁ ସାକ୍ଷାତ କରିବା।

288 କଅଣ ଆପଣ ତାହା ପସନ୍ଦ କରନ୍ତି? ପେଟ୍, ସାହସ ଧର! ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ସକାଳେ ତାହା ତୁମ ପାଇଁ ସେହି ଦିନ ଆରମ୍ଭ ହେବାକୁ ଯାଉଅଛି। ମୁଁ ଦେଖିଲି ନାହିଁ ଯେ ତାହା କେଉଁଠାକୁ ଗଲା, ମାତ୍ର ତାହା ଭଲ ଦିଶୁଥିଲା। ଆମେନ! ଆପଣଙ୍କ ପାଖରେ ଏକ

ଲମ୍ବା, ଲମ୍ବା ସମୟ ରହିଛି, ଭାଇ, ତାହା ଫେରି ଆସିବ । "ଆଉ ଯେପରିକି ଜଳ ଉପରେ ଭକ୍ଷ ପକାଅ ତାହା ଅନେକ ଦିନ ଉତ୍ତାରେ ଫେରି ଆସିବ ।" ତାହା ଠିକ ଅଟେ । ଠିକ ଅଛି ।

ଓଃ, କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି?

ମୋର ବିଶ୍ୱାସ ତୁମ ଆଡ଼କୁ ଦେଖେ,
ହେ କାଲବରୀର ମେଷଶାବକ,
ହେ ଦିବ୍ୟ ତ୍ରାଣକର୍ତ୍ତା;
ତେବେ ମୁଁ ପ୍ରାର୍ଥନା କଲାବେଳେ ଶୁଣ,
ମୋର ସମସ୍ତ ପାପକୁ ଦୂରେଇ ନିଅ,
କିମ୍ବା ମୋତେ କଦାପି ଭ୍ରାନ୍ତ ହେବାକୁ ଦିଅ ନାହିଁ
ତୁମ ପାଖରୁ ।

ଯେତେବେଳେକି ଜୀବନର ଅନ୍ଧକାର ବାଟବଣା ମାର୍ଗରେ ମୁଁ ପାଦ
ଦିଏ,
ଓ ଦୁଃଖ ମୋତେ ଘେରି ନିଏ,
ତୁମେ ମୋର ମାର୍ଗଦର୍ଶକ ହୁଅ;
ଅନ୍ଧକାରକୁ ଦୂରେଇ ଦେଇ ଦିନରେ ପରିଣତ କର,
ଦୁଃଖର ଭୟଗୁଡ଼ିକୁ ପୋଛି ନିଅ,
ଓଃ ମୋତେ ଆଜିର ଦିନଠାରୁ
ସମ୍ପୁର୍ଣ୍ଣ ତୁମର ହେବାକୁ ଦିଅ!

କଅଣ ଆପଣ ତାହା ପ୍ରେମ କରନ୍ତି ନାହିଁ କି?

ମୋର ବିଶ୍ୱାସ ତୁମ ଆଡ଼କୁ ଦେଖେ,
ହେ କାଲବରୀର ମେଷଶାବକ,
ହେ ଦିବ୍ୟ ତ୍ରାଣକର୍ତ୍ତା;
ତେବେ ମୁଁ ପ୍ରାର୍ଥନା କଲାବେଳେ ଶୁଣ,
ମୋର ସମସ୍ତ ପାପକୁ ଦୂର କରି ଦିଅ,
କିମ୍ବା ମୋତେ କଦାପି ଭ୍ରାନ୍ତ ହେବାକୁ ଦିଅ ନାହିଁ
ତୁମ ପାଖରୁ ।

ଧନ୍ୟ ସେହି ବନ୍ଧନ ଯାହାକି ବାନ୍ଧି ରଖେ (ଓଃ, ମୋର ପ୍ରଭୁ!)
ଖ୍ରୀଷ୍ଟିଆନ ପ୍ରେମରେ ଆମର ହୃଦୟଗୁଡ଼ିକୁ;
ସମ୍ପର୍କୀୟ ମନର ସହଭାଗିତା
ତାହା ଉପରିସ୍ଥ ପରି ଅଟେ ।

ଆମ ପିତାଙ୍କର ସିଂହାସନ ସମ୍ମୁଖରେ
ଆମେ ଆମର ଆନ୍ତରିକ ପ୍ରାର୍ଥନାକୁ ଢାଳୁ;
ଆମର ଭୟ, ଆମର ଆଶା, ଆମର ଲକ୍ଷ୍ୟଗୁଡିକ ଏକ ଅଟେ,
ଆମର ସାନ୍ତ୍ୱନା ଓ ଆମର ତତ୍ତ୍ୱାବଧାନ ।

ମାତ୍ର ଯେତେବେଳେ ଆମେ ପୃଥକ ହେଉ,
ଏହା ଆମକୁ ଆନ୍ତରିକ ଯନ୍ତ୍ରଣା ଦିଏ;
ମାତ୍ର ତଥାପି ଆମେ ହୃଦୟରେ ଜଡ଼ିତ ହୋଇଥିବୁ,
ପୁଣିଥରେ ଭେଟିବାକୁ ଆଶା କରିବୁ ।

289 ଭଉଣୀ ୱିଲ୍‌ସନ୍, କଅଣ ଆପଣଙ୍କର ମନେ ଅଛି କି ଯେ ତେ-ତିରିଶ କିମ୍ବା ପଇଁ-ତିରିଶ ବର୍ଷ ପୂର୍ବେ ଏକ ଛୋଟ ଗୃହ ସଭାରେ ଆମେ ପରସ୍ପର ଜଣେ ଅନ୍ୟର ହାତ ଧରିଥାଉ? ମୁଁ ଜାଣେ ଯେ ତାହା ଆପଣଙ୍କର ମନେ ଅଛି । ଓଃ, ଆସନ୍ତୁ ଆମେମାନେ ବର୍ତ୍ତମାନ ହାତ ବଢାଇବା ଓ କାହାରି ଜଣକାର ହାତ ଧରିବା ।

ଧନ୍ୟ ସେହି ବନ୍ଧନ ଯାହାକି ବାନ୍ଧି ରଖେ
ଖ୍ରୀଷ୍ଟିୟାନ ପ୍ରେମରେ ଆମ ହୃଦୟକୁ;
ସମ୍ପର୍କୀୟ ମନର ସହଭାଗିତା
ତାହା ଉପରିସ୍ଥ ପରି ଅଟେ ।

ଆମ ପିତାଙ୍କର ସିଂହାସନ ସମ୍ମୁଖରେ
ଆମେ ଆମର ଆନ୍ତରିକ ପ୍ରାର୍ଥନାକୁ ଢାଳୁ;
ଆମର ଭୟ, ଆମର ଆଶା, ଆମର ଲକ୍ଷ୍ୟଗୁଡିକ ଏକ ଅଟେ,
ଆମର ସାନ୍ତ୍ୱନା ଓ ଆମର ତତ୍ତ୍ୱାବଧାନ ।

ଯେତେବେଳେ ଆମେ ଭିନ୍ନ ହୋଇ ଅଲଗା ହେଉ,
ଏହା ଆମକୁ ଆନ୍ତରିକ ଯନ୍ତ୍ରଣା ଦିଏ;
ମାତ୍ର ଆମେ ତଥାପି ହୃଦୟରେ ଜଡ଼ିତ ହୋଇଥିବୁ,
ପୁଣିଥରେ ଭେଟିବାକୁ ଆଶା କରିବୁ ।

କଅଣ ଆପଣମାନେ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରନ୍ତି? "ହେ ସାନ ପିଲାମାନେ, ଜଣେ ଅନ୍ୟକୁ ପ୍ରେମ କର ।"

ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ!
ଯେପର୍ଯ୍ୟନ୍ତ ଆମେ ଯୀଶୁଙ୍କ ପାଦ ତଳେ ସାକ୍ଷାତ ନ କରୁ;

ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ
କରୁ!
ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ ପରମେଶ୍ୱର ଆପଣମାନଙ୍କୁ
ଆଶୀର୍ବାଦ କରନ୍ତୁ!

290 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? କଅଣ ସେ ଅଦ୍ଭୁତ ନୁହଁନ୍ତି କି? କଅଣ ଆପଣ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରନ୍ତି? ଆଖପାଖକୁ ଦେଖନ୍ତୁ, ପରସ୍ପର ଜଣେ ଅନ୍ୟକୁ କିଛି କୁହନ୍ତୁ। କୁହନ୍ତୁ, "ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ। ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ।"

291 ଭଉଣୀ ୱିଲ୍‌ସନ୍, ସେମାନେ ଆଜି ରାତ୍ରି ଆମମାନଙ୍କୁ ଠିକ ନଦୀର ଆରପାରିରୁ ଶୁଣୁଛନ୍ତି। ମୁଁ ପୁରୁଣା ଭାଇ ସୀୱାର୍ଡଙ୍କୁ ଭୂମି ଉପରେ ଚାଲୁଥାଇ, ତାଳି ମାରୁଥିବାର ଦେଖେ। ମୁଁ ଏଠାରେ ଆମର ଭାଇଙ୍କୁ ସେଠାରେ ପଛରେ ଯାହାଙ୍କରକି ମୁଖରେ ଦାଢୀ ଅଛି ହାତ ଉଠାଇ, ପରମେଶ୍ୱରଙ୍କୁ ସ୍ତୁତି କରୁଥିବାର ଦେଖେ; ମୁଁ ଭାଇ ରିୟାନଙ୍କ ବିଷୟରେ ଭାବେ, ଯେ ସେ ସେଠାରେ ପୁରୁଣା ଆରାଧନାଳୟରେ କିପରି ନିଜର ଦାଢୀ ସହ ସେହିପରି ଭାବରେ ଠିକ ବସୁଥିଲେ। ଆଜି ରାତ୍ରି ସେ ମହିମାର ସ୍ଥାନରୁ ଏପାରୀକୁ ଶୁଣୁଛନ୍ତି, ଜଣେ ପ୍ରିୟ ବୃଦ୍ଧ ସାଧୁ। କଅଣ ସେ ଅଦ୍ଭୁତ ନୁହଁନ୍ତି କି?

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ହେ ଦୁଃଖ ଓ ସନ୍ତାପର ସନ୍ତାନ;
ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
ଓଃ, ଆପଣ ଯେଉଁଆଡେ ଯାଆନ୍ତି ଏହାକୁ ନିଅନ୍ତୁ।

ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ,
ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ।

ତେବେ, ଆପଣ ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି
ଚାଲନ୍ତୁ। (କଅଣ ପାଇଁ?)
ପ୍ରତ୍ୟେକ ଫାନ୍ଦରୁ ଏକ ସୁରକ୍ଷା ଢାଲ ପରି; (କଅଣ ଘଟେ?)
ଯେତେବେଳେ ତୁମ ଚାରି ପାଖରେ ପରୀକ୍ଷାମାନ ଘେରି ଆସିଥାଏ,
ପ୍ରାର୍ଥନାରେ ସେହି ପବିତ୍ର ନାମକୁ ଉଚ୍ଚାରଣ କରନ୍ତୁ।

ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା ଓ…

ହେ, ଯୀଶୁ, ସେମାନଙ୍କୁ ସାହାଯ୍ୟ କର ମୁଁ ପ୍ରାର୍ଥନା କରେ...?...ସେମାନଙ୍କୁ ସୁସ୍ଥ କର, ପ୍ରଭୁ, ଯୀଶୁଙ୍କଠାରେ...?...କଅଣ ଏହା ମଧ୍ୟ ତୁମର ଅଟେ...?...

ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ।

ତାହା ଆପଣଙ୍କର ସାନ ଝିଅ ଅଟେ? ସେ ଅତି ପ୍ରିୟ ଅଟେ।

292 ସାକ୍ଷାତକାର ନିମନ୍ତେ: ବିଲି କହିଲା ସାକ୍ଷାତକାର ନିମନ୍ତେ ତାହା ସହିତ ଆଜି ଓ ବୁଧବାର ଭିତରେ ଦେଖା କରି ନେବେ କିମ୍ବା ଆସନ୍ତା ସାକ୍ଷାତକାର ନିମନ୍ତେ ବୁଧବାର ଦିନରୁ ଶନିବାର ପର୍ଯ୍ୟନ୍ତ, ଯେ...ଯଦି ଆମର ବୁଧବାର ପରେ କୌଣସି ସଭା ନ ହୁଏ, ତାହା ସହିତ ଦେଖା କରି ବୁଝି ନେବେ, ଆପଣମାନେ ଯେଉଁମାନଙ୍କରକି ସାକ୍ଷାତକାର ଅଛି। ଆପଣମାନଙ୍କ ମଧ୍ୟରୁ କେତେକ, ସେ ଜାଣେ ନାହିଁ ଯେ ଆପଣମାନଙ୍କୁ କିପରି ଭେଟିବ। ତେଣୁକରି ସେ...ସେସମସ୍ତେ ଯେଉଁମାନେକି ବର୍ତ୍ତମାନ ସାକ୍ଷାତକାର ଚାହାଁନ୍ତି, ବିଲି ସହିତ ବୁଝି ନେବେ।

293 କଅଣ ଆପଣମାନେ ତାହାଙ୍କୁ ପ୍ରେମ କରନ୍ତି? ଠିକ ଅଛି। ତେବେ, ଯେପର୍ଯ୍ୟନ୍ତକି ଆମେ ସାକ୍ଷାତ ନ କରୁ, ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ। ଆମେମାନେ ନିଜର ମସ୍ତକ ନତ କରିବାକୁ ଚାହୁଁ; ଏବଂ ମୁଁ ମୋର ଉତ୍ତମ, ବିଶ୍ୱସ୍ତ ବନ୍ଧୁଙ୍କୁ, ଯାହାଙ୍କୁକି ବର୍ତ୍ତମାନ ସମୁଦ୍ର ଆର ପାରିକୁ ଯିବାକୁ ଅଛି, ସୁଦୂର ଆଫ୍ରିକାକୁ, ଯେଉଁଠାରେକି ମୁଁ ପ୍ରଭୁଙ୍କ ନାମରେ ଥରେ ମିଶନାରୀ କାର୍ଯ୍ୟ କରିଥିଲି, ଭାଇ ସିଡନୀ ଜ୍ୟାକସନ୍, ସେ ଓ ତାଙ୍କର ପତ୍ନୀ...ଆମେ ତାହାଙ୍କୁ ଏହି କେତେକ ଅଳ୍ପ ସଭା ନିମନ୍ତେ ଆମ ଗହଣରେ ପାଇଥିବାରୁ ଅତ୍ୟଧିକ ଖୁସି ଅଟୁ। କିପରି ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରିଛନ୍ତି। ଆଉ ମୁଁ ଭାଇ ସିଡନୀ ଜ୍ୟାକସନ୍‌ଙ୍କୁ ନିବେଦନ କରିବାକୁ ଯାଉଛି ଯଦି ସେ ପ୍ରାର୍ଥନା ସହିତ ସଭାକୁ ବିସର୍ଜନ କରିବେ। ଭାଇ ସିଡନୀ ଜ୍ୟାକସନ୍, ଯଦି ଆପଣ କରିବେ।

## *ପ୍ରଶ୍ନୋତ୍ତର* ORI64-0823E

(Questions and Answers)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅଗଷ୍ଟ 23, 1964, ରବିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org